# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ମୁଁ କେନ୍ଦ୍ର ସରକାରଙ୍କ ସହ ଅଛି | ୬



ଐଶ୍ୱର୍ଯ୍ୟାଙ୍କ ନାମରୁ ହଟିଲା 'ବଚ୍ଚନ' ସାଙ୍ଗିଆ | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୪୦ Vol. 21 No-240 29 NOVEMBER 2024 FRIDAY BHUBANESWAR ଶୁକ୍ରବାର, ୨୯ ନଭେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ରାଜ୍ୟ ଯୋଜନା ବୋର୍ଡ଼ର ହେବ ପୁନର୍ଗଠନ

ଭୁବନେଶ୍ୱର, ୨୮।୧୧ (ଭାସ୍କର ନ୍ୟୁଜ): ନୀତି ଆୟୋଗ ଢାଞ୍ଚାରେ ରାଜ୍ୟ ଯୋଜନା ବୋର୍ଡ଼ର ହେବ ପୁନର୍ଗଠନ । ବିଶେଷଜ୍ଞ ମାନଙ୍କ ସହ ଆଲୋଚନା କରୁଛନ୍ତି ରାଜ୍ୟ ସରକାର । ବିଧାନସଭାରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ପୂର୍ବ ସରକାରରେ ବିଗତ ୨୪ ବର୍ଷ ମଧ୍ୟରେ ମାତ୍ର ଦୁଇ ଥର ବସିଛି ଯୋଜନା ବୋର୍ଡ ବୈଠକ । ୨୦୦୩ ଓ ୨୦୦୭ ରେ ଶେଷ ଥର ପାଇଁ ବସିଥିଲା ରାଜ୍ୟ ଯୋଜନା ବୋର୍ଡ ବୈଠକ ।

### ବିଷାକ୍ତ ଖାଦ୍ୟ ଖାଇ ୧୦ ନର୍ସିଂ ଛାତ୍ରୀ ଅସୁସ୍ଥ

ଭୁବନେଶ୍ୱର, ୨୮।୧୧ (ଭାସ୍କର ନ୍ୟୁଜ): ବିଷାକ୍ତ ଖାଦ୍ୟ ଖାଇ ୧୦ ନର୍ସିଂ ଛାତ୍ରୀ ଅସୁସ୍ଥ ହୋଇଛନ୍ତି । ଏକ ଘରୋଇ ନର୍ସିଂ କଲେଜ ହଷ୍ଟେଲର ୧୦ଜଣ ଛାତ୍ରୀ ବିଷାକ୍ତ ଖାଦ୍ୟ ଖାଇ ହସ୍ପିଟାଲରେ ଭର୍ତି ହୋଇଛନ୍ତି । ଲିଙ୍ଗରାଜ ବିଏମସି ହସ୍ପିଟାଲରେ ସେମାନଙ୍କୁ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି । ବୁଧବାର ରାତିରେ ବିଷାକ୍ତ ଖାଦ୍ୟ ଖାଇଥିବା ଅନୁମାନ କରାଯାଉଛି । ଗୁରୁବାର ସକାଳ ୯ଟାରେ ୧୨ ଜଣ ଅସୁସ୍ଥ ହୋଇ ହସ୍ପିଟାଲ ଆସିଥିଲେ। ୨ ଜଣଙ୍କୁ ଓରାଲ ଟ୍ରିଟମେଣ୍ଟ ଦେଇ ଅବଜରଭେସନରେ ରଖିଛନ୍ତି ।

## ଡିଜିପି ସମ୍ମିଳନୀ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

# ଆଜି ଆସୁଛନ୍ତି ପ୍ରଧାନମନ୍ତ୍ରୀ



- ବିମାନବନ୍ଦରରୁ ରାଜଭବନ କାର୍କେଡ ରିହଲସଲ
- ରାଜଧାନୀରେ ଚେକିଂ କଡ଼ାକଡ଼ି
- ଡିଜିପି ସମ୍ମିଳନୀରେ ଯୋଗଦେବେ ମୋଦୀ, ଶାହ
- ବିଜେପି କାର୍ଯ୍ୟାଳୟରେ ଦେବେ ଗୁରୁମନ୍ତ୍ର
- ରିପୋର୍ଟ କାର୍ଡ ଦେବେ ମୋହନ ସରକାର

ଭୁବନେଶ୍ୱର, ୨୮।୧୧ (ଭାସ୍କର ନ୍ୟୁଜ): ଶୁକ୍ରବାର ଅପରାହ୍ନ ୪.୧୫ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏଥିପୂର୍ବରୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ଭୁବନେଶ୍ୱରରେ ପହଞ୍ଚିବେ ବୋଲି ରାଜ୍ୟ ବିଜେପି ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନଭେନସନ ସେଣ୍ଟରରେ ଆୟୋଜିତ ଡିଜିପି ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏଥିପାଇଁ ୩ ଦିନିଆ ଓଡ଼ିଶା ଗସ୍ତରେ ମୋଦୀ ଆସୁଛନ୍ତି। ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ଗସ୍ତ ପାଇଁ ଭୁବନେଶ୍ୱରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସହରର ସମସ୍ତ ଏଣ୍ଟ୍ରି ପଏଣ୍ଟକୁ ସିଲ୍ କରି କଡ଼ା ଯାଞ୍ଚ କରୁଛନ୍ତି କମିଶନରେଟ୍ ପୋଲିସ ଓ ବିଏସ୍ଏଫ। ସେହିପରି ଭୁବନେଶ୍ୱର ଭିତରକୁ ଆସୁଥିବା ଗାଡ଼ି ଓ ବାହାରକୁ ଯାଉଥିବା ସମସ୍ତ ଗାଡ଼ିର ତନଖି ମଧ୍ୟ କରାଯାଉଛି। ରାଜଧାନୀର ବିଭିନ୍ନ ଏଣ୍ଟ୍ରି ପଏଣ୍ଟରେ କଡ଼ା ଚେକିଂ ଚାଲିଛି। ସେହିପରି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଥିବା ସ୍ଥାନରେ ନୋ ଫ୍ଲାଇଂ ଜୋନ୍ ଘୋଷଣା କରାଯାଇଛି। କାର୍ଯ୍ୟକ୍ରମ ଚାଲୁଥିବା ସମୟରେ ରାଜଧାନୀର ୫ଟି ସ୍ଥାନରେ କୌଣସି ଡ୍ରୋନ୍ ଉଡିପାରିବ ନାହିଁ। ରାଜ୍ୟ ଅତିଥିଭବନରୁ ଆରମ୍ଭ କରି ଆଖପାଖ ଅଞ୍ଚଳରେ ସଶସ୍ତ୍ର ବିଏସ୍ଏଫ ଯବାନଙ୍କୁ ମୁତୟନ କରାଯାଇଛି । ସବୁ ବିଲଡିଂକୁ ତନ୍ନତନ୍ନ କରି ଯାଞ୍ଚ କରାଯାଉଛି। ଡିଜିପି ସମ୍ମିଳନୀ ପାଇଁ ଭୁବନେଶ୍ୱରକୁ ସଜାଯାଇଛି । ରଙ୍ଗୀନ ଆଲୋକମାଳାରେ ଝଲକୁଛି ରାଜଧାନୀ। ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ପ୍ରସ୍ତୁତି। ଗୁରୁବାର ବିମାନବନ୍ଦରଠାରୁ ରାଜଭବନ ପର୍ଯ୍ୟନ୍ତ କାର୍କେଡ ରିହଲସଲ କରାଯାଇଛି। ସ୍ୱାଧୀନତା ପରେ ପ୍ରଥମ ଥରପାଇଁ ଓଡ଼ିଶାରେ ପୋଲିସ ଡିଜି ସମ୍ମିଳନୀ ଆୟୋଜନ ହେଉଛି। ସମ୍ମିଳନୀର ଦ୍ୱିତୀୟ ଦିନ ଅର୍ଥାତ୍ ୩୦ ତାରିଖରେ ଏହି ସମ୍ମିଳନୀରେ ଯୋଗଦେଇ ୧ ତାରିଖରେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ। ଏହାସହ ପ୍ରଧାନମନ୍ତ୍ରୀ ମୋଦୀ ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ଯାଇ ଦଳୀୟ ବିଧାୟକ, ସାଂସଦ ଓ ମନ୍ତ୍ରୀଙ୍କ ସମେତ ବରିଷ୍ଠ କର୍ମକର୍ତ୍ତାଙ୍କ ସହ ରାତ୍ର ଭୋଜନ କରିବେ। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ ବିମାନବନ୍ଦର ନିକଟରେ ଆୟୋଜିତ ଏକ ସାଧାରଣ ସଭାକୁ ମୋଦୀ ସମ୍ବୋଧିତ • ପୃଷ୍ଠା ୫ ଦେଖନ୍ତୁ

### ଖଲିସ୍ତାନୀ ଆତଙ୍କୀଙ୍କ ଟାର୍ଗେଟରେ ଡିଜିପି ସମ୍ମିଳନୀ

## ବଢିଲା ସୁରକ୍ଷା ବ୍ୟବସ୍ଥା

ଭୁବନେଶ୍ୱର, ୨୮।୧୧ (ଭାସ୍କର ନ୍ୟୁଜ): ଆସନ୍ତା ୨୯ ତାରିଖରୁ ଭୁବନେଶ୍ୱରରେ ଆରମ୍ଭ ହେଉଥିବା ଡିଜିପି ସମ୍ମିଳନୀ ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଖଲିସ୍ତାନୀ ଆତଙ୍କବାଦୀ ଗୁରୁପ୍ୱନ୍ତ ସିଂ ପନୁ ଧମକ ଦେବାପରେ ଏଭଳି ପଦକ୍ଷେପ ନିଆଯାଇଛି। ଏକ ଅଜ୍ଞାତ ସ୍ଥାନରୁ ପନୁ ଏହି ଭିଡିଓ ଜାରି କରିଛି। ଏପରିକି ଭୁବନେଶ୍ୱରକୁ ସିଟି ଅଫ୍ ଟେରର୍ ବୋଲି କହିଛି। ରାମ ମନ୍ଦିର ଯିବାକୁ ମଧ୍ୟ ଭକ୍ତଙ୍କୁ ବାରଣ କରିଛି। ପୋଲିସ କମିଶନର କହିଛନ୍ତି ଯେ ଆତଙ୍କୀ ନିରୋଧି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଦ୍ୱିତୀୟ ଥରପାଇଁ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ହେମନ୍ତ ସୋରେନ୍



ରାଞ୍ଚି, ୨୮।୧୧: ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ଦ୍ୱିତୀୟ ଥରପାଇଁ ଶପଥ ନେଇଛନ୍ତି ହେମନ୍ତ ସୋରେନ୍। ରାଜ୍ୟପାଳ ସନ୍ତୋଷ ଗଙ୍ଗୱାର ତାଙ୍କୁ ଝାଡ଼ଖଣ୍ଡର ୧୪ତମ ମୁଖ୍ୟମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ରାଞ୍ଚିର ମୋରହାବାଦୀ ଗ୍ରାଉଣ୍ଡରେ ଆୟୋଜିତ ଏକ ବିଶାଳ କାର୍ଯ୍ୟକ୍ରମରେ ଶ୍ରୀ ସୋରେନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ ସହ ୬ରୁ ୮ଜଣ କ୍ୟାବିନେଟ୍ ମନ୍ତ୍ରୀ ଶପଥ ନେବାର ପୂର୍ବରୁ ସ୍ଥିର ହୋଇଥିଲେ ମଧ୍ୟ ତାହା ହୋଇପାରି ନାହିଁ। କୌଣସି ମନ୍ତ୍ରୀ ଶ୍ରୀ ସୋରେନଙ୍କ ସହ ଶପଥ ନେଇନଥିବା ସୂଚନା ମିଳିଛି। ଶପଥଗ୍ରହଣ ଉତ୍ସବରେ ହେମନ୍ତଙ୍କ ପିତା ତଥା ଜେଏମଏମ୍ ମୁଖ୍ୟ ଶିବୁ ସୋରେନ ମଧ୍ୟ ଉପସ୍ଥିତ ଥିଲେ। ହେମନ୍ତଙ୍କ ଶପଥଗ୍ରହଣ ସମାରୋହରେ ଇଣ୍ଡିଆ ମେଣ୍ଟର ନେତାମାନେ ଉପସ୍ଥିତ ରହିଥିଲେ। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ, ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ.ଷ୍ଟାଲିନ, ବିହାର ବିଧାନସଭାରେ ବିରୋଧୀଦଳ ନେତା ତେଜସ୍ୱୀ ଯାଦବ, ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ସିଂ ଯାଦବ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ, କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ.ଶିବକୁମାର, ତେଲଙ୍ଗାନା ଉପମୁଖ୍ୟମନ୍ତ୍ରୀ ମଲ୍ଲୁଭଟ୍ଟି ବିକ୍ରମାର୍କ, ଦିଲ୍ଲୀର ପୂର୍ବତନ • ପୃଷ୍ଠା ୫ ଦେଖନ୍ତୁ




ପ୍ରଧାନମନ୍ତ୍ରୀ

ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ

ଓଡ଼ିଶାବାସୀଙ୍କ

ହାର୍ଦ୍ଦିକ ସ୍ୱାଗତ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଭୂମିରେ

ଆପଣଙ୍କୁ ପାଇ ଆମେ ଗର୍ବିତ

DADLS-58 ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର OIPR-15001/13/0298/2425

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



ତିହିଡ଼ି(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ବିଲଣା ପଞ୍ଚାୟତ ଅଧୀନ ଲଙ୍ଗାତରା ଗ୍ରାମର ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ଦାସଙ୍କୁ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି ଅବସରରେ ଲଙ୍ଗାତରା ଗ୍ରାମରେ ଏକ ଶ୍ରଦ୍ଧାଞ୍ଜଳି ସଭା ବୁଧବାର ସମାଜସେବୀ ବିଜୟ କୁମାର ଦାସଙ୍କ ସଭାପତିତ୍ୱ ଓ କାଳନ୍ଦୀ ମଳିକଙ୍କ ସଂଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଜେପି ନେତା ଦେବେନ୍ଦ୍ର ପ୍ରଧାନ, ସମିତିସଭ୍ୟ ଭାଗିରଥି ମଳିକ, ପୂର୍ବତନ ସରପଞ୍ଚ ଶରତ ମଳିକ, ଐଶାନ୍ୟଚଣ୍ଡି ବିଜେପି ମଣ୍ଡଳ ସଭାପତି ପ୍ରମୋଦ କୁମାର ଦାସ, ବିଜେଡି ନେତା ହରେକୃଷ୍ଣ ଜେନା, ବିନୋଦ ସେଠୀ, ଶରତ ନାୟକ, ଲକ୍ଷ୍ମୀକାନ୍ତ ନାୟକ ବିଜେପି ନେତା ଉମାକାନ୍ତ ଦାସ, ଶରତ ଦାସ, ରଘୁନାଥ ମଳିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ଜଣେ ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଭାବେ ସମସ୍ତଙ୍କର ପରିଚିତ ଥିଲେ ବୋଲି କହିଥିଲେ । ଶିକ୍ଷାବିତ୍ ସ୍ୱର୍ଗତ ଦାସଙ୍କ ପୁତ୍ର ପ୍ରଦୀପ ଦାସ କୃତଜ୍ଞତା ଜଣାଉଥିବା ବେଳେ ପ୍ରଶାନ୍ତ ଦାସ, ପବିତ୍ର ଦାସ, କୁଲୁ ଦାସ, ଟିକନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



## ■ ଛାତ୍ରୀଙ୍କୁ ଅପହରଣ ଓ ଦୁଷ୍କର୍ମ ମାମଲା

# ଆସାମୀକୁ ୧୦ ବର୍ଷ ଜେଲ, ପୀଡିତାକୁ ଦେଢ ଲକ୍ଷ କ୍ଷତିପୂରଣ

କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ୍): ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ କଳାଜାର ମାମଲାର ବିଚାର କରି କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ସ୍ୱତନ୍ତ୍ର ପୋକସୋ କୋର୍ଟ ଜଜ ଆସାମୀ କାଳନ୍ଦୀ ମଲ୍ଲିକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ଜିଲ୍ଲା ଆଇନସେବା ପ୍ରାଧିକରଣ ମାଧ୍ୟମରେ ପିଡିତାଙ୍କୁ ଦେଢ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ପାଟକୁରା ଥାନା ଅନ୍ତର୍ଗତ ଶୁଡିପୁର ଗ୍ରାମର କାଳନ୍ଦୀ ମଲ୍ଲିକ ଓ ତାଙ୍କର ଦୁଇ ସହଯୋଗୀ ଗତ ୨୦୨୩ ମସିହା ଏପ୍ରିଲ ମାସ ୪ ତାରିଖ ସନ୍ଧ୍ୟାରେ ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରିଥିଲେ । ଛାତ୍ରୀ ଜଣକ ପାଖ ଗ୍ରାମରେ ଥିବା ଏକ ସାମାଜିକ ଉତ୍ସବରେ ଯୋଗ ଦେବାକୁ ଯାଉଥିବା ବେଳେ ତାଙ୍କୁ ଅପହରଣ କରାଯାଇଥିଲା । ଏ ନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ପାଟକୁରା ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । କିନ୍ତୁ କାଳନ୍ଦୀ ଛାତ୍ରୀଙ୍କୁ ନେଇ ପଞ୍ଜାବ ପଳାଇଥିଲେ । ଫଳରେ ପୋଲିସ କାଳନ୍ଦୀର ସନ୍ଧାନ ପାଇ ନଥିଲା । କାଳନ୍ଦୀ ପଞ୍ଜାବରେ କିଛି ଦିନ ଛାତ୍ରୀଙ୍କୁ ରଖିବା ପରେ କୋରାପୁଟ ଆସିଥିଲେ । କୋରାପୁଟରେ କିଛି ମାସ ରହିବା ପରେ ଛାତ୍ରୀ ଜଣକ ଅନ୍ତଃସତ୍ତ୍ୱା ହୋଇଥିଲେ । ଏହାପରେ କାଳନ୍ଦୀ ପାଟକୁରା ଥାନା ଅଧିନ ନିଜ ଗ୍ରାମ ଶୁଡିପୁରକୁ ଛାତ୍ରୀଙ୍କୁ ନେଇ ଆସିଥିଲା । ଅପହରଣର ଏକ ବର୍ଷ ପରେ ଛାତ୍ରୀ ଜଣକ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ । କିନ୍ତୁ ଶିଶୁ କନ୍ୟାଟିର ୨୪ ଘଣ୍ଟା ମଧ୍ୟରେ ମୃତ୍ୟୁ ହୋଇଯାଇଥିଲା । ଏ ସଂକ୍ରାନ୍ତରେ ଛାତ୍ରୀଙ୍କ ପରିବାର ଲୋକେ ପୋଲିସକୁ ସୂଚନା ଦେଇଥିଲେ । ଫଳରେ ପୋଲିସ କାଳନ୍ଦୀଙ୍କୁ ଗିରଫ କରିଥିଲା । ଏହାପରେ ପୋଲିସ ଅଦାଲତରେ ଅଭିଯୋଗ ପତ୍ର ଦାଖଲ କରିଥିଲା । ମାମଲାର ବିଚାର ଚାଲିଥିବା ବେଳେ ୯ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ସ୍ୱତନ୍ତ୍ର ପୋକସୋ କୋର୍ଟ ବିଚାରପତି ପ୍ରଜ୍ଞା ପରମିତା ରାଉଳ ଆସାମୀ କାଳନ୍ଦୀ ମଲ୍ଲିକଙ୍କୁ ଦୋଷୀ ସାବ୍ୟସ୍ତ କରି ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ସାକ୍ଷ୍ୟ ପ୍ରମାଣ ଅଭାବରୁ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ବିଚାରପତି ନିର୍ଦ୍ଦୋଷରେ ଖଲାସ କରିଦେଇଛନ୍ତି ।

# ମାଓବାଦୀ ବିଜା ମାଡ଼ିଙ୍କ ଆତ୍ମସମର୍ପଣ



କନ୍ଧମାଳ(ଭାସ୍କର ନ୍ୟୁଜ୍): ମାଓବାଦୀଙ୍କୁ ଭୟ କରି ମାଓବାଦୀ ବିଜା ମାଡ଼ି ଓରଫ ଟିକେଶ କନ୍ଧମାଳ ଏସପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି । ସୂଚନାଯୋଗ୍ୟ ଯେ କିଛି ଦିନ ତଳେ ଏହି ମାଓବାଦୀ ଜଣକ ଆତ୍ମସମର୍ପଣ କରିଥିଲେ । କିନ୍ତୁ ଗୁରୁବାର ଦିନ ଦକ୍ଷିଣାଞ୍ଚଳ ଡିଆଇଜିଙ୍କ ଉପସ୍ଥିତରେ ସାମ୍ବାଦିକ ସମ୍ମିଳନୀ କରି ଉକ୍ତ ମାଓବାଦୀଙ୍କ ଆତ୍ମସମର୍ପଣ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଦିଆଯାଇଛି । ମାଓବାଦୀ ବିଜା ମାଡ଼ି ହେଉଛନ୍ତି କେକେବିଏନ ଡିଭିଜନ ରାହୁଲ ଏରିଆ କମିଟିର ସଦସ୍ୟ । ସେ ଦକ୍ଷିଣାଞ୍ଚଳ ଡ଼ିଆଇଜି ସାର୍ଥକ ଷଡ଼ଙ୍ଗୀ ଏବଂ କନ୍ଧମାଳ ଏସପି ହରିଶ ବିସିଙ୍କ ଉପସ୍ଥିତରେ ଆତ୍ମସମର୍ପଣ କରିଛନ୍ତି । ତାଙ୍କ ଠାରୁ ପିସ୍ତଲ ଓ ଦୁଇ ରାଉଣ୍ଡ ଗୁଳି ଜବତ କରାଯାଇଥିବା ମଧ୍ୟ କୁହାଯାଇଛି । ଏହି ମାଓବାଦୀ ଜଣକ ଛତିଶଗଡ଼ ସୁକୁମା ଜିଲ୍ଲା, କିସ୍ତାରାମ ଥାନା ମଙ୍ଗାଲାଗୁଡା ଗ୍ରାମର ବୋଲି ସୂଚନା ଦିଆଯାଇଛି । ଏହା ସହ ସେ ନୂଆପଡା ଏବଂ କେକେବିଏନରେ ରହି କାର୍ଯ୍ୟ କରୁଥିଲେ । ୨୦୨୦ ମସିହା ପର ଠାରୁ ରାଉରକିଆ, ଦୁମୁଡିବନ୍ଧ, କନ୍ଧମାଳ, ମନମୁଣ୍ଡା, ବାଲିଗୁଡା ଓ ଚକାପଦ ଅଞ୍ଚଳ ଆଦିରେ ହୋଇଥିବା ବିଭିନ୍ନ ଘଟଣାରେ ପାଖାପାଖି ୧୦ଟି କେଶରେ ଲିପ୍ତ ଥିବା ସହିତ ପଡ଼ୋଶୀ ଜିଲ୍ଲା ବୌଦ୍ଧ ଅଞ୍ଚଳରେ କାର୍ଯ୍ୟ କରିଆସୁଥିଲେ ବୋଲି କୁହାଯାଇଛି । ତେବେ ଉକ୍ତ ମାଓବାଦୀଙ୍କ ସୂଚନା ପ୍ରକାରେ ବାଲିଗୁଡ଼ା, ବୁଡ଼ାଗୁଡ଼ା ଅଞ୍ଚଳରୁ ବହୁ ପରିମାଣର ମାଓ ସାମଗ୍ରୀ ମଧ୍ୟ ଜବତ କରିବାରେ ସକ୍ଷମ ହୋଇଛି କନ୍ଧମାଳ ପୋଲିସ ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । କେନ୍ଦ୍ର ସରକାରଙ୍କ ମିଶନ ମାଓବାଦ ୨୦୨୬କୁ ଦୃଷ୍ଟିରେ ରଖି ମାଓବାଦୀ ମାନେ ଆତ୍ମସମର୍ପଣ କରୁଥିବା ବେଳେ ମାଓସଂଗଠନ ଗୁଡ଼ିକ ଶେଷ ହେବାକୁ ବସିଛି । ଏହା ସହ ଓଡ଼ିଶା ସରକାରଙ୍କ ଆତ୍ମସମର୍ପିତ ମାଓବାଦୀଙ୍କ ପାଇଁ ରହିଥିବା ବିଭିନ୍ନ ଆର୍ଥିକ ଅନୁଦାନ ସାଙ୍ଗକୁ ଥଇଥାନର ବ୍ୟବସ୍ଥା ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଅଧିକ ଆଗ୍ରହୀ ଆଣିଦେଇଛି ବୋଲି କୁହାଯାଇଛି ।

# ମାଲ୍ୟବନ୍ତ ମହୋତ୍ସବକୁ ନେଇ ଜିଲ୍ଲାପାଳଙ୍କ ବାର୍ତ୍ତା

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଆଗାମୀ ଡିସେମ୍ବର ୧୩ରୁ ୧୭ ପର୍ଯ୍ୟନ୍ତ ମାଲକାନଗିରି ଜିଲ୍ଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବାକୁ ଥିବାବେଳେ ଏହି ମହୋତ୍ସବକୁ ସାଫଲ୍ୟମଣ୍ଡିତ କରିବା ନେଇ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ବାର୍ତ୍ତା ଦେଇଛନ୍ତି । ସେ କହିଛନ୍ତି ଯେ, ଆସନ୍ତା ଡିସେମ୍ବର ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ମାଲକାନଗିରି ସଦର ମହକୁମା ଡିଏନକେ ଖେଳପଡିଆ ଠାରେ ମାଲ୍ୟବନ୍ତ ମହୋତ୍ସବ ଓ ୧୯ ପର୍ଯ୍ୟନ୍ତ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ ଏବଂ ଆଦିବାସୀ ପଡିଆ ଠାରେ କୃଷିମେଳା ଅନୁଷ୍ଠିତ ହେବ । ଏଥିସହ ଫଟୋ ଉତ୍ତୋଳନ ପ୍ରତିଯୋଗିତା, ଭିଡିଓ ଉତ୍ତୋଳନ ପ୍ରତିଯୋଗିତା, ନୌକା ପ୍ରତିଯୋଗିତା, ଭଲିବଲ ଟୁର୍ଣ୍ଣାମେଣ୍ଟ, ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ଅବସରରେ ଜିଲ୍ଲାର କଳା, ସଂସ୍କୃତି ଓ ପରମ୍ପରା ପ୍ରଦର୍ଶନ ନିମନ୍ତେ ଲକ୍ଷ୍ମ ବ୍ୟକ୍ତି ଅଂଶଗ୍ରହଣ କରିବା ନିମନ୍ତେ ଜିଲ୍ଲାପାଳ ବାର୍ତ୍ତା ଦେଇଛନ୍ତି । ତତ୍ସହିତ ଏହି ମହୋତ୍ସବକୁ ସାଫଲ୍ୟମଣ୍ଡିତ ନିମନ୍ତେ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି ।

# ରକ୍ତଦାନ ଶିବିର




ବାରିପଦା (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଡକଟପୁର ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟ ଠାରେ ଏମ. ପି .ସି ଅଟୋ ଏନ୍. ଏସ. ଏସ ଟ୍ରିଂସ୍ ପକ୍ଷରୁ ଏକ ବୃହତ୍ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଡଃ ବିଜୟ କୁମାର ଅଗ୍ରୱାଲ, ଅଧକ୍ଷ ଡଃ ପ୍ରମୋଦ ଚନ୍ଦ୍ର ସାହୁ, ଡିପି ଡଃ ଅମନ ଚରଣ ରାଉଳ, ପିଓ ଡଃ ପ୍ରିୟବ୍ରତ ବେହେରା, ମହାବିଦ୍ୟାଳୟର ଶୈକ୍ଷିକ ପ୍ରମୁଖ ଡଃ ଆଲବର୍ଟିନ ତିର୍କି,ପ୍ରଶାସନିକ ପ୍ରମୁଖ ଡଃ ଦୀପକ କୁମାର ବେହେରାଙ୍କ ଦ୍ୱାରା ଶିବିର ଉଦ୍ଘାଟିତ ହୋଇଥିଲା । ଅଭିଜ୍ଞ ଡାକ୍ତର, ନର୍ସଙ୍କ ସମେତ ଏକ ଦକ୍ଷ ଚିକିତ୍ସକ ଦଳ ଏହି ଶିବିରକୁ ପରିଚାଳନା କରିଥିଲେ । ଅନେକ ସଂଖ୍ୟକ ରକ୍ତଦାତା ଏହି ଶିବିରରେ ଅଂଶୀଦାର ହେବା ପାଇଁ ଆଗେଇ ଆସିଥିଲେ । ସର୍ବପ୍ରଥମେ ମୟୂରଭଞ୍ଜ ଜିଲ୍ଲାର ଜାତୀୟ ସେବା ଯୋଜନାର ଡିପିଓ ଡଃ ଅମନ ଚରଣ ରାଉଳ ଏବଂ ଯୁବ ରେଡକ୍ରସ୍ ର ଆଲେକ୍ ହେମ୍ବ୍ରମ ରକ୍ତଦାନ କରି ଶିବିରଟିକୁ ଶୁଭାରମ୍ଭ କରିଥିଲେ । ଏହା ପରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ସ୍ୱେଚ୍ଛାସେବୀମାନେ ମଧ୍ୟ ସମସ୍ତଙ୍କୁ ସହଯୋଗ କରିବା ସହ ରକ୍ତଦାତାମାନଙ୍କ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦେଇଥିଲେ । ରକ୍ତଦାତାମାନଙ୍କ ପାଇଁ ଅଣ୍ଡା, ଫଳ,ପାଉଁରୁଟି ଭଳି ସ୍ୱାସ୍ଥ୍ୟକର ଖାଦ୍ୟର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ସର୍ବଶେଷରେ ସ୍ୱେଚ୍ଛାସେବୀ ଆଦର୍ଶ କୁମାର ରାଉତ ରକ୍ତଦାନ କରି ଶିବିରଟିକୁ ଉଦ୍ଯାପିତ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ସର୍ବମୋଟ ୧୮୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା ।

# ଇନ୍ସୁରାନ୍ସ ଟଙ୍କା ପାଇଁ ନିଜେ ନିଜର ଅପହରଣ ଓ ହତ୍ୟା ନାଟକ ରଚିଥିଲେ ଫାଇନାନ୍ସ କମ୍ପାନୀର କର୍ମଚାରୀ



କରଞ୍ଜିଆ(ଭାସ୍କର ନ୍ୟୁଜ୍): ସମସ୍ତା ଫାଇନାନ୍ସ କମ୍ପାନୀର କର୍ମଚାରୀ ନିଜ ଇ.ଏମ୍.ଆଇ କିସ୍ତି ଟଙ୍କାର ବୋଝ ଓ ନିଜେ ଚାକିରି କରିଥିବା ଫାଇନାନ୍ସ କମ୍ପାନୀର ଇନ୍ସୁରାନ୍ସ ଟଙ୍କା ପାଇବା ପାଇଁ ନିଜେ ନିଜକୁ ଅପହରଣ କରି ହତ୍ୟାର ନାଟକ ରଚିଲେ । ସୂଚନା ଅନୁଯାୟୀ ସେପ୍ଟେମ୍ବର ୮ ତାରିଖ ସମୟ ରାତି ୮ ଟା ବେଳକୁ ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନାକୁ ଖବର ଆସିଲା କି ସୁକୁଳି ଓ ସିଙ୍ଗଡ଼ା ରାସ୍ତା କାଶିଆ ଜଙ୍ଗଲ ନିକଟ ପୋଖୋରୀ ପାଖରେ ଏକ ରକ୍ତଭିଜା ପଲ୍ସର୍ ବାଇକ୍ ସହ ଏକ ବ୍ୟାଗ୍ ପଡ଼ି ରହିଛି । ରରୁଆଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ପରେ ଜାଣିବାକୁ ପାଇଲା ଯେ ଏ ହେଉଛି ଯଶିପୁର ବ୍ରାଞ୍ଚ ସମସ୍ତା ଫାଇନାନ୍ସ କମ୍ପାନୀର ଜଣେ କର୍ମଚାରୀ ଯାହାଙ୍କ ନାମ ହେମନ୍ତ ପାତ୍ର,ତାଙ୍କ ଘର ହେଉଛି କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଜାମୁଦା ଗାଆଁ । ୯ ତାରିଖ ସକାଳେ ହେମନ୍ତଙ୍କ ଶାଶୂ ଓ ସ୍ତ୍ରୀ ରରୁଆଁ ଥାନାକୁ ଆସି ହେମନ୍ତଙ୍କୁ ଅପହରଣ କରି ହତ୍ୟା କରିଥିବା ସନ୍ଦେହ କରି ଏକ ଲିଖିତ ଅଭିଯୋଗ କରିଥିଲେ, ପୋଲିସ ଏକ ନିଖୋଜ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ତଦନ୍ତକୁ ୩ ମାସ ବିତିଯାଇଥିଲା, ସେପଟେ ପରିବାର ପକ୍ଷରୁ ପୋଲିସର ପାରିବା ପଣିଆକୁ ନେଇ ବିଭିନ୍ନ ପ୍ରଶ୍ନ କରାଯାଇ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା । ଯାହା ପୋଲିସକୁ ମଧ୍ୟ ଅଡୁଆରେ ପକାଇ ଦେଇଥିଲା । ହେଲେ ଚଳିତ ନଭେମ୍ବର ମାସ ୧୮ ତାରିଖ ଦିନ ହେମନ୍ତ ତାଙ୍କ ମାମୁଁ ଶ୍ୱଶୁରଙ୍କ ସହ ମୋବାଇଲ୍ ମାଧ୍ୟମରେ କଥା ହେଉଥିବା ଜାଣିବାକୁ ପାଇ ମୋବାଇଲ୍ ନମ୍ବରକୁ ଟ୍ରେସ କରି ହେମନ୍ତର ଗତିବିଧି ଉପରେ ନଜର ରଖିଥିଲା, ହେମନ୍ତ କେନ୍ଦୁଝରେ ଆସି ପୁଣି ନିଜ ଶାଶୂଙ୍କ ସହ ଦେଖା କରିବାକୁ ଭୁବନେଶ୍ୱରର ଶୈଳେଶ୍ରୀ ବିହାରକୁ ଯାଇଥିବା ବେଳେ ରରୁଆଁ ପୋଲିସ ତାଙ୍କୁ ଠାବ କରି ଗତକାଲି ଥାନାକୁ ଆଣି ପଚରାଉଚରା କଲା ପରେ ସେ ବିସ୍ଫୋରକ ବୟାନ ଦେଇଥିଲା ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ସେ ନିଜର ଆୟ ଅନୁସାରେ ଲୋନ୍ ଇ.ଏମ.ଆଇ ଦେବା ପାଇଁ ସକ୍ଷମ ନହେବାରୁ ଲୋକ ଲଜ୍ୟା ଭୟରେ ରଚିଥିଲା ନିଜ ନିଜକୁ ଅପହରଣ କରି ହତ୍ୟା କରାଯିବାର ନାଟକ । ସେ ରାସ୍ତାରେ ଯିବା ବେଳେ ଫାଇନାନ୍ସ କମ୍ପାନୀର ମେନେଜରଙ୍କୁ କିଛି ଲୋକ ତାଙ୍କୁ ପଛରେ ଗୋଡାଉଛନ୍ତି ତେଣୁ ତାଙ୍କ ଜୀବନ ପ୍ରତି ବିପଦ ଅଛି ବୋଲି ଫୋନ୍ କଲା ଓ ଠିକ୍ ସେହି କଥା ନିଜ ସ୍ତ୍ରୀକୁ ମଧ୍ୟ ଫୋନ୍ କରି କହି ସାରିବା ପରେ ସୁକୁଳୀ ଓ ସିଙ୍ଗଡ଼ା ରାସ୍ତା କାଶିଆ ଜଙ୍ଗଲ ନିକଟ ଏକ ପୋଖରୀ ପାଖରେ ନିଜ ବାଇକ୍ କୁ ରାସ୍ତା କଡକୁ ଠେଲି ଦେଇ ନିଜର ହାତ ପାପୁଲି କାଟି ବାଇକ୍ ଉପରେ ପକାଇ ଦେଇ ପୋଲିସ ଓ ଫାଇନାନ୍ସ କମ୍ପାନୀକୁ ଅପହରଣ କରି ହତ୍ୟା ହୋଇଥିବାର ଭ୍ରମ ସୃଷ୍ଟି କରି ସେ ଭୁବନେଶ୍ୱର ଯାଇ ରେଳ ଷ୍ଟେସନରୁ ସିଧସଳଖ ସିକନ୍ଦରାବାଦ୍ ଚାଲି ଯାଇ ଏକ ହୋଟେଲରେ କାର୍ଯ୍ୟ କରିଥିଲା, ଆଗକୁ ସେ ଏକ ସଫ୍ଟୱାର କମ୍ପାନୀରେ କାର୍ଯ୍ୟ କରିବାକୁ ଥିବାରୁ ତାକୁ ସାର୍ଟିଫିକେଟ ଜରୁରୀ ପଡ଼ିବାରୁ ସେ ଓଡ଼ିଶା ଆସି ସମସ୍ତ କାଗଜପତ୍ର ପ୍ରସ୍ତୁତ କରି ସେ ଭୁବନେଶ୍ୱର ରୁ ପୁଣି ସିକନ୍ଦରାବାଦ୍ ଚାଲି ଯାଇ ମୋଟା ଅଙ୍କର ଟଙ୍କା କମେଇ ଘରକୁ ଆସିଥାନ୍ତା ବୋଲି ସେ ପ୍ରତିକ୍ରିୟାରେ ପ୍ରକାଶ କରିଛି । ସେପଟେ ଫାଇନାନ୍ସ କମ୍ପାନୀରରୁ ପାଖାପାଖି ୬୦ ହଜାର ଟଙ୍କା ହେମନ୍ତ ହଡ଼ପ କରିଥିବା ନେଇ କମ୍ପାନୀର ବ୍ରାଞ୍ଚ ମେନେଜର ପ୍ରକାଶ କରିଥିବା ବେଳେ ହେମନ୍ତଙ୍କ ସ୍ତ୍ରୀ ସେହି ମେନେଜରଙ୍କୁ ଆତ୍ମହତ୍ୟାର ଭୟ ଦେଖାଉଥିବା ପ୍ରକାଶ କରିଛନ୍ତି । ହେମନ୍ତ ରଚିଥିବା ନାଟକର କାର୍ଯ୍ୟାନୁଷ୍ଠାନ ବିଷୟରେ ପୋଲିସ୍ କହିଛି ଯେ ଯଦି କିଛି ଟଙ୍କା ହେରଫେର କଥା ଆସେ ତାହେଲେ ତାକୁ ତଦନ୍ତ ପରିସର ଭୁକ୍ତ କରି ଆଇନ୍ ଅନୁଯାୟୀ ପଦକ୍ଷେପ ନିଆଯିବ । - ତେବେ ଏକ ଫାଇନାନ୍ସ କର୍ମଚାରୀ ନିଜର ଅପହରଣ ସହ ହତ୍ୟା ହୋଇଥିବାର ନାଟକ ରଚି ପୋଲିସକୁ ନାକେଦମ୍ କରିଥିବା ବେଳେ ତା ପ୍ରତି କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଦେଖିବାକୁ ବାକି ରହିଲା ।

## ମାନବିକତାର ଉଦାହରଣ ଦେଲେ ଯୁବ ସମାଜସେବୀ ସ୍ୱାଧୀନ ପାତ୍ର



ବରଗଡ(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ରାଜମହଲ ଛକରେ ଦୁର୍ଘଟଣାରେ ଆହାତ ହୋଇଥିବା ଜଣେ ଯୁବକଙ୍କୁ ବରଗଡର ଯୁବ ସମାଜସେବୀ ସ୍ୱାଧୀନ ପାତ୍ର ଆମ୍ବୁଲାନ୍ସ ଡକାଇ ଲୋକମାନଙ୍କ ସାହାଯ୍ୟରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ଆଣି ଆଶୁଚିକିତ୍ସା କରିଛନ୍ତି ।ତାଙ୍କର ଏଭଳି ପ୍ରଶଂସନୀୟ କାର୍ଯ୍ୟ ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ମହଲ ପ୍ରଶଂସା କରିଛନ୍ତି ।।

# ପୋଲିସର ଚଢ଼ାଉ: ୫ ଦାଦନ ଶ୍ରମିକ ଉଦ୍ଧାର

## ସର୍ଦ୍ଦାର ସମେତ ୨ କୋର୍ଟଚାଲାଣ




ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ଥାନା ପୋଲିସ ବୁଧବାର ସକାଳେ ଚଢ଼ାଉ କରି ୫ ଦାଦନ ଶ୍ରମିକ ଉଦ୍ଧାର କରିଥିବା ବେଳେ ଜଣେ ସର୍ଦ୍ଦାର ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି । ସୂଚନା ଅନୁସାରେ ଖପ୍ରାଖୋଲ ପୋଲିସ ପେଟ୍ରୋଲିଂ କଲା ବେଳେ ଧଣ୍ଡାମୁଣ୍ଡା ଗ୍ରାମ ନିକଟରେ ଏକ ଆରଟିକାକୁ ତନଖି କଲାବେଳେ ବେଆଇନ ଭାବେ ଆନ୍ଧ୍ରକୁ ଦାଦନ ଶ୍ରମିକ ଚାଲାଣ ହେଉଥିବା ଜାଣି ୩ ପୁରୁଷ ଓ ୨ ମହିଳାଙ୍କୁ ଉଦ୍ଧାର କରିଥିବା ଜଣା ଯାଇଛି । ଉଦ୍ଧାର ଶ୍ରମିକମାନେ ଗୋଲାମୁଣ୍ଡା ଗ୍ରାମର ବୋଲି ଜଣାପଡିଛି । ଏନେଇ ଖପ୍ରାଖୋଲ ଥାନା କେଶ ନମ୍ବର ୨୭୭/୨୪ ରେ ଏକ ମାମଲା ରୁଜୁ କରି ଦାଦନ ସର୍ଦ୍ଦାର ଗୋଲାମୁଣ୍ଡା ଗ୍ରାମର ସହଦେବ ଓରଫ ସଲାମ ବଗର୍ତ୍ତି ( ୨୬) ଓ ଗାଡ଼ି ଚାଳକ କଟାପାଲି ଗ୍ରାମର ବିଷ୍ଣୁ ସାହୁ ( ୪୨) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ସୂଚନା ଦେଇଛନ୍ତି ।

## ଜାତୀୟ ସମ୍ବିଧାନ ଦିବସ ପାଳିତ

କୋରୁକୋଣ୍ଡା (ଭାସ୍କର ନ୍ୟୁଜ୍): କୁଡୁମୁଲୁଗୁମ୍ମା ସ୍ଥିତ ଡାରଉଇନ୍ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଏବଂ ଯୁବ ରେଡ଼କ୍ରସର ମିଳିତ ଆନୁକୂଲ୍ୟରେ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପିକା ମଧୁମିତା ବିଶ୍ୱାଳ ସଭାକାର୍ଯ୍ୟର ପରିଚାଳନା କରିଥିଲାବେଳେ ଜାତୀୟ ସେବା ଯୋଜନାର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱଜିତ ମହାନ୍ତି ଓ ଯୁବ ରେଡ଼କ୍ରସର ପରାମର୍ଶଦାତା ଏଲିନା ବେହେରା ପ୍ରମୁଖ ଯୋଗଦେଇ ଆଜିର ଦିବସର ମହତ୍ତ୍ୱ ଓ ଭାରତୀୟ ସମ୍ବିଧାନର ପ୍ରଣେତା ଡଃ ଭୀମରାଓ ଆମ୍ବେଦକରଙ୍କ ଜୀବନୀ ଉପରେ ସବିଶେଷ ଆଲୋକପାତ କରିଥିଲେ । ଶେଷରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଯାଇଥିଲା । ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷା କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

MANAPPURAM FINANCE LTD.

CIN : L65910KL1992PLC006623
Registered Office: W - 4/ 638A, Manappuram House,
P.O. Valapad, Thrissur - 680 567, Kerala, India

GOLD AUCTION NOTICE

The pledges, in specific and the public, in general, are hereby notified that public auction of the gold ornaments pledged in the below accounts is proposed to be conducted at the following branches on 16/12 /2024 from 10.00 am onwards. We are auctioning gold ornaments defaulted customers who have failed to make payment of his/her loan amount despite being notified by registered letters. Unauctioned items shall be auctioned on any other days without further notice. Changes in venue or date (if any)will be displayed at auction centre and on website without any further notice.

List of pledges:-

ANGUL, ATHAMALIK, 138810700006770, 6830, 138810730007510, BANARPAL, 136160700019965, 136160700020045, 136160750000073, BY PASS SQUARE ,TALCHER, 133420700036789, 6799, 6838, 6880, 133420730032139, 2208, 2225, 2226, 2277, 2363, SANKER CINEMA ROAD, 110850700060267, 0378, 110850730053522, 3698, 3699, BALANGIR, BOLANGIRI ORISSA, 127480700058493, KANTABANJI, 137910730028316, PATNAGARH, 138760700004142, 4146, 4175, 4193, 4207, 4215, 4228, 4277, 138760730054732, 5217, 5947, 5993, TITLAGARH, 137970700004402, BALASORE, F.M COLLEGE ROAD,BALASORE, 132010700036493, 6497, 6533, 6578, 6598, 6711, 6727, 6738, 7231, 7605, JALESWAR, 134990700035050, 5062, 5063, 5064, 5081, 5132, 134990730042328, 4565, 134990780000214, JANUGANJ, ORISSA, 133310700024066, MOTIGUNJ BAZAR BALASORE, 134530700030355, 0388, 0396, 0428, 0442, 0474, 0497, 134530730027318, NILGIRI SANATA ORISSA, 126810700049216, 126810700051038, 3166, 126810730045890, 5924, 5925, 5926, 5927, 5928, 5949, 5976, 6014, 6055, 6107, POLICE LINE CHOWK, 112340700073803, 3820, 3837, 3877, 3881, 3918, 3944, 3982, 4008, 4023, 4035, 4040, 4059, 4061, 112340730074239, 4372, 4379, 4393, 4396, 4413, 4429, 4561, SORO STATION ROAD, 137580730027985, 8200, 8201, 8223, 8224, 8319, 8391, 137580750000026, BARGARH, BARGARH,ORISSA, 125190700043087, 5022, 125190730020621, 1797, BHATLI CHOWK,BARGARH,ORISSA, 133440700045005, 5090, 5190, 5231, 5252, 5308, 5766, 6213, 6486, 133440750000226, PADAMPUR, 137710700006875, BHADRAK, AGARAPADA BHADRAK, 139330700006906, 6964, 6978, 139330730025983, 6080, 6272, 6374, 6404, 6405, 6406, 6413, 6816, 139330730031294, BASUDEVPUR, 137600700007929, 137600730046144, 137600750000066, CHANDABALI BHADRAK, 139320700005898, 6782, 6831, 6857, 8265, CHARAMPA BHADRAK TOWN, 134600700042031, 2194, 2814, DHAMNAGAR, 137440700010116, 137440730031241, 5043, 5152, 8184, KACHERY BAZAR, 111990700097356, 7375, 7500, 7573, 111990730074970, 4971, 5171, CUTTACK, ATHAGARH, 137020700010798, 0857, 2137, BAJRAKABATI ROAD, 109360700050684, 4022, 4029, 109360730049101, 9105, BUXI BAZAR, 108780730029748, CHANDI MANDIR,ORISSA, 119790700025794, 119790700045437, 5535, CHOUDDHRY BAZAR, 112470700049714, 9746, 9783, 9784, 9832, CHOUDWAR,CUTTACK, 121520700054658, 4679, GANDHARPUR,ORISSA, 124480700033876, 4215, 4584, JAGATPUR,ORISSA, 116700700057710, 9558, 9668, 116700730051461, 1547, 1548, 5732, 116700730060087, KENDRAPARA, 114570700055698, 5706, 5813, 5826, 5842, 5847, 114570730081091, 114570750000104, 0107, LAXMISAGAR CHOWK,BHUBANESWAR, 120460700048144, 8232, 8238, 8306, 120460730070147, 120460780001204, MAHANADHI VIHAR, 131580700025264, 5532, NIALI, 135000700047751, 7753, 7763, 7825, 7839, 7996, 8013, SALIPUR, 115650700050581, 0674, 0686, 0718, 0730, 115650730079395, 115650730089166, 115650730090407, DHENKANAL, BHUBAN, 138880700004323, 4343, 138880750000040, KAMAKHYA NAGAR, 138910700006622, KANCHAN BAZAR, 116110700046728, 6763, 6856, 116110730079628, STATION BAZAR DHENKANAL, 138670700003785, 4098, 138670750000122, 138670780000105, GANJAM, ASKA ROAD, 110540700050082, 0091, 0222, 110540730068285, ASKA,LAXMI BAZAR, 115990700044264, BERHAMPUR 1, 108500700047990, 8062, BERHAMPUR OLD BUS STAND, 109090700047389, 7405, 7414, 7557, 109090750000140, BHANJNAGAR, 136170700020596, 0599, 136170730083448, 3856, BIG BAZAR, 108910700041674, 1864, CHATRAPUR ORISSA, 128060700046878, 7026, 128060730049640, GOSANIGOAN ORISSA, 129230700046142, 6162, 6242, 6246, 6250, 129230730082073, 129230750000133, JANANA HOSPITAL ROAD-BERHAMPUR, 122350700038998, KOMMAPALLI MAIN ROAD, 131650700023515, JAGATSINGHPUR, DURGA BAZAR, 111100700095035, 6050, 7293, 111100730111678, 2370, JAGAMARA ORISSA, 133300700039257, 9267, 9291, 9309, 9311, 9350, 9357, 133300730040784, 0970, 0994, 1076, JAGATSINGHAPUR BUS STAND, 138530700006068, 7420, 7509, JAGATSINGHPUR ORISSA, 126530700047214, 7234, 8980, 126530730052853, KRUSHNANANDAPUR, 138740700004956, PARADEEP, 137120700008236, 8275, 8277, 8326, 8333, 137120730081182, JAJPUR, BRAHMABARADA, 138780700004792, CHANDIKHOL,ORISSA, 116880700049150, 9176, 9196, 9227, 116880700050689, 1084, 1114, DUBURI BYASANAGAR, 139340700004122, JAJPUR ROAD, 115520700069944, 9948, 115520700070308, 0710, 0716, 0774, 0782, 0790, 0884, 0889, 0890, 0918, 0919, 0936, 0959, 0960, 0961, 0963, 0979, 3098, 115520730122290, 115520750000147, JAJPUR TOWN,ORISSA, 119780700057633, 7644, 7650, 7670, 7678, 8598, 8802, 119780730096019, JAJPUR,HARIPUR, 138580700005167, 5168, 5169, JHARSUGUDA, BELPAHAR, 138730730014129, BRAJARAJNAGAR, 137150700019509, JHARSUGUDA, 119440700086964, 7899, 8000, 119440700090348, 119440730062042, 3248, 3334, STATION BAZAR BRAJRAJNAGAR, 139270730011627, KALAHANDI, JUNAGARH, 138400700005146, 138400730014687, 4813, 4918, 4972, MADANPUR RAMPUR, 138650700014956, 138650730030391, 0709, 138650750000045, MUKHIGUDA JAIPATNA, 138560700005724, 138560730020619, KENDRAPARA, KAKAT CHOWK KENDRAPARA, 127860700038983, 9374, 9406, 9466, 127860730082280, 7016, 127860730091101, 127860780000194, KESHPUR BAZAR KENDRAPARA, 138450700004582, 4826, 4860, 4877, PATTAMUNDAI, 139150700003987, 4273, 139150730035919, 6127, 8150, PATTUMUNDAI ORISSA, 128180700047868, 7973, 7980, 8046, 8715, 128180730140665, 1333, 9929, RAMNAGAR MAHAKALPARA, 139040700003840, KENDUJHAR, ANANDPUR, 138250700006904, 138250730048252, 8873, BARBIL, 138410700004495, JODA, 138380700005772, 5794, KEONJHAR, 137430700007191, 7229, 7234, 7419, 137430730049164, KHORDHA, ASHOK NAGAR,ORISSA, 112130700035143, 5176, BALUGAON, 137560700006574, 6695, BALUGAON ORISSA, 126000700055347, 5489, BANAPUR, 138210730064772, BAPUJI NAGAR BHUBANESWAR, 127030700052324, 2478, 5229, 127030730072699, 2897, 3266, COLLEGE ROAD JATNI, 138690700004860, 5854, JATNI,KHURDA, 118650700070742, 0765, KHANDAGIRI SQUARE ORISSA, 128380700060467, 0538, 0585, 0604, 128380730084703, 4780, 5379, 128380780001425, KHURDA, 111850700132715, 2829, 2833, 111850730104883, 5037, 5038, 5197, KHURDHA MAIN ROAD, 138090700007054, NAYAPALLI, 111050700087607, 7612, 7738, 7743, 111050730111487, 1607, RASULGARH SQUARE,BHUBANESWAR, 119030700048989, 9018, 9031, 9104, 9156, 119030730121831, 119030780000201, SAHEED NAGAR, 111430700064280, 111430730073931, 3949, KORAPUT, KORAPUT, 139070700006323, SUNABEDA, 138610700008005, MAYURBHANJ, BHANJPUR BARIPADA, 138970700003984, JASHIPUR, 139220700003886, 3899, 3926, 5172, 139220730009446, KARANJIA, 138180700006854, 6888, RAIRANGPUR, 137540700004726, 4760, 4769, STATION ROAD BARIPADA, 135290700026765, 7190, 8672, 135290730037982, 9944, 135290730043548, UDALA, 137550700009870, NABARANGAPUR, NOWRANGPUR, 137700730055247, NAYAGARH, ITAMATI, ODISHA, 137820700006501, 7376, PWD ROAD NAYAGARH, 128560700038158, 8186, 128560730057791, 128560730064520, NUAPARHA, KHARIAR ROAD, 138320700003616, PHULBANI, PHULBANI, 137890700004319, 6412, 137890730010726, 0727, PURI, DELANGA, 137720700012910, 2914, 2942, 3046, 3146, 137720730038721, 137720750000098, JATNI ROAD PIPILI, 137420700010223, 0238, 137420730051963, NIMAPADA, 137570700007963, 7991, 8038, NIMAPARA,PURI, 129180700077396, 7426, 7498, 129180700080044, 129180730097354, 7360, 7945, 129180730103804, PIPILI,ORISSA, 121150700096257, 6345, 6371, 6454, PURI ATHARNALA, 137950700008783, 8785, PURI,ORISSA, 115180700071994, 115180730106883, RAYAGADA, NALCO CHWOK ANUGUL, 139310700004471, 5413, 5567, 139310730009464, 139310730010423, RAYAGADA, 137870700005155, 5167, STATION ROAD GUNUPUR, 138900700004875, SAMBALPUR, AINTHAPALLI,SAMBALPUR, 129150730029054, 9174, BUDHARAJA SAMBALPUR ORISSA, 126240700052343, 2779, DHANUPALLI SAMBALPUR, 128210700042653, 5070, 5148, 5158, 6038, 6834, 7322, 128210730019979, 128210730020772, KHETRAJPUR SAMBALPUR, 139450700005198, 5218, 5272, 5286, SUNDERGARH, FERTILIZER TOWN ROURKELA, 138260700010527, 0996, KOEL NAGAR,ORISSA, 123590700062631, 4021, 4484, 4508, 4576, 4612, 4664, 4665, 5522, 5627, 5914, 123590730047227, 7287, 8107, 8204, 8214, 8239, 8240, 9046, 123590750000089, 123590780000182, RAJGANGPUR SUNDARGARH, 137590700007066, 7068, 137590730025490, ROURKELA,ORISSA, 122490700077191, 7718, 7757, 7761, 7764, 7843, 7860, 7861, 7874, 7885, 7896, 8059, 8077, 8438, 122490730041246, 1252, 1260, 1286, 1302, 1348, 1363, 1485, 3826, SUNDERGRAH-HOSPITAL ROAD, 118860700058710, 118860700061564,

Persons wishing to participate in the above auction shall comply with the following:-Interested Bidders should submit Rs. 10,000/- as EMD (refundable to unsuccessful bidders)by way of Cash on the same day of auction. Bidders should carry valid ID card/PAN card. For more details please contact 8089292353.

Authorised Officer
For Manappuram Finance Ltd

# ଏସ୍‌ଓସିପିରେ କମ୍ ଲୋଡିଙ୍ଗ, ଅସୁବିଧାରେ ଟ୍ରକ୍ ମାଲିକ



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ଟ୍ରକ ମାଲିକ ସଂଘ ଅଧିନରେ ପ୍ରାୟ ୧୬୦୦ ଟ୍ରକ ଥିବାବେଳେ ଏମସିଏଲ ସମଲେଶ୍ୱରୀ କୋଇଲା ଖଣି (ଏସଓସିପି)ରେ ଦିନକୁ ହାରାହାରି ୨୦୦-୨୫୦ ଟ୍ରକ କୋଇଲା ଲୋଡିଙ୍ଗ କରାଯାଉଛି । ଏଭଳି ସ୍ଥିତିରେ ଟ୍ରକ ମାଲିକ ଓ ଏଥି ସହିତ ଜଡ଼ିତ ବହୁ ପରିବାର ଦୁର୍ବିସହ ଜୀବନ ବିତାଉଛନ୍ତି । ଏହି ପରିପ୍ରେକ୍ଷୀରେ ଟ୍ରକ ମାଲିକଙ୍କ ଏକ ପ୍ରତିନିଧି ଦଳ ସମଲେଶ୍ୱରୀ କୋଇଲା ଖଣି ପ୍ରକଳ୍ପ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହିତ କୋଇଲା ଟ୍ରକ ଲୋଡିଙ୍ଗ ବୃଦ୍ଧି କରିବାକୁ ଅନୁରୋଧ କରିଛନ୍ତି । ଦାବିପତ୍ରରେ ଉଲ୍ଲେଖିତ ଯେ, ବ୍ରଜରାଜନଗର ଅଂଚଳର ୫୦ ପ୍ରତିଶତ ଲୋକ ନିଜର ଜୀବନ ଜୀବିକା ପାଇଁ ଟ୍ରକ ବ୍ୟବସାୟ ଉପରେ ନିର୍ଭରଶୀଳ ଅଛନ୍ତି । ତେବେ ସମଲେଶ୍ୱରୀ କୋଇଲା ଖଣିରେ ଦୈନିକ ସୀମିତ ଭାବେ ଟ୍ରକରେ କୋଇଲା ଲୋଡିଙ୍ଗ ଟ୍ରକ ମାଲିକ ମାନଙ୍କ ଆର୍ଥିକ ସମସ୍ୟା ସୃଷ୍ଟି କରିବା ତାଙ୍କ ଜୀବନଧାରାକୁ ଭାରି ମାତ୍ରାରେ ପ୍ରଭାବିତ କରୁଅଛି । ତେଣୁ କୋଇଲା ଟ୍ରକ ଲୋଡିଙ୍ଗକୁ ଦୈନିକ ଅତିକମରେ ୪୦୦କୁ ବୃଦ୍ଧି କରିବା ପାଇଁ ଟ୍ରକ ମାଲିକ ଅନୁରୋଧ କରିଛନ୍ତି । ଫଳରେ ଏହି ବ୍ୟବସାୟରେ ନିର୍ଭରଶୀଳ ପରିବାର ବିନା କୌଣସି ସମସ୍ୟାରେ ନିଜର କାର୍ଯ୍ୟ ଜାରି ରଖି ପାରିବେ ବୋଲି ପତ୍ରରେ କୁହାଯାଇଛି । ଦାବିପତ୍ର ପ୍ରଦାନ ବେଳେ ଦେବେଶ ପଣ୍ଡା, ରାଜା ପୁରୋହିତ, ସତୀଶ ସିଂହ, ପ୍ରମୋଦ ସିଂହ, ମନୋଜ ସାହି ପ୍ରମୁଖ ଉପସ୍ଥିତ ଥିଲେ ।



यद्यदाचरति श्रेष्ठस्तत्तदेवेतरो जनः ।
स यत्प्रमाणं कुरुते लोकस्तदनुवर्तते ।।
भगवद्गीता 3.21

Government of Haryana | Partner State Odisha | Partner Country Tanzania

International GITA Mahotsav 2024
28 November - 15 December
Kurukshetra, Haryana

## Main Programme

Venue - Purushottampura Baag, Kurukshetra
Time - 6:30 pm

| Date | Programme | Presentation |
|---|---|---|
| 5 December | Choreography | By Artists from Tanzania and Haryana |
| 7 December | Play 'Humare Ram' | Sh. Ashutosh Rana and Team |
| 9 December | Sand art based on Mahabharata | Smt. Manisha |
| 9 December | Kavi Sammelan | By Dr. Kumar Vishwas and Other Poets |
| 11 December | Play 'Draupadi' based on Mahabharata | Smt. Meenakshi Sheshadri and Team |


"सभी देशवासियों को गीता जयंती की अनंत शुभकामनाएं। श्रीमद्भगवद्गीता सदियों से मानवता का मार्गदर्शन करती आई है। अध्यात्म और जीवन-दर्शन से जुड़ा यह महान ग्रंथ हर युग में पथ प्रदर्शक बना रहेगा।"
- नरेन्द्र मोदी

www.internationalgitamahotsav.in
www.48koskurukshetra.com

@igmkkr
InternationalGitaMahotsav

Information, Public Relations & Languages Department, Haryana
www.prharyana.gov.in | Follow us on @diprharyana

RO No. 1089/13/1908/2025/30640/3059/21
Dated Chandigarh, the 28/11/2024



"ଧନ, ଜନ, ଯୌବନରେ ତିଳେ ମାତ୍ର ଗର୍ବ କର ନାହିଁ । କାରଣ କାଳ ଏହାକୁ ହରଣ କରିନିଏ ।"

-ଆଦି ଶଙ୍କରାଚାର୍ଯ୍ୟ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍ ।"

-ବି.ଆର୍ ଆମ୍ବେଦକର



### ଇଭିଏମ୍‌କୁ ନେଇ ବିତର୍କର ଝଡ଼

## ନିର୍ବାଚନ ପ୍ରକ୍ରିୟା ସନ୍ଦେହମୁକ୍ତ ହେଉ

ବିଶ୍ୱର ବୃହତ୍ତମ ଗଣତନ୍ତ୍ର ଭାରତରେ ନିର୍ବାଚନ ପ୍ରକ୍ରିୟାରେ ଇଭିଏମ୍ ବ୍ୟବହାରକୁ ନେଇ ଏବେ ବିତର୍କର ଝଡ଼ ସୃଷ୍ଟି ହୋଇଛି । ନିକଟରେ ଅନୁଷ୍ଠିତ ହରିଆନା ଓ ମହାରାଷ୍ଟ୍ର ନିର୍ବାଚନରେ ବିରୋଧୀ 'ଇଣ୍ଡିଆ' ମେଣ୍ଟର ଶୋଚନୀୟ ବିପର୍ଯ୍ୟୟ ପାଇଁ ଇଭିଏମ୍‌କୁ ଦାୟୀ କରି ଅନେକ ବିରୋଧୀ ଦଳ ପୂର୍ବଭଳି ବାଲାଟ୍ ପେପର ଜରିଆରେ ଭୋଟଦାନ ସପକ୍ଷରେ ମତ ରଖୁଛନ୍ତି । ଗତ ୨୦୧୪ ମସିହା ନିର୍ବାଚନରେ ପ୍ରଥମ କରି ଇଭିଏମ୍ ପ୍ରଚଳନ ଆରମ୍ଭ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ସମସ୍ତ ନିର୍ବାଚନରେ ଏହା ମାଧ୍ୟମରେ ସୁରୁଖୁରୁରେ ଭୋଟଦାନ କାର୍ଯ୍ୟ ଅବ୍ୟାହତ ରହିଛି । ଇଭିଏମ୍ ପରିବର୍ତ୍ତେ ବାଲାଟ ପେପର ମାଧ୍ୟମରେ ଭୋଟଗ୍ରହଣ କରାଯିବାକୁ ଦାବି କରି ସର୍ବୋଚ୍ଚ ନ୍ୟାୟାଳୟରେ ଏକ ମାମଲା ରୁଜୁ ହୋଇଥିଲା ଏବଂ ଦୁଇଦିନ ପୂର୍ବେ ନ୍ୟାୟାଳୟ ସେହି ଦାବିକୁ ଖାରଜ କରି ଦେଇଛନ୍ତି । ଏହି ପ୍ରସଙ୍ଗରେ ନ୍ୟାୟାଳୟ ଦେଇଥିବା ମନ୍ତବ୍ୟ ବିଶେଷ ପ୍ରଣିଧାନ ଯୋଗ୍ୟ ମନେ ହେଉଛି । ନିର୍ବାଚନରେ ପରାଜୟବରଣ କଲେ ଇଭିଏମ୍ ଉପରେ ଦୋଷାରୋପ କରାଯାଉଥିବା ବେଳେ ବିଜୟୀ ହେଲେ ଇଭିଏମ୍‌ର ବିଶ୍ୱାସନୀୟତାକୁ ନେଇ ପ୍ରଶ୍ନ ଉଠିନଥାଏ ବୋଲି ନ୍ୟାୟାଳୟ ମତ ଦେଇଛନ୍ତି । ସୁପ୍ରିମକୋର୍ଟଙ୍କ ସ୍ପଷ୍ଟ ରାୟ ସତ୍ତ୍ୱେ ବିରୋଧୀ ଦଳ ନିଜ ଦାବିରୁ ହଟି ନାହାନ୍ତି ଏବଂ ମହାରାଷ୍ଟ୍ରର ବିରୋଧୀ ମେଣ୍ଟ 'ମହାବିକାଶ ଅଘାଡ଼ି' (ଏମ୍‌ଭିଏ) ନିର୍ବାଚନରେ ଇଭିଏମ୍ ବ୍ୟବହାର ବିରୋଧରେ ଜାତୀୟ ସ୍ତରରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଯୋଜନା କରିଛି । ଯଦିଓ ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମକୋର୍ଟ ଇଭିଏମ୍ ବଦଳରେ ବାଲାଟ୍ ପେପର୍ ଦ୍ୱାରା ଭୋଟ୍ ଗ୍ରହଣ ଆବେଦନକୁ ଖାରଜ କରିଦେଇଛନ୍ତି, ତଥାପି ନୂଆ ତଥ୍ୟ ଓ ନୂଆ ଯୁକ୍ତି ସହ ଏଥିନେଇ ପୁନର୍ବାର ନ୍ୟାୟାଳୟରେ ଆବେଦନ କରାଯିବ ବୋଲି ଏମ୍‌ଭିଏ ସ୍ଥିର କରିଛନ୍ତି । ଏଥିସହିତ ଦେଶବ୍ୟାପୀ 'ଇଭିଏମ୍ ହଟାଅ' ଅଭିଯାନକୁ ଜୋରଦାର କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି । ବୁଧବାର ମହାରାଷ୍ଟ୍ର ନେତା ଉଦ୍ଧବ ଠାକ୍‌ରେ ଓ ଏନ୍‌ସିପି ନେତା ଶରଦ୍ ପାୱାର ନିଜ ନିଜ ଦଳର ପରାଜିତ ପ୍ରାର୍ଥୀମାନଙ୍କୁ ଭେଟିବା ପରେ ରାଜ୍ୟ ଓ ଜାତୀୟ ସ୍ତରରେ ଆଇନ ପରାମର୍ଶଦାତା ଟିମ୍ ଗଠନ କରାଯାଇଛି । ଏହି ଟିମ୍ ମାଧ୍ୟମରେ ଇଭିଏମ୍ ହଟାଇବାକୁ ଇଣ୍ଡିଆ ମେଣ୍ଟ ପକ୍ଷରୁ ଦାବି ଉପସ୍ଥାପନ କରାଯିବ । ଅନ୍ୟପଟେ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ ମଧ୍ୟ ଅନୁରୂପ ଦାବି ଉଠାଇ ଇଭିଏମ୍ ବିରୋଧରେ ଗର୍ଜିଛନ୍ତି ଏବଂ ଏହାକୁ ହଟାଇବା ପାଇଁ ଅଭିଯାନ ଆରମ୍ଭ କରାଯିବ ବୋଲି ସୂଚନା ଦେଇଛନ୍ତି । ଖୁବ୍‌ଶୀଘ୍ର ସମଗ୍ର ଦେଶରେ ଭାରତ ଯୋଡ଼ୋ ଯାତ୍ରା ଭଳି କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି । ଏହା ଅବଶ୍ୟ ସତ୍ୟ ଯେ ଯୁକ୍ତରାଷ୍ଟ୍ର ଆମେରିକା ବ୍ରିଟେନ୍ ଓ ଫ୍ରାନ୍ସ ଭଳି କେତେକ ଉନ୍ନତ ରାଷ୍ଟ୍ରରେ ଏବେ ମଧ୍ୟ ବାଲାଟ୍ ପେପର ମାଧ୍ୟମରେ ଭୋଟ ଗ୍ରହଣ କରାଯାଉଛି ଏବଂ ସେମାନେ ଏଯାବତ୍ ଇଭିଏମ୍ ବ୍ୟବହାର କରିନାହାନ୍ତି । ଭାରତରେ ଇଭିଏମ୍ ପ୍ରଚଳନ ଫଳରେ ମତଦାନ ପ୍ରକ୍ରିୟା ତ୍ୱରିତ ହେବା ସହିତ ଭୋଟ ଗଣତି ମଧ୍ୟ ଶୀଘ୍ର ଶେଷ ହେଉଛି । ପୂର୍ବରୁ ଭୋଟ୍ କାଗଜକୁ ଏକାଠି କରି ବିଡ଼ା ବନ୍ଧା ହେଉଥିଲା ଏବଂ ତାକୁ ଗଣିବା ପାଇଁ ଘଣ୍ଟା ଘଣ୍ଟା ଲାଗୁଥିଲା । ଫଳରେ ଗଣତିର ଦୁଇତିନି ଦିନ ପରେ ଫଳାଫଳ ଘୋଷିତ ହେଉଥିଲା । ଏବେ ସୁଇଚ୍ ଟିପିବା କ୍ଷଣି ଭୋଟଦାନ ଶେଷ ହେଉଛି ଏବଂ ଫଳାଫଳ ମଧ୍ୟ ମୁହୂର୍ତ୍ତକ ମଧ୍ୟରେ ଘୋଷଣା କରାଯାଇ ପାରୁଛି । ତେବେ ପ୍ରଶ୍ନ ଉଠୁଛି, ଯଦି ଇଭିଏମ୍ ଦ୍ୱାରା ଭୋଟ ଗ୍ରହଣରେ କିଛି ହେରଫେର ହେଉଛି କିମ୍ବା ଜାଲିଆତି କରାଯାଉଛି, ତେବେ ପଶ୍ଚିମବଙ୍ଗରୁ ଆରମ୍ଭ କରି ଅନ୍ୟ ବହୁ ରାଜ୍ୟରେ ବିରୋଧୀ 'ଇଣ୍ଡିଆ ମେଣ୍ଟ'ର ଅଂଶୀଦାର ଦଳଗୁଡ଼ିକର ସରକାର କ୍ଷମତାସୀନ ହେଲେ କିପରି ? ଏ କ୍ଷେତ୍ରରେ ହେରଫେର ବା ଜାଲିଆତିର କିଛି ନିର୍ଦ୍ଦିଷ୍ଟ ଅଭିଯୋଗ ଥିଲେ, ତାକୁ ତୁରନ୍ତ ନିର୍ବାଚନ ଆୟୋଗଙ୍କ ଦୃଷ୍ଟିକୁ ଅଣାଯିବାର ଆବଶ୍ୟକତା ରହିଛି । ମାତ୍ର ଏଥିପାଇଁ ସମଗ୍ର ବ୍ୟବସ୍ଥାର ପରିବର୍ତ୍ତନ ନିଶ୍ଚିତ ଭାବରେ କଷ୍ଟକର ମନେ ହେଉଛି । ସେହି ଦୃଷ୍ଟିରୁ ଇଭିଏମ୍ ବିତର୍କର ଅନ୍ତ ଘଟାଇବାକୁ ଏହାକୁ ଯେତେଦୂର ସମ୍ଭବ ସନ୍ଦେହମୁକ୍ତ କରାଇବା ଦିଗରେ ନିର୍ବାଚନ ଆୟୋଗ ଓ ସରକାର ଚେଷ୍ଟିତ ହେବା ଆଜି ସମୟର ଆହ୍ୱାନ ।

# ମହାକାଶ ପର୍ଯ୍ୟନ୍ତ ପହଞ୍ଚିଲାଣି ପୁଞ୍ଜିବାଦ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଆମେରିକାର ବିଶିଷ୍ଟ ଶିଳ୍ପପତି ଏଲେନ ମସ୍କ ହେଉଛନ୍ତି ଷ୍ଟାରଲିଙ୍କର ମାଲିକ ଏବଂ ତାଙ୍କ ସଂସ୍ଥାର ଟେକ୍‌ନିକ୍ ଶକ୍ତି ଏବଂ ସମ୍ପତ୍ତିର କଳ୍ପନା କରିବା କଷ୍ଟକର । ଷ୍ଟାରଲିଙ୍କ ଏବେ ଦୁନିଆରେ ସବୁଠାରୁ ଅଧିକ ସାଟେଲାଇଟ୍ ବା ଉପଗ୍ରହ ପ୍ରେରଣ କରିଥିବା ସଂସ୍ଥା । ଏହି କମ୍ପାନୀ ମହାକାଶରେ ୭ହଜାର ଉପଗ୍ରହ ସ୍ଥାପିତ କରିସାରିଛି । ଏବେ ଏହି କମ୍ପାନୀ ୧୩୦୦୦ ଉପଗ୍ରହ ପ୍ରେରଣ କରିବାକୁ ଯାଉଛି । ଅର୍ଥାତ୍ ଉପଗ୍ରହ ସଂଖ୍ୟା ବୃଦ୍ଧି ପାଇ ୭୦ ହଜାରରେ ପହଞ୍ଚିଯିବ । ଷ୍ଟାରଲିଙ୍କ ବା ଅନ୍ୟ ଅର୍ଥରେ ଏଲନ ମସ୍କ ଯୋଜନା କରୁଛନ୍ତି ଯେ ୨୦୩୧ ସୁଦ୍ଧା ମହାକାଶକୁ ଆହୁରି ଉପଗ୍ରହ ପ୍ରେରଣ କରିବେ ଓ ଏହାର ସଂଖ୍ୟା ୪୦ ହଜାରକୁ ଟପିଯିବ । ଏହାର ଅର୍ଥ ହେଉଛି ସାରାବିଶ୍ୱର ସବୁ ଦେଶର ଆକାଶରେ ଷ୍ଟାରଲିଙ୍କର ଅଢ଼େଇଶହରୁ ଅଧିକ ଉପଗ୍ରହ ରହିଥିବ । ଏଥିସହିତ ସାରାବିଶ୍ୱ ଏଇ ନୂଆ ଟେକ୍‌ନିକ୍‌ର ୪୦ ହଜାର ତାରାକୁ ଦେଖିବେ ଓ ଏହାର କାର୍ଯ୍ୟ ଓ ପ୍ରଭାବ ଦେଖିବେ । ଆମେରିକା ସୁପର ପାୱାର ହେବା ପଛରେ ରହିଛି ଏଲନ ମସ୍କଙ୍କର ଷ୍ଟାରଲିଙ୍କ । ଆମେରିକାର ମହାକାଶ ଗବେଷଣା କେନ୍ଦ୍ର ନାଶାର ପାଖାପାଖି ୭୦୦ ଉପଗ୍ରହ ରହିଛି । ଭାରତ ମହାକାଶକୁ ମାତ୍ର ୭୦ଟି ଉପଗ୍ରହ ପ୍ରେରଣ କରିଛି ଏବଂ ଏସବୁର କ୍ଷମତା ମଧ୍ୟ ଷ୍ଟାରଲିଙ୍କ ଓ ନାସାର ଉପଗ୍ରହ ଠାରୁ କମ୍ । ଏଥିରୁ ସ୍ପଷ୍ଟ ଯେ ଭାରତର ୧୦୦ ଗୁଣ ଏବଂ ଆମେରିକାର ୧୦ ଗୁଣ ଅଧିକ ଉପଗ୍ରହ ଷ୍ଟାରଲିଙ୍କ ମହାକାଶକୁ ପ୍ରେରଣ କରିଛି ।

ଆମେ ଏବେ ଯେତେବେଳେ ଦେଶର ଶିଳ୍ପପତି ବା ଧନ କୁବେରମାନଙ୍କ ଉପରେ ଚର୍ଚ୍ଚା କରୁଛେ ସେତେବେଳେ ମୁକେଶ ଅମ୍ବାନୀଙ୍କ ନାମ ପ୍ରଥମରେ ରହୁଛି । ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ୧୩ ଲକ୍ଷ କୋଟିରୁ ଅଧିକ ଏବଂ ବୋଧହୁଏ ମୁକେଶ ହେଉଛନ୍ତି ବିଶ୍ୱର ୩ୟ ବା ୪ର୍ଥ ଧନ କୁବେର । ଗୌତମ ଆଦାନୀ ଯାହାଙ୍କ ସମ୍ପତ୍ତି ୧୦ଲକ୍ଷ କୋଟିରୁ ଅଧିକ ସିଏ ମୁକେଶ ଅମ୍ବାନୀଙ୍କ ପଛରେ ଓ ବିଶ୍ୱର ୭ମ ବା ୮ମ ଧନକୁବେର ଅଟନ୍ତି । ଏକଦା ବିଶ୍ୱର ଏକନମ୍ବର ଧନୀ ଥିବା ବିଲ୍ ଗେଟସ୍ ଏବେ ତଳକୁ ଖସି ଆସିଛନ୍ତି । ୱାରେନ କଫେଟ ଏବେ ଦୁନିଆର ଏକ ନମ୍ବର ଧନୀ ଅଟନ୍ତି ଯାହାଙ୍କ ପାଖରେ ୭୦ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ରହିଛି ଯାହା ଭାରତର ସରକାରୀ ବଜେଟର ପାଖାପାଖି ଦୁଇ ଗୁଣ ହେବ । ଏବେ ୱାରେନ ବଫେଟଙ୍କୁ ଟାଳେ କରି ଏଲନ ମସ୍କ ପ୍ରଥମ ଧନୀ ହେବାର ସ୍ଥିତିରେ ପହଞ୍ଚିବା ପାଇଁ ଉଦ୍ୟମ କରୁଛନ୍ତି । ଏକଦା କାର୍ଲମାକ୍ସ ପୁଞ୍ଜିବାଦୀ ବିକାଶର କ୍ରମ ପ୍ରସଙ୍ଗରେ କହିଥିଲେ ଯେ ବଡ଼ କାରଖାନା ଛୋଟ କାରଖାନାକୁ ଗିଳି ପକାଇବ । ପୁଞ୍ଜିବାଦର ସିଦ୍ଧାନ୍ତ ମଧ୍ୟ ଏହା ହିଁ ଯେ ବଡ଼ ମାଛ ଛୋଟ ମାଛକୁ ଗିଳି ଦେଇଥାଏ । ପରନ୍ତୁ ଏହି ପାରମ୍ପରିକ ପୁଞ୍ଜିବାଦ କେବଳ ଯେ ତଳକୁ ଚାଲିଯିବ ତା ନୁହେଁ ବରଂ ପୁଞ୍ଜିବାଦ ଉପଗ୍ରହ ଟେକ୍‌ନିକ୍ ପାଇଁ ଏହି ମାଲିକମାନଙ୍କ କାଠକଣ୍ଢେଇ ପାଲଟିଯିବ ।

ଏବେ ଭାରତରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି । ଭାରତର ଦୁଇ ଧନ କୁବେର କିଛିଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟି ଏଲନ ମସ୍କଙ୍କ ଷ୍ଟାରଲିଙ୍କ ଯେପରି ଭାରତ ଆକାଶରେ ତା'ର ଉପଗ୍ରହ ସ୍ଥାପନ କରିନପାରେ ସେଥିପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି । କିନ୍ତୁ ଏକ ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି ଯେ ପ୍ରଧାନମନ୍ତ୍ରୀ ସ୍ପଷ୍ଟ ଭାବେ ଏଥିପାଇଁ ଅସମର୍ଥତା ପ୍ରକାଶ କରିଛନ୍ତି ଓ କହିଛନ୍ତି ଯେ ଟେକ୍‌ନିକ୍‌ର ବିକାଶ ଏବଂ ଏହାର ପ୍ରୟୋଗକୁ କେମିତି ରୋକାଯାଇ ପାରିବ । ବୋଧହୁଏ ଅମ୍ବାନୀ ଓ ଆଦାନୀ ପ୍ରଧାନମନ୍ତ୍ରୀଙ୍କ ଠାରୁ ଏଭଳି ଉତ୍ତର ଶୁଣିବେ ବୋଲି ଆଶା କରିନଥିଲେ । ଏଣୁ ସେମାନେ ଏବେ ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ଏକଥା ମଧ୍ୟ ସମ୍ଭବ ଯେ ଏ ଦୁହେଁ ସୁପ୍ରିମ କୋର୍ଟଙ୍କ ଶରଣ ନେବା ପଛରେ ପ୍ରଧାନମନ୍ତ୍ରୀଙ୍କ ମୌନ ସମ୍ମତି ରହିଛି । କାରଣ ପ୍ରଧାନମନ୍ତ୍ରୀ ଏକଥା ମଧ୍ୟ ଜାଣନ୍ତି ଯେ ସରକାରୀ ସ୍ତରରେ ଏଲନ ମସ୍କଙ୍କ ଷ୍ଟାରଲିଙ୍କର ଉପଗ୍ରହ ଉପରେ ପ୍ରତିବନ୍ଧକ ଲଗାଇବା ଅସମ୍ଭବ ନହେଲେ ମଧ୍ୟ କଷ୍ଟକର ନିଶ୍ଚୟ । ସରକାରୀ ସ୍ତରରେ ଷ୍ଟାରଲିଙ୍କ ବିରୁଦ୍ଧରେ ପ୍ରତିବନ୍ଧକ ଲଗାଇବାର ଅର୍ଥ ଅସୁବିଧାକୁ ଡାକି ଆଣିବା ଯାହା ପ୍ରଧାନମନ୍ତ୍ରୀଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଯିବ । ଏବେ ସେ ବାବଦରେ ଅଧିକ ଆଲୋଚନା କରାଯିବା ଅନୁଚିତ କାରଣ ଆଗକୁ କ'ଣ ହେବ ସେକଥା ସମୟ କହିବ ।

ଟେକ୍‌ନିକ୍ କେମିତି ଟେକ୍‌ନିକ୍‌କୁ ଆତ୍ମସାତ କରି ପ୍ରଭାବିତ କରାଇଥାଏ ସେକଥା ଦେଖିବା କଥା । ସମୟ ଥିଲା ଯେତେବେଳେ ଲୋକେ ପାଦରେ ଚାଲିବା ବଦଳରେ ଶଗଡ଼ଗାଡି ବା ଘୋଡ଼ାଗାଡିକୁ ଆପଣେଇ ଥିଲେ । ଘୋଡ଼ାରେ ଚଢ଼ି ମଧ୍ୟ ସୈନିକମାନେ ଯୁଦ୍ଧ କରୁଥିଲେ । କେବେ କେବେ ଯୁଦ୍ଧବେଳେ ରଥରେ ଓ ଗାଡିରେ ଭୌଗୋଳିକ ପରିସ୍ଥିତି ଅନୁସାରେ ଓଟ ଓ ହାତୀଙ୍କୁ ମଧ୍ୟ ବ୍ୟବହାର କରାଯାଉଥିଲା । ଲୋକେ ମଧ୍ୟ ବଳଦଗାଡ଼ି, ଘୋଡାଗାଡ଼ି ଆଦି ଗତାଗତ ପାଇଁ ବ୍ୟବହାର କରୁଥିଲେ । ଚାଷ ପାଇଁ ବଳଦର ବ୍ୟବହାର କରାଯାଉଥିଲା । କାଳାନ୍ତରରେ ଗତାଗତ ବା ଯାତାୟାତ ପାଇଁ ମଟରର ବ୍ୟବହାର ହେଲା ଓ ଚାଷ ପାଇଁ ଟ୍ରାକ୍ଟରର ବ୍ୟବହାର ହେଲା । ଯାତାୟତ ପାଇଁ ସାଇକେଲ, ମଟର ସାଇକେଲ, କାର ଏବଂ ପରବର୍ତ୍ତୀ ସମୟରେ ବିମାନ ପର୍ଯ୍ୟନ୍ତ ପହଞ୍ଚିଥିଲା । ନଦୀରେ ଯାତାୟତ ପାଇଁ ଲୋକେ ପ୍ରଥମେ ଭେଳା ଓ ତାପରେ ନୌକାର ବ୍ୟବହାର କରୁଥିଲେ । ପରେ ଜଳଯାହାଜ ଆସିଲା । ସଞ୍ଚାର କ୍ଷେତ୍ରରେ ଲ୍ୟାଣ୍ଡଲାଇନ ଫୋନ ଆସିଲା; ତା'ପରେ ମୋବାଇଲ ଏବଂ ଏବେ ଏଣ୍ଡ୍ରେଏଡ଼ ଟେକ୍‌ନିକ୍ ଏବଂ ଇଣ୍ଟରନେଟ୍ ଆସି ପୁରୁଣା ସମୟର ଟେଲିଫୋନ ବ୍ୟବସ୍ଥାକୁ ପ୍ରାୟତଃ ଶେଷ କରିଦେଇଛି । ଏପରିକ ଡାକ ବିଭାଗ ମଧ୍ୟ ଏବେ ହଜିଯିବାକୁ ବସିଲାଣି ।

ଏକଥା ସତ୍ୟ ଯେ ଯେତେବେଳେ କୌଣସି ବି କ୍ଷେତ୍ରରେ ଉଚ୍ଚମାନର ଟେକ୍‌ନିକ୍‌ର ଆବିଷ୍କାର ହୋଇଥାଏ ତେବେ କେବଳ ଯେ ପୁରୁଣା ଟେକ୍‌ନିକ୍ ଯେ ହଜିଯାଏ ବା ବନ୍ଦ ହୋଇଯାଏ ତା' ନୁହେଁ ବରଂ ତାକୁ ମାଧ୍ୟମ କରି ଗୁଜୁରାଣ ମେଣ୍ଟାଉଥିବା ଲୋକେ ମଧ୍ୟ ରୋଜଗାର ହରାଇଥାନ୍ତି । ଏବେ ଆଉ ଗ୍ରାମାଞ୍ଚଳରେ ହଳ ବଳଦ ଦେଖାଯାଉନି ଦେଖାଯାଉଛି ଟ୍ରାକ୍ଟର । ଲୋକେ ଆଉ ଲୁଗା ସଫା କରିବା ପାଇଁ ଧୋବାଙ୍କ ଉପରେ ନିର୍ଭର ନକରି ୱାସିଂମେସିନ ବ୍ୟବହାର କରୁଛନ୍ତି । ଏବେ ଅମ୍ବାନୀଙ୍କ ଚିନ୍ତା ବଢ଼ିଯାଇଛି । ତା'ର କାରଣ ହେଉଛି ତାଙ୍କ ଜିଓ ସିମ୍ (ମୋବାଇଲ) ବିଏସ୍‌ଏନ୍‌ଏଲ ଓ ଅନ୍ୟ ସଂଚାର ସାଧନକୁ ଗିଳି ପକାଇଥିଲା । କିନ୍ତୁ ଏବେ ଜିଓକୁ ତଳିତଳାନ୍ତ କରିବା ପାଇଁ ସାଟେଲାଇଟ ଟେକ୍‌ନିକ୍ ଆସୁଛି । ଏକଥା ସତ୍ୟ ଯେ ଅମ୍ବାନୀ ପରିବାରର ସମ୍ପତ୍ତି ଧିରୁଭାଇଙ୍କ ପେଟ୍ରୋଲ ପମ୍ପ ଚାକିରୀରୁ ବଢ଼ିନାହିଁ ବରଂ ଦେଶର ଲୋକଙ୍କ ସାମୂହିକ ପୁଞ୍ଜିରୁ ହିଁ ବଢ଼ିପାରିଛି । ଜିଓରୁ ମଧ୍ୟ ବେଶ୍ ଆୟ କରୁଛି ଅମ୍ବାନୀ ପରିବାର । ସାଟେଲାଇଟ ଟେକ୍‌ନିକ୍ ଆସିଲେ ଜିଓ ଖତ ଖାଇଯିବ ନିଶ୍ଚୟ ।

ଏହା ହିଁ ହେଉଛି ପୁଞ୍ଜିବାଦ ଯାହା ଗାଁ- ସହର-ବଜାରରୁ ଆରମ୍ଭ ହୋଇ ଏବେ ମହାକାଶ ପର୍ଯ୍ୟନ୍ତ ପହଞ୍ଚିଗଲାଣି । ସାଟେଲାଇଟ ଟେକ୍‌ନିକ୍‌ର ପ୍ରଭାବ ଦେଶ ଓ ଦୁନିଆର ଲୋକଙ୍କ ଉପର ପଡିବ । ଅନୁମାନ ଅନୁସାରେ ଦେଶର ଇଣ୍ଟରନେଟ ଏବଂ ଏଣ୍ଡଏଡ଼ ଟେକ୍ନୋଲୋଜି ବ୍ୟବସାୟୀ ମୋବାଇଲ ବିକ୍ରେତା ଏପରିକି ମୋବାଇଲ ନିର୍ମାଣକାରୀ ସଂସ୍ଥା ଓ ସିମ୍ ପ୍ରସ୍ତୁତକାରୀ ସଂସ୍ଥା ଏହାଦ୍ୱାରା ପ୍ରଭାବିତ ହେବେ । ଲକ୍ଷ ଲକ୍ଷ ଲୋକ ରୋଜଗାର ହରାଇବେ । ସିମ୍ ବା ଚିପ୍ ପ୍ରସ୍ତୁତ କରୁଥିବା କୋରିଆ, ଚୀନ ଓ ଭିଏତନାମର କମ୍ପାନୀ ମାନେ ମଧ୍ୟ ପ୍ରଭାବିତ ହେବେ କାରଣ ସାଟେଲାଇଟ ଫୋନରେ ସିମ୍‌ର ବ୍ୟବହାର ହେବନାହିଁ । ଏହି ଫୋନର ନିର୍ମାଣ କେବଳ ଏଲନ ମସ୍କଙ୍କ କମ୍ପାନୀ କରିବେ । ଆଉ ସ୍ପେକ୍‌ଟ୍ରମର ଆବଶ୍ୟକତା ପଡିବ ନାହିଁ କିମ୍ବା ସ୍ପେକ୍ଟ୍ରମ ନିଲାମରେ ଭ୍ରଷ୍ଟାଚାର ମଧ୍ୟ ହେବ ନାହିଁ । ସାଟେଲାଇଟ ଟେଲିଫୋନ୍‌ର ନିର୍ମାଣ ଷ୍ଟାରଲିଙ୍କ କରିବ କାରଣ ସଂପୃକ୍ତ ମେସିନକୁ ଚାଲୁ କରିବାର କ୍ଷମତା ବା ସାଟେଲାଇଟ୍ ଫୋନ୍‌କୁ ଜୀବନ୍ତ କରିବାର କ୍ଷମତା ଏଲନ ମସ୍କଙ୍କ ପାଖରେ ହିଁ ରହିଛି । ରୋବଟ ଉଦ୍ୟୋଗକୁ ମଧ୍ୟ ଏହା ପ୍ରଭାବିତ କରିବ । ଏବେ ଯେଉଁ କମ୍ପାନୀମାନେ ଏଆଇରେ ଚାଲୁଛନ୍ତି ସେମାନଙ୍କୁ ଚଳାଇବା ପାଇଁ ସାଟେଲାଇଟ ଟେକ୍‌ନିକ୍‌ର ବ୍ୟବହାର କରିବାକୁ ପଡିବ । ଆମାଜନ ହେଉଛି ବିଶ୍ୱର ସର୍ବ ବୃହତ୍ତମ ମାର୍କେଟିଙ୍ଗ କମ୍ପାନୀ । ଆମେରିକାର ୱାଶିଂଟନ ଠାରେ ଥିବା ଏହାର ମୁଖ୍ୟ କାର୍ଯ୍ୟାଳୟରେ ୭ହଜାର ରୋବଟ କାମ କରୁଛନ୍ତି । ଯେଉଁଠି ଲକ୍ଷେରୁ ଅଧିକ ଲୋକ କାମ କରିଥାନ୍ତେ ୭ହଜାର ରୋବଟ ସେଇ କାମକୁ କରିପାରୁଛନ୍ତି । ଏଣୁ ଟେକ୍‌ନିକ୍ କେତେ ଦୂରରେ ପହଞ୍ଚିଛି ସେ କଥା ଅନୁମେୟ । ଏସବୁରୁ ସ୍ପଷ୍ଟ ଯେ ପୁଞ୍ଜିବାଦ ଏବେ ଗାଁ-ସହର-ବଜାରରୁ ଯାଇ ମହାକାଶରେ ପହଞ୍ଚିବାକୁ ବସିଲାଣି ଓ ଟେକ୍‌ନିକ୍ ଏହି ପୁଞ୍ଜିବାଦକୁ କାଠ କଣ୍ଢେଇ ପରି ନଚେଇବାରେ ଲାଗିଛି । ଏଲେନ ମସ୍କଙ୍କ ସାଟେଲାଇଟ ଟେକ୍‌ନିକ୍ କିନ୍ତୁ ଅନ୍ୟ ଦେଶମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ପ୍ରଭାବିତ କରିବ ନିଶ୍ଚୟ ଯେଉଁଥି ପାଇଁ ଏବେ ଠାରୁ ଏ ଦିଗରେ ସଚେତନ ହେବା ଆବଶ୍ୟକ ।

# ଆସ ହଟେଇବା ହସ ଦୁର୍ଭିକ୍ଷ



ଭାସ୍କର ବାରିକ୍
ବାସୁଦେବପୁର, ଭଦ୍ରକ
ମୋ: ୯୪୩୭୩୨୦୩୫୦

୨୦୨୪ରେ ବିଶ୍ୱରେ ୧୪୩ଟି ଦେଶକୁ ନେଇ ହୋଇଥିବା ବିଶ୍ୱ ଖୁସି ତାଲିକାରେ ଭାରତର ସ୍ଥାନ ୧୨୬ ତମ । ଏହି ବିଶ୍ୱ ଖୁସି ତାଲିକାରେ ଗତ ସାତବର୍ଷ ଧରି ଲଗାତର ଭାବରେ ଫିନଲ୍ୟାଣ୍ଡ ରହିଛି ସବୁଠୁ ଆଗରେ । ଅର୍ଥାତ୍ ଫିନଲ୍ୟାଣ୍ଡରେ ବାସ କରୁଥିବା ଲୋକମାନେ ଦୁନିଆରେ ସବୁଠାରୁ ଖୁସିରେ ଶାନ୍ତିରେ ଅଛନ୍ତି । ଏକଥା ଏଠାରେ କହିରଖେ ଯେ ବିଶ୍ୱର ବିଭିନ୍ନ ଦେଶମାନଙ୍କର ସୋସିଆଲ ସପୋର୍ଟ ସିଷ୍ଟମ, ଲୋକଙ୍କ ଆୟ, ସ୍ୱାସ୍ଥ୍ୟସେବା, ଉପଭୋଗ କରୁଥିବା ସ୍ୱାଧୀନତା, ଦୟା ମନୋଭାବ ବା ଅନ୍ୟକୁ ସାହାଯ୍ୟ କରିବାର ଆନ୍ତରିକତା, ଦୁର୍ନୀତି ନିବାରଣ ଇତ୍ୟାଦି ବିଷୟକୁ ନେଇ ୟୁନଓ ସଷ୍ଟେନେବୁଲ ଡେଭଲପମେଣ୍ଟ ସଲ୍ୟୁସନ ନେଟୱର୍କ, ଗଲଅପ୍ ଏବଂ ଅକ୍ସଫୋର୍ଡ ୱେଲବିଙ୍ଗ ରିସର୍ଚ୍ଚ ସେଣ୍ଟର ଏମିତି ଏକ ରିପୋର୍ଟ ତିଆରି କରିଥାନ୍ତି । ପ୍ରତିବର୍ଷ ଏହି ତାଲିକା ପ୍ରକାଶିତ ହୁଏ ମାର୍ଚ୍ଚ ମାସ ୨୦ ତାରିଖରେ ଓ ସେହି ଅନୁସାରେ ପାଳନ ହୁଏ ଇନଷ୍ଟରନ୍ୟାସନାଲ ଡେ ଅଫ୍ ହାପିନେସ । ଏହି ତଥ୍ୟରୁ ଜଣାପଡୁଛି ଯେ ଏକଦା ବିଶ୍ୱଗୁରୁ ଆସନରେ ପୂଜିତ ଭାରତବର୍ଷର ଅଧିବାସୀମାନେ ଏବେ ଖୁସିରେ ଶାନ୍ତିରେ ନାହାଁନ୍ତି ଓ ଆମେ ମନଖୋଲା ହସ ହସି ପାରୁନୁ । ଏହା ପଛରେ କାରଣମାନଙ୍କ ମଧ୍ୟରେ ରହିଛି, ଆମେ ସାମାଜିକ ସ୍ତରରେ ପରସ୍ପରକୁ ଆନ୍ତରିକତାର ସହିତ ସାହାଯ୍ୟ ସହଯୋଗ କରିବାରେ କୁଣ୍ଠିତ । ଆମେ ସମସ୍ତେ ଅତ୍ୟଧିକ ସ୍ୱାର୍ଥପର ଓ ସୁବାଧାବାଧି ହୋଇ ଯାଇଛୁ । ନିଜେ ବଞ୍ଚିଲେ ବାପର ନାଁ ନ୍ୟାୟରେ ଆମେ ଅନେକ କ୍ଷେତ୍ରରେ ନିଜ ଇଚ୍ଛାରେ ବାଟ ଚାଲୁଛୁ । ଅର୍ଥ ପାଖରେ ଜ୍ଞାନ, ଅଭିଜ୍ଞତା, ବୟସ ଓ ସମ୍ପର୍କର ମାନେ କିଛି ରହୁନି । ବୟସର ଅପରାହ୍ନରେ ଆମେ ନିଜ ବାପାମାଆଙ୍କର ଯତ୍ନ ଠିକ୍ ଭାବରେ ବି ନେଉନୁ ଯେଉଁଥିପାଇଁ ପବିତ୍ର ଭାରତବର୍ଷରେ ଏବେ ଗଢ଼ି ଉଠୁଛି ଶହ ଶହ ବୃଦ୍ଧାଶ୍ରମ ଓ ଅନାଥାଶ୍ରମ । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆମେ ପଛରେ । ଗରିବ ଲୋକଟିଏ କୌଣସି ବଡ଼ ରୋଗରେ ପଡ଼ିଲେ, ଅର୍ଥ ଅଭାବରୁ ଛଟପଟ୍ ହୋଇ ମରୁଛି । ଆମ ଲୋକଙ୍କ ଆୟ ନେଇ ସେମାନେ ଖୁସି ନୁହନ୍ତି । ଯୋଗ୍ୟତା ଥାଉ କି ନଥାଉ, ଆମର ଆଶା ଆକାଂକ୍ଷା ବହୁତ ଉପରେ । ଦୁର୍ନୀତିର ଚେର ଗଭୀରରୁ ଗଭୀର ହେବାରେ ଲାଗିଛି । ଆମେ ସମସ୍ତେ ଦୟା, କରୁଣା ଓ ମାନବୀୟ ଗୁଣ ପାଖରୁ ଦୂରେଇ ଦୂରେଇ ଚାଲିଛୁ । ହୃଦୟରେ ଥିବା କଅଁଳା ଶିଶୁର ତଣ୍ଟି ଚିପି ହତ୍ୟା କରୁଛୁ । ଏମିତି କଲେ ବିଶାଳ ନୀଳ ଆକାଶ ଛାତିରେ ଇନ୍ଦ୍ରଧନୁର ସୁନ୍ଦରତାକୁ କେମିତି ଆମେ ଉପଭୋଗ କରି ପାରିବା । ଲୋଭ, ମୋହ, କ୍ରୋଧ, ଅପରାଧ ପ୍ରବଣତା, ପରଶ୍ରୀକାତରତା, ଅସହିଷ୍ଣୁତା, ଅନ୍ୟକୁ ବିପଦ ସମୟରେ ସାହାଯ୍ୟର ହାତ ବଢ଼ାଇବା ବଦଳରେ ବିପଦରେ ପଡ଼ିଥିବା ଲୋକକୁ କେମିତି ଆହୁରି ବିପଦ ଭିତରକୁ ଠେଲିଦେଲି ହେବ, ସେହି ପ୍ରକାର ମାନସିକତା ଆମ ଭିତରେ ବସା ବାନ୍ଧୁଛି । ଆପଣ ଅଧିକାଂଶ ଘରେ ଦେଖନ୍ତୁ, ସାଙ୍ଗରେ ବସି ପରିବାରର ସମସ୍ତ ସଦସ୍ୟମାନେ ଖାଇବା ଆଉ ଦେଖିବାକୁ ମିଳୁନାହିଁ । ଭାଇ ଭାଇ, ଭାଇଭଉଣୀ, ବାପପୁଅ, ମାଆଝିଅ, କକାପୁତୁରା, ମାମୁଁ ଭାଣିଜୀ ଇତ୍ୟାଦି ଭିତରେ ସମ୍ପର୍କର ବନ୍ଧନ ଆଉ ସେତେଟା ମଜଭୁତ ଥିଲା ଭଳି ଲାଗୁନି । ସବୁଠି ବିଧ୍ୱଂସକାରୀ ଓରଙ୍ଗଜେବ ମାନସିକତା । ଛାତ୍ର ଶିକ୍ଷକଙ୍କ ଭିତରେ ଅଜବ ସମ୍ପର୍କ । ଶିକ୍ଷକମାନେ ନିଜର ଚାକିରୀ ବଞ୍ଚେଇବା ନାମରେ ବିଶୃଙ୍ଖଳିତ ଆଚରଣ କରୁଥିବା ପିଲାଙ୍କୁ ଶୃଙ୍ଖଳିତ କରିବାରେ ଅକ୍ଷମ । ଯଦି କିଛି କହିବେ, ବିଦ୍ୟାଳୟ କାନ୍ଥରେ ଲେଖା ଯାଇଛି ଟୋଲ୍ ଫ୍ରି ନମ୍ବର । ଗୋଟେ ପିଲାର ଗୋଟିଏ ଫୋନ୍ କଲରେ ବିଚରା ଶିକ୍ଷକ ହଇରାଣ ହେଇଯିବ । ହଁ, ଆଉ ଗୋଟିଏ କଥା, ବେଳେ ବେଳେ ଦେଖାଯାଉଛି ଜଣେ ଦୁଇଜଣ ବିଶୃଙ୍ଖଳିତ ଶିକ୍ଷକଙ୍କ ଚରିତ୍ରରେ ଚକିତ କଲା ଭଳି କଦର୍ଯ୍ୟ କଦାକାର ଆଚରଣ ପାଇଁ ସମଗ୍ର ଶିକ୍ଷକ ସମାଜ ବଦନାମ ହେଉଛନ୍ତି । ଶୃଙ୍ଖଳାର ଘୋର ଅଭାବ ପରିଲକ୍ଷିତ ହେଉଛି । ଗୋଟିଏ ଛାତତଳେ ଥାଇ ବି ଆମ ପରିବାରର ସଦସ୍ୟ ମାନଙ୍କ ଭିତରେ ମାଇଲ୍ ମାଇଲ୍ ଦୂରତା । ପରସ୍ପର ସହିତ ନିଜର ସୁଖଦୁଃଖ ଉପରେ ବିଶେଷ ଆଲୋଚନା କରୁନୁ କି ମିଳିତଭାବେ ସମସ୍ୟାର ସମାଧାନର ସୂତ୍ର ବାହାର କରୁନୁ ? ନିଜେ ନିଜକୁ ସର୍ବଜ୍ଞ ବୋଲି ଭାବୁଛୁ । ପାଖରେ ଥାଇ ବି ଆମେ ପରସ୍ପର ସହିତ କଥାହେବା ଅପେକ୍ଷା ଆମ ନିଜ ଦୁନିଆରେ ହାତରେ ଗୋଟିଏ ମୋବାଇଲ ଧରି । ଏ କେଉଁ ପ୍ରକାରର ଜୀବନ । ନିଃସଙ୍ଗ ଜୀବନର ଅସହାୟତା ମଣିଷର କଳିଜାକୁ ଖାଇ ଚାଲିଛି । ଏମିତି ଜୀବନ ଜିଇଁଲେ ଆମେ ହସିବା କେମିତି । ଆମ ହୃଦୟ ଯଦି ଅନ୍ୟର ଦୁଃଖରେ କାନ୍ଦିଲା ନାହିଁ, ଆଖିରୁ ଦୁଇଟୋପା ଲୁହ ଗଡ଼ି ପଡିଲାନି, ତେବେ ଆମେ କି ମଣିଷ ?

ଛୋଟବେଳୁ ଆମେ ଜାଣିଛୁ ଖାଦ୍ୟ, ବସ୍ତ୍ର ଓ ବାସଗୃହ ବଞ୍ଚିବା ପାଇଁ ମଣିଷର ସର୍ବନିମ୍ନ ଆବଶ୍ୟକତା । ଏତିକି ଆବଶ୍ୟକତା ପୂରଣ ହେଇଗଲା ପରେ ଆମେ ଖୋଜୁ ଆଉ ଟିକିଏ ଆରାମଦାୟକ ଜୀବନ । ଯଦି ସାଇକେଲ ଖଣ୍ଡେ ଅଛି, ଆମେ ଚିନ୍ତାକରୁ ସାଇକେଲ ବଦଳରେ କେମିତି ମୋଟରସାଇକେଲ ଚଢ଼ିବୁ । ଯାହାର ମୋଟରସାଇକେଲ ଅଛି, ସେ ସ୍ୱପ୍ନ ଦେଖେ ଚାରିଚକିଆ ଯାନଟିଏ କିଣିବା ପାଇଁ । ମଣିଷ ମନରେ ଆଶାର ତୃଷ୍ଣା କେବେ ମରେନା । ନମରିବା ବି ଉଚିତ୍ । ଆଶା ବିଶ୍ୱାସ ଭରଷା ମରିଗଲେ, ଜୀବନ ଜିଇଁବାର ସ୍ୱପ୍ନ ମଉଳି ଯିବ । କିନ୍ତୁ ଆଶା ଆକାଂକ୍ଷା ଓ ଲୋଭ ମୋହ ଭିତରେ ଥିବା ପାର୍ଥକ୍ୟକୁ ଆମକୁ ବୁଝିବାକୁ ହେବ । ଗୋଟିଏ ଆଶା ପୂରଣ ହେଇଗଲା ପରେ ମନରେ ଆଉ ଗୋଟିଏ ଆଶା ବସା ବାନ୍ଧେ । ଲୋଭ ବଢ଼ି ବଢ଼ି ଚାଲେ । ଶେଷରେ ଆମ ସମସ୍ତଙ୍କ ଜୀବନ ଲିଓ ଟଲଷ୍ଟୟଙ୍କ କାଳଜୟୀ ଗଳ୍ପ 'ହାଓ ମଚ୍ ଲ୍ୟାଣ୍ଡ ଡଜ୍ ଏ ମ୍ୟାନ ନିଡ୍'ର ଚରିତ୍ର ପେହୋମ ପରି ଶେଷ ହୁଏ । ଅର୍ଥ ପ୍ରାଚୁର୍ଯ୍ୟତା ପଛରେ ଦୌଡି ଦୌଡି ଶେଷରେ ହାଲିଆ ହୋଇ ଶୋଇଯାଉ କୋକେଇ କୋଳରେ । ସବୁ ଥାଇ କିଛି ନଥିଲା ପରି ଅନୁଭବ । ଶାନ୍ତି ରହିତ ଏମିତି ମୂଲ୍ୟହୀନ ଜୀବନର ମାନେ କ'ଣ ? ଆଧୁନିକ ଶିକ୍ଷା, ବିଜ୍ଞାନ, ଜ୍ଞାନକୌଶଳ ଓ ପ୍ରଯୁକ୍ତିବିଦ୍ୟାକୁ ପାଥେୟ କରି ଅର୍ଥନୈତିକ ସଫଳତାର ଶିଢି ଚଢିବାରେ କିଛି ଅସୁବିଧା ନାହିଁ । କିନ୍ତୁ କଥା ହେଉଛି ଶିକ୍ଷା ଓ ସଫଳତା ସହିତ ଯଦି ଆଧ୍ୟାତ୍ମିକତାର ଭୁରୁ ଭୁରୁ ବାସ୍ନା ଜଡ଼ିତ, ତାହେଲେ ମନରେ ଆଉ କୁ-ଚିନ୍ତା ଓ ଅବଶୋଷ ଆସିବାର ସମ୍ଭାବନା ସେତେଟା ରହିବ ନାହିଁ । ନକରାତ୍ମକ ଚିନ୍ତାକୁ ସହଜରେ ପ୍ରତିହତ କରିହେବ । ଈଶ୍ୱରୀୟ ଚିନ୍ତା ଚେତନା ମଣିଷକୁ ଠିକ୍ ବାଟରେ ନେଇଯିବ । କିନ୍ତୁ ସେତିକି ନାହିଁ ବୋଲି ତ ଆମେ ମନଖୋଲା ହସ ହସି ପାରୁନୁ । ବାସ୍ତବ ଖୁସି, ଶାନ୍ତି ଓ ହସର ଭୟଙ୍କର ମରୁଡ଼ି ଓ ଦୁର୍ଭିକ୍ଷ ଚାରିଆଡ଼େ । ପ୍ରକୃତରେ ଆମ ମନ ହୃଦୟରେ ଈଶ୍ୱରୀୟ ଚେତନା ରହିଲେ, ମାନବୀୟ ଗୁଣର ମିଠା ମଧୁର ସ୍ୱର ଝଙ୍କୃତ ହେବ । ହୃଦୟରେ ଶାନ୍ତି ଓ ମନରେ ଖୁସି ଥିଲେ, ଓଠରୁ ଆପେ ଆପେ ଝରିପଡିବ ହସ । ଏକ ଦୀର୍ଘ ନିରୋଗ ସୁଖମୟ ଜୀବନ ପାଇଁ ମାଗଣାରେ ମିଳୁଥିବା ହସ ଏକ ଭଲ ଔଷଧ । କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ଏମିତି ଲାଗୁଛି ଯେମିତି କାହାରି ମନରେ ଖୁସି ନାହିଁ । ଯାହା ପାଖରେ ଅର୍ଥର ଅଭାବ ସେ ଦୁଃଖି ଓ ଯାହା ପାଖରେ ଅର୍ଥର ପ୍ରାଚୁର୍ଯ୍ୟତା ଅଛି, ଆହୁରି ପାଇବା ଲୋଭରେ ସେ ବି ଦୁଃଖି । ଅଧିକାଂଶ ଲୋକଙ୍କ ମୁହଁରୁ ହସ ଯେମିତି ଉଭାନ ହୋଇଯାଇଛି । ସକାଳେ ବିଛଣାରୁ ଉଠିବା ପାଖରୁ ରାତିରେ ଶୋଇବାକୁ ଯିବା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଉଦ୍ଭଟ ଚିନ୍ତା ମନକୁ ଗ୍ରାସ କରୁଛି । ଏହି ଚିନ୍ତା ଡାକି ଆଣୁଛି ଉଚ୍ଚ ରକ୍ତଚାପ ଓ ମଧୁମେହ ଭଳି ରୋଗକୁ । ବର୍ଷା ନହେଲେ ଚାଷକାର୍ଯ୍ୟ ହେଇ ପାରେନି, ମାଟି ଶୁଖି ଫାଟିଯାଏ । ସେମିତି ଓଠରେ ହସର ଦୁର୍ଭିକ୍ଷ ସୂଚେଇ ଦେଉଛି ଆମ ଛାତି କଳିଜାର ଶୁଷ୍କତାକୁ । ନିଜେ ହସି ଅନ୍ୟକୁ ହସେଇବାର କଳା ଆମ ସମସ୍ତଙ୍କ ଭିତରେ ଅଛି । କିନ୍ତୁ ଆମେ ନିଜକୁ ବହୁତ ସଙ୍କୁଚିତ କରି ଆତ୍ମ ସର୍ବସ୍ୱ ଦୁନିଆକୁ ଆପଣେଇ ନେଉଛୁ । ଅତ୍ୟଧିକ ସ୍ୱାର୍ଥପର ସୁବିଧାବାଦୀ ହେଇ ମନଖୋଲା ହସ ହସି ପାରୁନୁ । ଉଦାହରଣ ସ୍ୱରୂପ ଆପଣ ଜଣେ ଆପଣଙ୍କର ଅନ୍ତରଙ୍ଗ ସାଙ୍ଗକୁ ଭେଟନ୍ତୁ, ତାଙ୍କ ସହିତ କେଇପଥ ମନଖୋଲା କଥା ହୁଅନ୍ତୁ । ଆପଣ ଭାବୁଥିବେ ସାଙ୍ଗ ସହିତ କଥାହେଇ ମୁଁ ମୋର ହୃଦୟକୁ ଟିକେ ହାଲୁକା କରିଦେବି କିନ୍ତୁ ସାଙ୍ଗ କହି ଚାଲିବ ତା ନିଜ ହୃଦୟରେ ସାଇତା ଅନେକ ଦୁଃଖ । ଘରେ ଅଭାବ, ବାପାମାଆ ବୁଢ଼ାବୁଢ଼ୀ ହେଲେଣି । ସାନଭାଇ ବାହାରେ ନିଜ ପରିବାର ସହିତ । ଘର କଥା କିଛି ବୁଝୁନି । ମୁଁ ସକାଳୁ ସନ୍ଧ୍ୟା ଯାଏ ଅଫିସ୍‌ରେ ଖଟୁଛି । ବିଳମ୍ବିତ ସନ୍ଧ୍ୟାରେ ଘରକୁ ଫେରିଲେ, ସ୍ତ୍ରୀର ବିଭିନ୍ନ ଫରମାଇସ୍ । ଘରେ ଆଳୁ ପିଆଜ ଗ୍ରୋସରୀ ସରି ଯାଇଛି । କ୍ଷୀରବାଲାର ପଇସା ବାକି ଅଛି । ବର୍ଷେ ହେଲାଣି ସିନେମା ଟିକିଏ ଦେଖେଇ ନେଇନ । ଏମିତି କେତେ କ'ଣ । ଏତେ ସମସ୍ୟା ଭିତରେ କ'ଣ ସାଂସାରିକ ଜୀବନରେ ଖୁସି ନାହିଁ, ନିଶ୍ଚିତ ଅଛି । ସବୁବେଳେ ଖାଲି ନକାରାତ୍ମକ ଭାବନାକୁ ପ୍ରଶ୍ରୟ ଦେଲେ, ମନ ଭିତରେ ସକାରାତ୍ମକ ଚିନ୍ତା ଆସିବ କେମିତି । ତେଲ ଲୁଣର ସଂସାର ଭିତରେ ଏମିତି ଅନେକ ଘଟଣା ଘଟେ, ଅନେକ ସମସ୍ୟା ଆମ ଜୀବନରେ ଆସେ । କିନ୍ତୁ ଏସବୁକୁ ଡେଇଁ ଆମକୁ ଆଗକୁ ଯିବାକୁ ପଡ଼ିବ । ଦୁଃଖ ନଥିଲେ ସୁଖ ଖୁସିର ସ୍ୱାଦ ଜାଣିବା କେମିତି । ମଣିଷର ସବୁ ଅଭାବ ଯଦି ଆପଣାଛାଏଁ ପୂରଣ ହେଇ ଯାଉଥାନ୍ତା, ତାହେଲେ ମଣିଷ ଆଉ ସର୍ବଶ୍ରେଷ୍ଠ ସର୍ବଶକ୍ତିମାନ ଈଶ୍ୱରଙ୍କୁ ମନେ ପକାନ୍ତା ନାହିଁ । ତେଣୁ, ଜୀବନରେ ସୁଖ ଥାଉ କି ଦୁଃଖ ଥାଉ, କୌଣସି ପରିସ୍ଥିତିରେ ଧୈର୍ଯ୍ୟହରା ହେବା ନାହିଁ । ଧୈର୍ଯ୍ୟ ହରେଇଲେ, ଆଗକୁ ବଢିବା କଷ୍ଟକର ହେବ । ସଫଳତା ଆମ ପାଇଁ ଏକ ମରିଚିକା ପାଲଟି ଯିବ । ଗୋଟେ କଥା, କଠିନ ପରିଶ୍ରମ ସହିତ ଅନ୍ତରରେ ସବୁବେଳେ ହରିନାମ ଓ ଓଠରେ ହସ ଥିଲେ, ଅସମ୍ଭବ ଆପଣାଛାଏଁ ସମ୍ଭବ ହେଇଯିବ । ଆମେ ଆମର ସଫଳତାକୁ ନେଇ ଗର୍ବରେ ଫାଟି ପଡ଼ିବାର ନାହିଁ କି ବିଫଳତାରେ ଉଦାସ ହେବାର ନାହିଁ । ଆମେ ଅମୃତ ସନ୍ତାନ, ଈଶ୍ୱରଙ୍କ ସନ୍ତାନ । ପରମେଶ୍ୱର ଆମର ପିତା । ତାଙ୍କର ସନ୍ତାନ ଭାବରେ ଆମ ଭିତରେ ଈଶ୍ୱର ଦେଇଥିବା ଗୁଣକୁ ଆମେ ଚିହ୍ନିବା ଦରକାର ।

ଏକଦା ଆକାଶରେ ଭୟଙ୍କର ଝଡ଼ର ସୂଚନା ଥିଲା । ଠିକ୍ ସେହି ସମୟରେ ଓଡ଼ିଶାର ବରପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକ ତାଙ୍କର ଉଡାଜାହାଜ ଷ୍ଟାର୍ଟ କରିଥିଲେ ଆକାଶ ମାର୍ଗରେ ଯିବାପାଇଁ । ଏରୋଡ୍ରମର ଅଧିକାରୀମାନଙ୍କ ପକ୍ଷରୁ ତାଙ୍କୁ ସୂଚନା ଦିଆଗଲା, ବିପଦ ଅଛି, ଝଡ଼ ସମୟରେ ଉଡାଜାହାଜ ନଉଡେଇବା ପାଇଁ । କିନ୍ତୁ ଦୁଃସାହସିକ ବିଜୁବାବୁଙ୍କ ଉତ୍ତର ଥିଲା, ଏହା ହେଉଛି ବିଜୁ ପଟ୍ଟନାୟକଙ୍କ ଉଡାଜାହାଜ ଯାହା କେବଳ ଝଡ଼ ସମୟରେ ଉଡ଼ି ପାରିବ । ଚିନ୍ତା କରନ୍ତୁ । ଏହି ସାହସ, ବିପଦକୁ ମୁକାବିଲା କରିବାର କଳା ଓ ଦୂରଦୃଷ୍ଟି ପାଇଁ ବିଜୁବାବୁ ମରି ବି ଅମର । ବିଜୟ ସବୁବେଳେ ସେହିମାନଙ୍କ ସପକ୍ଷରେ ଯାଏ ଯେଉଁମାନେ ଭାବିଚିନ୍ତି ସାହସିକ ପଦକ୍ଷେପ ନେବାର କ୍ଷମତା ରଖନ୍ତି । ଜୀବନ ଆଜି ଅଛି, ଆସନ୍ତାକାଲି କ'ଣ ହେବ, ସେକଥା ସମସ୍ତଙ୍କୁ ଅଜଣା । ହାରି ଯିବାର ଡରରେ ଜିଇଁଲେ, ଜୀବନ ଜିଇଁବା ମୁସ୍କିଲ ହେବ । ଓଠରୁ ହସ ଲିଭିଯିବ । ଆମେ ସମସ୍ତେ ଏକ ଥଣ୍ଡା ପାନୀୟ 'ମାଉଣ୍ଟେନ ଡିୟୁ'ର ଏକ ଏଡଭର୍ଟାଇଜମେଣ୍ଟ ଦେଖିଛେ ଯାହାର ଟାଗଲାଇନ୍ ରହିଛି 'ଡର କେ ଆଗେ ଜିତ୍ ହେ' । ଅର୍ଥାତ୍ ଡରକୁ ହରେଇ ଆଗକୁ ଯାଇ ପାରିଲେ, ବିଜୟର ମନଖୋଲା ହସ ସୁନିଶ୍ଚିତ । ବିଜୟ ପାଇଁ, କଠିନ ପରିଶ୍ରମର ଆବଶ୍ୟକତା ନିଶ୍ଚିତ ରହିଛି । କଠିନ ପରିଶ୍ରମ ସହିତ ଈଶ୍ୱରଙ୍କ ଆଶିଷ ବି ନିହାତି ଜରୁରି । ସଫଳତା ପାଇବା ପରେ ଆମେ ଯଦି ନମ୍ର, ଭଦ୍ର, ଶାନ୍ତ ରହିବା, ସବୁ ଈଶ୍ୱରଙ୍କ ଆଶିଷ ବୋଲି ବିବେଚନା କରିବା, ତା'ହେଲେ ଆମେ ଆଉ ଅହଂକାରୀ ହେବା ନାହିଁ । ସୁଖ ଆସୁ, ଦୁଃଖ ଆସୁ, ସବୁ କଥାକୁ ସହଜରେ ନେଇପାରିବା । ଆଜି ପଇସା ଅଛି, ମାଂସ ଭାତ ଖାଇବା ଖୁସିରେ, ଆସନ୍ତାକାଲି ଯଦି ସେମିତି ପରିସ୍ଥିତି ଆସିଲା ତା'ହେଲେ ଶାଗ ପଖାଳରେ ପେଟ ପୂରେଇବା । ବିବ୍ରତ କି ବ୍ୟସ୍ତ ହେବା ନାହିଁ କୌଣସି ପରିସ୍ଥିତିରେ । ଦୁଃଖ ଭିତରେ ଆମକୁ ସୁଖର ଆଲୁଅ ଖୋଜିବାକୁ ହେବ । ମନେ ରଖିବା ସବୁ ଅନ୍ଧାର ସୁଡ଼ଙ୍ଗର କେଉଁଠି ନା କେଉଁଠି ଶେଷ ଅଛି । ସେହି ଆଲୁଅର ସନ୍ଧାନରେ ଆମକୁ ଚାଲିବାକୁ ହେବ, ରାସ୍ତା ଖୋଜି ବାହାର କରିବାକୁ ହେବ । କାହାର ଅଚଳାଚଳ ଧନ ସମ୍ପଦ ଦେଖି ଆମର ଈର୍ଷା କରିବାର ନାହିଁ । ଈର୍ଷାପରାୟଣ ହେଲେ ଦୁଃଖର ଭାର ଆହୁରି ବଢିଯିବ । ଆମେ ଯେଉଁଠି ଅଛନ୍ତି, ଆମ ତଳେ ଆହୁରି କୋଟି କୋଟି ଲୋକ ଅଛନ୍ତି । ସେମାନଙ୍କ ଅବସ୍ଥା ଆମଠାରୁ ଦୟନୀୟ । ଏମିତି ଚାଲିଛି ଦୁନିଆ । ଈର୍ଷା, ଦ୍ୱେଷ, କ୍ରୋଧ, ଅହଂକାର, ପରଶ୍ରୀକାତରତା ଠାରୁ ନିଜକୁ ଦୂରେଇ ରଖିବା । ମନ ହୃଦୟକୁ ସବୁବେଳେ ଥଣ୍ଡା ରଖିବା, କର୍ମ କରିବା ସହିତ ଈଶ୍ୱରଙ୍କ ପାଦତଳେ ନିଜକୁ ସମର୍ପଣ କରିଦେବା । ପରୋପକାରୀ, ସମ୍ବେଦନଶୀଳ ହେବା ସହିତ ସମାଜର ସେବାରେ ନିଜର ଶକ୍ତି ମୁତାବକ ଯେତିକି ପାରିବା, ନିଜକୁ ନିୟୋଜିତ କରିବା । ମଣିଷ ଭାବରେ, ଈଶ୍ୱରଙ୍କ ସୃଷ୍ଟିର ଶ୍ରେଷ୍ଠ ଜୀବ ଭାବରେ ସମସ୍ତ ମାନବୀୟ ଗୁଣକୁ ହୃଦୟରେ ସ୍ଥାନ ଦେଇ ଜଣେ ଭଲ ମଣିଷ ହେବାକୁ ସବୁବେଳେ ଚେଷ୍ଟିତ ହେବା । ଜଣେ ଭଲ ମଣିଷ ହେଲେ, ଈଶ୍ୱରଙ୍କ ଆଶିଷ ଆମ ଉପରେ ନିଶ୍ଚିତ ରହିବ । ଈଶ୍ୱରଙ୍କ ଆଶିଷ ରହିଲେ ଆମେ ମନଖୋଲା ହସ ହସି ପାରିବା । ଆପେ ଆପେ ଦୁନିଆଁରୁ ହସର ଦୁର୍ଭିକ୍ଷ ଅପସରି ଯିବ । ସମସ୍ତଙ୍କ ଓଠରୁ ଝରି ପଡିବ ଚେନାଏ ହସ । ଚାରିଆଡ଼େ ଖାଲି ଶୁଭିବ ଶାନ୍ତିର ଓଁକାର ଝଙ୍କାର ଓ ମଣିଷର ମନଖୋଲା ହସର ମଳୟରେ ମହକିଯିବ ଚତୁର୍ଦ୍ଦିଗ । ତା'ପରେ ଆଉ କେହି କହିବେନି ହସର ଦୁର୍ଭିକ୍ଷ ମରୁଡ଼ି ପଡ଼ିଛି ବୋଲି । ଆମେ ଯଦି ଖୁସିରେ ଶାନ୍ତିରେ ଜୀବନଯାପନ କରିବାର କଳା ଶିଖିଯିବା, ତା'ହେଲେ ଆମ ଦେଶ ଭାରତ ବି ବିଶ୍ୱ ଖୁସି ତାଲିକାରେ ନିଶ୍ଚିତ ଉପରକୁ ଯିବ ।

## କଥାକାର ଅଖିଳମୋହନ

ଡ. ଅରୁନ୍ଧତୀ ଦେବୀ

ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ଖବରକାଗଜ ଏକ ଅନବଦ୍ୟ ସୃଷ୍ଟି । ଏଥିରେ ପ୍ରାବନ୍ଧିକ ଲେଖିଛନ୍ତି କାଗଜରୁ ଅନେକ କଥା ହୁଏ । ମାତ୍ର, କାଗଜର ବଡ଼ ସାର୍ଥକତା ହେଉଛି, ଖବରକାଗଜ ହେବାରେ । ଖବରକାଗଜ ଖଣ୍ଡେ କିଣି ହାତରେ ମୋଡ଼ି ଧରିବା ଦରକାର । ନହେଲେ ବିପଦର ସମ୍ମୁଖୀନ ହେବାକୁ ପଡ଼େ । ଖବରକାଗଜ ମାଗିନେଇ ପଢ଼ିବା ଲୋକର ବି ଅଭାବ ନାହିଁ । କ୍ଷମା କରିବେ, କହି କାଗଜ ଖଣ୍ଡ ମାଗି ପଢ଼ନ୍ତି । ଏହି ପ୍ରବନ୍ଧରେ ସେ ଆହୁରି ମଧ୍ୟ ଲେଖିଛନ୍ତି, ଖବରକାଗଜରେ କିଛି ବାହାରିଥିଲେ, ରକ୍ଷା ନାହିଁ । ସେ ବିଷୟରେ ଚର୍ଚ୍ଚା ଆରମ୍ଭ ହୋଇଯାଏ । ଉଠିପଳାଇବାର ଉପାୟ ନଥାଏ । ସ୍ଥାନଟି ବକ୍ତୃତା ମଞ୍ଚରେ ପରିଣତ ହେବାର ଆଶଙ୍କା ଥାଏ । ଅନେକ ବକ୍ତୃତା ଦେବା ପାଇଁ ଖବରକାଗଜ ପଢ଼ନ୍ତି । ତେବେ, ସମୟ ଥିବା ଦରକାର । ପୁଣି ଲେଖିଛନ୍ତି, ପ୍ରୌଢ଼ ଓ ବେକାରମାନେ ହିଁ ଖବରକାଗଜର ମୁଖ୍ୟ ପାଠକ । ପ୍ରବନ୍ଧଟି ଲେଖିଥିଲେ ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ । ସେ ଥିଲେ ସୃଷ୍ଟିଧର୍ମୀ ସାହିତ୍ୟିକ । ଗଳ୍ପ, ଲଳିତ ନିବନ୍ଧ, ଭ୍ରମଣ ବୃତ୍ତାନ୍ତ ଆଦି ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିଥିବା ସ୍ରଷ୍ଟା । ସେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ ଆକାଶର ଏକ ଉଜ୍ଜ୍ୱଳ ନକ୍ଷତ୍ର । ସେ ଥିଲେ ବାସ୍ତବବାଦୀ କଥାକାର । ମୁଁ କାହିଁକି ଲେଖେ ଶୀର୍ଷକରେ ସ୍ପଷ୍ଟ କହିଛନ୍ତି ଜୀବନରେ କୌଣସି ବାସ୍ତବ ଅନୁଭୂତି ଧାରଣ ନକରିବା ପର୍ଯ୍ୟନ୍ତ ମୁଁ ଗଳ୍ପ ଲେଖିବାରେ ମନୋନିବେଶ କରେନାହିଁ । ତାଙ୍କର ଅଧିକାଂଶ ଗପ ଅନୁଭୂତିସିନ୍ଧ ।

ପେସାରେ ଅଖିଳ ମୋହନ ଥିଲେ ଆଇନଜୀବୀ । ଆଉ ଗଳ୍ପ ଲେଖିବା ଥିଲା ନିଶା । କର୍ମମୟ ଜୀବନରେ ସେ ଆଇନ ବ୍ୟବସାୟକୁ କେତେ ସମୟ ଦେଇଥିଲେ ଏବଂ ଗଳ୍ପକୁ କେତେ ସମୟ ଅଜଣା । ତେବେ, ଏହା ସତ୍ୟ ଯେ, ମହକିଲଙ୍କୁ ଉପେକ୍ଷା କରୁନଥିଲେ । ଉଭୟ ଆଇନ ଓ ସାହିତ୍ୟ ସହ ତାଙ୍କର ସଂପର୍କ ଥିଲା । ସାହିତ୍ୟ ଥିଲା ଟିକିଏ ଅଧିକ ନିଜର । ତେଣୁ, କେହି କେହି କହନ୍ତି ଆଇନ ତାଙ୍କର ପତ୍ନୀ ଭଳି ସହାୟିକା ଏବଂ ଗଳ୍ପ ତାଙ୍କର ପ୍ରିୟତମା ପ୍ରେମିକା । ସେ ଥିଲେ ବିଚକ୍ଷଣ ଫୌଜଦାରୀ ଓକିଲ । ଆଇନ ବ୍ୟବସାୟରୁ ରୋଜଗାରକୁ ସେ ଏତେଟା ଗୁରୁତ୍ୱ ଦେଉନଥିଲେ । ସିଧା ଭାଷାରେ କହିଲେ, ଯାହା ମିଳିଲା ସେଥିରେ ସନ୍ତୁଷ୍ଟ ହେଉଥିଲେ । ଉଚ୍ଚଶିକ୍ଷା ଲାଭ ପରେ ଅଖିଳ ମୋହନ ଚାକିରି ନକରି ସ୍ୱାଧୀନ ଭାବେ ଜୀବିକା ଅର୍ଜନ କରିବାକୁ ନିଷ୍ପତ୍ତି ନେଇ, ପ୍ରଥମେ ସାଜିଥିଲେ ଠିକାଦାର । ତାହାପରେ ଓକିଲ । ଓଡ଼ିଶା ଗସ୍ତରେ ଆସିଥିବା ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଟେକା ପଥର ଫୋପାଡି ଲହୁ ଲୁହାଣ କରିଥିବା କଟକର ଅଭିଯୁକ୍ତ ଯୁବକମାନଙ୍କ ପକ୍ଷରୁ ସେ ଅଦାଲତରେ ମାମଲା ଲଢ଼ି, ସମସ୍ତଙ୍କୁ ଦୋଷମୁକ୍ତ କରାଇଥିଲେ । ପିଲାଦିନେ ଅଖିଳ ମୋହନ ଥିଲେ ଚପଳ ଯୌବନରେ ଥଟ୍ଟା ପରିହାସ ପ୍ରିୟ ସଙ୍ଗକୁ ବାମପନ୍ଥୀ ଛାତ୍ରନେତା । ୧୯୮୨ ନଭେମ୍ବର ଆଜିର ଦିନରେ ଏକ ଦୁରାରୋଗ୍ୟ ବ୍ୟାଧିର ଅସ୍ତ୍ରୋପଚାର ପାଇଁ ନିଜେ କାର୍ ଚଳାଇ ଏକ ଘରୋଇ ହସ୍ପିଟାଲକୁ ଯାଇଥିଲେ । ଛୁରୀ କତୁରି ଧରିଥିବା ଡାକ୍ତର ଓ ସେବିକାମାନଙ୍କୁ ଅଭିବାଦନ ଜଣାଇ ଅପରେସନ ଟେବୁଲରେ ଶୋଇଥିଲେ । ଘରେ କହିଯାଇଥିଲେ ପାଞ୍ଚ ଦିନ ପରେ ଫେରିବେ । ହେଲେ ସେହି ଟେବଲ୍ ଉପରେ ହିଁ ହୃଦ୍‌ଘାତରେ ପରଲୋକ ହୋଇଥିଲା ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ କଟକ, ମୋ: ୯୯୩୭୧୭୨୮୧୦*

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



କଟକ(ଭାସ୍କର ନ୍ୟୁଜ): ଜେଲ୍ ସଂସ୍କାର ମାମଲାରେ ଆଜି ହାଇକୋର୍ଟ ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏ ମୁକ୍ତାକାଶ ଜେଲ୍ ତିଆରି କରିବାକୁ ଆଦେଶ ଦେଇଛନ୍ତି । ହାଇକୋର୍ଟ ଜେଲ୍ ସଂସ୍କାର ସମ୍ପର୍କିତ ମାମଲାର ଶୁଣାଣି କରି ଅନ୍ୟ ରାଜ୍ୟର ମୁକ୍ତାକାଶ ଜେଲ୍ ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ଜେଲ୍ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଶୁଣାଣିବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଦାଖଲ ସତ୍ୟପାଠ ଆଧାରରେ ହାଇକୋର୍ଟ ଏପରି ଆଦେଶ ଦେଇଛନ୍ତି । ତେବେ ପ୍ରଥମ ପର୍ଯ୍ୟାୟରେ ଏଥି ପାଇଁ ୨ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ରାଜ୍ୟ ସରକାର ଦାଖଲ ସତ୍ୟପାଠରେ ଦର୍ଶାଇଛନ୍ତି । ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ଦର୍ଶାଯାଇଛି ଯେ ଏଥିପାଇଁ ୱେବ୍ ବେସ୍ଡ ଡାଟା ନିମନ୍ତେ ଜେଲ୍ ବିଭାଗ ଏବଂ ଏନ୍ଆଇସି ପ୍ଲାନ୍ ପ୍ରସ୍ତୁତ କରାଯାଇଛି । ଅନ୍ୟପକ୍ଷରେ ରାଜ୍ୟରେ କଏଦୀଙ୍କ ଏଆଇ ସଂଯୋଗୀକୃତ ୱେବ୍ ବେସଡ୍ ଡାଟା ତିଆରି ହେବ ବୋଲି ମଧ୍ୟ ସତ୍ୟପାଠରେ କୁହାଯାଇଛି । ହାଇକୋର୍ଟ ଜେଲ୍ ସଂସ୍କାର ମାମଲାରେ ଉପରୋକ୍ତ ଆଦେଶ ଦେବା ସହ ଏହି ପ୍ରସଙ୍ଗରେ ଆସନ୍ତା ୧ ସପ୍ତାହ ମଧ୍ୟରେ ସବିଶେଷ ତଥ୍ୟ ସତ୍ୟପାଠ ମାଧ୍ୟମରେ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଛନ୍ତି । ପୂର୍ବରୁ ହାଇକୋର୍ଟ ଜେଲ୍ ସଂସ୍କାର ମାମଲାର ଶୁଣାଣି କରି ଜେଲରେ ଅନ୍ତେବାସୀଙ୍କୁ ସର୍ବନିମ୍ନ ସୁବିଧା ଯଥା ଖାଦ୍ୟପେୟ, ବସ୍ତ୍ର, ପାଇଖାନା, ଗାଧୁଆଘର, ପାନୀୟଜଳ ଏବଂ ସେମାନଙ୍କର ଉପଯୁକ୍ତ ଯତ୍ନ ନିଆଯାଉଛି କି ନାହିଁ ସେ ସମ୍ପର୍କରେ ମଧ୍ୟ ତଥ୍ୟ ପ୍ରଦାନ କରିବାକୁ ହାଇକୋର୍ଟ ଆଦେଶ ଦେଇଥିଲେ ।



## ରାଜ୍ୟସ୍ତରୀୟ କ୍ରୀଡା ମହୋତ୍ସବ 'ଉତ୍ସାହ' ଉଦ୍‌ଘାଟିତ

# ୧୬୫ ଶିଶୁ ଯତ୍ନ କେନ୍ଦ୍ରର ୫୮୦ ପିଲାଙ୍କ ଯୋଗଦାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପିଲାମାନେ ତୁମ ମାନଙ୍କର ଭରପୁର ପ୍ରତିଭା ଅଛି । ବଡ ହେବା ପାଇଁ ହେଲେ ସ୍ୱପ୍ନ ମଧ ବଡ ହେବା ଆବଶ୍ୟକ । ଯଦି ସୂର୍ଯ୍ୟରେ ପହଞ୍ଚିବା ପାଇଁ ସ୍ୱପ୍ନ ଦେଖି କାର୍ଯ୍ୟ କରିବା ଅତି କମ୍‌ରେ ଚନ୍ଦ୍ରରେ ପହଂଚିପାରିବା । ସ୍ୱପ୍ନର କାନ୍‌ଭାସ ଯେତେ ବଡ ହେବ, ଚିତ୍ରର ଆକାର ମଧ ସେତେ ବଡ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ଥିବା ରାଜ୍ୟ ଶିଶୁ ସୁରକ୍ଷା ସମିତି ପକ୍ଷରୁ ଆୟୋଜିତ ଉତ୍ସାହ କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ପିଲାମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୧୬୫ଟି ଶିଶୁ ଯତ୍ନ କେନ୍ଦ୍ରର ପ୍ରାୟ ୫୮୦ ପିଲା ଯୋଗ ଦେଇଛନ୍ତି । ଏହି ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ନିମନ୍ତେ ଗତ ୨୬ ଓ ୨୭ ତାରିଖରେ ରାଜ୍ୟ ସ୍ତରୀୟ ଶିଶୁ ମହୋତ୍ସବ ମହକ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଯାଇଛି । ପିଲା ମାନଙ୍କର କ୍ରୀଡା ମହୋତ୍ସବ 'ଉତ୍ସାହ' ୨୮ ଓ ୨୯ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେଉଛି । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତି କରଣ ବିଭାଗ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ ରାଜ୍ୟର ଶିଶୁ ଯତ୍ନ କେନ୍ଦ୍ରରେ ରହୁଥିବା ପିଲାମାନଙ୍କ ବାପା ମାଆ ହେଉଛନ୍ତି ସରକାର । ସରକାରଙ୍କ ହାତ ସବୁବେଳେ ସେମାନଙ୍କ ମୁଣ୍ଡ ଉପରେ ଅଛି ଓ ରହିବ । ଢେଙ୍କାନାଳ ଓ ଗଞ୍ଜାମ ଜିଲ୍ଲା ଶିଶୁଯତ୍ନ କେନ୍ଦ୍ରର ପିଲାମାନଙ୍କ ମଧ୍ୟରେ ଏକ ଫୁଟବଲ ମ୍ୟାଚ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଥିଲେ । ଏହି ଉତ୍ସବରେ ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା, ପଂଚାୟତି ରାଜ, ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, କ୍ରୀଡା ଓ ଯୁବସେବା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜଧାନୀରୁ ସେକ୍ସ ରାକେଟ୍ ଠାବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀରୁ ସେକ୍ସ ରକେଟ ଠାବ । ଖଣ୍ଡଗିରି ଥାନା ଅନ୍ତର୍ଗତ ସମବାୟ ନଗର ଭଡା ଘରେ ଚାଲିଥିଲା ସେକ୍ସ ରାକେଟ । ଘର ଭିତରୁ ୪ଜଣ ଯୁବତୀଙ୍କୁ ଉଦ୍ଧାର କରାଯାଇଛି । ତେବେ ପୋଲିସ ଏହି ଘଟଣାରେ ଅନ୍ୟ କେଉଁମାନେ ଜଡିତ ଅଛନ୍ତି ସେ ନେଇ ଅଧିକ ତଦନ୍ତ ଆରମ୍ଭ କରିଛି ।

## ନୀତି ଆୟୋଗ ଢାଞ୍ଚାରେ ରାଜ୍ୟ ଯୋଜନା ବୋର୍ଡ଼ର ହେବ ପୁନର୍ଗଠନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନୀତି ଆୟୋଗ ଢାଞ୍ଚାରେ ରାଜ୍ୟ ଯୋଜନା ବୋର୍ଡ଼ରେ ହେବ ପୁନର୍ଗଠନ । ବିଶେଷଜ୍ଞଙ୍କ ସହ ଆଲୋଚନା କରୁଛନ୍ତି ରାଜ୍ୟ ସରକାର । ବିଧାନସଭାରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ପୂର୍ବ ସରକାରରେ ବିଗତ ୨୪ ବର୍ଷ ମଧ୍ୟରେ ମାତ୍ର ଦୁଇ ଥର ବସିଛି ଯୋଜନା ବୋର୍ଡ ବୈଠକ । ୨୦୦୩ ଓ ୨୦୦୭ରେ ଶେଷ ଥର ପାଇଁ ବସିଥିଲା ରାଜ୍ୟ ଯୋଜନା ବୋର୍ଡ ବୈଠକ ।

## ପୁସ୍ତକ 'ଆଶାର ଆଲୋକ' ଲୋକାର୍ପିତ

# ଅନୁବାଦ ସମାଜର ସାମୂହିକ ଚେତନାକୁ ସମୃଦ୍ଧ କରେ: ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସାହିତ୍ୟ ସର୍ବଦା ବିଭିନ୍ନ ଅଞ୍ଚଳର ସଂସ୍କୃତି ମଧ୍ୟରେ ସେତୁ ସ୍ଥାପନ କରିଥାଏ ଯାହା ଭାଷା ଏବଂ ଭୌଗୋଳିକ ସୀମା ମଧ୍ୟରେ ସୀମିତ ନୁହେଁ । ବିଭିନ୍ନ ଭାଷାର ସାହିତ୍ୟିକ କୃତୀର ଅନ୍ୟ ଭାଷାରେ ବ୍ୟାପକ ଅନୁବାଦ ଦ୍ୱାରା ସମାଜର ସାମୂହିକ ଚେତନା ସମୃଦ୍ଧ ହୋଇପାରିବ ବୋଲି ରାଜ୍ୟପାଳ ଶ୍ରୀ ରଘୁବର ଦାସ କହିଛନ୍ତି । ଗୁରୁବାର ପୂର୍ବାହ୍ନରେ ରାଜଭବନର ନ୍ୟୁ-ଅଭିଷେକ ହଲ୍‌ଠାରେ ଗୋଆର ରାଜ୍ୟପାଳ ପି.ଏସ୍. ଶ୍ରୀଧରନ ପିଲ୍ଲାଇଙ୍କ ଦ୍ୱାରା ଇଂରାଜୀ ଭାଷାରେ ଲିଖିତ ମାଲାୟମ କ୍ଷୁଦ୍ର ଗଳ୍ପ ସଂକଳନ 'ଅନ୍ ଦି ସାଇଡ୍ ଅଫ୍ ଦି ଆଞ୍ଜେଲସ୍'ର ଓଡ଼ିଆ ଭାଷାରେ ଅନୁବାଦ ପୁସ୍ତକ 'ଆଶାର ଆଲୋକ'କୁ ରାଜ୍ୟପାଳ ଶ୍ରୀ ଦାସ ଉନ୍ମୋଚନ ସହିତ ଲୋକାର୍ପିତ କରିଥିଲେ ଏବଂ ପୁସ୍ତକର ପ୍ରଥମ ସଂଖ୍ୟା ବିଶିଷ୍ଟ ଲେଖିକା ଜ୍ଞାନପୀଠ ପୁରସ୍କାର ବିଜେତା ପଦ୍ମଭୂଷଣ ଡକ୍ଟର ପ୍ରତିଭା ରାୟଙ୍କୁ ପ୍ରଦାନ କରିଥିଲେ । ରାଜ୍ୟପାଳ ଏପରି ଅନୁବାଦ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଭାବନାକୁ ଦୃଢ଼ୀଭୂତ କରିବା ସହ ଏହା ଏପରି ଏକ ଦୃଷ୍ଟିକୋଣ ଯାହା ବିବିଧତା ମଧ୍ୟରେ ଏକତାର ପରିଚୟ ବହନ କରୁଛି ଓ ଦୁଇ ରାଜ୍ୟ ମଧ୍ୟରେ ସାଂସ୍କୃତିକ ବନ୍ଧନକୁ ମଜବୁତ କରିବ ବୋଲି ଆଶା ପ୍ରକାଶ କରିଥିଲେ । ଗୋଆ ରାଜ୍ୟପାଳଙ୍କୁ ତାଙ୍କ ସାହିତ୍ୟିକ କୃତୀ ପାଇଁ ରାଜ୍ୟପାଳ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ପୁସ୍ତକର କୁଶଳତା ପୂର୍ବକ ଅନୁବାଦ କରିଥିବାରୁ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଡକ୍ଟର ନିରଂଜନ ସାହୁଙ୍କୁ ଧନ୍ୟବାଦ ଦେଇଥିଲେ । ଓଡ଼ିଶାର ପାଠକପାଠିକାଙ୍କୁ କ୍ଷୁଦ୍ର ଗଳ୍ପଗୁଡ଼ିକ ଆନନ୍ଦ ପ୍ରଦାନ କରିବା ସହିତ ଓଡ଼ିଆ ସାହିତ୍ୟକୁ ଅଧିକ ସମୃଦ୍ଧ କରିବ ବୋଲି ରାଜ୍ୟପାଳ କହିଥିଲେ । ଗୋଆର ରାଜ୍ୟପାଳ ପି.ଏସ୍. ଶ୍ରୀଧରନ ପିଲ୍ଲାଇ ନିଜ ଅଭିଭାଷଣରେ ନିଜର ଶାସ୍ତ୍ରୀୟ ଭାଷାର ମାନ୍ୟତା ହାସଲ କରିଥିବା ଓଡ଼ିଆ ଭାଷାରେ ତାଙ୍କ ପୁସ୍ତକ ଅନୁଦିତ ହୋଇଥିବାରୁ ଅଶେଷ ଆନନ୍ଦ ପ୍ରକାଶ କରିବା ସହିତ କ୍ଷୁଦ୍ର ଗଳ୍ପ ମାଧ୍ୟମରେ ମାନବିକ ଚେତନାକୁ ଜାଗ୍ରତ କରାଇବା ସଙ୍ଗେ ସଙ୍ଗେ ବିଭିନ୍ନ ସାଂପ୍ରତିକ ସମସ୍ୟା ସଂପର୍କରେ ସଚେତନତା ସୃଷ୍ଟି ତାଙ୍କର ମୂଳ ଉଦ୍ଦେଶ୍ୟ ବୋଲି କହିଥିଲେ । ଜ୍ଞାନପୀଠ ପୁରସ୍କାର ବିଜେତା ପଦ୍ମଭୂଷଣ ଡକ୍ଟର ପ୍ରତିଭା ରାୟ 'ଆଶାର ଆଲୋକ' ପୁସ୍ତକର ପ୍ରଥମ ସଂଖ୍ୟା ଗ୍ରହଣ କରି ଅଭିଭୂତ ବୋଲି ପ୍ରକାଶ କରିବା ସହ ଅନୁବାଦ ସାହିତ୍ୟର ଦିଗ ଏବଂ ପ୍ରଭାବ ସୁଦୂରପ୍ରସାରୀ ଓ ଦୀର୍ଘ ସ୍ଥାୟୀ ବୋଲି କହିଥିଲେ । ଏପରି ପ୍ରୟାସ ସ୍ୱାଗତଯୋଗ୍ୟ ଯାହା ରାଜ୍ୟ ରାଜ୍ୟ ମଧ୍ୟରେ ସଂପର୍କକୁ ସୁଦୃଢ଼ କରିବ ବୋଲି ମଧ ସେ କହିଥିଲେ । 'ଆଶାର ଆଲୋକ' ପୁସ୍ତକର ସମୀକ୍ଷା କରି ଅବସରପ୍ରାପ୍ତ ଇଂରାଜୀ ପ୍ରଫେସର ତଥା ବିଶିଷ୍ଟ ସମୀକ୍ଷକ ଯତୀନ ନାୟକ ଜୀବନରେ କ୍ଷୁଦ୍ର ଗଳ୍ପର ବିଶେଷ ଭୂମିକା ରହିଛି ଓ ଉକ୍ତ ପୁସ୍ତକରେ ସ୍ଥାନିତ ଛଅଗୋଟି କ୍ଷୁଦ୍ର ଗଳ୍ପ ବେଶ୍ ଉଚ୍ଚକୋଟିର ଏବଂ ପାଠକ ପାଠିକାମାନେ ଏଥିରୁ ଆନନ୍ଦ ଲାଭ କରିବେ ବୋଲି କହିଥିଲେ । ପ୍ରାରମ୍ଭରେ ଅନୁବାଦକ ଡକ୍ଟର ନିରଞ୍ଜନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପୁସ୍ତକର ପ୍ରକାଶକ 'ବିଦ୍ୟାପୁରୀ' ପ୍ରକାଶନ ସଂସ୍ଥାର ଜୀବନାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପୁସ୍ତକ ଲୋକର୍ପଣ ଉତ୍ସବରେ ଗୋଆ ରାଜ୍ୟପାଳଙ୍କ ସହଧର୍ମିଣୀ ତଥା ପ୍ରଥମ ମହିଳା ରୀତା ଶ୍ରୀଧରଞ୍ଜନ ପିଲ୍ଲାଇ ମଧ୍ୟ ଉପସ୍ଥିତ ଥିଲେ । ରାଜ୍ୟପାଳଙ୍କ ମୁଖ୍ୟ ପରାମର୍ଶଦାତା ସନ୍ତୋଷ କୁମାର ଶତପଥୀଙ୍କ ସମେତ ଓଡ଼ିଆ ସାହିତ୍ୟର ବିଶିଷ୍ଟ ଲେଖକ, ଲେଖିକା, କବି, ଗାଳ୍ପିକ, ଅନୁବାଦକ ଏବଂ ମାଲାୟଲମ ଭାଷାଭାଷୀ ଅନୁଷ୍ଠାନର କର୍ମକର୍ତ୍ତା ଏହି ଉତ୍ସବରେ ଯୋଗ ଦେଇଥିଲେ ।

# ୧୫ ଦିନ ଭିତରେ ସରିବ 'ସୁଭଦ୍ରା' ରିଜେକ୍ସନ ଯାଞ୍ଚ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆସନ୍ତା ୧୫ ଦିନ ମଧ୍ୟରେ ରାଜ୍ୟରେ ଜାରି ରହିଥିବା ସୁଭଦ୍ରା ଯୋଜନାର ଯାଂଚ୍ ଶେଷ ହେବ । ଯାଞ୍ଚରେ ରିଜେକସନ୍ ତାଲିକାର ଯାଞ୍ଚ୍ କରାଯିବ । ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ପ୍ରଦାନ କରିଛନ୍ତି । କୋରାପୁଟ, ମାଲକାନଗିରି ଏବଂ ଗଜପତି ଜିଲ୍ଲାରେ ଅଧିକ ଆବେଦନ ରିଜେକସନ୍ ହୋଇଛି । ଏବେ ଯେଉଁ ଜିଲ୍ଲାରେ କମ ରେଜିଷ୍ଟ୍ରେସନ ହୋଇଛି ବେଶୀ ରିଜେକ୍ସନ ହୋଇଛି ସେହି ସ୍ଥାନକୁ ଅଧିକ ଫୋକସ କରାଯାଉଛି । ଏବେ ମାଲକାନଗିରିରେ ଦୁଇଟି ବ୍ଲକର ଦୁଇଟି ପଞ୍ଚାୟତରେ ରିଜେକ୍ସନ ରିପୋର୍ଟ ଆସିଥିଲା, ସେଠାରେ କାଲିଠାରୁ ଟିମ ପହଂଚିଛନ୍ତି । ସିଡିପିଓଙ୍କ ଦାୟିତ୍ୱରେ ଭେରିଫିକେସନ ଚାଲିଛି । ଆମେ ୧୫ ଦିନ ଭିତରେ ଯାଂଚ ଶେଷ କରିବୁ । ଯେଉଁମାନେ ଯୋଗ୍ୟ ହିତାଧିକାରୀ ସେମାନେ ସମସ୍ତେ ସୁଭଦ୍ରା ଟଙ୍କା ପାଇବେ । ମାଲକାନଗିରି, କୋରାପୁଟ, ଗଜପତି ଜିଲ୍ଲା ଗୁଡିକରେ ରିଜେକ୍ସନ ଅଧିକ ରହିଛି ଏଣୁ ସେଗୁଡିକ ଭେରିଫିକେସନ ହେଉଛି । ଯେଉଁମାନେ ପ୍ରଥମେ ଆବେଦନ କରିଥିଲେ ସେମାନଙ୍କର ସର୍ଭର ଡାଉନ ପାଇଁ ଅଟକିଥିଲା ହୁଏତ ଦ୍ୱିତୀୟ ଥର ଆବେଦନ କରି ନାହାନ୍ତି । ଏଣୁ ରିଜେକ୍ସନ ଅଧିକ ହୋଇଛି । ପ୍ରତି ଜିଲ୍ଲାରେ ୫ ହଜାର ଲେଖାଏଁ ହେଲେ ଟାର୍ଗେଟ ହୋଇଯିବ । କୋଟିଏ ୬ ଲକ୍ଷ ଆବେଦନ ହୋଇଛି । ୨୨ ପ୍ରତିଶତ ଭେରୀଫିକେସନ ହୋଇଛି ବାକି ଜାରି ରହିଛି ଆହୁରି ଯେଉଁମାନଙ୍କୁ ୨୧ ପୁରିଲା ସେମାନେ ବି ଆବେଦନ କଲେ ପାଇବେ ବୋଲି ପ୍ରଭାତି ପରିଡା କହିଛନ୍ତି ।

## କମୋଡୋର ଦୀପକ ଅନୀଲ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡିଶାର ନୌସେନା ପ୍ରଭାରୀ କମୋଡୋର ଦୀପକ ଅନୀଲ ଆଜି ଲୋକ ସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ରେ କମୋଡୋର ଅନୀଲ ଆଗାମୀ ୪ ଡିସେମ୍ବରରେ ପୁରୀର ବ୍ଲୁ ଫ୍ଲାଗ୍ ବିଚ୍ ଉପରେ ଆୟୋଜିତ ହେବାକୁ ନାଭାଲ ଅପରେସନ ସମ୍ପର୍କରେ ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

## ଜିଲ୍ଲା ଭିତିକ ନିଯୁକ୍ତି ଦାବି କଲେ କଂଗ୍ରେସ ବିଧାୟକ ଦଳ ନେତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜିଲ୍ଲା ଭିତିକ ନିଯୁକ୍ତି ଦାବି କରି ଅବିଭାଜ୍ୟ କୋରାପୁଟ ଜିଲ୍ଲାରେ ଚାଲିଥିବା ଆନ୍ଦୋଳନ ପ୍ରସଙ୍ଗ ଉଠାଇଛନ୍ତି କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ । ସେ କହିଛନ୍ତି ଯେ ସରକାର ଏହାକୁ ନେଇ ଶୀଘ୍ର ପଦକ୍ଷେପ ନିଅନ୍ତୁ ନ ହେଲେ ଆଗାମୀ ଦିନରେ ଗାଁ ଗାଁରେ ଆନ୍ଦୋଳନ ହେବ । ଆଜି ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଶ୍ରୀ କାଡାମ କହିଥିଲେ ଯେ ଗତ ଦୁଇ ମାସ ଧରି ଅବିଭାଜ୍ୟ କୋରାପୁଟ ଜିଲ୍ଲାରେ ଯୁବକ ମାନେ ଜିଲ୍ଲା ଭିତିକ ନିଯୁକ୍ତି ଦାବି କରି ଆନ୍ଦୋଳନ କରୁଛନ୍ତି । ଚାରୋଟି ଜିଲ୍ଲାରେ ଏହି ଆନ୍ଦୋଳନ ଚାଲିଛି । ଏହି ଆନ୍ଦୋଳନ କେବଳ ଯେ କୋରାପୁଟ ଜିଲ୍ଲାରେ ହେଉଛି ତା ନୁହେଁ ବରଂ ସମସ୍ତ ରାଜ୍ୟରେ ଏହି ଆନ୍ଦୋଳନକୁ ସମର୍ଥନ ରହିଛି । ଏହାକୁ ନେଇ ଅବିଭାଜ୍ୟ କୋରାପୁଟ ଜିଲ୍ଲା ଅଶାନ୍ତ ହୋଇଛି । ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ଗାଁ ଗାଁକୁ ବ୍ୟାପିବ । ପୂର୍ବରୁ ଜିଲ୍ଲାଭିତିକ ନିଯୁକ୍ତି ହେଉଥିଲା । ମାତ୍ର ରାଜ୍ୟ ସରକାରଙ୍କ ଭୁଲ କାରଣରୁ ଏହା ହେଉ ନାହିଁ । ତେଣୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ଏ ଦିଗରେ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ସେ ବାଚସ୍ପତିଙ୍କ ନିକଟରେ ଅନୁରୋଧ କରିଥିଲେ ।

## କଟକର ପର୍ଯ୍ୟଟନ ସ୍ଥଳୀ ଉନ୍ନତି ପାଇଁ ଉପ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଧାୟିକା



କଟକ(ଭାସ୍କର ନ୍ୟୁଜ): ଗୁରୁବାର ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ କଟକର ପର୍ଯ୍ୟଟନ ସ୍ଥଳୀ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ସହ ନୂତନ ପର୍ଯ୍ୟଟନ ସ୍ଥଳୀ ବିକାଶ ନିମନ୍ତେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଭେଟି ଆଲୋଚନା କରିଥିଲେ । କଟକର ଗଡଖାଇ ହେରିଟେଜ ପ୍ରକଳ୍ପର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ, ତାରକସି ହବ ସ୍ଥାପନ, ଜୁଡିସିଆଲ ଏକାଡେମି ଛକର ଉନ୍ନତି, କଟକର ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ସ୍ମୃତିକୁ ଏକ ସଂଗ୍ରହାଳୟ ନିର୍ମାଣ, ମହାନଦୀରେ ଏକ ଜଳପ୍ରପାତ ନିର୍ମାଣ, ପେଟାନାଳର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ, ଗଡଗଡିଆ ଘାଟର ଉନ୍ନତି, କଟକର ପ୍ରତିଷ୍ଠିତ ବା ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କର ନାମରେ ନୂତନ ପାର୍କ ନିର୍ମାଣ, ମଧୁବାବୁଙ୍କ ସମାଧି ପୀଠର ଉନ୍ନତିକରଣ, ସୌନ୍ଦର୍ଯ୍ୟକରଣ ଆଦି ବିଭିନ୍ନ ବିଷୟରେ ଉପ ମୁଖ୍ୟମନ୍ତ୍ରୀଙ୍କ ସହିତ ବିଧାୟିକା ବିଶେଷ ଆଲୋଚନା କରିଥିଲେ । କଟକର ପର୍ଯ୍ୟଟନ ସ୍ଥଳୀ ବିକାଶ ହେଲେ ଏଠାକାର ଯୁବକ ଓ ଯୁବତୀମାନେ ରୋଜଗାର କ୍ଷମ ହେବା ସହିତ ଆତ୍ମନିର୍ଭରଶୀଳ ହୋଇପାରିବେ, ବେରୋଜଗାରି ଦୂର ହେବ ବୋଲି ବିଧାୟିକା ସୋଫିଆ ଫିର୍ଦ୍ଦୋଷ କହିଛନ୍ତି ।

## କ୍ରାଇମବ୍ରାଞ୍ଚ୍ ଦ୍ୱାରା ସାଇବର ଠକ ଗିରଫ

କଟକ(ଭାସ୍କର ନ୍ୟୁଜ): ନିଜକୁ ଟ୍ରାଇ ଏବଂ ମୁମ୍ବାଇ ସାଇବର କ୍ରାଇମ ଡିଭିଜନ ପୋଲିସ କର୍ମଚାରୀର ପରିଚୟ ଦେଇ ଗିରଫ କରିବାର ଧମକ ଦେବା ସହ ଜଣେ ବ୍ୟକ୍ତିଙ୍କଠାରୁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଠକିବାର ଅଭିଯୋଗରେ କ୍ରାଇମବ୍ରା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଉଛନ୍ତି ତେଲେଙ୍ଗାନା ନିଜାମାବାଦର ଅବଦୁଲ ସଲିମ (୩୩) । ପୋଲିସ ଅଭିଯୁକ୍ତ ଠାରୁ ସିମକାର୍ଡ଼, ପାସବୁକ, ପାର୍ସପୋର୍ଟ, ଆଧାରକାର୍ଡ଼, ପାନକାର୍ଡ଼, ଡେବିଟ କାର୍ଡ଼ ଓ କ୍ରେଡ଼ିଟ କାର୍ଡ଼ ଜବତ କରିଛି । ଅଭିଯୁକ୍ତ ସଲିମ ନାମରେ ସାରା ଦେଶରେ ୧୩ରୁ ଅଧିକ ମାମଲାରେ ସଂପୃକ୍ତି ଥିବା ତଦନ୍ତରେ ପୋଲିସ ଜାଣିବାକୁ ପାଇଛି । କ୍ରାଇମବ୍ରା ସୂଚନା ମୁତାବକ, ବ୍ରହ୍ମପୁରରେ ରହୁଥିବା ଜଣେ ବରିଷ୍ଠ ନାଗରିକ ଏହି ଡିଜିଟାଲ ଗିରଫ ଭଳି ଠକାମିର ଶିକାର ହୋଇଥିଲେ । ଠକମାନେ ନିଜକୁ ଟ୍ରାଇ ଏବଂ ମୁମ୍ବାଇ ସାଇବର କ୍ରାଇମ ଡିଭିଜନର ପୋଲିସ କର୍ମଚାରୀ ବୋଲି ପରିଚୟ ଦେବା ସହ ତାଙ୍କ ଆଧାରକାର୍ଡ଼ରେ ଲିଙ୍କ ହୋଇଥିବା ଏକ ଅଜଣା ମୋବାଇଲ ନମ୍ବର ସଂପର୍କରେ ପଚାରିଥିଲେ । ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ସଲିମ ୨୦୧୭ ଓ ୨୦୨୪ରେ ସାଉଦିଆରବ ଯାଇଥିଲା ବୋଲି ପୋଲିସ ତଦ'ରେ ଜାଣିବାକୁ ପାଇଛି ।



ଡିଜିପି ସମ୍ମିଳନୀ ଅବ୍ୟବହିତ ପୂର୍ବରୁ ରାଜଧାନୀରେ କାରକେଡ୍ ରିହର୍ସାଲ୍

## ହାଇକୋର୍ଟରେ ଡେଣ୍ଟାଲ୍ ସର୍ଜନ ନିଯୁକ୍ତି ମାମଲା

# ସଂଶୋଧିତ ମେଧା ତାଲିକାରୁ ୧୧ ଜଣଙ୍କୁ ବାଦ୍ ଦେଲା ଓପିଏସ୍‌ସିର ଆବେଦନ

କଟକ(ଭାସ୍କର ନ୍ୟୁଜ): ଡେଣ୍ଟାଲ୍ ସର୍ଜନ ନିଯୁକ୍ତି ଅନିୟମିତତା ମାମଲାର ହାଇକୋର୍ଟରେ ଆଜି ଶୁଣାଣି ହୋଇଯାଇଛି । ହାଇକୋର୍ଟରେ ଦାଖଲ ହୋଇଥିବା ସଂଶୋଧିତ ମେଧା ତାଲିକାରେ ୧୭୧ ଜଣଙ୍କ ମଧ୍ୟରୁ ୧୧ ଜଣ ବାଦ ପଡିଛନ୍ତି । ଓଡିଶା ଲୋକସେବା ଆୟୋଗ ପକ୍ଷରୁ ଦାଖଲ ସତ୍ୟପାଠରେ ନିଯୁକ୍ତି ନିମନ୍ତେ ସୁପାରିଶ କରାଯାଇଥିବା ୧୭୧ ଜଣଙ୍କ ମଧ୍ୟରୁ ୧୧ ଜଣଙ୍କ ନାମକୁ ସୁପାରିଶ ତାଲିକାରୁ ପ୍ରତ୍ୟାହାର କରିବାକୁ ଆବେଦନ କରି ହାଇକୋର୍ଟରେ ଅପିଲ୍ କରାଯାଇଛି । ତେବେ ଯେଉଁ ୧୧ ଜଣଙ୍କ ନାମକୁ ସଶୋଧିତ ମେଧା ତାଲିକାରୁ ଓପିଏସ୍‌ସି ବାଦ୍ ଦେବାକୁ ହାଇକୋର୍ଟରେ ଅପିଲ୍ କରିଛି ସେମାନେ ନିଯୁକ୍ତି ପାଇ ବର୍ତମାନ ଚାକିରୀରେ ଅଛନ୍ତି । ହାଇକୋର୍ଟରେ ମାମଲାର ଶୁଣାଣିବେଳେ ଓପିଏସ୍‌ସି ସଚିବଙ୍କ ପକ୍ଷରୁ ସଂଶୋଧିତ ମେଧା ତାଲିକା ସହ ଅପିଲ୍ ପିଟିସନ୍ ଦାଖଲ କରାଯାଇଛି । ପୂର୍ବରୁ ହାଇକୋର୍ଟ ସଂଶୋଧିତ ମେଧା ତାଲିକା ଏଯାଏ ସର୍ବସାଧାରଣ ହୋଇନଥିବାରୁ ଏହାକୁ ମଙ୍ଗଳବାର ସୁଦ୍ଧା ୱେବ୍‌ସାଇଟ୍‌ରେ ପ୍ରକାଶ କରିବାକୁ ହାଇକୋର୍ଟ ସଚିବଙ୍କୁ ଆଦେଶ ଦେଇଥିଲେ । ସେହିପରି କେଉଁ ପରିସ୍ଥିତିରେ ସଂଶୋଧିତ ମେଧା ତାଲିକା ଜାରି କରାଯାଇଛି ସେ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିବାକୁ ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଥିଲେ । ଅନ୍ୟପକ୍ଷରେ ଏହି ମାମଲାରେ ପ୍ରଥମ ମେଧା ତାଲିକାରେ ଚାକିରି ପାଇଥିବା ଡେଣ୍ଟାଲ୍ ସର୍ଜନଙ୍କ ତାଲିକା ହାଇକୋର୍ଟରେ ଦାଖଲ କରିବାକୁ ଅଦାଲତ ସଚିବଙ୍କୁ ଆଦେଶ ଦେଇଥିଲେ । ଏହି ୧୧ ଜଣ ସର୍ଜନଙ୍କୁ ଚାକିରିରୁ ଛଟେଇ କରିବାକୁ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯିବା ନେଇ ଓପିଏସ୍‌ସି ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା । ତେବେ ନଭେମ୍ବର ୨୦ ତାରିଖ ବୁଧବାର ହାଇକୋର୍ଟ ମାମଲାର ଶୁଣାଣି କରି ରିଭାଇଜଡ୍ ମେରିଟ୍ ଲିଷ୍ଟ ପ୍ରଦାନ ପାଇଁ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ସଚିବଙ୍କୁ ୨୫ରେ ସଂଶୋଧିତ ମେଧା ତାଲିକା ସହ ହାଜର ହେବାକୁ ଆଦେଶ ଦେଇଥିଲେ ।

## ସମସ୍ତ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମ ଫଳକ ବାଧ୍ୟତା ମୂଳକ

କଟକ(ଭାସ୍କର ନ୍ୟୁଜ): ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ ୧୯୫୬ର ଧାରା ୪(୨) ଅନୁଯାୟୀ ରାଜ୍ୟର ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଗୁଡ଼ିକ ସମ୍ମୁଖରେ ସ୍ପଷ୍ଟ ଭାବରେ ଓଡ଼ିଆ ଭାଷାରେ ନାମ ଫଳକ ପ୍ରଦର୍ଶନ କରିବା ବାଧ୍ୟତା ମୂଳକ କରାଯାଇଛି । ଏହି ଆଇନର ଖିଲାପ କଲେ ଉଲଘଂନକାରୀଙ୍କ ବିରୋଧରେ ପ୍ରଥମଥର ଖିଲାପ ନିମନ୍ତେ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ଥର ଖିଲାପ ନିମନ୍ତେ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗୁ କରିବାର ବିଧି ବ୍ୟବସ୍ଥା ରହିଛି । ଓଡ଼ିଆ ଅସ୍ମିତାକୁ ବଜାୟ ରଖିବା ତଥା ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଓ ବ୍ୟବହାର ନିମନ୍ତେ ଜିଲ୍ଲାର ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନଗୁଡ଼ିକରେ ଓଡ଼ିଆ ଭାଷାରେ ସ୍ପଷ୍ଟ ଭାବରେ ନାମ ଫଳକ ପ୍ରଦର୍ଶନ ଅତ୍ୟନ୍ତ ଜରୁରୀ ଅଟେ । ତେଣୁ ରାଜ୍ୟର ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକର ମାଲିକମାନଙ୍କୁ ଏହି ନିୟମ ସୁନିଶ୍ଚିତ କରିବା ପାଇଁ ଶ୍ରମ ନିର୍ଦ୍ଦେଶାଳୟର ଅଧିକାରୀ ଗୃହ ଏବଂ ନଗର ଉନ୍ନୟନ ବିଭାଗର ଅଧିକାରୀମାନଙ୍କୁ ଯାଞ୍ଚ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ।

## ନୂଆବର୍ଷରୁ ଭୁବନେଶ୍ୱରରୁ ୫ ନୂଆ ସହରକୁ ଉଡିବ ବିମାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିମାନଯାତ୍ରୀଙ୍କ ପାଇଁ ଖୁସି ଖବର । ନୂଆ ବର୍ଷରୁ ୫ ନୂଆ ସ୍ଥାନକୁ ଭୁବନେଶ୍ୱରରୁ ଉଡ଼ିବ ବିମାନ । ଜାନୁୟାରୀ ୧ରୁ ଇନ୍ଦୋର ଓ ଡେରାଡୁନକୁ ବିମାନ ସେବା ଆରମ୍ଭ ହେବ । ଇଣ୍ଡିଗୋ ବିମାନ ଇନ୍ଦୋରକୁ ସପ୍ତାହରେ ୪ ଦିନ ଓ ଡେରାଡୁନକୁ ସପ୍ତାହରେ ୩ ଦିନ ଯାତାୟତ କରିବ । ସେହିପରି ଜାନୁୟାରୀ ୩ରୁ ଲକ୍ଷ୍ନୌ, ଜୟପୁର, କୋଚିଂକୁ ଉଡ଼ିବ ବିମାନ । ଏୟାର ଇଣ୍ଡିଆ ଲକ୍ଷ୍ନୌ ଓ ଜୟପୁରକୁ ସପ୍ତାହରେ ୩ ଦିନ ବିମାନ ସେବା ଯୋଗାଇବ । କୋଚିଂକୁ ଭୁବନେଶ୍ୱରରୁ ସବୁଦିନ ବିମାନ ସେବା ରହିବ ।

## ବୋର୍ଡ଼ ହାଇସ୍କୁଲରେ ବିଜ୍ଞାନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ



କଟକ(ଭାସ୍କର ନ୍ୟୁଜ): 'କାୟାକଳ୍ପ' ପକ୍ଷରୁ ବିଜ୍ଞାନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସେକେଣ୍ଡାରୀ ବୋର୍ଡ଼ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ରାଜକିଶୋର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କଟକ ମହାନଗର ନାଗରିକ ମହାସଭାର ସଭାପତି ଡ଼ାକ୍ତର ରବିରନ ସାହୁ ଉଦ୍‌ଘାଟନ କରିଥିଲେ । ଡ଼. ତପନ ଦତ, ଶିକ୍ଷାବିତ୍ ଦୈତାରୀ ସାହୁ, ଆଶାଲତା ବେହେରା, ଦୋଳ ଗୋବିନ୍ଦ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ତ୍ରିଲୋଚନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷୟତ୍ରୀ ଅମ୍ବିକା ପୃଷ୍ଟି ସ୍କୋରର ଥିଲେ । ସୁଭସ୍ନେହା ସାହୁ, ବର୍ଷା ପ୍ରିୟଦର୍ଶିନୀ, ସ୍ମୃତି ରଞ୍ଜନ ହାତୀ ଶ୍ରେଷ୍ଠ ପ୍ରତିଯୋଗୀ ହୋଇଥିଲେ । ସମସ୍ତ କୃତି ପ୍ରତିଯୋଗୀଙ୍କୁ ସମାଜସେବୀ ଫକୀର ସ୍ୱାଇଁଙ୍କ ସ୍ମୃତିରେ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ପ୍ରମିଳା ଜେନା, ସୌଭାଗ୍ୟ ମରୀ ମହାପାତ୍ର, ମଦନ ମୋହନ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ଆବାସ ପାଇଁ ହେବ ସର୍ଭେ: ପଞ୍ଚାୟତିରାଜ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆବାସ ପାଇଁ ନିଜେ ସର୍ଭେ କରିବେ ଲୋକ । କେହି ଯୋଗ୍ୟ ହିତାଧିକାରୀ ଅଣଦେଖା ହେବେନି । ଖୋଜି ଖୋଜି ଯୋଗ୍ୟ ହିତାଧିକାରୀଙ୍କୁ ଘର ଦିଆଯିବ ବୋଲି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ । ପ୍ରକୃତ ହିତାଧିକାରୀ ପାଇବେ ଘର । ନିଜେ ଯୋଗ୍ୟ କି ନୁହେଁ ନିଜେ କରିବେ ସର୍ଭେ । ଏହା ସହ ଆସନ୍ତା ଡ଼ିସେମ୍ବର ମାସରେ ଗାଁ ଗାଁରେ କ୍ୟାମ୍ପ କରାଯିବ । ଲୋକ ଏହି କର୍ମଶାଳାରେ ଯୋଗ ଦେବେ । ଏହା ସହ ଦିବ୍ୟାଙ୍ଗ ଓ ବିଧବା ମାନଙ୍କୁ ଅଗ୍ରାଧିକାର ଦିଆଯିବ । ୨ ମାସ ସମୟ ଭିତରେ ରି ସର୍ଭେ କରାଯିବ । ଏହି ଅବଧି ଭିତରେ ତାଲିମ ସହ ଆବେଦନ ଓ ଅନଲାଇନ୍ ମାଧ୍ୟମରେ ଚେକ୍ କରାଯିବ ।

## ଯୁବତୀଙ୍କ ଅଶ୍ଳୀଳ ଭିଡିଓ ରେକର୍ଡିଂ ଅଭିଯୋଗ

କଟକ(ଭାସ୍କର ନ୍ୟୁଜ): ସମ୍ପର୍କୀୟ ଭଉଣୀକୁ ଭଲ ପାଇବା ସହିତ ଶାରୀରିକ ସମ୍ପର୍କ ରଖି ଅଶ୍ଳୀଳ ଭିଡିଓ ରେକର୍ଡ କରିବା ନେଇ ମଧୁପାଟଣା ଥାନାରେ ଏକ ସଙ୍ଗୀନ୍ ଅଭିଯୋଗ ହୋଇଛି । ପୀଡ଼ିତା ଭଉଣୀ ଏ ସଂକ୍ରାନ୍ତରେ ମଧୁପାଟଣା ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଅଭିଯୁକ୍ତ ଆଧାରରେ କେନ୍ଦ୍ରାପଡ଼ା ଡେରାବିଶ ଅଞ୍ଚଳର ଚିତ୍ତରଞ୍ଜନ ପ୍ରଧାନଙ୍କୁ ଗିରଫ କରିଛି । ତା ନିକଟରୁ ଏକ ମୋବାଇଲ ଜବତ ହୋଇଥିବା ବେଳେ ଏଥିରେ ରେକର୍ଡ ହୋଇଥିବା ଅଶ୍ଳୀଳ ଭିଡିଓ ଠାବ କରିବାକୁ ପୁଲିସ ଉଦ୍ୟମ ଚଳାଇଛି । ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଡେରାବିଶର ଚିତ୍ତରଞ୍ଜନ ଭୁବନେଶ୍ୱର ଫର୍ଚ୍ଚୁନ ଟାୱାରରେ ଥିବା ଏକ ଘରୋଇ କମ୍ପାନିରେ ସେଲ୍ସ ଏକଜିକ୍ୟୁଟିଭ ଭାବେ କାମ କରନ୍ତି । ତେବେ ମଧୁପାଟଣା ଥାନା କଲ୍ୟାଣୀ ନଗର ଅ ଳରେ ରହୁଥିବା ୨୬ ବର୍ଷୀୟା ସମ୍ପର୍କୀୟ ଭଉଣୀଙ୍କ ସହିତ ଗଲା ୬ ବର୍ଷ ହେବ ପ୍ରେମ ସମ୍ପର୍କ ରହିଥିଲା । ଯୁବତୀ ଜଣକ ଶିକ୍ଷକତା କରନ୍ତି । ତେବେ ଉଭୟଙ୍କ ମଧ୍ୟରେ ଗଢ଼ି ଉଠିଥିବା ଏହି ପ୍ରେମସମ୍ପର୍କରେ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରହିଥିଲା । ଏହା ଭିତରେ ଅଭିଯୁକ୍ତ ଚିତ୍ତରଞ୍ଜନ କୌଶଳକ୍ରମେ ମୂହୁର୍ତ୍ତର ଭିଡିଓ ରେକର୍ଡ କରିଦେଇଥିଲେ । ପରବର୍ତ୍ତି ସମୟରେ ଏହାକୁ ଦେଖାଇ ପୀଡ଼ିତା ଯୁବତୀଙ୍କୁ ବ୍ଲାକମେଲ କରିବା ଆରମ୍ଭ କରିଦେଇଥିଲେ । ପୀଡ଼ିତା ବିବାହ ପାଇଁ ଅଡ଼ି ବସିବାରୁ ଚିତ୍ତରଞ୍ଜନ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଆସୁଥିଲେ । ବାରମ୍ବାର ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା । ଅଶ୍ଳୀଳ ଭିଡିଓକୁ ଭାଇରାଲ କରିବା ଭଳି ଧମକ ଦେଇଆସୁଥିବା ଚିତ୍ତରଞ୍ଜନଙ୍କ ଆଚରଣରେ ଅତିଷ୍ଠ ହୋଇପଡ଼ିଥିଲେ ପୀଡ଼ିତା ଯୁବତୀ । ଶେଷରେ ଏ ସଂକ୍ରାନ୍ତରେ ମଧୁପାଟଣା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଅଭିଯୋଗ ଆଧାରରେ ଚିତ୍ତରଞ୍ଜନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

## ଓଡ଼ିଶାରେ ମତ୍ସ୍ୟ ଚାଷ ସମ୍ବନ୍ଧୀୟ ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ସରକାରଙ୍କ ସୂଚନା ଅନୁଯାୟୀ, ଗତ ୩ବର୍ଷ ମଧ୍ୟରେ ମତ୍ସ୍ୟ ସମ୍ବନ୍ଧୀୟ ୪୫୮ ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ କରାଯାଇଛି । ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅଧୀନରେ ୩୦୮୫ ମହିଳା ମତ୍ସ୍ୟଚାଷୀଙ୍କୁ ଆଧୁନିକ ମତ୍ସ୍ୟ କୌଶଳରେ ତାଲିମ ଦିଆଯାଇଛି ବୋଲି ଓଡ଼ିଶା ସରକାର ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ଭାରତ ସରକାରଙ୍କ ମତ୍ସ୍ୟ, ପ୍ରାଣୀସମ୍ପଦ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ ମତ୍ସ୍ୟ ବିଭାଗ ଓଡ଼ିଶା ସମେତ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ପ୍ରଶିକ୍ଷଣ, ସଚେତନତା, ପ୍ରଦର୍ଶନ ଏବଂ ଦକ୍ଷତା ବିକାଶ ନାମକ କେନ୍ଦ୍ରୀୟ କ୍ଷେତ୍ର ଯୋଜନା କାର୍ଯ୍ୟକାରୀ କରୁଛି । ୧୦୦% କେନ୍ଦ୍ରୀୟ ସହାୟତାରେ କାର୍ଯ୍ୟକାରୀ କରିବା ପାଇଁ ଜାତୀୟ ମତ୍ସ୍ୟ ଉନ୍ନୟନ ବୋର୍ଡକୁ ନୋଡାଲ ସଂଗଠନ ଭାବରେ ମନୋନୀତ କରାଯାଇଛି ।

## ଖ୍ରୀଷ୍ଟ ମହାବିଦ୍ୟାଳୟରେ ଓମେନ ଟ୍ରାଫିକିଂ ଉପରେ ପାଠ୍ୟଚକ୍ର




କଟକ(ଭାସ୍କର ନ୍ୟୁଜ): ଖ୍ରୀଷ୍ଟ ମହାବିଦ୍ୟାଳୟରେ ଇନରହ୍ୱିଲ କ୍ଲବ ଅଫ କଟକ କୁଇନ୍ସ ଏବଂ କଲେଜର ରାଜନୀତି ବିଜ୍ଞାନ ବିଭାଗ ତଥା ଆଇକ୍ୟୁଏସସି ର ମିଳିତ ସହଯୋଗରେ ଓମେନ ଟ୍ରାଫିକିଂ ଉପରେ ଏକ ପାଠ୍ୟଚକ୍ର ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧକ୍ଷା ମଧୁମିତା ପାତ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ ଯେ, ସାଂପ୍ରତିକ ସମାଜ ବ୍ୟବସ୍ଥାରେ ଓମେନ ଟ୍ରାଫିକିଂ ଘଟଣା ଏକ ଅତ୍ୟନ୍ତ ସମ୍ବେଦନଶୀଳ ବିଷୟ । ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧାପିକା ଶ୍ୱାତି ଦାସ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ମୁଖ୍ୟ ଅତିଥି ପ୍ରୋଜେକ୍ଟ ସ୍ୱରାଜର ସଂପାଦିକା ଡଲି ଦାସ ଓମେଡ଼ ଟ୍ରାଫିକିଂର ବିଭିନ୍ନ ଘଟଣା ଉପରେ ରହିଥିବା ତଥ୍ୟ ଓ ତାହାର ନିରାକରଣ ସଂପର୍କରେ ଆଲୋଚନା କରିଥିଲେ । ପ୍ରାଧାପକ ସୋଭନ ପଣ୍ଡା କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିବାବେଳେ ପ୍ରଜ୍ଞାପାରମିତା ମହାନ୍ତି ଅତିଥି ପରିଚୟ ଦେଇଥିଲେ । ଅଧାପିକା ଡକ୍ଟର ଆନନ୍ଦିନୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ବିଦ୍ୟାର୍ଥୀ ଓ ଅଧାପକ/ଅଧାପିକାମାନେ ଉପସ୍ଥିତ ଥିଲେ ।

## ମହାନଦୀ ଅବବାହିକାରେ ହେବ ନୂଆ ଜଳଭଣ୍ଡାର ପ୍ରକଳ୍ପ ଏବଂ ବ୍ୟାରେଜ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମହାନଦୀ ଅବବାହିକାରେ ନିର୍ମାଣ ହେବ ନୂଆ ଜଳଭଣ୍ଡାର ପ୍ରକଳ୍ପ ଏବଂ ବ୍ୟାରେଜ୍ । ପ୍ରକଳ୍ପ ଗୁଡ଼ିକ ଲାଗି ସର୍ବେକ୍ଷଣ ଓ ଅନୁସନ୍ଧାନ କାର୍ଯ୍ୟ ଚାଲୁଛି ବୋଲି ବିଧାନସଭାରେ ଉତ୍ତର ରଖିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଅନ୍ୟ କିଛି ପ୍ରକଳ୍ପ ଲାଗି ବିଭିନ୍ନ କେନ୍ଦ୍ରୀୟ ସଂସ୍ଥାନ ଯଥା କେନ୍ଦ୍ରୀୟ ଜଳ ଆୟୋଗଙ୍କ ସହ ବୈଷୟିକ ଅନୁମୋଦନ ସମ୍ବନ୍ଧୀୟ ତଥ୍ୟ ଆଦାନ ପ୍ରଦାନ ଚାଲୁରହିଅଛି ବୋଲି ମଧ କହିଛନ୍ତି ମୁଖ୍ୟମନ୍ତ୍ରୀ ।

# ଶିଳ୍ପ ବିଭାଗ ସାଂସ୍କୃତିକ ପରିଷଦର ୪୪ତମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶିଳ୍ପ ବିଭାଗର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଗୀତଗୋବିନ୍ଦ ସଦନଠାରେ ଏହାର ୪୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦାନ କରି କହିଲେ ଯେ, ଓଡ଼ିଶାକୁ ଏକ ଶିଳ୍ପ ସମୃଦ୍ଧ ରାଜ୍ୟ ଭାବେ ପରିଚିତ କରାଇବା ଏବଂ ଦକ୍ଷ ମାନବ ସମ୍ବଳର ବିକାଶ କରିବା ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଅଗ୍ରାଧିକାର ଦେଉଛନ୍ତି । ଆପଣମାନଙ୍କ ନିଷ୍ଠା, ଉଦ୍ୟମ ବଳରେ ବିଭାଗ ଆଗେଇ ଚାଲିଛି ଏବଂ ବିଭାଗ କ୍ଷେତ୍ରରେ ଏପରି ନିରନ୍ତର ପ୍ରୟାସର ଆବଶ୍ୟକତା ରହିଛି । ନିଜ ନିଜ ମଧ୍ୟରେ ଏକତା, ଭାଇଚାରା ଏବଂ ପାରିବାରିକ ସମ୍ପର୍କ ସୃଷ୍ଟି କରିବା ସମ୍ପର୍କରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରିଷଦର କର୍ମକର୍ତ୍ତା, ସଦସ୍ୟସଦସ୍ୟା ପ୍ରମୁଖଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଭୂପିନ୍ଦର ସିଂ ପୁନିଆ, ସ୍ୱତନ୍ତ୍ର ଶାସନ ସଚିବ ଶୁଭେନ୍ଦୁ ନାୟକ, ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ରାଜେନ୍ଦ୍ର କୁମାର ଜେନା, ଶିଳ୍ପ ବିଭାଗ ସାଂସ୍କୃତିକ ପରିଷଦର ସଭାପତି ସାଦିପୁର ଖାନଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ । ପରିଷଦର ସଭାପତି ଖାନ୍ ଧନ୍ୟବାଦ ଅର୍ପଣ କରିଥିଲେ ।



କୁଜଙ୍ଗ, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ପାରାଦ୍ୱୀପଗଡ଼ ଗ୍ରାମପଞ୍ଚାୟତରେ ଥିବା ୧୩ଟି ଅଙ୍ଗନୱାଡ଼ି କେନ୍ଦ୍ରକୁ ସ୍ମାର୍ଟ ହାତଧୁଆ ମେସିନ୍ ଓ ଆବଶ୍ୟକୀୟ ଉପକରଣ ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି । ଆର୍ସେଲର ମିତ୍ତଲ ଓ ନିପୋନ ଷ୍ଟିଲ କମ୍ପାନୀ ସହାୟତାରେ ହ୍ୟୁମାନ ପିପୁଲ୍ ଅଫ୍ ଇଣ୍ଡିଆ ତରଫରୁ ପ୍ରଥମେ ପର୍ଯ୍ୟାୟରେ ପାରାଦ୍ୱୀପଗଡ଼ ଅଙ୍ଗନୱାଡ଼ି କେନ୍ଦ୍ର ନଂ ୪ର ଶୁଭାରମ୍ଭ ହୋଇଛି । ଏହି ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପାରାଦ୍ୱୀପଗଡ଼ ଗ୍ରାମପଞ୍ଚାୟତର ସରପଞ୍ଚ ସସ୍ମିତା ବେହେରା ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ । ଆଗାମୀ ଏକ ମାସ ମଧ୍ୟରେ ପଞ୍ଚାୟତରେ ଥିବା ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରକୁ ସ୍ମାର୍ଟ ହାତଧୁଆ ମେସିନ୍, ଏଲିଡ୍ ଟିଭି, ଡେସ୍କ ବେଞ୍ଚ, ଆକ୍ୱା ଗାର୍ଡ ଓ ଖେଳ ସାମଗ୍ରୀ ସାଙ୍ଗକୁ 'ସ୍ମାର୍ଟ ଅଙ୍ଗନୱାଡ଼ି କେନ୍ଦ୍ରର' ନିମନ୍ତେ ଆବଶ୍ୟକୀୟ ଉପକରଣ ଓ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସରପଞ୍ଚ ସସ୍ମିତା ବେହେରା ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହ୍ୟୁମାନ ପିପୁଲ୍ ଅଫ୍ ଇଣ୍ଡିଆର ପାରାଦ୍ୱୀପ ଶାଖାର ମୁଖ୍ୟ ପେଦ୍ରେଗା ଭଗତ, ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଦେବ ଦୁର୍ଲ୍ଲଭ କର, ଅଙ୍ଗନୱାଡ଼ି କର୍ମୀ ଆରତୀ ମିଶ୍ର, ସହାୟିକା ଚନ ଭୂୟାଁ ଓ କେନ୍ଦ୍ରର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ ।

# କଲମ ବଦଳରେ କୋମଳମତି ଶିଶୁଙ୍କ ହାତରେ ଦା'

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ): ବର୍ତ୍ତମାନ ଧାନ ଅମଳ ସମୟ ତେଣୁ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକର ଆଦିବାସୀ ଅଧ୍ୟୁଷିତ ଗ୍ରାମଗୁଡ଼ିକରେ ଘରେ ଘରେ ଝୁଲୁଛି ତାଲା । ଏପରିକି ପାଠ ପଢୁଥିବା ପିଲାମାନେ ମଧ୍ୟ ସ୍କୁଲ୍ ବଦଳରେ ହାତରେ ଦା' ଧରି ଜମିକୁ ଯାଉଛନ୍ତି। ପିଲାମାନେ ଜମିରେ ଧାନ କାଟିବା, ଧାନ ଜଗିବା ଓ ମାଙ୍କଡ଼ ଘଉଡ଼ାଇବା କାମରେ ବ୍ୟସ୍ତ ରହିଥାନ୍ତି । ତେଣୁ ଏହି ଧାନକଟା ସମୟ ଆସିଲେ ଆଦିବାସୀ ସ୍କୁଲଗୁଡ଼ିକରେ ପାଠପଢ଼ା ଏକ ପ୍ରକାର ଠପ୍ ହୋଇଯାଇଥାଏ । ଗତ ଏକ ସପ୍ତାହ ହେଲା ଏହି ବ୍ଲକର ଆଦିବାସୀ ବହୁଳ ବଡ଼ିଗେଟା ପଞ୍ଚାୟତ ଅନ୍ତର୍ଗତ ଅଧିକାଂଶ ଗ୍ରାମରେ ଦେଖାଦେଇଛି । ଏପରି ପରିସ୍ଥିତି ବଡ଼ିଗେଟା ଟେକଗୁଡ଼ା (ବି) ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୭ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ମାତ୍ର ୩ରୁ ୪ ଜଣ ଛାତ୍ରଛାତ୍ରୀ ସ୍କୁଲକୁ ଆସୁଥିବାର ଦେଖାଯାଇଛି । ପୂର୍ବରୁ ଏହି ସ୍କୁଲରେ ଦୁଇଜଣ ଶିକ୍ଷକ ନିଯୁକ୍ତି ପାଇଥିବା ବେଳେ ଗତ କିଛି ଦିନ ହେଲା ଆଉ ଜଣେ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ମିଳିଛି । କେବଳ ଟେକଗୁଡ଼ା (ବି) ନୁହେଁ, ଟେକଗୁଡ଼ା (ଏ) ପ୍ରାଥମିକ ବିଦ୍ୟାଳୟରେ ସମାନ ଅବସ୍ଥା। ଟେକଗୁଡ଼ା (ଏ) ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୭ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ମାତ୍ର ୯ରୁ ୧୦ଜଣ ଛାତ୍ରଛାତ୍ରୀ ନିୟମିତ ସ୍କୁଲ ଆସୁଛନ୍ତି । ଏଥିପାଇଁ ଦୁଇଜଣ ଶିକ୍ଷକ ନିଯୁକ୍ତ ହୋଇଛନ୍ତି । ସେହିପରି ମାନ୍ୟମକୋଣ୍ଡା ପଞ୍ଚାୟତ ସିଂଗରାଜଖୁଣ୍ଟା ପ୍ରାଥମିକ ବିଦ୍ୟାଳୟରେ ୨୧ଜଣ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ମାତ୍ର ୬ରୁ ୭ ଜଣ ଛାତ୍ରଛାତ୍ରୀ ନିୟମିତ ସ୍କୁଲକୁ ଆସୁଥିବା ବେଳେ ପିଲାଙ୍କ ପାଠପଢ଼ା ପାଇଁ ଦୁଇଜଣ ଶିକ୍ଷକଙ୍କୁ



ନିଯୁକ୍ତି କରାଯାଇଛି। ହେଲେ ସଚେତନତାର ଅଭାବ ଯୋଗୁଁ ଅଭିଭାବକମାନେ ପିଲାମାନଙ୍କୁ ସ୍କୁଲକୁ ଛାଡୁ ନାହାନ୍ତି ବୋଲି କହିଛନ୍ତି ଟେକଗୁଡ଼ା (ଏ) ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲିପ କୁମାର ପାଲ । ଅପରପକ୍ଷରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଆଦିବାସୀ ବହୁଳ ଏହି ଗ୍ରାମରେ ଥିବା ସ୍କୁଲଗୁଡ଼ିକରେ ଏପରି ଅବସ୍ଥା ଦେଖାଯାଇଛି । ମାରିଗେଟା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ୭ମ ଶ୍ରେଣୀରେ ପାଠ ପଢୁଥିବା ଜଣେ ୧୩/୧୪ ବର୍ଷର ଛାତ୍ର ଧାନ ଜମିରେ କାମ କରୁଥିବା ଦେଖିବାକୁ ମିଳିଥିଲା । ତାଙ୍କୁ ପଚାରିବାରୁ ଧାନକଟା ପାଇଁ ଦୁଇ ସପ୍ତାହ ହେଲା ସ୍କୁଲକୁ ଯାଉ ନଥିବା କହିବା ସହିତ ସେ ଆଉ ପାଠ ପଢ଼ିବାକୁ ଚାହୁଁ ନାହିଁ ବୋଲି ରୋକଠୋକ କହିଥିଲେ । ଟେକଗୁଡ଼ା (ବି) ଗ୍ରାମ ଗ୍ରାମର ୱାର୍ଡମେମ୍ବର ମୁକା ପଡ଼ିଆମୀଙ୍କ କହିବା କଥା ହେଲା ବର୍ତ୍ତମାନ ଧାନକଟା ସମୟ ଚାଲୁଥିବାରୁ ପିଲାମାନେ ସ୍କୁଲକୁ ଆସିବାକୁ ଚାହୁଁ ନାହାନ୍ତି, ଏବଂ ଅଭିଭାବକମାନେ ମଧ୍ୟ ଏଥିପ୍ରତି ସଚେତନ ନାହାନ୍ତି । ପ୍ରତିବର୍ଷ ଏପରି ଧାନକଟା ସମୟ ଆସିଲେ ଏ ଅବସ୍ଥା ଲାଗି ରହିଥାଏ । ତେଣୁ ସେ ଲୋକମାନଙ୍କୁ ବୁଝାଇ ପିଲାମାନଙ୍କୁ ସ୍କୁଲ ପଠାଇବାର ବ୍ୟବସ୍ଥା କରିବେ ବୋଲି କହିଛନ୍ତି । ପ୍ରକାଶ ଥାଉକି, ଆଦିବାସୀ ଗ୍ରାମଗୁଡ଼ିକରେ ଶିକ୍ଷାର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ଶିକ୍ଷା ବିଭାଗ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଅଧିକାଂଶ ପିଲାମାନେ ସ୍କୁଲକୁ ନ ଯାଇ କିଏ ଧାନ କାଟିବାରେ ବ୍ୟସ୍ତ ରହୁଛି ତ ଆଉ କିଏ ଗାଈ ଚରାଇବା କାମରେ ବ୍ୟସ୍ତ ରହୁଛନ୍ତି । ଏନେଇ ବ୍ଲକ ଶିକ୍ଷାଧିକାରୀ ଅଶୋଘ ରଞ୍ଜନ ମାଳିଙ୍କୁ ପଚାରି ବୁଝିବାରୁ ଆଦିବାସୀ ଗ୍ରାମରେ ଥିବା ସ୍କୁଲଗୁଡ଼ିକରେ ଉପସ୍ଥାନ କମ ରହୁଥିବା ସ୍ୱୀକାର କରିବା ସହିତ ଏଥିପାଇଁ ସେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ମାଲ୍‌ବାହୀ ଟ୍ରେନ୍‌ରେ ନିଆଁ

କୋରାପୁଟ, (ଭାସ୍କର ନ୍ୟୁଜ): ମାଛକୁଣ୍ଡ ରେଳ ଷ୍ଟେସନରେ ଏକ ମାଲ୍‌ବାହୀ ଟ୍ରେନ ବଗିରେ ନିଆଁ ଲାଗିଯାଇଥିଲା । ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇ ଥିଲେ । ଟ୍ରେନ୍‌ଟିରେ ଲୁହାପଥର ବୋଝେଇ ହୋଇଥିବା ବେଳେ ଘର୍ଷଣ ଯୋଗୁଁ ନିଆଁ ଲାଗିଥିବା ଅନୁମାନ କରାଯାଉଛି । ଠିକଣା ସମୟରେ ନିଆଁ ଆୟତ କରାଯାଇଥିବାରୁ ଏକ ବଡ଼ଧରଣର ଦୁର୍ଘଟଣାକୁ ଏଡାଇ ଦିଆଯାଇଥିବା ଦେଖଣାହାରୀ କହିଛନ୍ତି । ଗୁରୁବାର ଅପରାହ୍ନରେ ବିଶାଖାପାଟଣା ଯାଉଥିବା ଲୁହାପଥର ବୋଝେଇ ଟ୍ରେନ୍ ମାଛକୁଣ୍ଡ ରେଳ ଷ୍ଟେସନରେ ଅଟିକି ଥିଲା । ହଠାତ୍ ୬ଟି ବଗିର ଚକା ପାଖରେ ନିଆଁ ଲାଗିଯାଇଥିଲା । ରେଳ ବିଭାଗ କର୍ମଚାରୀ ତୁରନ୍ତ ନନ୍ଦପୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ କର୍ମଚାରୀ ପହଞ୍ଚି ବହୁ କସରତ କରି ନିଆଁ ଲିଭାଇ ଥିଲେ । ନିଆଁ ଲାଗିବା କାରଣ ସ୍ପଷ୍ଟ ହୋଇ ନଥିବା ବେଳେ ଘର୍ଷଣରୁ ନିଆଁ ବାହାରିଥିବା ଅନୁମାନ କରାଯାଉଛି ।

# ଗିରଫ ହେଲେ କୋଟିପତି ଖଣି ଅଧିକାରୀ

କେନ୍ଦୁଝର,(ଭାସ୍କର ନ୍ୟୁଜ): କେନ୍ଦୁଝରର କନିଷ୍ଠ ଖଣି ଅଧିକାରୀ ପଦ୍ମନାଭ ହୋତାଙ୍କୁ ଗୁରୁବାର ଭିଜିଲାନ୍ସ ଗିରଫ କରିଛି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏହି ଗିରଫ କରାଯାଇଛି । ଗତକାଲି ଭିଜିଲାନ୍ସ ଟିମ୍ ତାଙ୍କ କେନ୍ଦୁଝର ଘର ଏବଂ ଭୁବନେଶ୍ୱର, ଭବାନୀପାଟଣା, ଯାଜପୁର ସମେତ ୭ଟି ଜାଗାରେ ଏକକାଳୀନ ଚଢ଼ାଉ କରିଥିଲା । ବିଭିନ୍ନ ସ୍ଥାନରେ ଥିବା କୋଠା, ଜମି ଠାବ ହୋଇଥିବା ବେଳେ ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଥିଲା । ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍, ଭୁବନେଶ୍ୱରଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ଆଧାରରେ ଭିଜିଲାନ୍ସ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଥିଲା । ଟିମ୍ କେନ୍ଦୁଝରରେ ଥିବା ଅଫିସ ଓ ଭବାନୀପାଟଣା ହିଲ୍ ଟାଉନ୍ ଭଡ଼ାଘର, କେନ୍ଦୁଝର ସହର ଜଗନ୍ନାଥପୁରରେ ୧୦,୦୦୦ ବର୍ଗ ଫୁଟ୍ ଜମି




ଉପରେ ନିର୍ମିତ ୨ ମହଲା କୋଠା, ଭୁବନେଶ୍ୱର କରୋଡକଣ୍ଟାରେ ଅବସ୍ଥିତ ପ୍ଲଟ୍ (ନଂ ୨୨୨/୧୨୦୯)ରେ ଥିବା ୫୮୦୦ ବର୍ଗ ଫୁଟ୍ ଉପରେ ଥିବା ୪ ମହଲା କୋଠା, କେନ୍ଦୁଝର ଘସିପୁରା ତହସିଲର ମଦନପୁରରେ ଅବସ୍ଥିତ ପ୍ଲଟ୍ (ନଂ. ୨୮୨୭/୪୨୩୦)ରେ ନିର୍ମିତ ୫ ଏକରର ଏକ ଫାର୍ମ ହାଉସ, କଟକ ପ୍ରତାପନଗରୀରେ ୨ ପ୍ଲଟ୍, ଭୁବନେଶ୍ୱର କରୋଡକଣ୍ଟା, ସୁନ୍ଦରପଦାରେ ଗୋଟିଏ ଲେଖା ପ୍ଲଟ୍ ଓ ଯାଜପୁର ଜିଲ୍ଲା ଦାନଗଦିଠାରେ ୧ଏକର ଜମି, ଦାନଗଦିରେ ୧ ଏକର ୧୬ ଡିସିସିଲରେ ଏକ ଜମିରେ ୯ଟି ପ୍ଲଟ୍, ଗୋଟିଏ ୪ ଚକିଆ ଯାନ, ୨ଟି ଦୁଇଚକିଆ ଯାନ ଠାବ କରିଛି । ଏଥିସହ ବ୍ୟାଙ୍କ ଜମା, ଇନ୍ସ୍ୟୁରାନ୍ସ ଏବଂ ପୋଷ୍ଟାଲ ଜମାର ଖୋଳତାଡ ଚାଲିଛି । ଯାଜପୁରର ଜମାଦେଇପୁର ଶାସନରେ ଥିବା ପୈତୃକ ଘରେ ଏକ ମହଲା କୋଠା ଓ ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ବଳରାମପୁରରେ ଥିବା ସମ୍ପର୍କୀୟଙ୍କ ଘରେ ମଧ୍ୟ ଚଢ଼ାଉ ଜାରି ରହିଥିବା ସୂଚନା ମିଳିଛି । ଏହି ଚଢ଼ାଉରେ ୭ଜଣ ଡିଏସ୍‌ପି, ୫ଇନ୍ସପେକ୍ଟର, ୭ଜଣ ଏଏସ୍‌ଆଇ ଓ ଅନ୍ୟାନ୍ୟ ସହାୟକ କର୍ମଚାରୀ ସାମିଲ ଥିଲେ ।

# ଲୁଟେରାଙ୍କୁ ଧରି ପୋଲିସ ଜିମା ଦେଲେ ଗ୍ରାମବାସୀ

ଡେରାବିଶ, (ଭାସ୍କର ନ୍ୟୁଜ): କିଛି ଲୁଟେରା ବାବା ବେଶରେ ଗ୍ରାମାଞ୍ଚଳରେ ବୁଲି ଲୋକମାନଙ୍କ ଭାବାବେଗର ସୁଯୋଗ ନେଇ ବିଭିନ୍ନ ଉପାୟ ଓ କଳାକୌଶଳ ଅବଲମ୍ବନ କରି ଗ୍ରାମାଞ୍ଚଳର ସରଳ ଓ ନିରୀହ ପୁରୁଷ ମହିଳାମାନଙ୍କୁ ଲୁଟୁଛନ୍ତି । ସେମାନେ କେତେବେଳେ ବାବା ବେଶରେ ଆସୁଛନ୍ତି ପୁଣି କେତେବେଳେ ଫକିର ବେଶରେ ଆସୁଛନ୍ତି । ଏହିପରି ଏକ ଘଟଣାରେ ପୂର୍ବରୁ ବାବା ବେଶରେ ଜଣେ ମହିଳାଙ୍କ ଠାରୁ ସୁନାମୁଦି ଲୁଟିଥିବା ଲୁଟେରା ଜଣକ ଆଜି ଗ୍ରାମବାସୀଙ୍କ ଦ୍ୱାରା ଧରାପଡ଼ି ଉତମ ମଧ୍ୟମ ଖାଇବା ସହିତ ପୋଲିସ କବଜାକୁ ଯାଇଛନ୍ତି । ଏହି ଲୁଟେରାଙ୍କ ବିରୋଧରେ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନାରାୟପୁର ଗ୍ରାମର ହିମାଂସୁ ପାତ୍ର ଏକ ଲିଖିତ ଅଭିଯୋଗ କରିଛନ୍ତି । ହିମାଂଶୁଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ସ୍ତ୍ରୀ ଦମୟନ୍ତୀ ରାଉତ ମିଶନଶକ୍ତି ଅଫିସରୁ ଚଳିତ ମାସ ୧୮ ତାରିଖ ଦିନ ଫେରିବା ବାଟରେ ବିକ୍ରମ ସ୍ୱାଇଁ ନାମକ ଜଣେ ଲୁଟେରା ନିଜକୁ ବାବା ବେଶରେ ସଜାଇ ଖଟିଆବାବା ଭାବରେ ପରିଚୟ ଦେଇଥିଲେ । ଏଥିସହିତ ଦମୟନ୍ତୀଙ୍କୁ କହିଥିଲେ ଆଗକୁ ତୁମ ସ୍ୱାମୀଙ୍କ ବହୁତ ଖରାପ ସମୟ ଆସୁଛି ଓ ସେ ଅଳ୍ପଦିନରେ ମରିଯିବେ । ତୁ ମୋତେ ଠାକୁରଙ୍କ ନାମରେ ସୁନା ଦାନକର, ମୁଁ ପୂଜା କରିବି, ତୋ ସ୍ୱାମୀଙ୍କର ଗ୍ରହରିଷ୍ଟ ଖଣ୍ଡନ କରିବି । ଆଗନ୍ତୁକ ବାବାଙ୍କ ଠାରୁ ଏହା ଶୁଣିବା ପରେ ତାଙ୍କ ସ୍ତ୍ରୀ ହଠାତ୍ ହତବାକ ହୋଇଯାଇଥିଲେ । ଏହି ସୁଯୋଗରେ ଲୁଟେରା ଜଣକ ତୁରନ୍ତ ତାଙ୍କ ସ୍ତ୍ରୀ ହାତରେ ପିନ୍ଧିଥିବା ସୁନାମୁଦିକୁ କାଢ଼ି ସେଠାରୁ ଚମ୍ପଟ ମାରିଥିଲେ । ପରେ ଦମୟନ୍ତୀ ପ୍ରକୃତିସ୍ଥ ହୋଇ ସେ ଏହି ଲୁଟ୍‌ର ଶିକାର ହୋଇଥିବା ଜାଣିପାରିଥିଲେ ଓ ଏ ସମ୍ପର୍କରେ ତାଙ୍କ ଘରେ ଜଣାଇଥିଲେ । ତେବେ ଆଜି ପୁଣି ଏହି ବାବା ବେଶୀ ଲୁଟେରାଙ୍କୁ ଦମୟନ୍ତୀ ତାଙ୍କ ଗ୍ରାମରେ ଦେଖିବାକୁ ପାଇବାରୁ ତୁରନ୍ତ ପରିବାରବର୍ଗ ଓ ଗ୍ରାମବାସୀଙ୍କୁ ଜଣାଇଥିଲେ । ଗ୍ରାମବାସୀମାନେ ଏହି ବାବା ବେଶୀ ଲୁଟେରାଙ୍କୁ ଅଟକ ରଖି ଉତ୍ତମମଧ୍ୟମ ଦେବା ସହିତ ପୋଲିସକୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ଡେରାବିଶ ପୋଲିସ ପହଞ୍ଚି ବାବାଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଜ ହେପାଜତରେ ଚିକିତ୍ସା କରାଇବା ସହିତ ତଦନ୍ତ ଜାରି ରଖିଛନ୍ତି ।

# ୧୧ ହଜାରରୁ ଊର୍ଦ୍ଧ୍ୱ କରିନାହାନ୍ତି ଇ -କେୱାଇସି

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ରାସନକାର୍ଡ କଟିବା ଭୟରେ ଇ -କେୱାଇସି କରୁନାହାନ୍ତି ହିତାଧିକାରୀ । ପ୍ରାୟ ୩ମାସ ହେଲା ଯାଞ୍ଚ କରାଯାଉଥିଲେ ହେଁ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ମାତ୍ର ୮୩.୬ପ୍ରତିଶତ ଯାଞ୍ଚ କରାଇଛନ୍ତି । ଆହୁରି ୧୧ହଜାର ୩ଶହ ୭୨ଜଣ ହିତାଧିକାରୀ ଇ -କେୱାଇସି ଯାଞ୍ଚ କରାଉନାହାନ୍ତି । ନଭେମ୍ବର ସୁଦ୍ଧା ଯାଞ୍ଚ ଶେଷ କରି ଅଯୋଗ୍ୟଙ୍କୁ ବାଦ ଦେବା ସହ ନୂତନ ହିତାଧିକାରୀ ଯୋଡିବାକୁ ଖାଦ୍ୟ ଯୋଗାଣ ମନ୍ତ୍ରୀ କହିଥିବା ବେଳେ ଏବେ ହଜାର ହଜାର ହିତାଧିକାରୀ ଇ -କେୱାଇସି ନ କରିବା ଆଶ୍ଚର୍ଯ୍ୟ କରିଛି । ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଏମାନେ ଇ -କେୱାଇସି ଅପଡେଟ ନକଲେ ରାସନକାର୍ଡରୁ ବାଦ ପଡିବେ ନା ରହିବେ ସେ ନେଇ ଆଶଙ୍କା ପ୍ରକାଶ ପାଇଛି । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ୧୫ଗୋଟି ପଞ୍ଚାୟତରେ ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ମୋଟ ୬୯ହଜାର ୪ଶହ ୨୯ଜଣ ହିତାଧିକାରୀ ରାସନ କାର୍ଡରେ ଅନ୍ତର୍ଭୁକ୍ତ ହୋଇ ରାସନ ସାମଗ୍ରୀ ପାଉଛନ୍ତି । ନୂଆ ସରକାର ଆସିବା ପରେ ରାସନ କାର୍ଡରେ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେବାକୁ ଇ -କେୱାଇସି ଯାଞ୍ଚ ଆରମ୍ଭ ହୋଇଥିଲା । ଅଗଷ୍ଟ ୨୨ତାରିଖରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା । ୩ମାସ ହେଲା ଇ -କେୱାଇସି ଚାଲିଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ମୋଟ



ହିତାଧିକାରୀଙ୍କ ମଧ୍ୟରୁ ୮୩.୬ପ୍ରତିଶତ ଅର୍ଥାତ ୫୮ହଜାର ୫୭ ହିତାଧିକାରୀ ଅପଡେଟ କରିସାରିଛନ୍ତି। ଅନ୍ୟପକ୍ଷରେ, ଏହା ଶେଷ କରି ଅଯୋଗ୍ୟଙ୍କୁ ବାଦ ଦେବା ସହ ନୂଆ ଯୋଗ୍ୟ ହିତାଧିକାରୀଙ୍କୁ ନଭେମ୍ବର ସୁଦ୍ଧା ନୂଆ କାର୍ଡ ଯୋଗାଇଦିଆଯିବ ବୋଲି ମନ୍ତ୍ରୀ ଘୋଷଣା କରିଥିଲେ । ଏହାକୁ ନେଇ ଏବେ ସବୁଠି ଆଶଙ୍କା ପ୍ରକାଶ ପାଇଛି । ପର୍ଯ୍ୟାପ୍ତ ସମୟ ଦିଆଯିବା ପରେ ମଧ୍ୟ ଏତେ ସଂଖ୍ୟକ ହିତାଧିକାରୀ କାହିଁକି ଇ -କେୱାଇସି କରୁନାହାନ୍ତି ? ସବୁ ସ୍ତରରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । କିଛି ଅଯୋଗ୍ୟ ହିତାଧିକାରୀ ତାଲିକାରେ ରହିଥିବା ଆଲୋଚନା ହେଉଛି । ଇ -କେୱାଇସି କରିନଥିବା ସମସ୍ତ ୧୧ହଜାର ୩ଶହ ୭୨ହିତାଧିକାରୀଙ୍କ ସ୍ଥିତି କ'ଣ ହେବ ଅଡୁଆ ସୃଷ୍ଟି କରିଛି । ଏ ନେଇ ଅସ୍ତରଙ୍ଗ ବ୍ଲକ ଯୋଗାଣ ଅଧିକାରୀ ଶିବ ପ୍ରସାଦ ମହାନ୍ତି କହିଛନ୍ତି ଇ -କେୱାଇସି ଚାଲିଛି । ଶେଷ ତାରିଖ କେବେ ସେ ନେଇ କୌଣସି ବିଭାଗୀୟ ନିର୍ଦ୍ଦେଶ ଆସିନାହିଁ । ଯାହା ନିର୍ଦ୍ଦେଶବଳୀ ଆସିବ ସେହି ଅନୁସାରେ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି ।

# ବସ୍ ମାଲିକ ସଂଘ ସଭାପତିଙ୍କୁ ଛୁରାମାଡ଼

କୋରାପୁଟ, (ଭାସ୍କର ନ୍ୟୁଜ): ବସ୍ ଚଳାଚଳ ସମୟକୁ କେନ୍ଦ୍ର କରି କୋରାପୁଟ ଘରୋଇ ବସ୍ ମାଲିକ ସଂଘ ସଭାପତି ସେକ୍ କାସିମଙ୍କ ଉପରେ ଆକ୍ରମଣ ହୋଇଛି । ତାଙ୍କ ପିଠିରେ ଛୁରା ମାଡ ହୋଇଥିବା କୋରାପୁଟ ଟାଉନ ଥାନାରେ ଅଭିଯୋଗ ହୋଇଛି । ଏହି ଘଟଣାରେ ପୋଲିସ ଜଣେ ଘରୋଇ ବସ୍ ମାଲିକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି । କୋରାପୁଟରୁ ଜୟପୁର ଅଭିମୁଖେ ବାହାରିଥିବା ଗୋଟିଏ ଘରୋଇ ବସ୍ କଣ୍ଡକ୍ଟରଙ୍କୁ ଅନ୍ୟ ଗୋଟିଏ ଘରୋଇ ବସ୍ ମାଲିକ ଫୋନ କରି ୨ଟା ୨୦ମିନିଟ ପରିବର୍ତ୍ତେ ୨ଟା ୧୫ମିନିଟରେ ବସ୍ ଛାଡିବାକୁ ଧମକ ଦେଇଥିଲେ । ଏନେଇ ତୁରନ୍ତ କଣ୍ଡକ୍ଟର ବସ୍ ମାଲିକଙ୍କୁ ଅବଗତ କରାଇଥିଲେ । ବିବାଦର ଆଶଙ୍କା କରି ଘରୋଇ ବସ୍ ମାଲିକ ସଂଘକୁ ଏହି ବିଷୟରେ ଜଣାଇଥିଲେ ସଂପୃକ୍ତ ବସ୍ ମାଲିକ । ଅଭିଯୋଗକୁ ଭିତ୍ତିକରି ଘରୋଇ ବସ୍ ମାଲିକ ସଂଘ ସଭାପତି ସେକ୍ କାସିମ୍, ସଂପାଦକ ଓ ସଂପୃକ୍ତ ବସ୍ ମାଲିକ ବସ୍‌ଷ୍ଟାଣ୍ଡକୁ ଆସିଥିଲେ । ଏହି ଖବର ପାଇ ଧମକ ଦେଇଥିବା ବସ୍ ମାଲିକଙ୍କ ସହ ଅନ୍ୟ କିଛି ଜଣ ମଧ୍ୟ ସେଠାରେ ପହଞ୍ଚିଥିଲେ । ସେଠାରେ କାସିମ୍‌ଙ୍କୁ ଗାଳିଗୁଲଜ ସହ ଛୁରିରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ସହ ଛୁରିରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ମିଳିବା ପରେ ପୋଲିସ ସିସି କ୍ୟାମେରା ଯାଞ୍ଚ କରିଥିଲା । ତେବେ ସେହି ସମୟରେ କୋରାପୁଟ ସହରରେ ବିଦ୍ୟୁତ ନଥିବାରୁ କୌଣସି ପ୍ରକାର ରେକର୍ଡ ହୋଇପାରିନି । ତଦନ୍ତ ଚାଲିଛି ଏବଂ ବିପକ୍ଷ ଗୋଷ୍ଠୀ ପାଲଟା ଏତଲା ଦେଇଥିବା କୋରାପୁଟ ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି । କୋରାପୁଟ ମେଡିକାଲରେ ସେକ୍ କାସିମଙ୍କ ଚିକିତ୍ସା କରାଯାଉଛି ।

# ଲିଙ୍ଗଭିତ୍ତିକ ହିଂସା ଅଭିଯାନ ବିରୋଧୀ ଅଭିଯାନ

ଭଦ୍ରକ, (ଭାସ୍କର ନ୍ୟୁଜ): ମହିଳା ଶିଶୁ ବିକାଶ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ସୋସାଇଟ୍ ଫର ଉଇକର କମ୍ୟୁନିଟି (ଆସିଆନା)ର ଶକ୍ତି ସଦନ ପ୍ରକଳ୍ପ ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଭଦ୍ରକ ବସ୍ ସିଣ୍ଡିକେଟ୍ ସଭାଗୃହରେ ଆସିଆନ୍‌ର ସମ୍ପାଦିକ ସୋଫିଆ ସେକ୍‌ଙ୍କ ସଭାପତିତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନ୍ୟ ପ୍ରମୁଖ ବ୍ୟକ୍ତିଙ୍କ ମଧ୍ୟରେ ବସ୍ ଆସୋସିଏସନ୍‌ର ସଭାପତି ଶ୍ରୀନିବାସ ପତି, ଟାଉନ୍ ଥାନା ସବ୍‌ଇନିସ୍ପେକ୍ଟର ଅରୁନ୍ଧତୀ ପରିଡ଼ା, ଏଗାର ନମ୍ବର ୱାର୍ଡ଼ର କାଉନ୍‌ସିଲର ପ୍ରତିନିଧି ପଙ୍କଜ ବଳ ଓ ଓନ୍ ଷ୍ଟପ୍ ସେଣ୍ଟର ଆଡ଼ମିନିଷ୍ଟେଟର ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ଯୋଗଦେଇ ୧୧୨ ଜରୁରୀକାଳୀନ ସେବା, ୧୮୧ ମିହଳା ହେଲ୍ପଲାଇନ୍ ଏବଂ ୧୦୯୮ ଚାଇଲ୍ଡ଼ ହେଲପ୍ ଲାଇନ୍ ଉପଯୋଗିତା ଉପରେ



ବିସ୍ତୃତ ଆଲୋଚନା କରିବା ସଙ୍ଗେ ସଙ୍ଗେ ଲିଙ୍ଗ ଭିତ୍ତିକ ହିଂସା ସମାଜ ପାଇଁ ବିପଦ ଏହାକୁ ରୋକିବା ପାଇଁ ଉଦ୍ୟମର ଆବଶ୍ୟକତା ଅଛି ବୋଲି ସମସ୍ତେ ମତବ୍ୟକ୍ତ ପ୍ରଦାନ କରିଥିଲେ । ପ୍ରାରମ୍ଭିକ ସୂଚନା ଆରସିଆନାର ସଂଯୋଜକ ରିଆଜ ଅହମଦ୍ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବସ୍ ସିଣ୍ଡିକେଟ୍ ସଦସ୍ୟ ସୂତାର ରଞ୍ଜନ ସାହୁ, ଇନ୍ତେଆଜ୍ ଅଲ୍ଲି ଖାନ୍, ସଫିରୁଦ୍ଦିନ୍ ଖାନ୍, କୈଳାସ ଚନ୍ଦ୍ର ସାହୁ, ସଲାମୁଦ୍ଦିନ୍ ଖାନ୍, ରବିନ୍ଦ୍ର କୁମାର ଦାସ ଏବଂ ଚାଇଲ୍ଡ଼ ଲାଇନ୍‌ର ପରାମର୍ଶଦାତା ଲକ୍ଷ୍ମଣ ଜେନା, ସୁପରଭାଇଜର ଦିଗ୍‌ବିଜୟ ମହାନ୍ତି ପ୍ରମୁଖ ଏହି ସଭା ପରେ ଉପସ୍ଥିତ ରହିଥିଲେ । ଏହି ଅବସରରେ ଏହା ନିଷ୍ପତ୍ତି ନିଆଗଲା ଯେ ଏହି ହେଲ୍ପଲାଇନ୍ ନମ୍ବର ବା ଜରୁରୀକାଳୀନ ନମ୍ବରଗୁଡ଼ିକ ବସ୍ ଟରମିନାଲ୍ ନିକଟରେ ଲୋକମାନଙ୍କ ସଚେତନତା ପାଇଁ ଦୃଶ୍ୟ ଫଳକ ମାଧ୍ୟମରେ ସଚେତନା କରାଯିବାକୁ ସ୍ଥିର କରାଗଲା । ଏହି କାର୍ଯ୍ୟକ୍ରମକୁ ଆସିଆନାର କର୍ମକର୍ତ୍ତା ଜନ୍ମଜ୍ୟୋତି ବେହେରା, ବିକାଶ ରାଉତ, ସାଧନା ସରଗମ୍ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ମୁକ୍ତାଶ୍ରୟ କେନ୍ଦ୍ରର ସଂଯୋଜକ ସନ୍ଦୀପ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ସାଇଲୋ ସମିତିକୁ ଶ୍ରେଷ୍ଠ ସମବାୟ ସମିତି ସମ୍ମାନ

କୁଜଙ୍ଗ, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲାରେ ୭୧ ତମ ସମବାୟ ସପ୍ତାହ ପାଳନ ଅବସରରେ ଜଗତସିଂହପୁର ଜିଲ୍ଲାରେ ଥିବା ୧୦୮ ଗୋଟି ସେବା ସମବାୟ ସମିତି ମଧ୍ୟରୁ ସାଇଲୋ ପ୍ରାଥମିକ ସେବା ସମବାୟ ସମିତିକୁ ଶ୍ରେଷ୍ଠ ସମବାୟ ସମିତି ସମ୍ମାନରେ ସମ୍ମାନିତ କରାଯାଇଛି। ସୂଚନା ଅନୁସାରେ ସଂସ୍କୃତି ଭବନ ପରିସରରେ ଆୟୋଜିତ ୭୧ ତମ ସମବାୟ ସପ୍ତାହ ପାଳନ ଅବସରରେ ସାଇଲୋ ସେବା ସମବାୟ ସମିତିର କାର୍ଯ୍ୟଦକ୍ଷତା ସର୍ବାଧିକ ଜମା ରାଶି, ଋଣ କାରବାରରେ ସୁପରିଚାଳନା, ଫର୍ଟିଲାଇଜର ସିଡ୍ ସାର ଭିତ୍ତିରେ ପରିଚାଳନା ନିମନ୍ତେ କାର୍ଯ୍ୟଦକ୍ଷତା ସର୍ବାଧିକ ହାସଲ କରିଥିବାରୁ ୧୦୮ ସେବା ସମବାୟ ସମିତି ମଧ୍ୟରୁ ସାଇଲୋ ପ୍ରାଥମିକ ସେବା ସମବାୟ ସମିତିକୁ ଶ୍ରେଷ୍ଠ ସମବାୟ ସମିତି ସମ୍ମାନରେ ସମ୍ମାନିତ କରିଛନ୍ତି ଜଗତସିଂହପୁର ଜିଲ୍ଲାପାଳ ଜେ ସୋନାଲ । ଏହି ପୁରସ୍କାର ଗ୍ରହଣ କରୁଛନ୍ତି ସାଇଲୋ ସେବା ସମବାୟ ସମିତିର ସଭାପତି ପ୍ରଦିପ କୁମାର ବେଉରା ଯାହାକି ୨୦୨୨ ମସିହା ଜୁଲାଇ ୫ରେ ସଭାପତି ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ । ଦୀର୍ଘ ୩ ବର୍ଷ ଧରି ସଭାପତି ଭାବରେ ଦାୟିତ୍ୱ ନିର୍ବାହ କରି ସମବାୟ ସମିତିକୁ ସବୁ ଦିଗରେ ଅଗ୍ରସର କରାଇଥିଲେ । ତାଙ୍କରି ସୁପରିଚାଳନା ପାଇଁ ଓ ସମବାୟ ସମିତିର ନିର୍ଦ୍ଦେଶକ ମଣ୍ଡଳୀ ସମେତ ସମିତିର ସମ୍ପାଦକ, ସମସ୍ତ ଚାଷୀଙ୍କ ପାଇଁ ସମ୍ଭବପର ହୋଇପାରିଛି ବୋଲି ଶ୍ରୀ ବେଉରା ପ୍ରକାଶ କରିଛନ୍ତି । ଏହି ସମ୍ମାନ ଜିଲ୍ଲାପାଳ ଜେ ସୋନାଲ ସମବାୟ ସମିତିର ସଭାପତି ଶ୍ରୀ ବେଉରାଙ୍କୁ ମାନପତ୍ର ଉପଢୌକନ ସହ ସମ୍ମାନିତ କରିଥିଲେ । ସମ୍ମାନିତ



ସମୟରେ ସାଇଲୋ ପ୍ରାଥମିକ କୃଷି ସେବା ସମବାୟ ସମିତିର ସଂପାଦକ ସଚ୍ଚିଦାନନ୍ଦ ବୈଶାଖ ଉପସ୍ଥିତ ଥିଲେ। ମଞ୍ଚରେ ଅନ୍ୟତମ ଅତିଥି ଡିଆର୍‌ସିସିଆର୍‌ସି ଉପସ୍ଥିତ ଥିଲେ । ସାଇଲୋ ସମିତିକୁ ଶ୍ରେଷ୍ଠ ସମବାୟ ସମିତି ସମ୍ମାନ ପାଇବା ପରେ ରାହାମା ଅଞ୍ଚଳର ବରିଷ୍ଠ ନାଗରିକ ତଥା ସମବାୟ ସମିତିର ନିର୍ଦ୍ଦେଶକ ମଣ୍ଡଳୀ ରବି ନାରାୟଣ ସାହୁ, ଗଜେନ୍ଦ୍ର ବିଶ୍ୱାଳ ନିତ୍ୟାନନ୍ଦ ସିଂ, ଶୁଶାନ୍ତ କୁମାର ଖଟୁଆ, ଉପସଭାନେତ୍ରୀ ଅଞ୍ଜନା ପରିଡ଼ା, ତୁଷାର ଲେଙ୍କା, ପ୍ରମୋଦ ସାହୁ, ପୂର୍ବତନ ସଭାପତି ଭିକାରୀ ସେନାପତି, ଦୀପକ ଦାସ, ନୃସିଂହ ଚରଣ ସେନାପତି, ସାଇଲୋ ସରପଞ୍ଚ ସରୋଜ ସେଠି, ତାଳପଡା ସରପଞ୍ଚ ଦମୟନ୍ତୀ ଲେଙ୍କା ଓ ସମସ୍ତ ଚାଷୀମାନେ ଶ୍ରୀ ବେଉରାଙ୍କ କାର୍ଯ୍ୟଦକ୍ଷତା ନିଷ୍ଠାପର ଭାବରେ ଦାୟିତ୍ୱ ତୁଲାଇ ଥିବାରୁ ଏବଂ ସମ୍ପାଦକ କାର୍ଯ୍ୟ ଦକ୍ଷତା ପାଇଁ ଉଭୟଙ୍କୁ ଅଞ୍ଚଳବାସୀ ନିର୍ଦ୍ଦେଶକ ମଣ୍ଡଳୀ ଚାଷୀମାନେ ଶୁଭେଚ୍ଛା ଜଣାଇଛନ୍ତି ।

# ସମ୍ବିଧାନ ଦିବସ ପାଳିତ

କୋରାପୁଟ, (ଭାସ୍କର ନ୍ୟୁଜ): ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନିୟ ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ଦୁଇଦିନ ଧରି ପାଳନ କରାଯାଇଛି । ସମ୍ବିଧାନ ବିଷୟରେ ଆୟୋଜିତ ଓଡିଆ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ, ଝୋଟି ଏବଂ କୁଇଜ ପ୍ରତିଯୋଗିତାରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ । ଏଥିସହ ଏକକାଳୀନ ସମ୍ବିଧାନର ମୁଖବନ୍ଧ ପାଠ ସହ ପାଠଚକ୍ରର ଆୟୋଜନ କରାଯାଇଥିଲା । ଗୋଟିଏ ଦେଶ ଗୋଟିଏ ନିର୍ବାଚନ, ଏକ ଭାରତ ଶ୍ରେଷ୍ଠ ଭାରତ, ଆତ୍ମନିର୍ଭର ଭାରତ, ସବକା ସାଥ୍ ସବକା ବିକାଶ ଶୀର୍ଷକରେ ବିଶେଷଜ୍ଞ, ଅଧ୍ୟାପକ ଏବଂ ଛାତ୍ରଛାତ୍ରୀମାନେ ଆଲୋକପାତ କରିଥିଲେ । ଆଲୋଚନା ଚକ୍ରରେ ଡ. ଦିଲୀପ କୁମାର ଦଳେଇ, ଉପେନ୍ଦ୍ର ଶବର, ଚକ୍ରଧର ବେହେରା, ପ୍ରଜ୍ଞା ପରିମିତା ସାମନ୍ତରାୟ ଓ ସସ୍ମିତା ନାୟକ ଉପରୋକ୍ତ ଶୀର୍ଷକରେ ଆଲୋକପାତ କରିଥିଲେ । ଅଧ୍ୟକ୍ଷ ପ୍ରଫେସର ଦେବେନ୍ଦ୍ର କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଯାପନୀ ସଭାରେ ଅଧ୍ୟାପକ ସୁଶାନ୍ତ କୁମାର ମହାରଣା, ଡ. ପୂର୍ଣ୍ଣଚନ୍ଦ୍ର ତନ୍ତି ଓ ଡ. ଭାରତୀ ଜାନି ସମ୍ବିଧାନ ଦିବସର ମହତ୍ୱ ଉପରେ ଆଲୋକପାତ କରି ଗଣତନ୍ତ୍ର ରାଷ୍ଟ୍ରରେ ସମ୍ବିଧାନର ଭୂମିକା ଓ ଭାରତୀୟ ନାଗରିକଙ୍କ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ । ଭାରପ୍ରାପ୍ତ ଅଧ୍ୟକ୍ଷ ଡୋଲାମଣୀ କୁମ୍ଭାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅଧ୍ୟାପିକା ତଥା କାର୍ଯ୍ୟକ୍ରମର ସଂଯୋଜିକା ଝରଣା ସାହୁ ସମ୍ବିଧାନ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅଧ୍ୟାପକ ପ୍ରଜ୍ଞା ପରିମିତା ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଅଧ୍ୟାପିକା ଡ. ରାଖୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ସୁଶାନ୍ତ କୁମାର ମହାରଣା ଏବଂ ଚକ୍ରଧର ବେହେରା ଛାତ୍ରଛାତ୍ରୀଙ୍କୁ ୪ଟି ଗ୍ରୁପରେ ବିଭକ୍ତ କରି କୁଇଜ୍ ପ୍ରତିଯୋଗୀତାର ଆୟୋଜନ କରିଥିଲେ । ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ରାସ୍ତା ଦୁଇ ପାର୍ଶ୍ୱରେ ପେଭର ବ୍ଲକ୍ ଗଠନକୁ ନେଇ ଅସନ୍ତୋଷ

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ସଦରମହକୁମାର ରାସ୍ତାର ଉଭୟ ପାର୍ଶ୍ୱକୁ ଖୋଳା ଯାଇ ଚାଲିଥିବା ପେଭର ବ୍ଲକ୍ ଗଠନ କାର୍ଯ୍ୟକୁ ନେଇ ଜନସାଧାରଣ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି । ଦୀର୍ଘ ୨୦ଦିନରୁ ଊର୍ଦ୍ଧ୍ୱ ସମୟ ହେଲାଣି ସଂପୂର୍ଣ୍ଣ କୋରୁକୋଣ୍ଡା ବାଜରର ଉଭୟ ପର୍ଶ୍ୱକୁ ଏକକାଳୀନ ସମୟରେ ଖୋଳା ଯାଇଛି କିନ୍ତୁ ପେଭର ବ୍ଲକ୍ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ମନ୍ଥର ଗତିରେ ଚାଲିଛି, ଯାହା ଫଳରେ ୩୦ ପ୍ରତିଶତ କାର୍ଯ୍ୟ ମଧ୍ୟ ବର୍ତ୍ତମାନ୍ ସୁଧା ଶେଷ ହୋଇ ନାହିଁ । ଏଭଳି ଦୀର୍ଘ ଦିନ ହେବ କାର୍ଯ୍ୟଟି ଆରମ୍ଭ ହେଇଥିଲେ ମଧ୍ୟ କୌଣସି ସତର୍କତା ସଙ୍କେତ, ବ୍ୟାରିକେଡ୍ କିମ୍ବା ସୁରକ୍ଷା ବ୍ୟବସ୍ଥା ନଥିବାରୁ ଏହା ଦୁର୍ଘଟଣାର ମୁଖ୍ୟ କାରଣ ପାଲଟିଛି । ଯଦି ଅବା ଯେଉଁଠି କାର୍ଯ୍ୟ ଯେତିକି ପରିମାଣର



ଶେଷ ହେଲାଣି, ସେଇ ଜାଗାକୁ ସଫା କରାନଯାଇ ରାସ୍ତା ଉପରେ ବାଲି ଓ ପେଭର ବ୍ଲକ୍ ମାଲ ମସଲା ପଡ଼ିରହିଛି । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, କାମ ଦୀର୍ଘଦିନ ଧରି ଚାଲୁଛି, କିନ୍ତୁ ସୁରକ୍ଷା ବ୍ୟବସ୍ଥା ପ୍ରତି କୌଣସି ପଦକ୍ଷେପ ନିଆଯାଇନାହିଁ । ପାଦଚାରୀ, ବିଶେଷକରି ଶିଶୁ ଏବଂ ବୃଦ୍ଧମାନଙ୍କୁ ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି । ମଟର ଚାଳକମାନେ ବି ଅଚାନକ ବିକଳ୍ପ ରାସ୍ତା ଓ ରାସ୍ତାରେ ଜମା ହୋଇଥିବା ମାଲମସଲା କାରଣରୁ ବିପଦର ସମ୍ମୁଖୀନ ହେଉଛନ୍ତି ଏବଂ ରାତିରେ ଏହା ଅଧିକ ଜଟିଳ ହେଉଛି । ସ୍ଥାନୀୟବାସୀଙ୍କ କହିବା ଅନୁଯାୟୀ, ଏପରି ପ୍ରକଳ୍ପ ଗୁଡ଼ିକ ନିୟମ ଅନୁଯାୟୀ ସତର୍କତା ସଙ୍କେତ ଏବଂ ରାତ୍ରି ସମୟରେ ଭଲ ଆଲୋକ ବ୍ୟବସ୍ଥା ସହ କାମ କରାଯିବା ଆବଶ୍ୟକ । ଏହି କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ରାସ୍ତାରେ ଯାନବାହାନ ମଧ୍ୟ ଭିଡ଼ ଜମୁଥିବାର ଦେଖିବାକୁ ମିଳୁଛି । ସ୍ଥାନୀୟ ବାସିନ୍ଦା ଅନୁରୋଧ କରିଛନ୍ତି ଯେ, ଏହି ସମସ୍ୟାକୁ ଶୀଘ୍ର ସମାଧାନ କରାଯାଇ ଏବଂ ସୁରକ୍ଷାର ସହ କାମ କରାଯାଉ । ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲୁ କିନ୍ତୁ ଯୋଗାଯୋଗ ହୋଇ ପାରି ନଥିଲା।

# ସୂଚନା ଓ ଲୋକସମ୍ପର୍କ ବିଭାଗର କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକଙ୍କ ଭଦ୍ରକ ଗସ୍ତ

ଭଦ୍ରକ, (ଭାସ୍କର ନ୍ୟୁଜ): ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ, କେନ୍ଦ୍ରାଞ୍ଚଳ କଟକ ହେମନ୍ତ କୁମାର ନାୟକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ ପାଇଁ ଭଦ୍ରକ ଜିଲ୍ଲା ଗସ୍ତରେ ଆସିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ ଅନ୍ୟ ଦୁଇ କର୍ମଚାରୀ ମୀନାକ୍ଷୀ ଗରାବଡ୍ଡୁ ଓ ସୁରେଶ ଚନ୍ଦ୍ର ତ୍ରିପାଠୀ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସ୍ୱାଗତ କରିଥିଲେ । ନିକଟରେ ପୁନରୁଦ୍ଧାର କରାଯାଇଥିବା କାର୍ଯ୍ୟାଳୟ କୋଠା, ଘରର ବିଭିନ୍ନ କକ୍ଷ, ପଠନାଗାର ଓ କାର୍ଯ୍ୟାଳୟର ଆସବାବପତ୍ର ପରିଦର୍ଶନ କରିବା ସହିତ ନିର୍ମାଣାଧିନ ପ୍ରାଚୀର ଓ ଗେଟ୍ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ । କାର୍ଯ୍ୟାଳୟର କେଶବୁକ୍, ସଂପୃକ୍ତ ସମସ୍ତ ରେଜିଷ୍ଟର, ଆବଶ୍ୟକ ଫାଇଲପତ୍ର ତଦାରଖ କରିଥିଲେ । ସୂଚନା କେନ୍ଦ୍ର ତଥା ପଠନାଗାର ଭଦ୍ରକର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଅବଗତ ହୋଇଥିଲେ । ଆସନ୍ତା ଡିସେମ୍ବର ମାସରେ ଅବସର ନେବାକୁ ଥିବା କାର୍ଯ୍ୟାଳୟର ଏକମାତ୍ର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପେନ୍‌ସନ୍ ସଂକ୍ରାନ୍ତୀୟ ସମସ୍ତ କାର୍ଯ୍ୟ ଠିକ୍ ସମୟରେ ସମ୍ପାଦନ କରିବା ପାଇଁ ଡ଼ିଆଇପିଆର୍‌ଓଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଆରଡ଼ି ପୀଠରେ ଥିବା ସୂଚନା କେନ୍ଦ୍ର ତଥା ପଠନାଗାର କର୍ମଚାରୀ ଅଭାବରୁ ଦୀର୍ଘ ବର୍ଷ ଧରି ଖୋଲାଯାଇ ପାରୁନଥିବାରୁ ସେଠାକାର ସ୍ଥିତାବସ୍ଥା ପରଖିବା ପାଇଁ ଆରଡ଼ି ଗ୍ରସରେ ଯାଇଥିଲେ । ବାବା ଆଖଣ୍ଡଳମଣିଙ୍କ ମନ୍ଦିର ପରିଦର୍ଶନ ସହ ଭଡ଼ା ଘରେ ସୂଚନା କେନ୍ଦ୍ରର ସମସ୍ତ ଆସବାବପତ୍ରକୁ ରଖାଯାଇ ତାଲା ପକାଯାଇଥିବା ଦେଖି ଉକ୍ତ କେନ୍ଦ୍ର ସ୍ଥାନାନ୍ତର ପାଇଁ ସରକାରୀ ଘର ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନକୁ ଜଣାଇବା ପାଇଁ ଉପନିର୍ଦ୍ଦେଶକ ଡ଼ିଆଇପିଆର୍‌ଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।



କାକଟପୁର, (ଭାସ୍କର ନ୍ୟୁଜ) : କାକଟପୁର ପ୍ରାଚୀବିହାର ସ୍ଥିତ ମା' ମଙ୍ଗଳା ଯାତ୍ରା ପରିବାର ପକ୍ଷରୁ ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ମାନସ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମଙ୍ଗଳା ମହାବିଦ୍ୟାଳୟର ଅଧ୍ୟକ୍ଷ ବିନୋଦ ବିହାରୀ ବେହୁରା, ସମ୍ମାନିତ ଅତିଥି ଭାବେ କାକଟପୁର ପ୍ରେସ କ୍ଲବର ସଭାପତି କମଳ ଲୋଚନ ଦୀକ୍ଷିତ, କାକଟପୁର ସରପଞ୍ଚ ଅଭୟ ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ବିହାରୀ ମହାନ୍ତି, ମଙ୍ଗଳା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ସଂଗ୍ରାମ ଛାଟୋଇ, ରାଜନୀତି ବିଜ୍ଞାନ ଅଧ୍ୟାପକ ଲଲାଟେନ୍ଦୁ ସ୍ୱାଇଁ ପ୍ରମୁଖ ଯୋଗଦେଇ ସମାଜରେ ଘଟୁଥିବା ବିଭିନ୍ନ କୁସଂସ୍କାରକୁ ରୋକିବା ପାଇଁ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ସହିତ କୁ-ପଥଗାମୀ ହେଉଥିବା ଯୁବସମାଜକୁ ମୁଖ୍ୟସ୍ରୋତକୁ ଫେରାଇଆଣିବା ଏହା ଏକ ଉତ୍ତମ ମାଧ୍ୟମ ବୋଲି ଆଲୋକପାତ କରିଥିଲେ । ଯାତ୍ରା ପରିବାରର କଳାକାର ମାନସ, ଯତୀନ, ଚଗଲା, ପ୍ରଦେଶ, ମୁରଲୀ, ଅଞ୍ଜନା, ମଇନାଙ୍କ ସମେତ ସମସ୍ତ କଳାକାରର ଦ୍ୱାରା ପରିବେଷିତ ଓ ଧ୍ରୁବଚରଣ ଖୁଣ୍ଟିଆ ନିର୍ଦ୍ଦେଶିତ ପ୍ରଥମ ରାତ୍ରିର ନାଟକ 'ମନ କିଣିନେଲା କଳାନାଗର' ଓ ଦ୍ୱିତୀୟ ରାତ୍ରିର ନାଟକ 'ରଙ୍ଗିଲା ରାଧିକା ରଜନୀ ଗନ୍ଧା' ଦର୍ଶକଙ୍କ ଦ୍ୱାରା ବେଶ ପ୍ରଶଂସା ସାଉଁଟିଥିଲା ।

# ବନ୍ଦ ହୋଇଗଲା କି ବେଳାଭୂମି ମହୋତ୍ସବ ?




ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ) : ୧୯୯୯ ମହାବାତ୍ୟାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳ ଧ୍ୱଂସ ବିଧ୍ୱସ୍ତର ଦୀର୍ଘବର୍ଷ ପରେ ଅନେକ କିଛି ବଦଳିଛି । କିନ୍ତୁ ପୁରୀ ଜିଲ୍ଲାର ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ପୀରଜାହାନିଆ ପୀଠ ପର୍ଯ୍ୟଟନ ବିଭବର ବିକାଶକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି । ପୀର ଜାହାନିଆ ପୀଠ ବିସ୍ତୃତ ବେଳାଭୂମି ପର୍ଯ୍ୟଟକଙ୍କ ଭିଡ଼ ଜମିବା ସାଙ୍ଗକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଆତ୍ମନିଯୁକ୍ତିର ବାଟ ଖୋଲିବା ଅର୍ଥନୈତିକ ବିକାଶ ସାଧିତ ହେଉଅଛି । ଏହାକୁ ଅଧିକ ପ୍ରଭାବଶାଳୀ କରିବାକୁ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତର ଅଧିବାସୀ ଓ ବୁଦ୍ଧିଜୀବୀ ମାନଙ୍କୁ ନେଇ ୨୭ ଓ ୨୮ ନଭେମ୍ବର ୨୦୨୩ ମସିହା କାର୍ତ୍ତିକ ପୂର୍ଣ୍ଣିମା, ପୀରଜାହାନିଆ ବାଲିଯାତ୍ରା ସମୟ ରେ ଆରମ୍ଭ ହୋଇଥିଲା ଅସ୍ତରଙ୍ଗ ବେଳାଭୂମି ମହୋତ୍ସବ । ଚଳିତ ବର୍ଷ ବେଳାଭୂମି ମହୋତ୍ସବ ପାଇଁ ଅକ୍ଟୋବର ୧୦ତାରିଖରେ କମିଟି ସଦସ୍ୟ ମାନଙ୍କୁ ନେଇ ବୈଠକ ହୋଇ ନଭେମ୍ବର ୨୯ ଓ ନଭେମ୍ବର ୩୦ତାରିଖରେ ଦ୍ୱିତୀୟ ବାର୍ଷିକ ଅସ୍ତରଙ୍ଗ ବେଳାଭୂମି ମହୋତ୍ସବ ହେବ ବୋଲି ଧାର୍ଯ୍ୟ କରାଯାଇଥିଲା । କିନ୍ତୁ ଛୁରିଆନା ପଞ୍ଚାୟତ ସରପଞ୍ଚ କ୍ଷୀରୋଦ କାଣ୍ଡି କହିବା ମୁତାବକ କେତୋଟି କାରଣରୁ ଚଳିତ ବର୍ଷ ଅସ୍ତରଙ୍ଗ ବେଳାଭୂମି ମହୋତ୍ସବ ସ୍ଥଗିତ ରଖାଯାଇଛି । କିନ୍ତୁ ଗତବର୍ଷ ଆରମ୍ଭ ହୋଇଥିବା ଅସ୍ତରଙ୍ଗ ବେଳାଭୂମି ମହୋତ୍ସବ ସ୍ଥଗିତ ଖବର ସ୍ଥାନୀୟ ଅଞ୍ଚଳବାସୀଙ୍କୁ ନିରାଶ କରିଛି । ଏଠାକୁ ବୁଲିବାକୁ ଆସୁଥିବା ଅନେକ ପର୍ଯ୍ୟଟକ ମହୋତ୍ସବ ଉପଭୋଗ କରିବା ସହ ମହୋତ୍ସବ ସମୟରେ ପଡୁଥିବା ବିଭିନ୍ନ ଷ୍ଟଲରୁ ମନମୁତାବକ ଜିନିଷ କିଣିବାରେ ମଧ୍ୟ ସୁଯୋଗ ପାଇପାରୁଥିଲେ । ଏଥିସହ ମହୋତ୍ସବକୁ ଆଧାର କରି ସ୍ଥାନୀୟ ବ୍ୟବସାୟୀ ମାନେ ଦୁଇ ପଇସା ରୋଜଗାର କରିବାରେ ସୁଯୋଗ ମଧ୍ୟ ପାଉଥିଲେ । କିନ୍ତୁ ମହୋତ୍ସବ ଆୟୋଜନ ବନ୍ଦ ହେବା ଫଳରେ ଛୋଟ ଛୋଟ ବ୍ୟବସାୟୀ ମାନେ ଦୁଃଖରେ ଭାଙ୍ଗି ପଡ଼ିଥିବା ଜଣାପଡିଛି । ପର୍ଯ୍ୟଟନ ପୀଠ ପୀରଜାହାନିଆକୁ ଆକୃଷ୍ଟ କରିବା ସହ ଅସ୍ତରଙ୍ଗକୁ ରାଜ୍ୟ ସ୍ତରରେ ହେଉ ଅବା ଆନ୍ତର୍ଜାତୀୟ ସ୍ତରରେ ପରିଚିତ କରିବା ଲକ୍ଷ୍ୟରେ ଗତ ନଭେମ୍ବର ୨୭ ତାରିଖ ୨୦୨୩ ମସିହାରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳବାସୀଙ୍କ ପକ୍ଷରୁ ପୀରଜାହାନିଆକୁ ଆସୁଥିବା ପର୍ଯ୍ୟଟକଙ୍କୁ ମନୋରଞ୍ଜନ ଖୋରାକ ଯୋଗାଇବାକୁ ଏହି ମହୋତ୍ସବ ଆରମ୍ଭ କରାଯାଇଥିଲା । ପୂର୍ବବର୍ଷ ମହୋତ୍ସବ ଆୟୋଜନରେ ନିଜେ ନେତା ଓ ମନ୍ତ୍ରୀ ସାମିଲ ରହି ପୀରଜାହାନିଆର ବହୁବିଧ ଉନ୍ନତି ନିମନ୍ତେ ଅନେକ ପ୍ରତିଶ୍ରୁତି ସହ ଘୋଷଣା କରୁଥିଲେ ସୁଦ୍ଧା ଆଜି ଯାଏଁ ଏଠାରେ କୌଣସି ବଡ଼ଧରଣର ଉନ୍ନୟନ କାର୍ଯ୍ୟ କରାଯାଇ ପାରିନାହିଁ । ଏଣୁ ଅସ୍ତରଙ୍ଗ ବେଳାଭୂମି ମହୋତ୍ସବକୁ ନିର୍ଦ୍ଧାରିତ ତାରିଖରେ ଆୟୋଜନ କରାଗଲେ ମହୋତ୍ସବ ନିଜର ଗାରିମା ବଜାୟ ରଖିବା ସହ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବାରେ ସହାୟକ ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଅନ୍ୟ ପଟେ ଯାହା ଚର୍ଚ୍ଚା ହେଉଛି ସରକାରୀ ଅଫିସର ମାନେ ନିର୍ଦ୍ଦେଶ ଦେଲେ ନାହିଁ ଏହା ସହ ଅନେକ କାରଣରୁ ମହୋତ୍ସବ ତାରିଖ ପରେ ମଧ୍ୟ ସ୍ଥଗିତ ରଖାଯାଇଛି । ଏଣୁ ସ୍ଥାନୀୟ ପ୍ରଶାସନ, ବୁଦ୍ଧିଜୀବୀ, ନେତା, ରାଜନୈତିକ ବ୍ୟକ୍ତି ବିଶେଷ ଏଥିପ୍ରତି ଧ୍ୟାନ ଦେବା ସହ ଅସ୍ତରଙ୍ଗ ବେଳାଭୂମି ମହୋତ୍ସବକୁ ଆୟୋଜନ କରିବାରେ ଚେଷ୍ଟା କରନ୍ତୁ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

# ପ୍ରେମିକ ଘର ଆଗରେ ପ୍ରେମିକାର ମୃତଦେହ ରଖି ପରିବାର ଲୋକଙ୍କ ଧାରଣା



ଧାମନଗର, (ଭାସ୍କର ନ୍ୟୁଜ୍) : ପ୍ରେମ ପରେ ପ୍ରତାରଣା । ପ୍ରେମିକାକୁ ଭଲପାଇ ପରବର୍ତ୍ତୀ ସମୟରେ ତାକୁ ଧୋକା ଓ ହତ୍ୟା ପରି ଅଭିଯୋଗ କରିଛନ୍ତି ପ୍ରେମିକାର ମା' । ଏମିତି ଏକ ଘଟଣା ଘଟିଛି ଧାମନଗର ଅଞ୍ଚଳରେ । ଧାମନଗର ଥାନା ଅଧିନ ଚୁଡାକୁଟି ପଞ୍ଚାୟତ ସୋରିଷଡିହ ଗ୍ରାମର ଗୋଲଖ ସୁତାରଙ୍କ ଝିଅ ଲିଲିରାଣୀ ସୁତାର (୧୬) ସେହି ଗ୍ରାମର ଦୁର୍ଯ୍ୟୋଧନ ବେହେରାଙ୍କ ପୁଅ ଗୌତମ (୨୨)କୁ ଭଲପାଇ ଥିଲେ ଏବଂ ତାକୁ ନେଇ ବାଙ୍ଗଲୋର ପଳେଇ ଥିଲେ । ଏନେଇ ଝିଅଘର ପରିବାର ପକ୍ଷରୁ ଧାମନଗର ଥାନାରେ ନିଖୋଜ ଅଭିଯୋଗ କରି ପୁଅଘର ପରିବାର ଲୋକଙ୍କୁ ପଚାରିଥିଲେ ସେମାନେ କିନ୍ତୁ ଏ ବିଷୟରେ ଜାଣି ନଥିବା କହିଥିଲେ । ତେବେ ଗତ ୪ଦିନ ତଳେ ହଠାତ୍ ଗୌତମର ପରିବାର ଲୋକେ ଲିଲିରାଣୀ ଘରକୁ ଆସି ତୁମ ଝିଅ ଗୁରୁତର ଅଛି କଟକରେ । ଏଭଳି ଖବର ପାଇ ଝିଅର ଅବସ୍ଥା ବୁଝିବା ପାଇଁ ପରିବାର ଲୋକେ କଟକ ଯାଇ ଦେଖିବା ବେଳକୁ ଝିଅର ମୃତ୍ୟୁ ଘଟିଛି । ତେବେ ଗତକାଲି ଅର୍ଥାତ ଶୁକ୍ରବାର ସନ୍ଧ୍ୟା ୫ଟାରୁ ପୁଅଘର ଦୁଆରେ ଲିଲିର ମୃତଦେହ ରଖି ଝିଅଘର ଲୋକେ ଧାରଣାରେ ବସିଥିଲେ । ଖବର ପାଇ ଧାମନଗର ପୋଲିସ ଗତକାଲି ଠାରୁ ଶବକୁ ଜଗି ବସିଥିବା ବେଳେ ପୁଅ ଗୌତମ ଫେରାର ଅଛି । ଝିଅଘର ପରିବାର ଲୋକ ଦାବି କରିଛନ୍ତି ପୁଅ ନଆସିବା ପର୍ଯ୍ୟନ୍ତ ଆମେ ମୃତଦେହ ଛାଡିବୁ ନାହିଁ । କାରଣ ଆମ ଝିଅକୁ ତୁମ ପୁଅ ହତ୍ୟା କରିଛି । ତେବେ ଆଜି ଧାମନଗର ତହସିଲଦାର ଦୀପକ ଦାସଙ୍କ ଉପସ୍ଥିତିରେ ଶବକୁ ପୋଷ୍ଟମର୍ଟମ ପାଇଁ ଭଦ୍ରକ ପଠାଇ ଥିଲେ । ତେବେ ଡାକ୍ତର ରିପୋର୍ଟ ଆସିବା ପରେ ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଫଣୀ ଭୂଷଣ ନାୟକ କହିଛନ୍ତି ।

# ଚାନ୍ଦୋଳ କଲେଜରେ ସମ୍ବିଧାନ ଦିବସ ପାଳିତ




ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ସଭାକକ୍ଷରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଏହି ସଭାରେ ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ସଂଜୟ କୁମାର ନାୟକ, ପ୍ରତାପ କୁମାର ଜେନା, ଅଧ୍ୟାପିକା ଝରାଶ୍ରୀ ପରିଜା ଓ ମିନାକ୍ଷୀ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ନିଜସ୍ୱ ମତ ରଖିଥିଲେ । ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ପ୍ରଦୀପ ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ମଂଚ ସଂଯୋଜନା କରିଥିଲେ । ପ୍ରାରମ୍ଭରେ ସମ୍ବିଧାନର ପ୍ରସ୍ତାବନାର ଶପଥପାଠ କରାଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତର୍କ, କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରତିଯୋଗିତାର ବିଚାରକ ଭାବେ ଅଧ୍ୟାପିକା ମନିଷା ମହରଣା, ଜ୍ୟୋତିର୍ମୟୀ ନାଥଶର୍ମା, ମନିଷା ଦାସ, ଶାଶ୍ୱତୀପ୍ରଜ୍ଞା ସାହୁ ଓ ମେନକା ପଣ୍ଡା କାର୍ଯ୍ୟନିର୍ବାହ କରିଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପକ ଶଶିଭୂଷଣ ଜେନା, ବେଦପ୍ରକାଶ ନାୟକ, ବିମଳ ବାରିକ ପ୍ରମୁଖ ପରିଚାଳନା କରିଥିଲେ ।

# ବାହାର ରାଜ୍ୟରେ ମୃତ ଶ୍ରମିକଙ୍କ ପରିବାରକୁ ରେଡ଼କ୍ରସ ସହାୟତା ପ୍ରଦାନ କଲେ ତହସିଲଦାର



ଚିକିଟି, (ଭାସ୍କର ନ୍ୟୁଜ) : ଏହି ବ୍ଲକ କୃଷ୍ଣପୁର ଗ୍ରାମର ସଚିନ ସେଠୀଙ୍କ ସ୍ତ୍ରୀଙ୍କୁ ରେଡ଼କ୍ରସ ସହାୟତା ରାଶି ପ୍ରଦାନ କଲେ ସ୍ଥାନୀୟ ତହସିଲଦାର । ସୂଚନା ମୁତାବକ ଦୀର୍ଘଦିନ ହେଲା କୃଷ୍ଣପୁର ଗ୍ରାମର ସଚିନ ସେଠୀ ସୁଦୂର ତିରୁପତିରେ ଶ୍ରମିକ ହିସାବରେ କାମ କରି ଆସୁଥିଲେ । ହଠାତ୍ କ'ଣ ହେଲା କେଜାଣି ତାଙ୍କର ଦେହାନ୍ତ ଘଟିଥିଲା । ଉକ୍ତ ମୃତକଙ୍କ ଦେହାନ୍ତ ପରେ ନିଜର ପିଲାଛୁଆଙ୍କ ସହ ଦୁର୍ଦ୍ଦିନରେ ଜୀବନ ଯାପନ କରୁଥିବା ସାରା ଅଞ୍ଚଳରେ ଚର୍ଚ୍ଚା ପାଲଟିଥିଲା । ପରେ ପରେ ଗ୍ରାମବାସୀ ସ୍ଥାନୀୟ ତହସିଲଦାର ବିଶ୍ୱରଞ୍ଜନ କହଁରଙ୍କୁ ସହାୟତା ନିମନ୍ତେ ଲିଖିତ ଆକାରରେ ଜଣାଇବା ପରେ ଗତକାଲି ଅର୍ଥାତ ବୁଧୁବାର ସନ୍ଧ୍ୟାରେ ଚିକିଟି ରାଜସ୍ୱ ନିରୀକ୍ଷକ ଅଧିକାରୀ ବଳରାମ ପ୍ରଧାନଙ୍କ ଉପସ୍ଥିତରେ ତହସିଲଦାର ବିଶ୍ୱରଂଜନ କହଁର ମୃତକଙ୍କ ସ୍ତ୍ରୀଙ୍କୁ ତିରିଶି ହଜାର ଟଙ୍କା ରେଡ଼କ୍ରସ ସହାୟତା ରାଶି ପ୍ରଦାନ କରିଥିଲେ । ଏହା ପରେ ଏହି ରାଶିକୁ ପାଇ କୃତାର୍ଥ ଜଣାଇଥିଲେ ମୃତକଙ୍କ ସ୍ତ୍ରୀ ।

# ଜଗନ୍ନାଥ ପ୍ରେମୀଙ୍କ ପାଇଁ ଖୋଲିଲା ନିତ୍ୟବୃନ୍ଦାବନ ପୀଠ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍) : ସାରିଲା ନିତ୍ୟବୃନ୍ଦାବନ ପିଠର ପୂର୍ଣ୍ଣାହୂତି । ଖୋଲିଲା ନିତ୍ୟବୃନ୍ଦାବନ ପୀଠ । ଆଧାତ୍ମିକବାଦି ଜଗନ୍ନାଥ ପ୍ରେମୀମାନଙ୍କ ଗହଣରେ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅଧୀନ ନହରଣା ପଞ୍ଚାୟତ ଅନ୍ତର୍ଗତ ଫୁଲପାଟଣା ଗ୍ରାମରେ ମାର୍ଗଶିର ମାସ ଦଶମୀ ଠାରୁ ପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ବିଗ୍ରହ ସ୍ଥାପନ ଓ ଭାଗବତ ଗାଦି ବାସୁଦେବ ବିଗ୍ରହ ଏବଂ ପାର୍ଶ୍ୱଦେବୀମାନଙ୍କ ସିଂହାସନ ବିଜେ ଅଗ୍ନିସ୍ଥାପନ ଜଳାଧିବାସ ନିମନ୍ତେ ଗ୍ରାମବାସୀଙ୍କ ସପ୍ରେମ ନିବେଦନ କଳସ ଯାତ୍ରା କରାଯାଇ ନିତ୍ୟବୃନ୍ଦାବନ ପିଠରେ ଆରାଧ ଦେବଦେବୀଙ୍କ ପ୍ରାଣ ପ୍ରତିଷ୍ଠା ହେଇଯାଇଛି । ଯାହା ପ୍ରଭୁ ଜଗନ୍ନାଥଙ୍କ ନିର୍ଦ୍ଦେଶ କ୍ରମେ ପ୍ରାକ୍ତନ ପ୍ରଫେସର ମାନସ ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ଯଜ୍ଞ ଉତ୍ସବର ପୂର୍ଣ୍ଣାହୂତି ହେଲା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ନିତ୍ୟବୃନ୍ଦାବନର ଅତିନିଖୁଣ କାରୁକାର୍ଯ୍ୟକୁ ନେଇ ସତେ ଯେମିତି ଭକ୍ତମାନଙ୍କ ପାଇଁ ଆଶ୍ୱସ୍ତିକର ପରିବେଶ ଗଢ଼ିଉଠିଛି । ଉକ୍ତ କାର୍ଯ୍ୟକ୍ରମରେ ଶତାଧିକା ମା' ଓ ମହିଳା ପୁରୁଷ ଶ୍ରଦ୍ଧାଳୁଙ୍କ ସହ ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର ନେତା ଓ ବିଜେପି କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ହୋଇ ଭଜନ, ଜଣାଣ, ପ୍ରବଚନ ଶୁଣି ବିଭୁ କୃପା ଲାଭ କରି ନିଜକୁ କୃତାର୍ଥ ଲାଭ କରିଥିଲେ ବୋଲି କହିଥିଲେ ।

# ସମ୍ବିଧାନ ଦିବସ ପାଳିତ

ଭୁବନ, (ଭାସ୍କର ନ୍ୟୁଜ୍) : ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟରେ ୭୫ତମ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ଅଜିତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିରାଳ କଲେଜ ରାଜନୀତି ବିଜ୍ଞାନ ଅଧ୍ୟାପକ ଶୁଭମ୍ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ଼ଃ ଭୀମ ରାଓ ଆମ୍ବେଦକରଙ୍କ ପ୍ରଣୀତ ସମ୍ବିଧାନ ସମ୍ପର୍କରେ ଆଲୋକପାତ କରି ଆମ ସମ୍ବିଧାନ, ଆମ ସ୍ୱାଭିମାନ ବୋଲି ମତ ବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପ୍ରଫୁଲ୍ଲ କୁମାର ଭୂୟାଁ, ସହଦେବ ଖୁରା, ଅଧ୍ୟାପିକା ଦେବଯାନୀ ପାଣି, ମମତା ଦେଓ, ରୋଜାଲିନ ସାହୁ, ଅଙ୍କିତା ତ୍ରିପାଠୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ସମ୍ବିଧାନର ମୁଖବନ୍ଧକୁ ପାଠ କରିଥିଲେ । ମୁଖ୍ୟ କିରାଣୀ କୈଳାସ ଚନ୍ଦ୍ର ବେହେରା ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟରେ ୩୦ଲକ୍ଷରୁ ଉର୍ଦ୍ଧ୍ୱ ଇପିଏଫ୍ ଟଙ୍କା ଦୁର୍ନୀତି

# ୨୫ଜଣ ଅସ୍ଥାୟୀ କର୍ମଚାରୀଙ୍କ ୧୪ବର୍ଷର ଇପିଏଫ୍ ଟଙ୍କା ଗାଏବ

ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ୍) : ପଟ୍ଟାମୁଣ୍ଡାଇ ପୌରପାଳିକାରେ ଥିବା ଏକମାତ୍ର ମହିଳା ମହାବିଦ୍ୟାଳୟ ଥିବା ପ୍ଲସ ଟୁ ବିଭାଗରେ ଥିବା କଲେଜ ଅସ୍ଥାୟୀ ଅଧ୍ୟାପକ ଓ କର୍ମଚାରୀଙ୍କ ଇପିଏଫ୍ ଟଙ୍କାକୁ ହରଲୁଟ୍ ହେବାର ଖବର ମିଳିଛି । ଏହି ମହିଳା କଲେଜରେ ୨୫ରୁ ଉର୍ଦ୍ଧ୍ୱ ଅସ୍ଥାୟୀ କର୍ମଚାରୀ କାର୍ଯ୍ୟ କରନ୍ତି । ସେମାନେ ଚଉଦ ବର୍ଷ ହେଲା କଲେଜରୁ ଦରମା ପାଉଛନ୍ତି । କିନ୍ତୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଗାଇଡ ଲାଇନ ଅନୁଯାୟୀ, ଯେଉଁଠି ଅସ୍ଥାୟୀ କି ସ୍ଥାୟୀ କର୍ମଚାରି ନିଯୁକ୍ତି ପାଇଥିବେ ସେମାନଙ୍କର ଭବିଷ୍ୟତ ପାଣ୍ଠି ପାଇଁ ଉପରିସ୍ଥ ଅଧିକାରୀ ସେମାନଙ୍କର ଇପିଏଫ୍ କାଟିବାକୁ ବାଧ୍ୟ । କିନ୍ତୁ ଦୁଃଖର କଥା ପଟ୍ଟାମୁଣ୍ଡାଇ ମହିଳା କଲେଜର ପ୍ଲସ ଟୁ ବିଭାଗରେ ପଚିଶି ଜଣ କର୍ମଚାରୀଙ୍କ ଇପିଏଫ୍ ବାବଦରେ କଟାଯାଉଥିବା ଟଙ୍କା ଚଉଦ ବର୍ଷ ହେଲା ଇପିଏଫ୍ ଆକାଉଣ୍ଟରେ ଜମା କରାଯାଇ ନାହିଁ । ଉକ୍ତ ଟଙ୍କାକୁ କଲେଜର ଅଧ୍ୟକ୍ଷା କେଉଁଠି ରଖିଛନ୍ତି ତାହା ବର୍ତ୍ତମାନ ସନ୍ଦେହ ଘେରରେ । ପଚିଶିରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ ଚଉଦ ବର୍ଷରେ ହାରାହାରି ତିରିଶି ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜମା ହୋଇ ନାହିଁ । ଏହି ତିରିଶି ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା କୁଆଡ଼େ ଗଲା ତାହା ଅସ୍ଥାୟୀ ଅଧ୍ୟାପକ ଓ କର୍ମଚାରୀଙ୍କ ମନରେ ସନ୍ଦେହ ଉପୁଜିବାରୁ ସେମାନେ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷାଙ୍କୁ ଭେଟି ଅଭିଯୋଗ କରିଥିଲେ ମଧ୍ୟ କୌଣସି ସନ୍ତୋଷ ଜନକ ଉତ୍ତର ନପାଇବାରୁ ସେମାନେ ସମସ୍ତେ ଅସନ୍ତୋଷ ପ୍ରକାଶ ସହିତ କୋର୍ଟର ଦ୍ୱାରସ୍ଥ ହେବେ ବୋଲି ଅଧ୍ୟକ୍ଷାଙ୍କୁ ଚେତାବନୀ ଦେଇଛନ୍ତି । ଏହି ଖବର ପ୍ରଚାରିତ ପରେ ସାମ୍ବାଦିକ ଟିମ୍ ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ରାଜଲକ୍ଷ୍ମୀ ମହାନ୍ତିଙ୍କୁ ପଚାରିବାରୁ ସିଏ ଡରି ଯାଇ ପ୍ରଥମେ କହିଲେ ଆମ କଲେଜରେ କେହି ଅସ୍ଥାୟୀ କର୍ମଚାରୀ ନାହାନ୍ତି । ପୁଣି ଶେଷରେ ସତ ମାନି କହିଥିଲେ ଆମ ବିଦ୍ୟାଳୟରେ ପଚିଶିରୁ ଉର୍ଦ୍ଧ୍ୱ ଅସ୍ଥାୟୀ କର୍ମଚାରୀ ଚଉଦ ବର୍ଷ ହେଲା ଚାକିରି କରୁଛନ୍ତି ଓ ପ୍ରତି ମାସରେ ସେମାନଙ୍କ ଦରମା କଲେଜରୁ ନେଉଛନ୍ତି । ସରକାରଙ୍କ ଗାଇଡ ଲାଇନ ଅନୁସାରେ ଚଉଦ ବର୍ଷ ହେଲା ସେମାନଙ୍କର ଇପିଏଫ୍ ବାବଦକୁ ଦରମାରୁ କଟୁଛି, କିନ୍ତୁ ସେମାନଙ୍କର ଇପିଏଫ୍ ଆକାଉଣ୍ଟରେ ଜମା ହେଉନାହିଁ କି ପଚିଶି ଜଣ କର୍ମଚାରୀଙ୍କ ଇପିଏଫ୍ ଆକାଉଣ୍ଟ ଖୋଲାଯାଇ ନାହିଁ । ଏ କଥା ପଟ୍ଟାମୁଣ୍ଡାଇ ମହିଳା କଲେଜର ଅଧ୍ୟକ୍ଷା ମହାନ୍ତି କହିବାରୁ ସାମ୍ବାଦିକମାନଙ୍କ ମନରେ ସନ୍ଦେହ ହେବାରୁ ପୁଣି ଗୋଟେ ପ୍ରଶ୍ନ ପଚାରିବାରୁ ଅଧ୍ୟକ୍ଷା ନିଜେ ମାନିଲେ ପଚିଶି ଜଣ କର୍ମଚାରୀଙ୍କର ଚଉଦ ବର୍ଷ ହେଲା ଇପିଏଫ୍ କଟୁଛି କିନ୍ତୁ କର୍ମଚାରୀଙ୍କ ଆକାଉଣ୍ଟରେ ଜମା ନହୋଇ କଲେଜ ଆକାଉଣ୍ଟରେ ଜମା ହେଉଛି । ଅଧ୍ୟକ୍ଷା କହିଲେ ଚଉଦ ବର୍ଷ ହେଲା ହାରାହାରି ତିରିଶି ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା କର୍ମଚାରୀଙ୍କ ଆକାଉଣ୍ଟ ରେ ଜମା ନହୋଇ ପଡ଼ି ରହିଛି । ଆଗରୁ ଏହି କଲେଜରେ ନିଯୁକ୍ତି ଓ କଲେଜ କାମରେ କୋଟି କୋଟି ଟଙ୍କା ଦୁର୍ନୀତି ହେବାର ଖବର ଗଣମାଧ୍ୟମରେ ପ୍ରସାରଣ ହୋଇ ଥିଲା । ପୁଣି ତିରିଶ ଲକ୍ଷରୁ ଉର୍ଦ୍ଧ୍ୱ ଇପିଏଫ୍ ଟଙ୍କା ହରିଲୁଟ ହେବାର ଖବର ମିଳିବା ପରେ ପଚିଶି ଜଣ ଅସ୍ଥାୟୀ କର୍ମଚାରୀଙ୍କ ଭବିଷ୍ୟତ ପାଣ୍ଠିର ଟଙ୍କା ପାଇବା ଅନ୍ଧକାର ଆଡ଼କୁ ଗତି କରିଛି । ଏହି ଖବର ପ୍ରଚାରିତ ହେବା ପରେ ଅସ୍ଥାୟୀ କର୍ମଚାରୀଙ୍କ ମନରେ ଅସନ୍ତୋଷ ଦେଖାଦେବା ସହିତ ସେମାନଙ୍କର ଚଉଦ ବର୍ଷର ଇପିଏଫ୍ ଟଙ୍କା ଯଦି ଇପିଏଫ୍ ଆକାଉଣ୍ଟରେ ଜମା ନହୁଏ ସେମାନେ ସମୂହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନରେ ବସିବେ ବୋଲି ନିଷ୍ପତି ନେଇଛନ୍ତି । ଯଦି ଏହି କର୍ମଚାରୀ ମାନଙ୍କର କୌଣସି କାରଣରୁ ମୃତ୍ୟୁ ହେଲା ତେବେ ସେମାନଙ୍କ ପରିବାର ବି ଇପିଏଫ୍ ଟଙ୍କା ପାଇବାରୁ ବଞ୍ଚିତ ରହିବେ । ଅଧ୍ୟକ୍ଷା ଜଣକ ମିଛ କଥା କହି କର୍ମଚାରୀଙ୍କ ଇପିଏଫ୍ ଟଙ୍କା କାଟି କର୍ମଚାରୀଙ୍କ ଇପିଏଫ୍ ଆକାଉଣ୍ଟରେ ଜମା ନକରି କ'ଣ ପାଇଁ ଉକ୍ତ ଟଙ୍କାକୁ ନିଜ ପାଖରେ ରଖିଛନ୍ତି ତାହାର ଜିଲ୍ଲା ପ୍ରଶାସନ ଉପଯୁକ୍ତ ତଦନ୍ତ କଲେ ପ୍ରକୃତ ଦୁର୍ନୀତି ପଦାକୁ ଆସିବ ବୋଲି ପଟ୍ଟାମୁଣ୍ଡାଇ ଅଞ୍ଚଳବାସୀ ଓ ଅସ୍ଥାୟୀ କର୍ମଚାରୀ ଦାବି କରିଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲା ଏସ୍‌ୟୁଜେର ସାଧାରଣ ସଂପାଦକ ଏହି ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଛନ୍ତି ।




# ମହିଳା ଉଦ୍ୟୋଗୀ ସଂଘ ପକ୍ଷରୁ ସମ୍ବିଧାନ ଦିବସ ପାଳିତ

ଛତ୍ରପୁର, (ଭାସ୍କର ନ୍ୟୁଜ୍) : ଛତ୍ରପୁର ସ୍ଥିତ ଜିଲ୍ଲା ସଂସ୍କୃତି ଭବନଠାରେ ଗଞ୍ଜାମ ଜିଲ୍ଲା ପଛୁଆବର୍ଗ ଅନୁସୂଚିତ ଜାତି ଓ ଜନଜାତି ଏବଂ ମହିଳା ଉଦ୍ୟୋଗୀ ସଂଘ ପକ୍ଷରୁ ସଭାନେତ୍ରୀ ତଥା ଓଡ଼ିଶା ଏସ୍‌ସି, ଏସ୍‌ଟି ଏବଂ ଓବିସିର ସଭାପତି ନୀଳାଦ୍ରୀ ପ୍ରଧାନଙ୍କ ପୌରୋହିତ୍ୟରେ ୭୫ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ ଆଇନଜୀବୀ ମଞ୍ଚାସୀନ ଥିବାବେଳେ ମହିଳା ଉଦ୍ୟୋଗୀ ସଂଘ ବିକାଶ ନିମନ୍ତେ ସରକାରଙ୍କ ସମସ୍ତ ସମ୍ବିଧାନ ନିୟମ ଗୁଡିକକୁ ଆଲୋଚନ କରାଯାଇଥିଲା । ଏହାସହ ଏସ୍‌ସି, ଏସ୍‌ଟି, ଓବିସି ମହିଳା ଉଦ୍ୟୋଗୀମାନେ କିଭଳି ସରକାରଙ୍କ ମୌଳିକ ଅଧିକାରରୁ ବଞ୍ଚିତ ନହେବେ ଏବଂ ମହିଳା, ପୁରୁଷ ସଶକ୍ତିକରଣ ଦିଗରେ ଅଗ୍ରସର ହେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ । ଏପରିକି ପଛୁଆବର୍ଗ ମହିଳାମାନେ ସମସ୍ତ ସୁବିଧା ସୁଯୋଗ ପାଇବେ ତାହା ସଚେତନତା ସୃଷ୍ଟି କରାଯିବା ନେଇ ଆଲୋଚନା ହୋଇଥିଲା । ଏଭଳି କାର୍ଯ୍ୟକ୍ରମ ସାରା ଓଡ଼ିଶାର ସମସ୍ତ ଜିଲ୍ଲାରେ ପାଳନ ହେଉଥିବା ବେଳେ ଗଞ୍ଜାମ ଜିଲ୍ଲା ଛତ୍ରପୁର ଠାରେ ଆୟୋଜିତ କରାଯାଇଛି ।

# ଡେରାବିଶ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର





ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଡେରାବିଶ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଶାନ୍ତନୁ କୁମାର ମାଟିଙ୍କ ପୌରହିତ୍ୟରେ ସମ୍ବିଧାନ ଦିବସ ଉପଲକ୍ଷେ ଆଇକ୍ୟୁଏସି ସହଭାଗିତାରେ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ବିଷୟ ସମ୍ବନ୍ଧରେ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ର ଶେଖର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମ୍ପ୍ରତି ଭାରତ ଭଳି ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶରେ ଏକ ସମୟରେ ନିର୍ବାଚନ ହେବାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଏକ ସମୟରେ ସାରା ଦେଶରେ ନିର୍ବାଚନ ହେଲେ ନିର୍ବାଚନୀ ବ୍ୟୟ କମ୍ ହେବା ସଙ୍ଗେ ସଙ୍ଗେ ସଂଘୀୟ ବ୍ୟବସ୍ଥାରେ ରାଜନୈତିକ ସ୍ଥିରତା ଆସି ପାରିବ ବୋଲି ତାଙ୍କ ମନ୍ତବ୍ୟରେ ସେ ପ୍ରକାଶ କରିଥିଲେ । ଏହି ଆଲୋଚନା ଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ବିଶ୍ୱଜିତ ସାହୁ, ଅଧ୍ୟାପକ ନଗେନ୍ଦ୍ରନାଥ ପାଣି, ଅଧ୍ୟାପକ ସଂଜୟ କୁମାର ମିଶ୍ର, ଅଧ୍ୟାପକ ରଘୁନାଥ ସାହୁ, ଅଧ୍ୟାପିକା ଡ. ସୁଶ୍ରୀ ପ୍ରିୟଦର୍ଶିନୀ ପଣ୍ଡା, ଅଧ୍ୟାପିକା ଭାଗ୍ୟଲକ୍ଷ୍ମୀ ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଅଧ୍ୟାପକ ବୃନ୍ଦାବନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ଅଧ୍ୟାପକ ଡ. ସନ୍ଦୀପ ବଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଶିଫଳ


**ଶୁକ୍ରବାର, ୨୯ ନଭେମ୍ବର ୨୦୨୪**



**ମେଷ:** ଆପଣଙ୍କର ଚାକିରିରେ ପରିବର୍ତ୍ତନ ଆଶା କରିବେ ଏବଂ ବିଦେଶ ଯାତ୍ରା ମଧ୍ୟ କରିପାରିବେ । ବିଦେଶ ଯାତ୍ରା କରିବା ସମୟରେ ଆପଣ ବାଧାବିଘ୍ନର ସମ୍ମୁଖୀନ ହୋଇପାରନ୍ତି, ତେଣୁ ଆପଣଙ୍କର ଭ୍ରମଣ ପୂର୍ବରୁ ଦୁଇଥର ଯାଞ୍ଚ କରନ୍ତୁ ।




**ବୃଷ:** ଆଜି ପାଇଁ ଏକ ଭଲ ଦିନ । ଆଜି ଦେଇଥିବା ରାଶି ଫେରସ୍ତେ ପାଇପାରିବେ । ବିଭିନ୍ନ ମାମଲାଗୁଡ଼ିକରେ ଆପୋଷ ବୁଝାମଣା କରିବା ଭଲ ହେବ । କୋର୍ଟରେ ମକଦ୍ଦମା ଦାୟର ହେବ । ଚାକିରି କର୍ମକ୍ଷେତ୍ରରେ ସଫଳତା ।



**ମିଥୁନ:** ଆଜି ଆପଣ ଟିକିଏ ସତର୍କ ହେବା ଆବଶ୍ୟକ । ଚାକିରି ପାଇଁ ଏହା ଏକ ଅନୁକୂଳ ସମୟ ନୁହେଁ । ଆଜି ଯଦି ଆପଣ ନିଜକୁ ବିଶ୍ରାମ ଦେବା ପାଇଁ କିଛି ସମୟ ନିଅନ୍ତି ତେବେ ଭଲ ହେବ । ଅଂଶୀଦାରମାନେ ସାହାଯ୍ୟ କରିବେ ।




**କର୍କଟ:** ଆଜି ଯଦି ଆପଣ ସକରାତ୍ମକ ଚିନ୍ତାଧାରା ସହିତ ଆଚରଣ କରନ୍ତି, ତେବେ ଏହା ଉପଯୁକ୍ତ ହେବ, କାରଣ ଆଜି ଅଂଶୀଦାରମାନେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ଅର୍ଥନୈତିକ ଦିଗ ଅସ୍ଥିର ହୋଇପାରେ ।



**ସିଂହ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହୋଇପାରେ । ସବୁ କ୍ଷେତ୍ରରୁ ସଫଳତା ପାଇବାର ସମ୍ଭାବନା ଅଛି । ପିତୃପୁରୁଷ ମାମଲାରେ କିଛି ବିବାଦ ହୋଇପାରେ, ତେଣୁ ଯଦି ଆପଣ ଭାଷଣ ଉପରେ ପ୍ରତିବନ୍ଧକ ରଖନ୍ତି ତେବେ ଏହା ଭଲ ହେବ ।




**କନ୍ୟା:** ଆଜି ପାଇଁ ଏକ ଭଲ ଦିନ ହୋଇପାରେ । ଆପଣଙ୍କର ନିକଟତମ ଏବଂ ପ୍ରିୟ ଲୋକଙ୍କ ସହିତ ମାନସିକତା ବାଣ୍ଟିବାକୁ ସମୟ ରହିବ । ଆର୍ଥିକ ଦୃଷ୍ଟିରୁ ଏହା ହେଉଛି ସର୍ବୋତ୍ତମ ସମୟ । ପରିବାରରେ ସୁଖର ଏକ ଅନୁଭବ ମଧ୍ୟ ରହିବ ।




**ତୁଳା:** ମନରେ ଖୁସିର ଅନୁଭବ ହେବ । କାର୍ଯ୍ୟ କ୍ଷେତ୍ରରେ ଅଧିକ ପରିଶ୍ରମ ହେବ । ଆଜି ଆପଣଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ, ତେଣୁ ଖାଦ୍ୟପେୟରେ ଯତ୍ନବାନ ହୁଅନ୍ତୁ । କର୍ମକ୍ଷେତ୍ରରେ ପରିବର୍ତ୍ତନ ସମ୍ଭବ । ପୂର୍ବ ଯୋଜନା ଫଳପ୍ରଦ ହେବ ।




**ବିଛା:** ଆଜି ଆପଣ କାର୍ଯ୍ୟକ୍ଷେତ୍ରରେ ଆସୁଥିବା ଚ୍ୟାଲେଞ୍ଜଗୁଡ଼ିକରୁ କିଛି ମାତ୍ରାରେ ଆରାମ ପାଇପାରିବେ । ସହକର୍ମୀମାନେ ଆପଣଙ୍କର କାର୍ଯ୍ୟଶୈଳୀରେ ଉନ୍ନତି ଆଣିବାରେ ସାହାଯ୍ୟ କରିପାରିବେ । ଆପଣଙ୍କର ଦକ୍ଷତା ପ୍ରଦର୍ଶନ କରିବାକୁ ଯଥେଷ୍ଟ ସୁଯୋଗ ପାଇବେ ।




**ଧନୁ :** ଆଜି ଆପଣଙ୍କର ଶୁଭ ବୋଲି ବିବେଚନା କରାଯାଇପାରେ । ନୂତନ ଯୋଗାଯୋଗ କରିବା ଆପଣଙ୍କ ପାଇଁ ଏହା ଏକ ଅନୁକୂଳ ସମୟ । ଦୀର୍ଘ ଦିନର ପ୍ରେମ ସମ୍ପର୍କ ଅଧିକ ପରିପକ୍ୱ ହୋଇପାରେ । ପ୍ରେମ କିଛି ବ୍ୟକ୍ତିଙ୍କ ଜୀବନରେ ଆସିପାରେ । ପାରିବାରିକ ସମ୍ପର୍କରେ ବିରକ୍ତ ହୋଇପାରନ୍ତି । ଅନାବଶ୍ୟକ ଖର୍ଚ୍ଚରୁ ଦୂରେଇ ରୁହନ୍ତୁ ।




**ମକର:** ଆଜି ଆପଣଙ୍କ ପାଇଁ ଏକ କଷ୍ଟକର ସମୟ ହେବ । କାର୍ଯ୍ୟ କ୍ଷେତ୍ରରେ ବାରମ୍ବାର ପରିବର୍ତ୍ତନ ଆପଣଙ୍କୁ ଦ୍ୱନ୍ଦ୍ୱରେ ପକାଇପାରେ । ପ୍ରତିବଦ୍ଧତା ହ୍ରାସ ଅର୍ଥନୈତିକ ଦିଗରେ ନକାରାତ୍ମକ ପରିବର୍ତ୍ତନ ହୋଇପାରେ । ପିଲାମାନେ ଆପଣଙ୍କୁ ସୁସ୍ଥ ଏବଂ ଖୁସି ରଖିବେ । ଖାଦ୍ୟ ଏବଂ ପାନୀୟର ବିଶେଷ ଯତ୍ନ ନିଅନ୍ତୁ ।



**କୁମ୍ଭ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ । ଆପଣ ଆଜି ଖୁସି ଅନୁଭବ କରିବ । ଯଦିଓ ସବୁକିଛି ଠିକ ଅଛି, ହେଲେ ଆପଣ କଥାବାର୍ତ୍ତାକୁ ନିୟନ୍ତ୍ରଣ କରନ୍ତି ତେବେ ଏହା ଆପଣଙ୍କ ପାଇଁ ଭଲ ହେବ । ପରୀକ୍ଷା ଦୃଷ୍ଟିକୋଣରୁ ବାଧା ଆସିପାରେ । ଆପଣଙ୍କ ମନ ଅସ୍ଥିର ରହିବ ।



**ମୀନ:** ଆର୍ଥିକ ଦୃଷ୍ଟିରୁ, ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବାକୁ ଯାଉଛି । ଏହା ହେଉଛି ଲାଭର ସମଷ୍ଟି । ଆପଣଙ୍କ ଅସମାପ୍ତ କାର୍ଯ୍ୟ ସମାପ୍ତ ହେବ, କିନ୍ତୁ କିଛି ବିଳମ୍ବ ହୋଇପାରେ । ଆପଣ ଆଜି ପରିବାର ବିଷୟରେ ଖୁସି ହୋଇପାରିବେ । ନୂତନ ଚାକିରି ଖୋଜୁଥିବା ବ୍ୟକ୍ତିମାନେ ଭଲ ପଦବୀ ପାଇବାକୁ ସକ୍ଷମ ହେବେ ।



ପ୍ରସ୍ତୁତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଝାରସୁଗୁଡ଼ା (ଭାସ୍କର ନ୍ୟୁଜ): ଷ୍ଟେଟ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ (ଏସୟୁଜେ)ର ଝାରସୁଗୁଡ଼ା ଜିଲ୍ଲା ଶାଖା ପୁନର୍ଗଠିତ ହୋଇଛି । ଆଜି ଅନୁଷ୍ଠିତ ଦ୍ୱି-ବାର୍ଷିକ ସାଧାରଣ ବୈଠକରେ ସୁବାସ ପ୍ରଧାନ ସଭାପତି ଏବଂ ରବି ଯାଦବ ସାଧାରଣ ସମ୍ପାଦକ ଭାବେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି । ଆଗାମୀ ଦୁଇବର୍ଷ ପାଇଁ ନୂତନ କର୍ମକର୍ତ୍ତାଙ୍କ ଚୟନ କରାଯାଇଛି । ଆଜି ବୈଠକରେ ଏସ.ୟୁ.ଜେ(ଓ)ର ଆଭିମୁଖ୍ୟ, ସାମ୍ବାଦିକଙ୍କ ସମୂହ ସ୍ୱାର୍ଥରକ୍ଷା ତଥା ସୁରକ୍ଷା, କଲ୍ୟାଣକାରୀ ଯୋଜନାର ପ୍ରବର୍ତ୍ତନ, ସାମାଜିକ ସୁରକ୍ଷା ବ୍ୟବସ୍ଥା ଆଦିକୁ ନେଇ ଆଲୋଚନା କରାଯାଇଥିଲା । ଏଥିସହ ସଭ୍ୟ ନବୀକରଣ ,ନୂତନ ସଭ୍ୟ ସଂଗ୍ରହ ଏବଂ ଆଗାମୀ ଦିନର କାର୍ଯ୍ୟପନ୍ଥା ନେଇ ଆଲୋଚନା ହୋଇଥିଲା । ଶ୍ରେଣୀଲ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ସନ୍ତୋଷ ମିଶ୍ର ଓ ରାଜ୍ୟ ଉପସଭାପତି ମେହେବୁବ ମେହେଟାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବାର ଜଣିଆ କମିଟି ଗଠନ କରାଯାଇଥିଲା । ନୂତନ କର୍ମକର୍ତ୍ତାଙ୍କ ମଧ୍ୟରେ ସଂଜୀବ ପାଙ୍ଗୋଲୋଣୀ କାର୍ଯ୍ୟକାରୀ ସଭାପତି, ଅନିମେଷ ଖାଡ଼ଙ୍ଗା ସମ୍ପାଦକ, ଅନାଲ ଅଗ୍ରୱାଲ, ରମେଶ ମୁଦୁଲି ଓ ସିତମ ପ୍ରଧାନ ଉପସଭାପତି, ପ୍ରଶାନ୍ତ ମାଝୀ (କୋଷାଧ୍ୟକ୍ଷ), ଦୁଷ୍ମନ୍ତ କୁମାର ପାଣିଗ୍ରାହୀ (ସହ-କୋଷାଧ୍ୟକ୍ଷ), ଆଶିଷ ରଞ୍ଜନ ଦାଶ, ଆନନ୍ଦ ତିୱାରୀ, ନିତିନ ଶର୍ମା ସହ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ । ଉପଦେଷ୍ଟା ମଣ୍ଡଳୀରେ ସନ୍ତୋଷ ମିଶ୍ର, ମେହେବୁବ ମାହେତାବ,ଉପଯାଲାଲ ତିୱାରୀ, ସନ୍ତୋଷ କୁମାର ସାହୁ ପ୍ରମୁଖ ରହିଛନ୍ତି । କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଶଙ୍କର ମୁଣ୍ଡା,ଗୁରୁଚରଣ ବାଗ, ଘନଶ୍ୟାମ ପଢିଆରୀ, ମନୋଜ ମେହେର, ରାକ୍ଷୀ ପ୍ରଧାନ ପ୍ରମୁଖ ରହିଛନ୍ତି ।

## ମଣ୍ଡେଇ ମହୋତ୍ସବ ଉଦ୍‌ଘାଟିତ

# ନାଚ ଗୀତରେ ଝୁମିଲେ କଳାକାର ଓ ଦର୍ଶକ



ଚନ୍ଦାହାଣ୍ଡି (ଭାସ୍କର ନ୍ୟୁଜ): ଲୋକ ମହୋତ୍ସବ ତଥା ମଣ୍ଡେଇ ୨୦୨୪ ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ବ୍ଲକ ପରିସର ମଧ୍ୟରେ ଧୂମଧାମରେ ମଙ୍ଗଳବାର ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରଥମେ ଚନ୍ଦାହାଣ୍ଡି ବ୍ଲକ ରୁ ପାନାବେଡ଼ା ତିଗ୍ରି ଛକରେ ନିକଟସ୍ଥ ଏକ ପୋଖରୀରୁ କଳସ ଯାତ୍ରା ବାହାରି ମା'ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ବିରାଟ ଶୋଭାଯାତ୍ରାରେ ଚନ୍ଦାହାଣ୍ଡି ବ୍ଲକ ମଣ୍ଡେଇ ପଡିଆ ପରିସରରେ ପହଂଚିଥିଲା । ପରେ ଚନ୍ଦାହାଣ୍ଡି ବିଡିଓ ରାମକୃଷ୍ଣ ନାୟକଙ୍କ ତତ୍ତ୍ୱାବଧାନରେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ପୂଜାରୀ ମଣ୍ଡେଇର ଶୁଭାରମ୍ଭ କରିଥିଲେ । ଏହି ମଣ୍ଡେଇ ସାଂସ୍କୃତିକ କାର୍ଯ୍ୟକ୍ରମରେ ଚନ୍ଦାହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଧାୟକ ନରସିଂ ଭତ୍ରା ଯୋଗ ଦେଇ ଶୁଭ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ବାସୁଦେବ ଗୌଡ଼, ଜିଲ୍ଲା ପରିଷଦ ସଭ୍ୟା କେତକୀ ମଲ୍ଲା ଗୌଡ, ବର୍ଷାରାଣୀ ପଲେଇ, ବିଧାୟକ ପ୍ରତିନିଧି ପ୍ରତାପ ବାଘ, ତହସିଲଦାର ସଚ୍ଚଦେବ କୁଟରୁକା, ସମସ୍ତ ବ୍ଲକର ବିଡିଓ ଙ୍କ ସମେତ ସମସ୍ତ ସରପଞ୍ଚ, ସମିତିସଭ୍ୟ, ସଭ୍ୟା ଯୋଗ ଦେଇଥିଲେ । ପ୍ରତ୍ୟେକ ଗ୍ରାମରୁ ଆଗମନ କରି ବ୍ଲକ ତଥା ଜିଲ୍ଲାର କଳା ସଂସ୍କୃତି ଏବଂ ପରମ୍ପରା କେମିତି ବଞ୍ଚାଇ ରଖାଯାଇପାରିବ ସେ ନେଇ ମୁଖ୍ୟ ଅତିଥି ମାନେ ନିଜ ନିଜ ମତାମତ ବ୍ୟକ୍ତ ରଖିଥିଲେ ।ମଣ୍ଡେଇ ପଡିଆରେ ବିଭିନ୍ନ ଷ୍ଟଲ ଖୋଲା ଯାଇଥିଲା । ଅଞ୍ଚଳର ସମସ୍ତ ଦେବ ଦେବୀଙ୍କ ଲାଠି ଓ ବିମାନ ମଣ୍ଡେଇ ପଡିଆ ଠାରେ ପହଞ୍ଚିବା ପରେ ପ୍ରଶାସନ ତରଫରୁ ଆସିଥିବା ସିରା ପୂଜାରୀ. ଗଣ୍ଡା ଚାଲାଣ ମାନଙ୍କୁ ଦୁର୍ଯ୍ୟୋଧନ ପୂଜାରୀ ସମ୍ବର୍ଦ୍ଧିତ କରିଥିଲେ । ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଅଂଚଳରେ ଥିବା ବନବାଟି, ଘୁମୁରା. ମାଦଳି, ଆଦିବାସୀ ନୃତ୍ୟ ତଥା ସମସ୍ତ ଛାତ୍ରଛାତ୍ରୀ ମାନଙ୍କ କଳା ମଞ୍ଚ ଉପରେ ପ୍ରଦର୍ଶନ କରାଯାଇଥିଲା । ପ୍ରକାଶ ଥାଇକି ଦୀର୍ଘ ବାର ବର୍ଷ ବ୍ୟବଧାନ ରେ ଏହି ମଣ୍ଡେଇ କାର୍ଯ୍ୟକ୍ରମ ହୋଇଥିବା ଯୋଗୁଁ ଦର୍ଶକଙ୍କ ସୁଅ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଚାଲିଥିଲା । କୋରାପୁଟିଆ ଏବଂ ଦେଶିଆ ନାଚଗୀତରେ ଚନ୍ଦାହାଣ୍ଡି ପ୍ରକମ୍ପିତ ହେବା ସହ ସମସ୍ତ ଦର୍ଶକ ପ୍ରବଳ ଉତ୍ସାହରେ ମଧ୍ୟ ଉପଭୋଗ କରିଥିଲେ । କଲେଜ ଅଧ୍ୟାପକ ନଳିନୀ ଦାସ ଏବଂ ସୁଷ୍ମମା ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ସତ୍ୟ ଦଣ୍ଡସେନା, ଢୁମାର ମାଳି, ଗୋବର୍ଦ୍ଧନ ଢ଼ଙ୍ଗରି.ସମସ୍ତ ଯୁବ ଇଞ୍ଜିନିଅରଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

# ପର୍ଯ୍ୟଟକଙ୍କ ପାଇଁ ୨୪ ଘଣ୍ଟିଆ ଖୋଲା ରହିବ ମହେନ୍ଦ୍ରଗିରି




ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ): ଗଜପତି ରେ ଅବସ୍ଥାପିତ ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ଏବେ ପର୍ଯ୍ୟଟକ ପାଇଁ ୨୪ ଘଣ୍ଟା ଖୋଲା । ପୁରାଣ ଓ ଇତିହାସ ବର୍ଣ୍ଣିତ ଐତିହ୍ୟ ସ୍ଥଳୀକୁ ବର୍ଷ ସାରା ଓଡିଶା ଓ ବାହାର ରାଜ୍ୟ ରୁ ହଜାର ହଜାର ସଂଖ୍ୟା ପର୍ଯ୍ୟଟକ ଆସିଥାନ୍ତି । ସମୁଦ୍ର ପତନ ଠାରୁ ୫ ହଜାର ଫୁଟ ଉଚ୍ଚ ରେ ଅବସ୍ଥାପିତ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ପର୍ଯ୍ୟଟନ ସ୍ଥଳୀର ଅଙ୍ଗେ ନିଭା ଅନୁଭୂତି ନିଶ୍ଚିତ ନିଆରା । କିମ୍ବଦନ୍ତୀ ଅନୁଯାୟୀ ମହେନ୍ଦ୍ରଗିରି ପର୍ଶୁରାମଙ୍କ କ୍ଷେତ୍ର ଅଟେ । ବନବାସ ସମୟ ରେ ରାମ ସୀତାଙ୍କ କିଛି ଦିନ ପାଇଁ ବସବାସ ଏବଂ ପଞ୍ଚୁପାଣ୍ଡବ ଧ୍ୟାନକ୍ଷେତ୍ର ବୋଲି ଇତିହାସରେ ବର୍ଣ୍ଣନା ଅଛି । ଏଠାରେ ପଞ୍ଚୁପାଣ୍ଡବ ନାମରେ ନାମିତ ୫ଗୋଟି ଶିବ ମନ୍ଦିର ରହିଛି । ମାତ୍ର ଏଠାରେ ରାତିରେ ରହିବା ସହ ପର୍ଯ୍ୟାପ୍ତ ଖାଦ୍ୟ ପାନୀୟ ଠିକ୍ ରେ ନଥିଲା ତେଣୁ ଏହା ଅବହେଳିତ ଅବସ୍ଥାରେ ରହିଥିଲା । ମହେନ୍ଦ୍ରଗିରି କୁ ପର୍ଯ୍ୟଟନର ବିକାଶ ଏବଂ ମହେନ୍ଦ୍ରଗିରିର ପରିବେଶକୁ ଦୃଷ୍ଟିରେ ରଖି ବନବିଭାଗ ତରଫରୁ ୬ କୋଟି ଟଙ୍କା ବ୍ୟୟ ଇକୋ ଟୁରିଜିମ ମାଧ୍ୟମରେ ସୌନ୍ଦର୍ଯ୍ୟକରଣ , ରାସ୍ତା, ଆଲୋକ, ରହଣି ବ୍ୟବସ୍ଥା କରାଯାଇଛି । ପର୍ଯ୍ୟଟକଙ୍କ ପାଇଁ ରାତ୍ର ରହଣି ପାଇଁ ୧୦ ଗୋଟି କଟେଜ୍ ନିର୍ମାଣ କରାଯାଇଛି । ଏଥିରେ ଦୁଇଗୋଟି ବୈଠକ ଗୃହ ସହ ଗୋଟିଏ ରେଷ୍ଟୁରାଣ୍ଟ ରହିଛି । ପିକ୍‌ନିକର ଋତୁ ଆସିଥିବା ହେତୁ ପର୍ଯ୍ୟଟକଙ୍କ ପାଇଁ ରହିବା ରାତ୍ରିଯାପନ, ଖାଇବା ପିଇବା ସବୁପ୍ରକାର ସୁବିଧା ସୁଯୋଗ ପର୍ଯ୍ୟଟନ ବିଭାଗ ତରଫରୁ ଯୋଗାଇ ଦିଆଯାଇଛି । ଏଠାରେ ପାହାଡ଼, ବନ, ଜଙ୍ଗଲ ଘେର ପରିବେଶରେ ପର୍ଯ୍ୟଟକ ନୂଆ ଅନୁଭୂତି ଅନୁଭବ କରିପାରିବେ । ପର୍ଯ୍ୟଟକମାନେ ଅନଲାଇନ ମାଧ୍ୟମରେ ବୁକିଂ କରି ସେଠାକାର କଟେଜ ନେଇପାରିବେ । କିନ୍ତୁ ରାଜ୍ୟ ସରକାରଙ୍କ କିଛି ନିୟମ ମଧ୍ୟ ମାନିବାକୁ ପଡିବ । ଆଧାତ୍ମିକ ଓ ସେଠାକାର ପରିବେଶକୁ ଯେଭଳି କୌଣସି ଆଞ୍ଚ ନଆସିବ ସେଥିପ୍ରତି ଦୃଷ୍ଟିଦେଇ ଆମିଷ, ମଦ୍ୟ, ପଲିଥିନ ଉପରେ କଟକଣା ଲାଗୁ କରାଯାଇଛି । ତେବେ ଏଣିକି ପର୍ଯ୍ୟଟକମାନେ ଏହାର ସମ୍ପୂର୍ଣ୍ଣ ଲାଭ ଉଠାଇ ପାରିବେ ବୋଲି କହିଛନ୍ତି ଡ଼ିଏଫଓ ଏସ .ଆନନ୍ଦ ।

# ହିତାଧିକାରୀଙ୍କୁ ପୋକରା ଚାଉଳ ଦିଆଯାଉଥିବା ଅଭିଯୋଗ



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ପିଡିଏସ ହିତାଧିକାରମାନଙ୍କୁ ପୋକରା ଚାଉଳ ଦିଆଯାଉଥିବା ଅଭିଯୋଗ ହୋଇଛି । ଫିମ୍ପି ମାରିଥିବା ତଥା ପୋକ ସାଲୁବାଲୁ ହେଉଥିବା ଚାଉଳ ଦିଆଯାଉଥିବାରୁ ହିତାଧିକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଚିତ୍ରକୋଣ୍ଡା ପଞ୍ଚାୟତକୁ ରାସନ ଆଣିବାକୁ ଯାଇଥିବା ହିତାଧିକାରୀ ମାନେ ଫିମ୍ପି ଓ ପୋକରା ଚାଉଳ ବଣ୍ଟନ ହେଉଥିବା ଦେଖି ଏହି ପ୍ରକାରର ଚାଉଳ ନେବାକୁ ମନା କରିଥିଲେ । ଚାଉଳ ଏତେ ମାତ୍ରାରେ ଫିମ୍ପି ମାରିଛି ଯେ ରୋଷେଇ ଯୋଗ୍ୟ ହୋଇପାରିବ ନାହିଁ । ଅଧିକାଂଶ ଚାଉଳ ନଷ୍ଟ ମଧ୍ୟ ହୋଇଯାଇଛି । ତଥାପି ଏହାକୁ ବଣ୍ଟନ କରଯାଉଥିବାରୁ ହିତାଧିକାରୀମାନେ ବିରୋଧ କରିଥିଲେ । ତୁରନ୍ତ ଚାଉଳକୁ ଫେରସ୍ତ କରି ଭଲ ଚାଉଳ ଦେବା ପାଇଁ ଦାବି କରିଛନ୍ତି ହିତାଧିକାରୀ । ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ବ୍ଲକର ୧୮ଟି ପଞ୍ଚାୟତକୁ ଏହି ଭଳିଆ ଚାଉଳ ଆସିଛି । ଦଶହରା ପୂର୍ବରୁ ଏଫ୍‌ସିଆଇ ଗୋଦାମରୁ ଚାଉଳ ଆସି ଜମାହୋଇ ରହିଥିବାରୁ ଫିମ୍ପି ଓ ପୋକ ଲାଗିଯାଇଥିବା କହିଛନ୍ତି । ଯୋଗାଣ ସହାୟକମାନେ ଏଫ୍‌ସିଏଇ ଗୋଦାମକୁ ଜଣାଇଥିଲେ ସୁଦ୍ଧା ସେମାନେ କର୍ଣ୍ଣପାତ କରୁନଥିବା ଜଣାପଡ଼ିଛି । ଚିତ୍ରକୋଣ୍ଡା ଅଞ୍ଚଳର ଦିଲ୍ଲୀପ ମାଛ, ଅର୍ଜୁନ ହପାଇ, ଲକ୍ଷ୍ମୀ ମାଛ ପ୍ରମୁଖଙ୍କ ସହ ଅନ୍ୟ ହିତାଧିକାରୀମାନେ କହିଛନ୍ତି । ପୂର୍ବପରି ପ୍ରତି ମାସରେ ଚାଉଳ ଦେଲେ ଲୋକଙ୍କ ସୁବିଧା ହୋଇପାରିବ । ଏବେ ୩ ମାସରେ ଥରେ ଚାଉଳ ଦିଆଯାଉଛି, ଯଦ୍ୱାରା ଗରିବ ବୃଦ୍ଧବୃଦ୍ଧାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିରେ ସାହୁକାର ଓ ବେପାରୀ ମାନଙ୍କ ଲାଭ ହେଉଛି । ଚଉଳକୁ କମ୍ ଦାମରେ କିଣିନେଇ ସାହୁକାରମାନେ ତାକୁ ରିଫାଇନ କରି ପୁଣି ବଜାରକୁ ଛାଡୁଛନ୍ତି । ଏହାକୁ ଗୁରୁତର ଭାବେ ବିଚାର କରି ଲୋକଙ୍କୁ ଠିକ୍ ସମୟରେ ଚାଉଳ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏସମ୍ପର୍କ ରେ ଜିଲ୍ଲା ଯୋଗାଣ ଅଧିକାରୀ ଏମ୍.ଏମ୍. ପଟ୍ଟନାୟକ ଙ୍କୁ ପଚାରିବାରୁ ସେ କହିଛନ୍ତି, ତଦନ୍ତ କରାଯିବା ସହିତ ପୋକରା ଚାଉଳ ତୁରନ୍ତ ବଦଳାଯାଇ ହିତାଧିକାରୀଙ୍କୁ ଭଲ ଚାଉଳ ଦିଆଯିବ ।

# ସମ୍ବଲପୁରୀ-କୋଶଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ସାଂସଦଙ୍କ ଦାବି



ବରଗଡ(ଭାସ୍କର ନ୍ୟୁଜ୍): ଲୋକସଭାରେ ଶୀତକାଳୀନ ଅଧିବେଶନ ଚାଲିଥିବା ବେଳେ ଅଦ୍ୱିତୀୟ ଦିନରେ ସମ୍ବଲପୁରୀ - କୋଶଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ସହ ଓଡିଶା ସରକାରଙ୍କ ସରକାରୀ ଭାଷାର ମାନ୍ୟତା ଦେବାପାଇଁ ଲୋକସଭାରେ ବରଗଡ ସାଂସଦ ପ୍ରଦୀପ ପୁରୋହିତ ପ୍ରସଙ୍ଗ ଉଠାଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ନିୟମ ୩୭୭ ର ଅଧି ସୂଚନା ଅନୁଯାୟୀ ଲୋକସଭାରେ ସାଂସଦ ଶ୍ରୀ ପୁରୋହିତ ଏହି ପ୍ରସଙ୍ଗ ଉଠାଇ ଉଲ୍ଲେଖ କରିଛନ୍ତି ଯେ ଓଡିଶାର ଜିଲ୍ଲାରୁ ୩୦ଟି ରୁ ୧୧ଟି ଜିଲ୍ଲାର ଲୋକେ କୋଶଳୀ - ସମ୍ବଲପୁରୀ ଭାଷା କହନ୍ତି । ଏହା ଏକ ପ୍ରାଚୀନ ଭାଷା ସହ ଏହି ଭାଷାରେ ରାମାୟଣ, ମହାଭାରତ ଏବଂ ଭଗବତ ଗୀତା ଭଳି ହିନ୍ଦୁ ଧର୍ମ ଗ୍ରନ୍ଥ ଅନୁବାଦିତ ହୋଇ ସାରିଛି । ସମ୍ବଲପୁରୀ - କୋଶଳୀ ଭାଷା ପଶ୍ଚିମ ଓଡିଶାର ପ୍ରାଥମିକ ଭାଷା ଅଟେ ବୋଲି ଶ୍ରୀ ପୁରୋହିତ ଉଲ୍ଲେଖ କରି ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ସହ ଏହି ଭାଷାକୁ ଓଡିଶା ସରକାରଙ୍କ ସରକାରୀ ଭାଷାରେ ମାନ୍ୟତା ଦେବାକୁ ଦାବି କରିଛନ୍ତି ।

# ଖାଦ୍ୟ ସୁରକ୍ଷା ଆୟୋଗର ମାଣ୍ଡିପଙ୍କା ଗସ୍ତ

## ■ ବିଳମ୍ବ ଗସ୍ତକୁ ନେଇ ବିଧାନସଭା ହୁଲସ୍ଥୁଲ

କନ୍ଧମାଳ(ଭାସ୍କର ନ୍ୟୁଜ୍): ବହୁ ଚର୍ଚ୍ଚିତ କନ୍ଧମାଳ ମାଣ୍ଡିପଙ୍କା ଆମ୍ବ ଟାଙ୍କୁଆ ମୃତ୍ୟୁ ଘଟଣା ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିବା ବେଳେ ଏହି ପ୍ରସଙ୍ଗକୁ ନେଇ ବିଧାନସଭା ମଧ୍ୟ ହୁଲସ୍ଥୁଲ ହେବାରେ ଲାଗିଛି । ଆଉ ଏହାରି ଭିତରେ ଓଡିଶା ରାଜ୍ୟ ଖାଦ୍ୟ ସୁରକ୍ଷା ଆୟୋଗର ଅଧ୍ୟକ୍ଷ ଇଞ୍ଜିନିୟର ଅବନିକାନ୍ତ ସାହୁଙ୍କ ନେତୃତ୍ୱରେ ଏକ ଟିମ ୨୭ ତାରିଖ ବୁଧବାର ଦିନ ମାଣ୍ଡିପଙ୍କା ଗାଁ ରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବା ଦେଖିବାକୁ ମିଳିଛି । କିନ୍ତୁ ଏହି ଟିମ ପୀଡିତ ପରିବାରଙ୍କ ଦୁଃଖ କମ୍ ଶୁଣିଲେ । ଆଉ ଅଧିକ ଦାରିଙ୍ଗବାଡ଼ିର ପର୍ଯ୍ୟଟନ ସ୍ଥଳଗୁଡ଼ିକ ବୁଲିଲେ । ଟିମର ଏଭଳି ଆଭିମୁଖ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି ଯେ ଏମାନେ ପ୍ରକୃତରେ ଆସିଥିଲେ କୁଆଡ଼େ । ଅନ୍ୟପଟେ ଏଭଳି ଏକ ଦୁଃଖ ଦାୟକ ଘଟଣାକୁ ଏବେ ଏକ ମାସ ବିତିଥିବା ବେଳେ କାହିଁକି ଏତେ ବିଳମ୍ବରେ ଏହି ଟିମ ମାଣ୍ଡିପଙ୍କା ଗ୍ରସ୍ତରେ ଗଲା । ଏହାକୁ ନେଇ ମଧ୍ୟ ଏବେ ଅନେକ ପ୍ରଶ୍ନ ସାଧାରଣରେ ସୃଷ୍ଟି ହୋଇଛି । ଅନାହାର ମୃତ୍ୟୁ ଭଳି ଏକ ସ୍ପର୍ଶକାତର ଘଟଣା ଘଟିଥିଲେ ମଧ୍ୟ ଟିମ ଆସିବାରେ କାହିଁକି ଏତେ ବିଳମ୍ବ କରିଲେ ? ସେପଟେ ପୀଡ଼ିତ ପରିବାର ତ ପୂର୍ବଭଳି ଏବେ ମଧ୍ୟ ସେଇ ସମାନ ଉତ୍ତର ଟିମ ଆଗରେ ରଖିଛି ଯେ, ଖାଦ୍ୟ ଅଭାବ ଯୋଗୁଁ ଆମ୍ବ ଟାକୁଆ ଜାଉ ଆମେ ଖାଇଥିଲୁ । ତେବେ ସେ ଯାହା ହେଉ ପଛକେ ଓଡ଼ିଶା ଖାଦ୍ୟ ଆୟୋଗ ଟିମର ଏହି ଗସ୍ତ କିନ୍ତୁ ଯାତ୍ରା ଦେଖା ନାଁରେ କଦଳୀ ବିକା ନୀତି ହୋଇଛି କୁଆଡ଼େ ବୋଲି କୁହାଯାଉଛି । ଦ୍ୱିତୀୟ ଦିନ ରେ ଖାଦ୍ୟ ଆୟୋଗ ଟିମ କନ୍ଧମାଳ ଜିଲ୍ଲାର ତୁମୁଡିବନ୍ଧ ସମେତ ଅନ୍ୟ କିଛି ସ୍ଥାନକୁ ଗସ୍ତ କରିଛି ।



# ରାସ୍ତାରେ ବିକଟାଳ ଶବ୍ଦ କରୁଛି ବାଇକ୍

## ଭୟଭୀତ ପଥଚାରୀ, ଧରପଗଡ଼ ଦାବି



ବ୍ରଜରାଜନଗର (ଭାସ୍କର ନ୍ୟୁଜ): ବର୍ତ୍ତମାନ ବଜାରରେ ଅନେକ ନାମୀ ଦାମୀ କମ୍ପାନୀର ବାଇକ ଆସୁଛି ଓ ଏହା କିଣିବା ଲାଗି ଯୁବପିଢ଼ି ମଧ୍ୟରେ ପ୍ରବଳ ଆଗ୍ରହ ରହିଛି । ଫଳରେ ସ୍ଥାନୀୟ ଅଞ୍ଚଳରେ ଦିନକୁ ଦିନ ବାଇକର ସଂଖ୍ୟା ବୃଦ୍ଧି ପାଇଛି । ତେବେ ବାଇକ କିଣିବା ପରେ କେତେକ ଅମାନିଆ ଯୁବକ ନିଜର ହିତାହିତ ଜ୍ଞାନ ଭୁଲି ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷର ବାତାବରଣ ସୃଷ୍ଟି କରୁଛନ୍ତି ।ଜନଗହଳି ପୂର୍ଣ୍ଣ ରାସ୍ତାରେ ବେପରୁଆ ଓ ଦ୍ରୁତ ଗତିରେ ବାଇକ ଚାଳନା କରୁଥିବାବେଳେ ବାଇକରୁ ବାହାରୁଥିବା ଉଚ୍ଚ କାନଫଟା ଶବ୍ଦ ଲୋକଙ୍କୁ ଅସ୍ତବ୍ୟସ୍ତ କରି ଦେଇଛି । ଅମାନିଆ ଯୁବକ ନାମିଦାମୀ ବାଇକରେ କମ୍ପାନୀର ସାଇଲେନ୍ସ ହଟାଇ ମଡ଼ିଫାଏଡ଼ ସାଇଲେନ୍ସର ଲଗାଉଥିବାରୁ ଏହା ପ୍ରଚଣ୍ଡ ଶବ୍ଦ କରୁଛି । ସେହିପରି ଅନେକ ଗହଳିପୂର୍ଣ୍ଣ ରାସ୍ତାରେ ଏମାନେ ପ୍ରତିଯୋଗିତା ମୂଳକ ବେପରୁଆ ଭାବେ ଗାଡ଼ି ଚାଳନା କରୁଥିବାରୁ ପଥଚାରୀଙ୍କ ପାଇଁ ବିପଦର କାରଣ ହୋଇଛି । ବିକଟାଳ ଶବ୍ଦ ଯୋଗୁଁ କୁନି କୁନି ପିଲାମାନେ ଭୟଭୀତ ହେଉଥିବା ବେଳେ ବୃଦ୍ଧ ବୃଦ୍ଧା ବିରକ୍ତି ପ୍ରକାଶ କରିଛନ୍ତି । ଏଭଳି ସ୍ଥିତିରେ ପିଲାଙ୍କୁ ସ୍କୁଲ ଛାଡ଼ିବାକୁ ଯାଉଥିବା ଅଭିଭାବକ ମାନେ ମଧ୍ୟ ନିଜକୁ ନିରାପଦ ମଣୁ ନାହାଁନ୍ତି । ଅନ୍ୟପଟେ ବାଇକର ଉଚ୍ଚ ଶବ୍ଦ ଶୁଣି ଲୋକେ ରାସ୍ତାରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିବାର ଅନେକ ସମ୍ଭାବନା ଥିବା ବେଳେ ଗର୍ଭବତୀ ମହିଳା ଓ ହୃଦରୋଗୀଙ୍କ ପାଇଁ ଘାତକ ସାଜିଛି । ବିଶେଷ କରି ଡାକ୍ତରଖାନା, ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟ ଆଦି ଶାନ୍ତିପୂର୍ଣ୍ଣ ଅଞ୍ଚଳରେ ଶବ୍ଦ ପ୍ରଦୂଷଣ ପ୍ରତି ସମସ୍ତେ ସଚେତନ ରହିବା ଉଚିତ ବୋଲି ନିୟମ ରହିଥିବା ବେଳେ ଏଭଳି ଅମାନିଆ ପାଇଁ ଏହାର ସ୍ପଷ୍ଟ ଭାବେ ଉଲ୍ଲଂଘନ ହେଉଥିବା ଦେଖିବାକୁ ମିଳୁଛି । ବିକଟାଳ ଶବ୍ଦ କରୁଥିବା ଲକ୍ଷାଧିକ ଟଙ୍କାର ଏହି ବାଇକର ପରିଚୟ ଲୁଚାଇବା ପାଇଁ ନମ୍ବର ପ୍ଲେଟକୁ ଅସ୍ପଷ୍ଟ ଭାବେ ଲଗାଯାଉଛି । ସେହିପରି କେତେକ କାଗଜପତ୍ର ନଥିବା ପୁରୁଣା ବାଇକ ଗୁଡ଼ିକୁ ଗ୍ୟାରେଜରେ ଡ଼ିଜାଇନ କରି ବ୍ୟବହାର କରାଯାଉଛି । ବାଇକ ଚାଳକ ନିଶାସକ୍ତ ଅବସ୍ଥାରେ ଦ୍ରୁତ ଗତିରେ ଗାଡ଼ି ଚାଳନା କରୁଥିବାରୁ ଅନେକ ସଡ଼କ ଦୁର୍ଘଟଣା ଘଟୁଥିବା ଲୋକେ କହିଛନ୍ତି । ଅନ୍ୟପକ୍ଷରେ ପୋଲିସ ତରଫରୁ ବିକଟାଳ ଶବ୍ଦ କରୁଥିବା ବାଇକ ଚାଳକଙ୍କ ପ୍ରତି କଠୋର ପଦକ୍ଷେପ ନିଆଯାଉ ନଥିବାରୁ ଏମାନେ ଆହୁରି ଉତ୍ସାହିତ ହୋଇ ପଡିଛନ୍ତି । ତେଣୁ ସହରରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଦାବି ହେଉଛି ।

# ଭାଜପା ବେହାଡ଼ା ମଣ୍ଡଳ ସଭାପତି ଧନୁର୍ଜୟ ପରଜାଙ୍କ ପରଲୋକ



ଉମରକୋଟ(ଭାସ୍କର ନ୍ୟୁଜ୍): ଭାରତୀୟ ଜନତା ପାର୍ଟି ଉମରକୋଟ ବିଧାନସଭା ନିର୍ବାଚନର ବେହାଡ଼ା ମଣ୍ଡଳ ସଭାପତି ଧନୁର୍ଜୟ ପରଜାଙ୍କ କର୍କଟ ରୋଗର ଆକ୍ରାନ୍ତ ହୋଇ ଅକାଳ ବିୟୋଗ ଘଟିଥିଲା । ସେ ବହୁ ଦିନ ଧରି କଟକର ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ତାଙ୍କରି ମୃତ ଖବର ମିଳିଲା ପରେ ଭାରତୀୟ ଜନତା ପାର୍ଟିର କର୍ମୀ ମହଲରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ ଧନୁର୍ଜୟ ପରଜା ଭାରତୀୟ ଜନତା ପାର୍ଟି ରେ ଦୀର୍ଘ ୨୦ ବର୍ଷ ଧରି ଦଳରେ ରହି ବିଭିନ୍ନ ପଦବୀ ରେ ରହି ଦାୟିତ୍ୱ ସୂଚାରୁ ରୂପେ ତୁଲାଇ ପାରି ଥିଲେ । ସେ ନିଜ ପରଜା ସମାଜରେ ବହୁଦିନ ଧରି ଜିଲ୍ଲାର ସମ୍ପାଦକ ଭାବେ ଦାୟିତ୍ୱ ରେ ସମାଜର ବହୁ ଉନ୍ନତି ମୂଳକ କାର୍ଯ୍ୟ କରିପାରିଥିଲେ । ସେ ମହିମା ଧର୍ମ ଗ୍ରହଣ କରିଥିଲେ । ସେ ଉମରକୋଟ ବିଧାନସଭା ନିର୍ବାଚନରେ ବେହାଡ଼ା ମଣ୍ଡଳ ସଭାପତି ଭାବେ ଦାୟିତ୍ୱ ରେ ରହି ଉମରକୋଟ ବିଧାୟକ ଓ ଲୋକସଭା ସାଂସଦଙ୍କୁ ବିଜୟ ଲାଭ କରିବାରେ ତାଙ୍କର ବହୁ ଅବଦାନ ଥିଲା । ତାଙ୍କ ଅନ୍ତିମ ଯାତ୍ରାରେ ବହୁ ଭରରତୀୟ ଜନତା ପାର୍ଟିର ବରିଷ୍ଠ ନେତା ଓ ମହିମା ଧର୍ମାବଲମ୍ବୀ,ପରଜା ସମ୍ପ୍ରଦାୟର ଲୋକମାନେ ଯୋଗ ଦେଇଥିଲେ । ତାଙ୍କରି ଅନ୍ତ୍ୟେଷ୍ଟିକ୍ରିୟା ମହିମା ଧର୍ମ ନୀତି ଅନୁସାରେ କରାଯାଇଥିଲା । ଏହି ଅନ୍ତ୍ୟେଷ୍ଟି କାର୍ଯ୍ୟକ୍ରମ ରେ ବିଜେପି ଦଳର ରାଜ୍ୟ ସମ୍ପାଦକ ଶ୍ରୀ ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ସମ୍ପାଦକ ରାମ ନାୟକ, ନଗର ମଣ୍ଡଳର ସଭାପତି ଗୋପୀନାଥ ସାହୁ, ସମ୍ପାଦକ ପ୍ରଭାତନାୟକ, ଯୁବ ସଭାପତି ବାଦଲ ପଟନାୟକ, ବିଜେପି କର୍ମୀ ମିଲୁ ପଣ୍ଡା, ରାଇଘର ମଣ୍ଡଳ ସଭାପତି ମନୋହର ଦଣ୍ଡସେନା, ବୁର୍ଜା ମଣ୍ଡଳ ସଭାପତି ଭୋଜନାଥ ଗଣ୍ଡଙ୍କ ସହ ଅନ୍ୟ ମାନେ ଉପସ୍ଥିତ ରହିଥିଲେ ।

# କୁଡୁମୁଲୁଗୁମ୍ମା ମହାବିଦ୍ୟାଳୟରେ ଜାତୀୟ ସମ୍ବିଧାନ ଦିବସ ପାଳିତ




କୋରୁକୋଣ୍ଡା (ଭାସ୍କର ନ୍ୟୁଜ୍): କୁଡୁମୁଲୁଗୁମ୍ମା ସ୍ଥିତ ଡାରଉଇନ୍ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଏବଂ ଯୁବ ରେଡ଼କ୍ରସର ମିଳିତ ଆନୁକୂଲ୍ୟରେ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପିକା ମଧୁମିତା ବିଶ୍ୱାଳ ସଭାକାର୍ଯ୍ୟର ପରିଚାଳନା କରିଥିଲାବେଳେ ଜାତୀୟ ସେବା ଯୋଜନାର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱଜିତ ମହାନ୍ତି ଓ ଯୁବ ରେଡ଼କ୍ରସ ର ପରାମର୍ଶଦାତା ଏଲିନା ବେହେରା ପ୍ରମୁଖ ଯୋଗଦେଇ ଆଜିର ଦିବସର ମହତ୍ତ୍ୱ ଓ ଭାରତୀୟ ସମ୍ବିଧାନର ପ୍ରଣେତା ଡଃ ଭୀମରାଓ ଆମ୍ବେଦକରଙ୍କ ଜୀବନୀ ଉପରେ ସବିଶେଷ ଆଲୋକପାତ କରିଥିଲେ । ଶେଷରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଯାଇଥିଲା । ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷା କର୍ମଚାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ପରିଶେଷରେ ଓଡିଆ ଅଧ୍ୟାପିକା ସଞ୍ଜିତା ଖୋସଲା ଧନ୍ୟବାଦ ଅର୍ପଣ କରିଥିଲେ ।

# ଗଜପତିରେ ଲୁପ୍ତ ହେବାକୁ ବସିଲାଣି ଚନ୍ଦନ ଗଛ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ରେ ଲୋପ ପାଇବାକୁ ବସିଲାଣି ରକ୍ତ ଚନ୍ଦନ ଗଛ । ଦିନ ଥିଲା ରକ୍ତ ଚନ୍ଦନ ଗଛରେ ଭରପୂର ହୋଇ ରହିଥିଲା ଗଜପତି ଜିଲ୍ଲା । ଏତେ ମାତ୍ରାରେ ଗଛ ରହିଥିଲା ଯେ ଏହା ଏସିଆ ମହାଦେଶର ଏକ ମାତ୍ର ସ୍ଥାନ ବୋଲି କୁହାଯାଉଥିଲା । ହେଲେ ବର୍ତ୍ତମାନ ଏହା ପ୍ରାୟ ଲୁପ୍ତ ହେବାକୁ ଲାଗିଲାଣି । ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଦ୍ୱାରା ଗୋଷାଣୀ ବ୍ଲକର ଲାବଣ୍ୟଗଡ ଏବଂ ଗୁମ୍ମା ବ୍ଲକର ନାମନଗଡ ଅଞ୍ଚଳରେ ସୃଷ୍ଟି ହୋଇଥିଲା ଏହି ରକ୍ତ ଚନ୍ଦନ ଜଙ୍ଗଲ । ଏବେ କିନ୍ତୁ ଚନ୍ଦନ ଗଛ ଖୋଜିଲେ ବି ମିଳିବା କଷ୍ଟକର । କାରଣ ସବୁ ଗଛକୁ ମାଫିଆମାନେ ଲୁଟି ନେଇଛନ୍ତି । ବର୍ତ୍ତମାନ ଯେଉଁ କେତୋଟି ଗଛ ରହିଛି ତାହା ଉପରେ ମଧ୍ୟ ଚନ୍ଦନ ଦସ୍ୟୁଙ୍କ ଲୋଲୁପ ଦୃଷ୍ଟି ରହିଛି । ସେହି ଗଛ ଗୁଡ଼ିକୁ ସୁରକ୍ଷା ଦେବାରେ ବନ ବିଭାଗ ବିଫଳ ହୋଇଥିବା ଅଭିଯୋଗ ହୋଇଛି । । ଏତେ ମାତ୍ରାରେ ଗଛ ରହିଥିଲା ଯେ, ଏହା ଏସିଆ ମହାଦେଶର ଏକ ମାତ୍ର ବୃହତ ରକ୍ତ ଚନ୍ଦନ ଜଙ୍ଗଲ ବୋଲି କୁହାଯାଉଥିଲା । ବର୍ତ୍ତମାନ କିନ୍ତୁ ଏହା ଲଣ୍ଡା ହୋଇଯାଇଛି । ଗୋଷାଣି ବ୍ଲକର ଲାବାଣ୍ୟଗଡ, ଏବଂ ଗୁମ୍ମା ବ୍ଲକର ନାମନଗଡ ଅଞ୍ଚଳରେ ମହାରାଜାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ରକ୍ତ ଚନ୍ଦନ ଗଛକୁ ଦସ୍ୟୁମାନେ ଚୋରି ନେଉଛନ୍ତି । ଏହି ଦୁର୍ମୂଲ୍ୟ ଜଙ୍ଗଲକୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ବନ ବିଭାଗ ଏବେ ବି ଚେତିନାହିଁ । ଏହି ଜଙ୍ଗଲରେ ବର୍ତ୍ତମାନ ଯେଉଁ କେତୋଟି ଗଛ ରହିଛି ତାହା ଉପରେ ମଧ୍ୟ ଚନ୍ଦନ ଦସ୍ୟୁଙ୍କ ଲୋଲୁପ ଦୃଷ୍ଟି ରହିଛି । କିନ୍ତୁ ଜଙ୍ଗଲକୁ ଯେଉଁଭଳି ସୁରକ୍ଷା ଦେବା କଥା ତାହା କରାନଯାଇ ମୁକୁଳା ଛାଡି ଦିଆଯାଇଥିବା ଘଟଣାକୁ ବୁଦ୍ଧିଜୀବିମାନେ ନିନ୍ଦା କରିବା ସହ ତୁରନ୍ତ ଏହା ଉପରେ ସରକାର ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ଦାବି କରିଛନ୍ତି । ସେପଟେ ରକ୍ତ ଚନ୍ଦନ ବଣକୁ ସୁରକ୍ଷା ଦେବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯଇଥିବା ପାରଳାଖେମୁଣ୍ଡି ଡିଏଫଓ ଏସ.ଆନନ୍ଦ କହିଛନ୍ତି । ସେହିପରି ସ୍ଥାନୀୟ ବୁଦ୍ଧିଜୀବୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଔଷଧୀୟ ଗୁଣରେ ଭରପୁର ରକ୍ତ ଚନ୍ଦନ ଗଛର ସ୍ୱତନ୍ତ୍ର ବଣ ସୃଷ୍ଟି କରିବା ଦିଗରେ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସ୍ୱତନ୍ତ୍ର ଓଡିଶା ଗଠନର ମୁଖ୍ୟ ବିନ୍ଧାଣି ତଥା ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ୧୯୧୩ମସିହାରେ ପାରଳା ରାଜ ସିଂହାସନ ଆରୋହଣ କରିବା ପରେ ନିଜ ରାଜ୍ୟରେ ବିଭିନ୍ନ ପ୍ରକାର ଜନହିତକର କାର୍ଯ୍ୟ କରିଥିଲେ । ତତ୍କାଳୀନ ମାଡ୍ରାସ୍ ପ୍ରେସିଡେନ୍ସିରେ ମହାରାଜାଙ୍କ ସ୍ୱତନ୍ତ୍ର ଖାତିର ରହିଥିବାରୁ ସେ ବିଭିନ୍ନ ସ୍ଥାନରୁ ରକ୍ତ ଚନ୍ଦନ ଗଛ ସଂଗ୍ରହ କରି ପାରଳାଖେମୁଣ୍ଡି ନିକଟରେ ବଣ ସୃଷ୍ଟି କରିଥିଲେ । ସମୟ କ୍ରମେ ଏହା ବନ ବିଭାଗ ଅଧିନକୁ ଆସିଲା । ଏବେ ଏହା ପାରଳାଖେମୁଣ୍ଡି ବନଖଣ୍ଡ ଅଧିନସ୍ଥ ମହେନ୍ଦ୍ରଗିରି ଏବଂ ଦେବଗିରି ବନାଅଞ୍ଚଳ ଅଧିନରେ ରହିଛି । ଏହି ଗଛର ଚାହିଦା ଜଣାପଡିବା ପରେ ଦସ୍ୟୁମାନେ ଏହି ଜଙ୍ଗଲ ସଫା କରିବା ଆରମ୍ଭ କରିଛନ୍ତି । ଯଦିଓ ମହାରାଜା କେତେ ଗଛ ଲଗାଇଥିଲେ ତାହାର କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ, ତଥାପି ପ୍ରାୟ ୧୨ହଜାର ଗଛ ଲଗାଇ ବଣ ସୃଷ୍ଟି କରିଥିଲେ ବୋଲି କୁହାଯାଉଛି । ଏଥିମଧ୍ୟରୁ ଏବେ ମାତ୍ର ୧୦୦୩ଟି ଗଛ ହିଁ ରହିଥିବା ବନ ବିଭାଗର ତଥ୍ୟରୁ ସ୍ପଷ୍ଟ ହୋଇଛି । ସ୍ଥାନୀୟ ବାସିନ୍ଦା ସୂର୍ଯ୍ୟ ନାରାୟଣ ପଟ୍ଟନାୟକ କୁହନ୍ତି ଯେ,ପାରଳା ମହାରାଜାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଏହି ରକ୍ତ ଚନ୍ଦନ ବଣ ଭାରତ ସ୍ୱାଧୀନତା ପରେ ଏହି ବଣ ସରକାରଙ୍କ ଅଧିନକୁ ଯାଇଥିଲା । ଢେର କିଛି ବର୍ଷ ଏହି ଗଛର ଆବଶ୍ୟକତା ସଂପର୍କରେ ଲୋକେ ଜାଣିନଥିଲେ । ଏହି ବଣର କୌଣସି କ୍ଷତି ହୋଇନଥିଲା । ୧୯୯୦ବେଳକୁ ତସ୍କରୀ ଆରମ୍ଭ ହୋଇଥିଲା । ଗତ ୩୩ବର୍ଷ ଧରି ଏହି ବଣରୁ ଗଛ ଚୋରି ହୋଇଚାଲିଛି । ଫଳରେ ଏବେ ଜଙ୍ଗଲରେ ହାତ ଗଣତି କିଛି ଗଛକୁ ଛାଡି ଦେଲେ ବାକି ସବୁ ଗଛ ଚୋରି ହୋଇଯାଇଛି । ତଥାପି ରକ୍ତଚନ୍ଦନ ଭଳି ମୂଲ୍ୟବାନ ଗଛର ସୁରକ୍ଷା ଦିଗରେ ବନ ବିଭାଗର ଆନ୍ତରିକତା ନଥିବା ଅଭିଯୋଗ କରିଛନ୍ତି । ଗତ ୩୪ବର୍ଷ ଧରି ଗଛ ନଷ୍ଟ ହୋଇଥିଲେ ମଧ୍ୟ ନୂତନ ଗଛ ଲଗାଯିବା ତ ଦୂରର କଥା ସୁରକ୍ଷା ମଧ୍ୟ ଯୋଗାଇ ଦିଆନଯିବା ବନ ବିଭାଗ ଏବଂ ସରକାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏସଂପର୍କରେ ପାରଳାଖେମୁଣ୍ଡି ଡିଏଫଓ ଏସ.ଆନନ୍ଦଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ରକ୍ତ ଚନ୍ଦନ ବଣର ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଗଛଗୁଡିକୁ ନମ୍ବରିଂ କରାଯିବା ସହ ଏହାର ଜିପିଏସ ଟ୍ରାକ ମଧ୍ୟ କରାଯାଉଥିବା ଡିଏଫଓ କହିଛନ୍ତି ।

# ଦିବ୍ୟାଙ୍ଗ ବାଳିକାଙ୍କୁ ସାହାଯ୍ୟର ପ୍ରତିଶ୍ରୁତି ଦେଲେ ବିଡ଼ିଓ



ନନ୍ଦାହାଣ୍ଡି (ଭାସ୍କର ନ୍ୟୁଜ): ନନ୍ଦାହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପ୍ରକୋଷ୍ଠରେ ଜଣେ ଡିବ୍ୟାଙ୍ଗ ବାଳିକା ଦରଖାସ୍ତ ଧରି ନିବେଦନ ପାଇଁ ଆସିଥିଲେ । ବାଳିକା ଜଣକ ହେଲେ ମେଣ୍ଟ୍ରି ପଞ୍ଚାୟତ ଅନ୍ତର୍ଗତ ହିର୍ଲ୍ୟା ଗୁଡା ଗ୍ରାମର ବିଶାଖା ବିଷୋୟୀ ବୟସ ୧୫ ବର୍ଷ । ଅନୁରୋଧ କରିବା ସକାଶେ ବୁଧବାର ଦିନ ତାଙ୍କ ବାପା ବନ ବିଷୋୟୀ ଓ ମା' ରିତା ବିଷୋୟୀ ସାଙ୍ଗରେ ଆସିଥିଲେ । ବାଳିକାର ଦୁଇ ଗୋଟି ଗୋଡ ସମ୍ପୂର୍ଣ୍ଣ ଭାବେ ଅକାମୀ ଯଦ୍ୱାରା ଚଲାବୁଲା ପାଇଁ ଦୁଇଟି ହାତ ହିଁ ସାହାରା ହୋଇପାରିଛି । ଡାକ୍ତରଙ୍କ ପ୍ରମାଣପତ୍ର ଅନୁସାରେ ବିଶାଖା ୮୦ ପ୍ରତିଶତ ଅକର୍ମଣ୍ୟ ଅଟନ୍ତି । ଚଳିତ ୨୩ ତାରିଖ ଦିନ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀଙ୍କୁ ବିଶାଖାଙ୍କ ମା' ରିତା ବିଷୋୟୀ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନା ରାସନ କାର୍ଡ ଯୋଗାଇ ଦେବା ପାଇଁ ଅନୁରୋଧ କରିଥିଲେ । ବିଧାୟକ ମଧ୍ୟ ନବରଙ୍ଗପୁର ଖାଉଟି କଲ୍ୟାଣ ଅଧିକାରୀଙ୍କୁ ଚିଠି ଲେଖିଥିଲେ । ସମସ୍ତ କାଗଜାତ ଓ ପ୍ରତ୍ୟକ୍ଷ ଭାବେ ଦେଖି ବିଡ଼ିଓ କ୍ଷୀରୋଦ ଚନ୍ଦ୍ର ସାହୁ ଭାବୁକ ହେବା ସହ ତୁରନ୍ତ ହୁଇଲ ଚେୟାର ପ୍ରଦାନ କରିଥିଲେ । ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥଜିତ ମଣ୍ଡଳ ଓ କାର୍ଯ୍ୟକ୍ରମ ସହାୟକ ବିଚିତ୍ରାନନ୍ଦ ଶତପଥୀ ହୁଇଲ ଚେୟାର ଯୋଗାଣରେ ସହଯୋଗ କରିଥିଲେ । ବାଳିକା ଜଣକ ମେଣ୍ଟ୍ରି ସ୍କୁଲରେ ୧୦ମ ଶ୍ରେଣୀରେ ପଢୁଥିବା ଯୋଗୁଁ ବାଣୀଶ୍ରୀ ଯୋଜନାରେ ଓ ବିକଳାଙ୍ଗ ଭତ୍ତା ପାଉଥିବା ସୂଚନା ମିଳିଥିଲା । ଦରଖାସ୍ତ ଅନୁସାରେ ତୁରନ୍ତ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନା ରାସନ କାର୍ଡ ଯୋଗାଇ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଗାମୀ ଦିନରେ ଉଚ୍ଚ ଶିକ୍ଷା ପାଇଁ ବିଡ଼ିଓ ଶ୍ରୀ ସାହୁ ସହାୟତା ଦେବା ପାଇଁ ମଧ୍ୟ ଆଶ୍ୱାସନା ଦେଇଥିଲେ ।



ପୁରୀ (ଭାସ୍କର ନ୍ୟୁଜ) : ଡିସେମ୍ବର ୪ ତାରିଖରେ ପୁରୀ ଫ୍ଲାଗ ବିଚ ଠାରେ ଅନୁଷ୍ଠିତ ହେବ ନୌସେନା ଦିବସ। ଏଥି ପାଇଁ ପ୍ରସ୍ତୁତି କୁ ଜୋରଦାର କରାଯାଇଛି।ଏହି କାର୍ଯ୍ୟକ୍ରମରେ ମହାମହୀମ ରାଷ୍ଟ୍ରପତିଙ୍କ ଯୋଗଦାନ ଥିବାରୁ ସମସ୍ତ କାର୍ଯ୍ୟ ଯେପରି ଶୃଙ୍ଖଳିତ ଭାବେ ସମ୍ପର୍ଣ୍ଣ ହେବ ସେଥିପାଇଁ ସମସ୍ତ ବିଭାଗ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ ବୀର ବିକ୍ରମ ଯାଦବ ନିର୍ଦ୍ଦେଶ ଦେଇଛନ୍ତି। ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ନୌସେନା ଦିବସ ପାଳନ ନିମିତ୍ତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଶ୍ରୀ ଯାଦବ ନୌସେନା ଦିବସ ପାଳନ ସହ ମହାମହୀମ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଯେଉଁ ବିଭାଗକୁ ଦାୟିତ୍ୱ ଦିଆଯାଉଛି ତାହାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପୂର୍ଣ୍ଣାଙ୍ଗ କରିବାକୁ ପରାମର୍ଶ ଦେଇଥିଲେ। କୌଣସି ବିଭାଗର କିଛି ସମସ୍ୟା ରହୁଥିଲେ ତାହା ତୁରନ୍ତ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆଣି ସମାଧାନ କରିବାକୁ ସେ ପରାମର୍ଶ ଦେଇଥିଲେ। ବ୍ୟାରିକେଡ ନିର୍ମାଣ, ରାସ୍ତା ଘାଟ ମରାମତି, ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥା, ଆଇନ ଶୃଙ୍ଖଳା ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ଆମ୍ବୁଲାନ୍ସ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା ବ୍ୟବସ୍ଥା, ବିଚ ସ୍ୱଚ୍ଛ ରଖିବାକୁ ଅଧିକ ମାନବ ସମ୍ବଳ ଉପଯୋଗ ବ୍ୟବସ୍ଥା,ନିରବଚ୍ଛିନ୍ନ ବିଦ୍ୟୁତ ବ୍ୟବସ୍ଥା ସହ ବିକଳ୍ପ ବିଦ୍ୟୁତ ବ୍ୟବସ୍ଥା କରିବାକୁ ଶ୍ରୀ ଯାଦବ ନିର୍ଦ୍ଦେଶ ଦେଇଥିଲେ।ସେହିପରି ପାର୍କିଂ ସ୍ଥଳ ମାନଙ୍କ ରେ ଆସ୍କା ଲାଇଟ ର ବ୍ୟବସ୍ଥା କରିବାକୁ ଅଗ୍ନି ଶମ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସପି ବିନୀତ ଅଗ୍ରୱାଲ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଡିଏଫଓ ବିବେକ କୁମାର,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପୁଣି ଆଳୁ ଟେନ୍‌ସନ୍

# ଆଳୁ ଟ୍ରକ୍ ଛାଡୁନି ପଶ୍ଚିମବଙ୍ଗ ସରକାର




**ସୀମାରେ ଅଟକିଛି ଶହଶହ ଟ୍ରକ୍**

**ଜଗି ରହିଛନ୍ତି ପଶ୍ଚିମବଙ୍ଗ ପୋଲିସ**

**ସମାଧାନ ପାଇଁ ବ୍ୟବସାୟୀ ମହାସଂଘର ଦାବି**

**ଆଳୁଦର ହ୍ରାସ ପାଇଁ ମମତାଙ୍କ ପଦକ୍ଷେପ**

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୁଣିଥରେ ଆଳୁକୁ ନେଇ ଟେନ୍‌ସନ୍। ଓଡ଼ିଶା- ପଶ୍ଚିମବଙ୍ଗ ସୀମାରେ ଅଟକିଛି ଶହଶହ ଆଳୁ ବୋଝେଇ ଟ୍ରକ୍। ବୁଧବାର ରାତିରୁ ଲକ୍ଷ୍ମଣନାଥ ଟୋଲ୍‌ଗେଟ୍ ନିକଟରୁ ୨୫ କିମି ଦୂର ବେଲଦାରେ ଆଳୁଟ୍ରକ୍ ଗୁଡ଼ିକୁ ପଶ୍ଚିମବଙ୍ଗ ସରକାର ଅଟକାଇଛନ୍ତି। ପଶ୍ଚିମବଙ୍ଗ ସରକାରଙ୍କ ମାଳ ମାଳ ପୋଲିସ ଏହି ଆଳୁଟ୍ରକ୍ ଗୁଡ଼ିକୁ ଜଗି ରହିଛନ୍ତି। ତେବେ କେଉଁ କାରଣ ପାଇଁ ଆଳୁ ଟ୍ରକ୍‌ଗୁଡ଼ିକୁ ଅଟକାଯାଇଛି ସେ ନେଇ ପ୍ରକୃତ କାରଣ ସ୍ପଷ୍ଟ ହୋଇନଥିବାବେଳେ ପଶ୍ଚିମବଙ୍ଗରେ ଆଳୁଦର ହ୍ରାସ ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଉଛି। ବୁଧବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନବାନ୍ନାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକି ଆଳୁ ଓ ପିଆଜର ମୂଲ୍ୟବୃଦ୍ଧି ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପଶ୍ଚିମବଙ୍ଗ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି ବୋଲି କୁହାଯାଇଛି। ପଶ୍ଚିମ ମେଦିନାପୁର ଜିଲ୍ଲା ପୋଲିସ ନାକାରେ ମଧ୍ୟ ଆଳୁ ଟ୍ରକ୍‌ଗୁଡ଼ିକୁ ଅଟକ ରଖିଛନ୍ତି। କେବଳ ଓଡ଼ିଶା ନୁହେଁ, ପ୍ରାୟ ଅନ୍ୟ ରାଜ୍ୟଗୁଡ଼ିକୁ ମଧ୍ୟ ଆଳୁ ରପ୍ତାନୀ ବନ୍ଦ କରାଯାଇଛି। ସେହିପରି ବେଲଦା, ଦାନ୍ତୁନ, ସୁନାକୋଣିଆ ଆଦି ସ୍ଥାନରେ ଆଳୁଟ୍ରକ୍ ଗୁଡ଼ିକ ଅଟକି ରହିଛି। ରାଜ୍ୟ ବ୍ୟବସାୟୀ ମହାସଂଘ ସାଧାରଣ ସଂପାଦକ ସୁଧାକର ପଣ୍ଡା କହିଛନ୍ତି ଯେ ରାଜ୍ୟରେ ଗୋଟିଏ ଦିନ ଚଳିବା ଭଳି ଆଳୁ ଷ୍ଟକ୍ ରହିଛି। ଶୁକ୍ରବାରଠାରୁ ଆଳୁ ମିଳିବା କାଠିକର ପାଠ ହୋଇପାରିବ। ପଶ୍ଚିମବଙ୍ଗ ସରକାର ଏକ ମୌଖିକ ନିର୍ଦ୍ଦେଶ ଜାରିକରି ଆଳୁ ଗାଡ଼ିଗୁଡ଼ିକୁ ଅଟକାଇଛନ୍ତି। ସରକାର ଏହାକୁ ଜରୁରି ଭାବି ଶୀଘ୍ର ସମାଧାନ ପାଇଁ ବାଟ ବାହାର କରିବା ଉଚିତ୍ ବୋଲି ଶ୍ରୀ ପଣ୍ଡା କହିଛନ୍ତି। ସୀମାରେ ଅଟକ ରହିଥିବା ଗାଡ଼ିଗୁଡ଼ିକ କିପରି ଓଡ଼ିଶା ଆସିବ ସେ ନେଇ ପଦକ୍ଷେପ ନେବାକୁ ସେ ମଧ୍ୟ ଦାବି କରିଛନ୍ତି। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ସୀମାରେ ଆଳୁଗାଡ଼ି ଅଟକି ରହିବା ଖବର ମିଳିବା ପରେ ଅସାଧୁ ବ୍ୟବସାୟୀମାନେ ଆଳୁ ଦରରେ ବୃଦ୍ଧି ଘଟାଇଲେଣି। ଲୋକେ ମଧ୍ୟ ବଜାରକୁ ଆସି ୫ କେଜିରୁ ୧୦ କେଜି ଆଳୁ କିଣୁଥିବାର ଦେଖିବାକୁ ମିଳୁଛି। ସୂଚନାଯୋଗ୍ୟ ଯେ ଏଥିପୂର୍ବରୁ ପଶ୍ଚିମବଙ୍ଗ ସରକାର ଓଡ଼ିଶାକୁ ଆଳୁ ରପ୍ତାନୀ ଉପରେ ରୋକ୍ ଲଗାଇଥିବାବେଳେ ଓଡ଼ିଶାରେ ଆଳୁର ସଂକଟ ଦେଖାଦେଇଥିଲା। ଏପରିକି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା।

## ଢେଙ୍କାନାଳରେ ଟାଟା ଷ୍ଟିଲ୍ କପିଳାସ ହାଫ ମାରାଥନ୍‌ର ଦ୍ୱିତୀୟ ସଂସ୍କରଣ ଘୋଷଣା




ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସ୍ଏମ୍) ପକ୍ଷରୁ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ସହଯୋଗିତାରେ ଟାଟା ଷ୍ଟିଲ୍ କପିଳାସ ହାଫ ମାରାଥନ (ପୂର୍ବରୁ ଟାଟା ଷ୍ଟିଲ ମେରାମଣ୍ଡଳୀ ହାଫ ମାରାଥନ) ଦ୍ୱିତୀୟ ସଂସ୍କରଣ ଘୋଷଣା କରାଯାଇଛି। ୨୦୨୫ ଜାନୁଆରି ୧୧ରେ ଅନୁଷ୍ଠିତ ହେବାକୁ ଥିବା ଏହି ଦୌଡ଼ କପିଳାସ ବନ୍ୟଜନ୍ତୁ ଅଭୟାରଣ୍ୟର ବାହ୍ୟ ଅଞ୍ଚଳରେ ଆୟୋଜିତ ହେବ। ଗୁରୁବାର ଢେଙ୍କାନାଳରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଢେଙ୍କାନାଳର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଆଇଏଏସ୍ ସୋମେଶ କୁମାର ଉପାଧ୍ୟାୟ ଏବଂ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ଟାଟା ଷ୍ଟିଲ କପିଳାସ ହାଫ ମାରାଥନ ୨୦୨୫ର ଅଫିସିଆଲ ଟି-ସାର୍ଟକୁ ଉନ୍ମୋଚନ କରାଯାଇଛି। ଏହି ଅବସରରେ ଢେଙ୍କାନାଳ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୂର୍ଯ୍ୟମଣି ପ୍ରଧାନ, ସହକାରୀ ବନ ସଂରକ୍ଷକ ସତ୍ୟନାରାୟଣ ସାହୁ, ଢେଙ୍କାନାଳ ସଦର ଉପ ଜିଲ୍ଲାପାଳ ବିବୁଧ ଗଡନାୟକ, ଢେଙ୍କାନାଳ ଟାଟା ଷ୍ଟିଲ ମେରାମଣ୍ଡଳୀର କର୍ପୋରେଟ ସେବା ମୁଖ୍ୟ ମୋହିତ ଦାସ, ଟାଟା ଷ୍ଟିଲର କ୍ରୀଡ଼ା ମୁଖ୍ୟ ମୁକୁଲ ବିନାୟକ ଚୌଧୁରୀ ଓ ଏମଜିଏମ ମିନେରାଲ୍‌ସ ଲିମିଟେଡ୍‌ର ଇଡି ଗୋପବନ୍ଧୁ ଦାସ ଉପସ୍ଥିତ ଥିଲେ। ଏହି ହାଫ ମାରାଥନ, ପ୍ରତିଯୋଗିତାକୁ ସୁଦୃଢ଼ କରିବା ସହିତ ପ୍ରାକୃତିକ ସମ୍ପଦରେ ସମୃଦ୍ଧ କପିଳାସ ଅଞ୍ଚଳରେ ହାତୀ ଓ ଜୈବ ବିବିଧତାର ସଂରକ୍ଷଣର ପ୍ରସାର କରି ଏହାକୁ ପର୍ଯ୍ୟଟନ ଓ ରୋଜଗାରର ଏକ ବିଶ୍ୱସ୍ତରୀୟ ହବ୍‌ରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ୨୧କିଲୋମିଟର ଦୌଡ଼ ପାଇଁ ଉଭୟ ପୁରୁଷ ଓ ମହିଳା ବର୍ଗରେ ବିଜେତାଙ୍କୁ ୧ଲକ୍ଷ ଟଙ୍କାର ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯିବ।

कार्यालय, कार्यपालन अभियंता, ग्रामीण यांत्रिकी सेवा संभाग बलरामपुर
जिला - बलरामपुर रामानुजगंज (छ.गढ़)
Email ID : ee-res.balrampur@gov.in

ई – प्रोक्योरमेंट निविदा आमंत्रण सूचना (प्रथम बार )

क्रमांक 1186 / व. ले.लि. /ग्रा. यां . सेवा / 2023 - 24 बलरामपुर दिनांक 14/11/2024

छत्तीसगढ़ के राज्यपाल की ओर से एकीकृत पंजीयन प्रणाली अंतर्गत लोक निर्माण विभाग छत्तीसगढ़ में डी एवं उच्च श्रेणी में पंजीकृत ठेकेदारों से ग्रामीण यांत्रिकी सेवा के निम्न लिखित निर्माण कार्य हेतु ऑनलाइन (Online) प्रतिशत दर पर जोनल निविदा आमंत्रित किया जाता है :-

| क्र. | कार्य का विवरण | अनुमानित लागत (रूपए लाख में) | निविदा डाउनलोड करने की अंतिम तिथि | अमानत राशि सत्य सत्यनिष्ठा संधि एवं तकनीकी दस्तावेज स्पीड पोष्ट से जमा करने की तिथि |
|---|---|---|---|---|
| 1 | Zonal tender for civil work total nos. of group 31 under Janpad Panchayat Balrampur, kusmi, shankargarh and Rajpur Distt- Balrampur Ramanujganj (C.G.) Works upto Rs. 25.00 lakhs within the limit of Rs. 1.00 crore | 10000000X31= 310000000 | 29.11.2024 | 02.12.2024 17:30pm |
| 2 | Zonal tender for electrification work total nos. of group 04 under Janpad Panchayat Balrampur, kusmi, shankargarh and Rajpur Distt- Balrampur Ramanujganj (C.G.) Works upto Rs.25.00 lakhs within the limit of Rs.1.00 crore | 10000000X4= 40000000 | 29.11.2024 | 02.12.2024 17:30pm |
| 3 | Construction of Chhath Ghat on the bank of Geur river near Haritima at Gram Panchayat Parsaguri Janpad Panchayat Rajpur | 3987000.00 | 29.11.2024 | 02.12.2024 17:30pm |

उपरोक्त निर्माण कार्य की निविदा की सामान्य शर्तें, धरोहर राशि, निविदा प्रपत्र का मूल्य, विस्तृत निविदा विज्ञप्ति, निविदा दस्तावेज, निविदा की तिथियों का निर्धारण व अन्य जानकारी ई-प्रोक्योरमेंट वेबसाइट https://eproc.cgstate.gov.in से डाउनलोड की जा सकती है।

(सचिदानन्द कान्त)
कार्यपालन अभियंता
ग्रामीण यांत्रिकी सेवा संभाग बलरामपुर
जिला बलरामपुर रामानुजगंज छ.गढ़

G-242504117/ 9

## ୨ ପର୍ଯ୍ୟନ୍ତ ରିଲାଏନ୍ସ ଡିଜିଟାଲ୍ ସର୍ବୋତ୍ତମ ବ୍ଲାକ୍ ଫ୍ରାଇଡେ' କାରବାର




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କାଉଣ୍ଟଡାଉନ୍ ଶେଷ ହୋଇଛି ଏବଂ ରିଲାଏନ୍ସ ଡିଜିଟାଲର ବ୍ଲାକ୍ ଫ୍ରାଇଡେ' ବିକ୍ରୟ ଶେଷରେ ପହଁଚିଛି । ଯାହା ବହୁ ପ୍ରତୀକ୍ଷିତ ଡିଲ୍ ପ୍ରଦାନ କରିଥାଏ । ଗୁରୁବାର ଠାରୁ ଡିସେମ୍ବର ୨ତାରିଖ ପର୍ଯ୍ୟନ୍ତ, ଆପଣ ସ୍ମାର୍ଟଫୋନ୍, ଲାପ୍‌ଟପ୍, ଘର ଉପକରଣ, ଏବଂ ରିଲାଏନ୍ସ ଡିଜିଟାଲ୍ ଏବଂ ମାଇ ଜିଓ ଏବଂ onreliancedigital.in ରେ ବିଭିନ୍ନ ଇଲେକ୍ଟ୍ରୋନିକ୍ସ ଅଫର୍ ସହିତ ଆପଣଙ୍କର ଟେକ୍ ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିପାରିବେ । ଏହି ବର୍ଷର ବିକ୍ରୟ ଆପଣଙ୍କୁ ଆଇସିଆଇସିଆଇ ବ୍ୟାଙ୍କ, ଆଇଡିଏଫ୍‌ସି ପ୍ରଥମ ବ୍ୟାଙ୍କ ଏବଂ ୱାନକାର୍ଡରୁ ସିଲେକ୍ଟ ଡେବିଟ୍ ଏବଂ କ୍ରେଡିଟ୍ କାର୍ଡ ଉପରେ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ରହିଛି। ଉପଭୋକ୍ତା ସ୍ଥାୟୀ ଋଣ ଚୟନ କରୁଥିବା ବ୍ୟକ୍ତିଙ୍କ ପାଇଁ, ଫାଇନାନ୍ସ ପାର୍ଟନର ବାଜାଜ ଫିନ୍‌ଭର, ଏଚ୍‌ଡିଏଫ୍‌ସି ପ୍ରଥମ ବ୍ୟାଙ୍କ ସହିତ ୨୨,୫୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାସ୍‌ବ୍ୟାକ୍ ଉପଲବ୍ଧ । ଏହି ବ୍ଲାକ୍ ଫ୍ରାଇଡେ' ସୀମିତ ସମୟର ଅଫରଗୁଡିକ ଅଦୃଶ୍ୟ ହେବା ପୂର୍ବରୁ ଟେକ୍ନିକ୍‌ରେ ସର୍ବୋତ୍ତମ ସପିଂ କରିବାକୁ ରିଲାଏନ୍ସ ଡିଜିଟାଲ୍‌କୁ ଯାଆନ୍ତୁ ।

ODISHA CONSTRUCTION CORPORATION LTD.
(A Government of Odisha undertaking)
OFFICE OF SENIOR MANAGER (MECH)
REGIONAL WORKSHOP,JEYPORE,
KORAPUT– 764002, ODISHA
E-Mail:smregionalworkshop@gmail.com

CAD-1724

DESIGNED TO

**Tender Call Notice No.: OCCL/RWS/TCN/08/2024-25 Dated.28.11.2024**

Name of work:- Fabrication of 05(five) Nos. of barrage bay gates (8000mm X 3500mm) of Gobardhanpur barrage project at Regional Workshop, Jeypore.

Total No.of work :- 01 (One)
Period of completion:-45 (Forty Five) Days.

| Tendering Officer | Bid Identification No. | Cost of bid document (including GST) (in Rs) | Availability of tender | submission of Bid | License |
|---|---|---|---|---|---|
| Senior Manager (Mech.), Regional Workshop, Jeypore, Koraput. | OCCL/RWS/ TCN/08/2024-25 Dated. 28.11.2024 | 4,720/- (Non-refundable) | From 29.11.2024, 10.00 A.M. to 07.12.2024, 5.30 P.M. | Upto 09.12.24, 1.30 P.M. | M-IV grade Job-worker enlisted in OCCL |

Date of opening of the Technical Bid : **09.12.2024 at 3.30 PM**
Further details can be seen from the OCCL website www.odishaconstruction.com

Sd/-
Senior Manager (Mech.)
Regional workshop, Jeypore

OIPR 34168/11/0009/2425

## ମୁମ୍ବାଇ ପୋଲିସକୁ ଅଜଣା ବ୍ୟକ୍ତିଙ୍କ କଲ୍

# ମୋଦୀଙ୍କୁ ହତ୍ୟାପାଇଁ ଚାଲିଛି ଷଡ଼ଯନ୍ତ୍ର

ମୁମ୍ବାଇ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ହତ୍ୟା ପାଇଁ ଚାଲିଛି ଷଡ଼ଯନ୍ତ୍ର। ଏ ନେଇ ମୁମ୍ବାଇ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଏକ ଧମକପୂର୍ଣ୍ଣ କଲ ଆସିଛି। ଜଣେ ବ୍ୟକ୍ତି ଫୋନ୍ କରି ମୋଦୀଙ୍କୁ ଜୀବନରୁ ମାରିଦେବା ପାଇଁ ଷଡ଼ଯନ୍ତ୍ର ଚାଲିଥିବା କହିଛନ୍ତି। ଏହି କଲ୍ ଆସିବା ପରେ ହଇଚଇ ସୃଷ୍ଟି ହୋଇଛି। ମୁମ୍ବାଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ବୁଧବାର ରାତିରେ ଏହି ଫୋନ୍‌କଲ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ମୋଦୀଙ୍କୁ ହତ୍ୟା କରିବା ପାଇଁ ଯୋଜନା କରାଯାଉଥିବା ଦାବି କରିଛନ୍ତି। ତେବେ ଏହା ସତ ନା ଫେକ୍ କଲ ସେ ନେଇ ମୁମ୍ବାଇ ପୋଲିସ ଯାଞ୍ଚ ଆରମ୍ଭ କରିଛି। ଫୋନ୍ କରିଥିବା ବ୍ୟକ୍ତି ଜଣକ କିଏ ତାହା ଜାଣିବା ପାଇଁ ପୋଲିସ ଲୋକେସନ ଟ୍ରେସ୍ କରୁଛି। ସୂଚନାଯୋଗ୍ୟ ଯେ ଏଥିପୂର୍ବରୁ ବଲିଉଡ୍ ଅଭିନେତା ସଲମାନ ଖାନ୍ ଓ ଶାହରୁଖ ଖାନ୍‌ଙ୍କୁ ହତ୍ୟା କରିବା ପାଇଁ ଫୋନ୍‌ରେ ଧମକ ମିଳିଥିଲା। ଶାହାରୁଖଙ୍କୁ ରାଇପୁରରୁ କଲ୍ ଆସିଥିବାବେଳେ ପୋଲିସ ଅଭିଯୁକ୍ତକୁ ସେଠାରୁ ଗିରଫ କରିଥିଲା। ସେହିପରି କିଛିଦିନ ପୂର୍ବରୁ ମୁମ୍ବାଇ ଟ୍ରାଫିକ କଣ୍ଟ୍ରୋଲ ରୁମ୍‌କୁ ଅଭିନେତା ସଲମାନଙ୍କ ପାଇଁ ଏକ ଧମକପୂର୍ଣ୍ଣ କଲ୍ ମଧ୍ୟ ଆସିଥିଲା। ତେବେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ହତ୍ୟା କରିବା ପାଇଁ କଲ୍ ଆସିବା ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି।

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, ANGUL

O-736

No. 2883 // Dt. 27.11.2024

**1st Corrigendum to Bid Identification No. Road Online-AGL-12/2024-25**

Due to some unavoidable circumstances the last date of Online for bidding and opening of the date has been extended as follows in respect of the tender for Road works invited in Tender Call Notice Bid Identification No. Road Online-AGL- 12/2024-25 by the Procurement officer Chief Engineer, Rural Works Circle,Angul.

| Availability of Tender on-line for bidding | | Date & Time of opening Technical Bid |
|---|---|---|
| From | To | |
| 1 | 2 | 3 |
| 21.11.2024 at 10.00 A.M | 12.12.2024 upto 5.00 PM | 13.12.2024 At 5.00 PM |

All other terms and conditions remain unchanged.

Sd/-Chief Engineer,
Rural Works Circle,Angul.

OIPR 25180/11/0018/2425

E-mail :- eemidivision_deogarh@yahoo.in

A-633

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,MINOR IRRIGATION DIVISION, DEOGARH.
No. 1698 / Date.26.11.2024
e-PROCUREMENT NOTICE
BID REF No: EE,MID,DGR /05 / 2024-25

Bid documents consisting names of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works :- | Civil Construction works. |
| 2 | No of Works :- | 01 (One) No. |
| 3 | Estimated Cost :- | Approximately **Rs.78.63 lakh** |
| 4 | Period of completion :- | 4 (Four) Calendar months |
| 5 | Date and Time of availability of bid documents in the portal:- | From **Dt.30.11.2024** at 10.00 AM to **Dt. 09.12.2024** up to 5.00 PM. |
| 6 | Last Date / Time of recipt of bids in the portal :- | **Dt.09.12.2024** up to 5.00 PM |
| 7 | Date of opening of Bid :- | **Dt.10.12.2024** at 11.00 AM onwards |
| 8 | Name and address of the OIT :- | Superintending Engineer, Minor Irrigation Division, Deogarh. |
| 9 | Mode of Payment of Bid Cost & Bid Security :- | Online |

** Further details can be seen from the e-Procurement market place http://tendersodisha.gov.in

Sd/-Superintending Engineer
M.I. Division, Deogarh

OIPR 32289/11/0005/2425

## ଆସିଲା ଶୀତକାଳୀନ ହାତୀଗଣନା ରିପୋର୍ଟ

# ଓଡ଼ିଶାରେ ଅଛନ୍ତି ୨୧୦୩ ହାତୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଓଡ଼ିଶାରେ ୨୦୨୪ ଶୀତକାଳୀନ ହାତୀ ଗଣନା ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁସାରେ ଓଡ଼ିଶାର ୩୮ଟି ବନଖଣ୍ଡରେ ୨୧୦୩ ହାତୀ ରହିଛନ୍ତି। ଚଳିତବର୍ଷ ରାଜ୍ୟରେ ମାତ୍ର ହାତୀଙ୍କ ସଂଖ୍ୟାରେ ୫ ବୃଦ୍ଧି ଘଟିଛି। ରାଜ୍ୟର ୧୩ଟି ବନଖଣ୍ଡରେ ଗୋଟିଏ ବି ହାତୀ ନାହାନ୍ତି। ରାଜ୍ୟରେ ଥିବା ମୋଟ ହାତୀଙ୍କ ମଧ୍ୟରେ ୩୩୪ଟି ବଡ଼ ଦନ୍ତା, ୧୨ଟି ବଡ଼ ମାଖନା ହାତୀ, ୬୭୮ଟି ମାଈ ହାତୀ ଓ ୪୦୩ଟି ହାତୀଛୁଆ ଅଛନ୍ତି। ଢେଙ୍କାନାଳ ଡିଭିଜନରେ ସର୍ବାଧିକ ୨୯୧ଟି ହାତୀ ଥିବାବେଳେ କେନ୍ଦୁଝର ଡିଭିଜନରେ ୧୬୦, ଆଠଗଡ଼ ଡିଭିଜନରେ ୧୨୪, ଦେବଗଡ଼ ଡିଭିଜନରେ ୧୨୩ ଓ ଅନୁଗୋଳ ଡିଭିଜନରେ ୧୧୭ଟି ହାତୀ ଅଛନ୍ତି। ଚଳିତମାସ ୧୪ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଓଡ଼ିଶାରେ ହାତୀଗଣନା କରାଯାଇଥିଲା। ରାଜ୍ୟର ୪୮ଟି ବନଖଣ୍ଡରେ ହାତୀଗଣନାରେ ସାମିଲ ହୋଇଥିଲେ ବନ ବିଭାଗର ବିଶେଷଜ୍ଞ ଦଳ। ଚଳିତବର୍ଷ ପ୍ରଥମ ଥରପାଇଁ ଡ୍ରୋନ୍ ମାଧ୍ୟମରେ ହାତୀଗଣନା କରାଯାଇଥିଲା। ଶୀତଋତୁରେ ଛତିଶଗଡ଼, ଝାଡ଼ଖଣ୍ଡ ଓ ଆନ୍ଧ୍ରପ୍ରଦେଶରୁ କେତେ ହାତୀ ଓଡ଼ିଶାରୁ ଆସୁଛନ୍ତି ତା'ର ସଂଖ୍ୟା ଏବଂ ଓଡ଼ିଶାର ନିଜସ୍ୱ ହାତୀ ସଂଖ୍ୟା କେତେ ସେ ସମ୍ବନ୍ଧରେ ଜାଣିବା ପାଇଁ ବନ ବିଭାଗ ପ୍ରଥମ ଥର ନିମନ୍ତେ ଶୀତଋତୁରେ ହାତୀଗଣନା କରିଛି। ଏହି ଗଣନା ସମୟରେ ପଡ଼ୋଶୀ ରାଜ୍ୟରୁ ଓଡ଼ିଶାକୁ ହାତୀ ଯିବା ଆସିବା କରୁଥିବା ଦେଖିବାକୁ ମିଳିଥିଲା। ଏହି ରିପୋର୍ଟ ଅନୁସାରେ ଢେଙ୍କାନାଳ, ଦେବଗଡ଼, ସମ୍ବଲପୁର, ରାଉରକେଲା, କଳାହାଣ୍ଡି (ଉତ୍ତର), ଆଠମଲ୍ଲିକ ଓ ରେଢାଖୋଲ ବନଖଣ୍ଡ ଡିଭିଜନରେ ହାତୀଙ୍କ ସଂଖ୍ୟା ବଢିଛି। ଅନ୍ୟପକ୍ଷରେ ଶିମିଳିପାଳ ଉତ୍ତର, ସାତକୋଶିଆ, ବାମରା ଓ ରାୟଗଡ଼ା ବନଖଣ୍ଡ ଡିଭିଜନରେ ହାତୀଙ୍କ ସଂଖ୍ୟା କମିଥିବା ଜଣାପଡ଼ିଛି।

## ୨୦ଟି ବଡ଼ ପ୍ରକଳ୍ପରେ ହେବ ନିବେଶ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ରାଜ୍ୟରେ ୨୦ଟି ବଡ଼ ପ୍ରକଳ୍ପରେ ବଡ଼ଧରଣର ନିବେଶ କରାଯିବ। ଏ ନେଇ ଗୁରୁବାର ଅନୁଷ୍ଠିତ ହାଇଲେବୁଲ କ୍ଲିୟରାନ୍ସ ଅଥରିଟି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ୨୦ଟି ଶିଳ୍ପ ପାଇଁ ମୋଟ ୧ଲକ୍ଷ ୩୬ ହଜାର ୬୨୨ କୋଟି ଟଙ୍କା ବିନିଯୋଗ କରାଯିବ। ଏଥିରେ ୭୪ହଜାର ୩୫୦ଟି ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି। ଫଳରେ ରାଜ୍ୟରେ ଶିଳ୍ପ କ୍ଷେତ୍ରରେ ଏକ ବିପ୍ଳବ ସୃଷ୍ଟି ହେବ ବୋଲି ଆଶା କରାଯାଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦ୍ୱିତୀୟ ଥରପାଇଁ...

ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ସିପିଆଇଏମ୍ଏଲର ରାଷ୍ଟ୍ରୀୟ ମହାସଚିବ ଦୀପଙ୍କର ଭଟ୍ଟାଚାର୍ଯ୍ୟ, ତାମିଲନାଡୁ ସରକାରଙ୍କ ମଧ୍ୟ ଉଦୟନିଧି ଷ୍ଟାଲିଙ୍କ ସମେତ ସାଂସଦ, ବିଧାୟକ, ପୂର୍ବତନ ସାଂସଦ, ପୂର୍ବ ବିଧାୟକ ପ୍ରମୁଖ ଉପସ୍ଥିତ ଥିଲେ। ଝାଡ଼ଖଣ୍ଡ ବିଧାନସଭାରେ ସଂଖ୍ୟା ଗରିଷ୍ଠତା ପାଇଁ ଆବଶ୍ୟକ ମ୍ୟାଜିକ ସଂଖ୍ୟା ହେଉଛି ୪୧। ନିର୍ବାଚନରେ ଜେଏମ୍ଏମ୍, କଂଗ୍ରେସ, ଆରଜେଡି ଏବଂ ବାମଦଳ ମେଣ୍ଟ ୮୧ରୁ ୫୬ଟି ଆସନରେ ବିଜୟଲାଭ କରିଥିଲେ। ଗତ ୨୩ ତାରିଖରେ ନିର୍ବାଚନ ଫଳ ପ୍ରକାଶ ପାଇଥିଲା। ୨୪ ତାରିଖରେ ଶ୍ରୀ ସୋରେନ ରାଜ୍ୟପାଳଙ୍କୁ ଭେଟି ସରକାର ପାଇଁ ଦାବି ଉପସ୍ଥାପନ କରିଥିଲେ। ଶପଥଗ୍ରହଣ ପରେ ରାଜ୍ୟପାଳ ଏବଂ ଉପସ୍ଥିତ ଅତିଥିମାନେ ଶ୍ରୀ ସୋରେନଙ୍କୁ ବଧାଇ ଜଣାଇଥିଲେ।

### ଆଜି ଆସୁଛନ୍ତି...

କରିବେ। ସେଠାରୁ ସିଧାସଳଖ ରାଜଭବନ ଯିବେ। ସନ୍ଧ୍ୟା ସାଢେ ୬ଟାରେ ବିଜେପି କାର୍ଯ୍ୟାଳୟରେ ପହଞ୍ଚି ଦୁଇଘଣ୍ଟା ରହିବେ। ଦଳର ମନ୍ତ୍ରୀ, ସାଂସଦ, ବିଧାୟକ ଓ ରାଜ୍ୟ ପଦାଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ସେହିପରି ରାଜ୍ୟରେ ବିଜେପି ସରକାରର ପ୍ରଦର୍ଶନର ସମୀକ୍ଷା କରିବେ। ବିଧାୟକ, ସାଂସଦମାନେ ପ୍ରଧାନମନ୍ତ୍ରୀଙ୍କୁ ସେମାନଙ୍କ ରିପୋର୍ଟ କାର୍ଡ ମଧ୍ୟ ଦେବେ ବୋଲି ଶ୍ରୀ ସାମଲ କହିଛନ୍ତି। ସୂଚନାଯୋଗ୍ୟ ଯେ ଗୁରୁବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ, ମୁଖ୍ୟ ସଚିବ ମନୋଜ ଆହୁଜା, ପୋଲିସ ଡିଜି ୱାଇ.ବି. ଖୁରାନିଆ ପ୍ରମୁଖ ବିଜେପି କାର୍ଯ୍ୟାଳୟକୁ ଯାଇ ସୁରକ୍ଷା ବ୍ୟବସ୍ଥା ଓ ପ୍ରସ୍ତୁତିର ଯାଞ୍ଚ କରିଛନ୍ତି।

**SURNAME CHANGE**

By virtue of an affidavit before the Notary Public,Umerkote, Dist-Nabarangpur on 16.11.2024. I Sarathi Bhatra, W/o- Mukunda Bhatra, resident of village-Pujariguda, Po- Bujra, PS-Umerkote, Dist-Nabarangpur declares that before marriage my name was Sarathi Nayak. After getting married with Mukunda Bhatra my surname has been changed from Nayak to Bhatra. Henceforth I shall be known as Sarathi Bhatra for all purposes.

Sd/- Sarathi Bhatra

INDEL MONEY

Corporate office: **Indel Money Limited,**
IIIrd Floor Indel House, Changampuzha Nagar,
South Kalamassery, Ernakulam -682033 ,
Ph: 0484-2933999 E:customercare@indelmoney.com

**GOLD AUCTION NOTICE**

ଏତଦ ଦ୍ୱାରା ସର୍ବସାଧାରଣଙ୍କୁ ସୂଚାଇ ଦିଆଯାଉଅଛି କି ନିମ୍ନଲିଖିତ ଆକାଉଣ୍ଟରେ ବନ୍ଧକ ରଖିଥିବା ସୁନା ଅଳଙ୍କାର ନିମ୍ନପ୍ରଦତ୍ତ ଶାଖାରେ ଆଗାମୀ 14.12.2024 ତାରିଖ ଦିନ ପୂର୍ବାହ୍ନ ୧୧ଟାରେ ନିଲାମ କରାଯିବ। ବିଭିନ୍ନ ପ୍ରକାର ଯୋଗାଯୋଗ କରିଆରେ ସୂଚନା ଦେବାସତ୍ତ୍ୱେ ସୁନା ଅଳଙ୍କାର ବନ୍ଧା ଦେଇ ଋଣ ନେଇଥିବା ଋଣ ଗ୍ରହିତାମାନେ ଋଣ ପରିଶୋଧ କରିବାରେ ବିଫଳ ହେବା ଯୋଗୁଁ ଆମେ ସେମାନଙ୍କର ସୁନା ଅଳଙ୍କାର ନିଲାମ କରିବାକୁ ଯାଉଛୁ। ସେହିପରି ନିଲାମ ଆଇଟମସ ପରବର୍ତ୍ତୀ ସମୟରେ ତାରିଖ ଓ ଦିନ ଅପରିବର୍ତ୍ତିତ ରଖି ବିନା ସୂଚନାରେ ନିଲାମ କରାଯିବ। ସେହିପରି କୌଣସି ସୂଚନା ନଦେଇ ସମ୍ପୃକ୍ତ ଶାଖାରେ ଏହା ପ୍ରଦର୍ଶିତ କରାଯିବ।

**ବାଲେଶ୍ୱର** - 23903180000091, 0318/00113, 0318/00117, 23903320000012, 0332/00013, 0332/00014, 0332/00015, 0332/00016, 0332/00025, 0332/00027, 23903340000041, **ବାଲୁଗାଁ** - 25203180000076, 0318/00078, 0318/00085, 0318/00092, 0318/00096, 0318/00097, 0318/00105, 0318/00107, 25203320000019, 0332/00020, 0332/00021, 0332/00023, 0332/00029, 0332/00031, 0332/00032, 0332/00033, 0332/00046, 0332/00047, 0332/00048, 0332/00050, 0332/00052, 0332/00053, 0332/00054, 0332/00055, 0332/00057, 0332/00058, 0332/00065, 0332/00066, 0332/00068, 0332/00069, 0332/00070, 0332/00071, 0332/00072, 0332/00076, 25203340000077, 25210920000187, 1092/00194, 1092/00196, 1092/00197, 1092/00212, 1092/00216, 1092/00217, 1092/00225, 1092/00227, 1092/00235, 1092/00239, 1092/00240, 1092/00242, **ବାରିପଦା** - 28303140000010, 28303180000007, 0318/00008, 0318/00009, 0318/00011, 0318/00012, 0318/00013, 0318/00016, 0318/00020, 0318/00025, 0318/00029, 28303320000010, 0332/00011, 0332/00012, 0332/00018, 0332/00036, 0332/00039, 0332/00040, 0332/00044, 0332/00045, 0332/00054, 0332/00056, 0332/00062, 0332/00065, 0332/00066, 0332/00073, 0332/00074, 28303340000027, 0334/00028, 28310990000059, 1099/00062, 1099/00074, **ବ୍ରହ୍ମପୁର ଆସିକା ରୋଡ** - 28503180000011, 0318/00012, 0318/00014, 28503320000025, 0332/00031, 0332/00032, 0332/00042, 0332/00046, 0332/00047, 0332/00050, 0332/00052, 0332/00054, 0332/00064, 0332/00066, 0332/00082, 28503340000057, 28503380000013, 0338/00014, 28510990000059, 1099/00068, 1099/00074, 1099/00080, **ଭଦ୍ରକ** - 25603140000166, 25603180000130, 0318/00135, 0318/00136, 0318/00144, 0318/00147, 0318/00150, 0318/00151, 0318/00156, 0318/00161, 25603320000014, 0332/00018, 0332/00020, 0332/00021, 0332/00022, 0332/00023, 0332/00027, 0332/00028, 0332/00036, 0332/00037, 0332/00040, 0332/00048, 0332/00051, 25603340000035, [illegible] 29803380000002, 29810920000011, 29810990000079, 1099/00086, **ପଟ୍ଟାମୁଣ୍ଡାଇ** - 25403060000005, 0306/00006, 25403180000327, 0318/00331, 0318/00342, 0318/00352, 0318/00361, 0318/00363, 0318/00380, 0318/00382, 0318/00392, 0318/00401, 0318/00404, 0318/00420, 0318/00427, 0318/00436, 0318/00438, 0318/00440, 0318/00441, 0318/00442, 0318/00454, 0318/00459, 0318/00461, 0318/00464, 25403320000003, 0332/00008, 0332/00010, 25410920000262, 1092/00268, 1092/00272, 1092/00286, 1092/00291, 1092/00293, 1092/00297, 1092/00301, 1092/00302, 1092/00304, 1092/00317, 1092/00320, 1092/00321, **ପିପିଲି** - 24103180000120, 0318/00149, 0318/00150, 0318/00152, 0318/00153, 0318/00162, 0318/00164, 0318/00166, 0318/00169, 0318/00171, 0318/00175, 0318/00180, 0318/00181, 0318/00182, 0318/00198, 0318/00206, 24103320000010, 0332/00015, 0332/00016, 0332/00018, 0332/00020, 0332/00025, 0332/00030, 0332/00031, 0332/00032, 0332/00033, 0332/00037, 0332/00038, 0332/00041, 24110920000208, 1092/00209, 1092/00211, 1092/00220, 1092/00229, 1092/00234, 1092/00235, 1092/00258, 1092/00264, 1092/00269, 1092/00292, 1092/00302, 24110990000101, **ପୁରୀ** - 25103180000164, 0318/00165, 0318/00167, 0318/00183, 0318/00193, 25103320000006, 0332/00007, 0332/00009, 0332/00010, 0332/00015, 0332/00016, 0332/00017, 0332/00018, 0332/00019, 0332/00020, 0332/00021, 0332/00023, 0332/00025, 0332/00027, 0332/00028, 0332/00029, 25103380000005, 25110920000038, **ତାଳେପୁର** - 24203180000187, 0318/00192, 0318/00194, 0318/00209, 0318/00217, 0318/00219, 0318/00232, 0318/00235, 0318/00236, 0318/00248, 0318/00249, 0318/00251, 0318/00256, 0318/00257, 0318/00258, 0318/00261, 0318/00270, 24203320000010, 0332/00013, 0332/00014, 0332/00016, 0332/00017, 0332/00021, 0332/00022, 0332/00023, 0332/00025, 0332/00026, 0332/00029, 0332/00030, 0332/00031, 0332/00033, 0332/00034, 0332/00035, 0332/00036, 0332/00037, 0332/00040, 0332/00042, 0332/00043, 0332/00047, 0332/00050, 0332/00052, 0332/00054, 0332/00055, 0332/00056, 0332/00057, 0332/00058, 0332/00062, 0332/00063, 0332/00065, 24203340000050, 24210920000222, 1092/00224, 1092/00227, 1092/00230, 1092/00235, 1092/00240, 1092/00246, 1092/00251, 1092/00258, 1092/00261, 1092/00263, 1092/00269, 1092/00275,1092/00279, 1092/00284, 1092/00288, 1092/00290, **ଛତ୍ରପୁର** - 30503320000003, 0332/00005, 0332/00009, 0332/00010, 0332/00013, 0332/00014, 0332/00022, 0332/00057,

ଯଦି କୌଣସି କାରଣ ବଶତଃ ସୂଚାଇ ଦିଆଯାଇଥିବା ତାରିଖ ଓ ଶାଖାରେ ନିଲାମ ସମ୍ପୂର୍ଣ୍ଣ କରାଯାଇ ପାରିବ ନାହିଁ, ତେବେ ଇ-ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜିସ ଲିମିଟେଡ (ଅକ୍ସନ ଟାଇଗର) ସେମାନଙ୍କର ଅନଲାଇନ ଇ-ନିଲାମ ପ୍ଲାଟଫର୍ମ https://egold.auctiontiger.net ଓ ଶ୍ରୀରାମ ଅଟୋମେଲ ଇଣ୍ଡିଆ ଲିମିଟେଡ (ସାମିଲ) ସେମାନଙ୍କର ଅନଲାଇନ ଇ-ନିଲାମ ପ୍ଲାଟଫର୍ମ https://gold.samil.in ରେ 17.12.2024 ଦିନ ୧୨ଟା ୩୦ରୁ ଅପରାହ୍ଣ ୩.୩୦ ମଧ୍ୟରେ ନିଲାମ କରାଯିବ। ଦୟାକରି ଏହା ଜାଣି ରଖିବା ଉଚିତ ଯେ 17.12.2024 ଦିନ ଯଦି ଇ-ନିଲାମ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ ଉକ୍ତ ଦିନ ସାନି-ନିଲାମ ତେବେ ପରବର୍ତ୍ତୀ ଯେକୌଣସି କାର୍ଯ୍ୟ ଦିବସରେ ସମାନ ଟର୍ମସ ଓ କଣ୍ଡିସନସ ଆଧାରରେ ସାନି-ନିଲାମ କରାଯିବ।

By Authorized Officer
Indel Money Limited



ଭୋପାଳ: ମଧ୍ୟପ୍ରଦେଶର ଶେଓପୁର ଜିଲାର କୁନୋ ଜାତୀୟ ପାର୍କରେ ଆଫ୍ରିକୀୟ ଚିତା ନିର୍ଭାର ୨ ଶାବକଙ୍କ ମୃତଦେହ ମିଳିଛି। ଉଭୟ ମୃତଦେହ କ୍ଷତବିକ୍ଷତ ଅବସ୍ଥାରେ ମିଳିଥିଲା। ଚିତା ନିର୍ଭା ନିଜ ଗୁମ୍ଫାରୁ ବହୁତ ଦୂରରେ ବୋଲି ବନ ବିଭାଗ ସୂଚନା ପାଇଥିଲା। ଯେତେବେଳେ ବନ ବିଭାଗ ଟିମ୍ ଏହା ଜାଣିବା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ, ଭିତରୁ ଦୁଇଟି ଛୁଆର ମୃତଦେହ ମିଳିଥିଲା। ଏକ ପ୍ରେସ ନୋଟ ଜାରି କରି ଏହି ସୂଚନା ଦିଆଯାଇଛି। ନୋଟରେ ଲେଖାଅଛି, ନଭେମ୍ବର ୨୨ରେ, ରାତି ପ୍ରାୟ ୧୧.୦୦ରେ, ରେଡିଓ ଟେଲିମେଟ୍ରି ସୂଚନାକୁ ଆଧାର କରି ଜାଣିବାକୁ ମିଳିଥିଲା ଯେ ଚିତା ନିର୍ଭା ତାଙ୍କ ଗୁମ୍ଫାରୁ ଦୂରରେ ଅଛନ୍ତି। ଏହା ପରେ ବନ୍ୟଜନ୍ତୁ ଡାକ୍ତରଙ୍କ ନେତୃତ୍ୱରେ ମନିଟରିଂ ଦଳ ଦ୍ୱାରା ଗୁମ୍ଫା ସାଇଟ ଯାଞ୍ଚ କରାଯାଇଥିଲା। ସେଠାରୁ ଦୁଇଟି ନବଜାତ ଶିଶୁ ଛୁଆର ମୃତଦେହ ମିଳିଥିଲା ଏବଂ ବୋମା ଭିତରେ ଥିବା ସମସ୍ତ ସମ୍ଭାବ୍ୟ ସ୍ଥାନ ଯାଞ୍ଚ ପରେ ଅନ୍ୟ କୌଣସି କୌଣସି ପ୍ରମାଣ ମିଳିନଥିଲା। ବନ ବିଭାଗ ଟିମ କହିଛି, ମହିଳା ଚିତା ନିର୍ଭା ସୁସ୍ଥ ଅଛନ୍ତି। ଚିତା ଛୁଆମାନଙ୍କ ଶରୀରରୁ ନମୁନା ନିଆଯାଇଛି ଏବଂ ପରବର୍ତ୍ତୀ ପରୀକ୍ଷା ପାଇଁ ପଠାଯାଇଛି। ମୃତ୍ୟୁର କାରଣ ଶରୀରର ପୋଷ୍ଟମର୍ଟମ ପରେ ହିଁ ଜଣାପଡ଼ିବ। ସମସ୍ତ ଅବଶିଷ୍ଟ ବୟସ୍କ ଚିତାମାନ ଏବଂ ୧୨ ଛୁଆ ସୁସ୍ଥ ଅଛନ୍ତି।

## ମୁଁ କେନ୍ଦ୍ର ସରକାରଙ୍କ ସହ ଅଛି: ମମତା



କୋଲକାତା: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ବିଧାନସଭାରେ କହିଛନ୍ତି ଯେ ମୁଁ ବାଂଲାଦେଶରେ ହିନ୍ଦୁମାନଙ୍କ ନିର୍ଯ୍ୟାତନା ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସହ ଅଛି। ମମତା କହିଛନ୍ତି ଯେ ମୋର ସରକାରଙ୍କ ନୀତି ହେଉଛି ଯେ ଯେତେବେଳେ ଅନ୍ୟ ଦେଶ କଥା ଆସେ, ଆମେ କେନ୍ଦ୍ର ସରକାରଙ୍କ ସହ ଛିଡ଼ା ହେବା। ଯଦି କୌଣସି ଧର୍ମର ଲୋକଙ୍କ ପ୍ରତି ଅତ୍ୟାଚାର ହୁଏ, ତେବେ ଆମେ ଏହାକୁ ଦୃଢ଼ ନିନ୍ଦା କରୁଛୁ। ଯଦି ବାଂଲାଦେଶରେ କୌଣସି ଧର୍ମର ଲୋକଙ୍କ ନିର୍ଯ୍ୟାତନା ଦିଆଯାଏ, ତେବେ ଆମେ ଏହାକୁ ସମର୍ଥନ କରୁନାହୁଁ। ବାଂଲାଦେଶରେ ହିନ୍ଦୁ ନେତା ଚିନ୍ମୟ କୃଷ୍ଣ ଦାସ ବ୍ରହ୍ମଚାରିଙ୍କ ଗିରଫଦାରୀ ଉପରେ ମମତା କହିଛନ୍ତି ଯେ ମୁଁ ଏଠାରେ ଇସ୍କନର ମୁଖ୍ୟଙ୍କ ସହ କଥା ହୋଇଛି। ଏହା ଅନ୍ୟ ଦେଶର ବିଷୟ ହୋଇଥିବାରୁ କେନ୍ଦ୍ର ସରକାର ଏହା ଉପରେ ଉପଯୁକ୍ତ ପଦକ୍ଷେପ ନେବା ଉଚିତ। ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ ଆମେ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସହିତ ଅଛୁ। ବାଂଲାଦେଶ ପୋଲିସ ସୋମବାର ଢାକା ହଜରତ ଶାହାଜାଲାଲ ଅନ୍ତର୍ଜାତୀୟ ବିମାନବନ୍ଦର ଅଞ୍ଚଳରୁ ହିନ୍ଦୁ ଗୋଷ୍ଠୀ ସମ୍ମିଳିତ ସନାତନ ଜୋତର ନେତା ଚିନ୍ମୟ କୃଷ୍ଣ ଦାସ ବ୍ରହ୍ମଚାରିଙ୍କୁ ଗିରଫ କରିଛି। ବଙ୍ଗଳା ସମେତ ସମଗ୍ର ଦେଶରେ ଏହା ବିରୋଧରେ ବିରୋଧ ପ୍ରଦର୍ଶନ କରାଯାଉଛି। ଏହାପୂର୍ବରୁ ବୁଧବାର ତୃଣମୂଳ କଂଗ୍ରେସ ଏମପି ଅଭିଷେକ ବାନାର୍ଜୀ ଏବଂ ଦଳର ନେତା ସୌଗତ ରାୟ ଏହି ଆକ୍ରମଣକୁ ନିନ୍ଦା କରିବା ସହ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଷେକ ବାନାର୍ଜୀ କହିଛନ୍ତି, ବାଂଲାଦେଶରେ ଯାହା ଘଟିଛି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କେନ୍ଦ୍ର ସରକାର ନିର୍ଣ୍ଣାୟକ ପଦକ୍ଷେପ ନେବା ଉଚିତ। କେନ୍ଦ୍ର ମନ୍ତ୍ରୀ ଗିରିରାଜ ସିଂ ଏହି ହିଂସାକୁ ନିନ୍ଦା କରି ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରକୁ ମୌଳବାଦୀଙ୍କ କବଳରେ ବୋଲି ବର୍ଣ୍ଣନା କରିଛନ୍ତି। ହିନ୍ଦୁଙ୍କ ଉପରେ ଆକ୍ରମଣ ଏବଂ ଧାର୍ମିକ ନେତାଙ୍କ ଗିରଫଦାରୀ ଅମାନବୀୟ ଏବଂ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି।

## ରାଜଧାନୀରେ ଭୟଙ୍କର ବିସ୍ଫୋରଣ



ନୂଆଦିଲ୍ଲୀ: ରାଜଧାନୀରେ ହେଲା ଭୟଙ୍କର ବିସ୍ଫୋରଣ। ଦିଲ୍ଲୀର ପ୍ରଶାନ୍ତ ବିହାର ସ୍ଥିତ ପିଭିଆର ସିନେମା ହଲ ନିକଟରେ ଜୋରଦାର ବ୍ଲାଷ୍ଟ ହୋଇଛି। ସୂଚନା ମିଳିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି। ସୂଚନା ମୁତାବକ, ପିଭିଆର ନିକଟରେ ଥିବା ବଂଶୀ ସ୍ୱିଟ୍ସ ନିକଟରେ ଏହି ବିସ୍ଫୋରଣ ହୋଇଛି। ଏହା ଏତେ ଭୟଙ୍କର ଥିଲା ଯେ, ବେଶ୍ ଦୂର ଯାଏଁ ଶବ୍ଦ ଶୁଣିବାକୁ ମିଳିଛି। ଫଳରେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ପୋଲିସକୁ ୧୧ଟା ୪୮ ମିନିଟ୍‌ରେ ଏନେଇ ଫୋନ୍ କଲ ଆସିଥିଲା। ଏହାପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଛି। ତେବେ କେଉଁ କାରଣରୁ ଏହି ବିସ୍ଫୋରଣ ହୋଇଛି ସେ ନେଇ କିଛି ସୂଚନା ମିଳିନାହିଁ। ପୋଲିସ କଲ୍ କରିଥିବା ବ୍ୟକ୍ତି ଓ ବସ୍ଫୋରଣ ନେଇ ଯାଞ୍ଚ ଜାରି ରଖିଛି। ଗୁଜବ ପ୍ରଚାର ନକରିବା ଏବଂ ଶାନ୍ତି ବଜାୟ ରଖିବା ପାଇଁ ପୁଲିସ ଲୋକଙ୍କୁ ନିବେଦନ କରିଛି। ପୁଲିସ କହିଛି ଯେ ଆମେ ଏହି ମାମଲାକୁ ଗମ୍ଭୀରତାର ସହ ଦେଖୁଛୁ। ଏଥିରେ କେହି ମୃତାହତ ହୋଇନହାନ୍ତି।

## ଅସ୍ତ୍ରବିରତି ଲାଗୁ ପରେ ସୀମାରୁ ହଟିଲା ହିଜବୁଲ୍ଲା



ନୂଆଦିଲ୍ଲୀ: ବୁଧବାର ସକାଳେ ଇସ୍ରାଏଲ ଓ ଲେବାନନର ମିଲିଟାଣ୍ଟ ସମୂହ ହିଜବୁଲ୍ଲା ମଧ୍ୟରେ ଅସ୍ତ୍ରବିରତି ହୋଇସାରିଛି। ଏହି ଅସ୍ତ୍ରବିରତି ମାତ୍ର ୬୦ ଦିନ ପାଇଁ ହୋଇଛି। ଏହି ସମୟ ମଧ୍ୟରେ ଉଭୟ ପକ୍ଷ ନିଜ ତରଫରୁ ଶାନ୍ତିର ସହ ସମାଧାନ ପାଇଁ ଚେଷ୍ଟା କରିବେ। ଗତବର୍ଷ ୭ ଅକ୍ଟୋବରରେ ଚରମପନ୍ଥୀ ସମୂହ ହମାସ ଏକ ଆକ୍ରମଣରେ ହଜାର ହଜାର ଇସ୍ରାଏଲ ନାଗରିକଙ୍କ ଜୀବନ ନେଇଥିଲା ଏବଂ ୨୫୦ରୁ ଅଧିକଙ୍କ ଅପହରଣ କରିନେଇଥିଲା। ଗାଜାରେ ଏଭଳି କାରନାମା ପରେ ଇସ୍ରାଏଲ ମଧ୍ୟ ଆକ୍ରମଣ କରିଦେଲା ଏବଂ ଧୀରେ ଧୀରେ ଏହା ସବୁ ଦିଗକୁ ବ୍ୟାପିବାରେ ଲାଗିଲା। ଏଥିରେ ଲେବାନନର ଚରମପନ୍ଥୀ ସମୂହ ହିଜବୁଲ୍ଲା ମଧ୍ୟ ସାମିଲ ହୋଇଯାଇଥିଲା ଯାହା ହମାସର ବିଚାରଧାରାକୁ ସମର୍ଥନ କରୁଥିଲା। ହମାସ ଓ ଇସ୍ରାଏଲ ମଧ୍ୟରେ ଅନୌପଚାରିକ ଭାବେ ଯୁଦ୍ଧ ଏବେ ବି ଲାଗିରହିଛି କିନ୍ତୁ ହିଜବୁଲ୍ଲାହ ଏବଂ ଇସ୍ରାଏଲ ମଧ୍ୟରେ ୨ ମାସର ଅସ୍ତ୍ରବିରତି ହୋଇଛି। ପୂର୍ବରୁ ଯୁଦ୍ଧବିରାମ ନେଇ ସଙ୍କେତ ମିଳୁଥିଲା। ଗତ କିଛି ଦିନରେ ଆକ୍ରମଣ ଧୀରେ ଧୀରେ କମିଥିଲା। ଆଗାମୀ ୬୦ ଦିନରେ ହିଜବୁଲ୍ଲାହ ଲେବାନନ ଓ ଇସ୍ରାଏଲ ମଧ୍ୟରେ ବଫର ଜୋନରୁ ନିଜ ସେନା ହଟାଇନେବ। ଏହା ସହିତ ଇସ୍ରାଏଲ ମଧ୍ୟ ଲେବାନନ ବର୍ଡରରୁ ହଟିବ। ଯୁଦ୍ଧ ବିରାମ ଚୁକ୍ତି ବର୍ତ୍ତମାନ ୬୦ ଦିନ ପାଇଁ ରହିଛି। ଏହି ସମୟରେ ଦକ୍ଷିଣ ଲେବାନନର ଲକ୍ଷ ଲକ୍ଷ ଲୋକ ଏବଂ ଉତ୍ତର ଲେବାନାନର ମଧ୍ୟ ହଜାର ହଜାର ଲୋକ ନିଜ ଘରକୁ ଫେରୁଛନ୍ତି। ଉତ୍ତର ଭାଗରେ ଇସ୍ରାଏଲର ମଧ୍ୟ ବହୁ ଲୋକ ଅଛନ୍ତି ଯେଉଁମାନେ ଯୁଦ୍ଧ ଯୋଗୁଁ ହୋଟେଲରେ ରହୁଛନ୍ତି। ଏଥିପାଇଁ ସରକାର ବଡ ଖର୍ଚ୍ଚ ଉଠାଉଛନ୍ତି ଯାହା ଫଳରେ ଆର୍ଥିକ ଚାପ ରହୁଛି। ତେବେ ବର୍ତ୍ତମାନର ପରିସ୍ଥିତି ଅନୁସାରେ ଏହା ସ୍ଥିର ନାହିଁ କି ଯୁଦ୍ଧବିରାମ ନିର୍ଦ୍ଧାରିତ ସୀମା ପର୍ଯ୍ୟନ୍ତ ମଧ୍ୟ ଚାଲିବ କି ନାହିଁ। ଏହି ସମୟରେ ମଧ୍ୟରେ ପୁଣି ଆରମ୍ଭ ହୋଇଯିବ କି ନାହିଁ ଏହାର କୌଣସି ଗ୍ୟାରେଣ୍ଟି ନାହିଁ। ଅନ୍ୟପକ୍ଷରେ ଉତ୍ତରଗାଜାର ଏକ ବିଦ୍ୟାଳୟ ଉପରେ ଇସ୍ରାଏଲ ଅତର୍କିତ ଚଢ଼ଉ କରିଛି। ସେଠାରେ ହମାସର ଲୁଚିଥିବା ସୈନିକମାନେ ଏକତ୍ରିତ ହେଉଥିବା ସୂଚନା ପାଇବା ପରେ ଉତ୍ତର ଗାଜାର ବିଟ୍ ଲାହିୟାଠାରେ ଥିବା ଅଲ୍ ହାର୍ଥାନୀ ସ୍କୁଲ ଉପରେ ଇସ୍ରାଏଲ ସେନା ଚଢ଼ଉ କରିଛି। ସ୍କୁଲ ପରିସରରୁ ହମାସ ଆତଙ୍କଙ୍କୁ ଘଉଡାଇବା ପାଇଁ ଆଣ୍ଟି ଟ୍ୟାଙ୍କ ମିଜାଇଲ ବ୍ୟବହାର କରିଥିବା ଇସ୍ରାଏଲ ପକ୍ଷରୁ ସୂଚନା ଦିଆଯାଇଛି। ସମଗ୍ର ଗାଜାରେ ଭୟଙ୍କର ଖାଦ୍ୟାଭାବ ଲାଗିରହିଛି। ଜନସାଧାରଣ ଭୋକ ଉପାସରେ ଆଉଟୁପାଉଟୁ ହେଉଛନ୍ତି। ଇସ୍ରାଏଲ-ହିଜବୁଲ୍ଲା ଅସ୍ତ୍ରବିରତିକୁ ସବୁଆଡୁ ଉଚ୍ଚପ୍ରଶଂସା କରାଯାଉଥିବାବେଳେ ହମାସ ଯେଭଳି କୌଣସି ଆତଙ୍କୀ କାର୍ଯ୍ୟକଳାପ ଚଳାଇନରଖେ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି ବୋଲି ଇସ୍ରାଏଲ୍ ସୂଚନା ଦେଇଛି।

### ଛତିଶଗଡ଼ ରାଜଭାଷା ଦିବସରେ ବିଷ୍ଣୁଦେବ
## ୧୪୭ କୋଟି ବ୍ୟୟରେ ନିର୍ମାଣ ହେବ ଚିତ୍ରୋତ୍ପଳା ଫିଲ୍ମସିଟି




ରାୟପୁର: ଛତିଶଗଡ଼ରେ ପ୍ରାୟ ୧୪୭ କୋଟି ଟଙ୍କା ବ୍ୟୟରେ ଚିତ୍ରୋତ୍ପଳା ଫିଲ୍ମସିଟି ନିର୍ମାଣ କରାଯିବ। ଏଥିପାଇଁ ଭାରତ ସରକାର ସମସ୍ତ ଅନୁଦାନ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ। ଗୁରୁବାର ଛତିଶଗଡ଼ ରାଜଭାଷା ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ସାଏ ଏହି ସୂଚନା ଦେଇଥିଲେ। ସେ କହିଥିଲେ ରାଜ୍ୟ ସରକାର ଏଥିପାଇଁ ଯେଉଁ ପ୍ରସ୍ତାବ ଦେଇଥିଲେ ତାକୁ କେନ୍ଦ୍ର ସରକାର ଗ୍ରହଣ କରିବା ସହ ଛତିଶଗଡ଼ରେ ଫିଲ୍ମସିଟି ନିର୍ମାଣ ପାଇଁ ଅନୁଦାନ ଯୋଗାଇଦେବେ। ଏହା ଫଳରେ ଛତିଶଗଡ଼ରେ ନିର୍ମାଣ ହେଉଥିବା ଚଳଚ୍ଚିତ୍ର ଏବଂ ନାଟକ ପ୍ରସ୍ତୁତି ନିମନ୍ତେ ପ୍ରୋତ୍ସାହନ ମିଳିବ। ଏହାସହ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ବିକାଶ ଘଟିବ। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ସମ୍ମାନରେ ବିଭୂଷିତ ବ୍ୟକ୍ତିବିଶେଷଙ୍କୁ ଦିଆଯାଉଥିବା ଅର୍ଥରାଶି ୫ହଜାରରୁ ୧୦ ହଜାରକୁ ବୃଦ୍ଧି ଘୋଷଣା କରିଥିଲେ। ସେ କହିଥିଲେ ଛତିଶଗଡ଼ୀ ଭାଷାର ବିକାଶ ପାଇଁ ତାଙ୍କ ସରକାର ଲଗାତାର କାର୍ଯ୍ୟ କରୁଛନ୍ତି। ଛତିଶଗଡ଼ର ଗୁରତୁର ଭାଷା ଆଜି ଆମ ହୃଦୟ ସହିତ ଯୋଡ଼ି ହୋଇଯାଇଛି। ଛତିଶଗଡ଼ ଚଳଚ୍ଚିତ୍ର ମଧ୍ୟ ଲୋକପ୍ରିୟତା ହାସଲ କରିଛି। ଛତିଶଗଡ଼ୀ ଭାଷାର ବୃଦ୍ଧିର ଛତିଶଗଡ଼ ଚଳଚ୍ଚିତ୍ରର ବିଶେଷ ଅବଦାନ ରହିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ସାଂସଦ ବ୍ରଜମୋହନ ଅଗ୍ରୱାଲ। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ସୁରେନ୍ଦ୍ର ଦୁବେ, ଡାକ୍ତର ରମେନ୍ଦ୍ର ନାଥ ମିଶ୍ର ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। ସଂସ୍କୃତି ବିଭାଗ ସଚିବ ଅନବଲ ଗନ୍ ପି ଏହାକୁ ସଞ୍ଚାଳନ କରିଥିଲେ।

## ବିବାହ ବିଷୟ ଜାଣିଦେବା ଡରରେ ପ୍ରେମିକାକୁ ୫୦ଖଣ୍ଡ କଲା ପ୍ରେମିକ

ଖୁଣ୍ଟି: ବିବାହ ବିଷୟରେ ଜାଣିଦେବା ଡରରେ ପ୍ରେମିକାକୁ ୫୦ଖଣ୍ଡ କରିଦେଲା ପ୍ରେମିକ। ଝାଡ଼ଖଣ୍ଡର ଖୁଣ୍ଟିରେ ଘଟିଛି ଏଭଳି ଘଟଣା। ପ୍ରେମିକା ସହ ଲିଭ୍-ଇନରେ ରହି ବି ଅନ୍ୟ ମହିଳାଙ୍କୁ ଲୁଚି ଲୁଚି ବିବାହ କରିଥିଲା ଅଭିଯୁକ୍ତ। ଏବିଷୟରେ ଜଣାପଡ଼ିଯିବା ଡରରେ ଜଙ୍ଗଲକୁ ନେଇ ଦୁଷ୍କର୍ମ କରିବା ସହ ପ୍ରେମିକାକୁ ଅଭିଯୁକ୍ତ ହତ୍ୟା କରିଥିବା ଜଣାପଡ଼ିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ଏବେ ପୁଲିସ ଅଭିଯୁକ୍ତ ନରେଶ ଭେଙ୍ଗ୍ରାକୁ ଗିରଫ କରିଛି। ମିଳିଥିବା ସୂଚନା ମୁତାବକ, ଘଟଣାଟି ନଭେମ୍ବର ୮ରେ ଘଟିଥିବା ବେଳେ ଗତ ୨୪ରେ ସାମ୍ନାକୁ ଆସିଥିଲା। ଏକ ବୁଲା କୁକୁର ପୀଡ଼ିତାଙ୍କ ହାତ ପାଟିରେ ଧରି ବୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଏହା ପରେ ପୁଲିସ ତଦନ୍ତ କରି ମହିଳାଙ୍କ ଶରୀରର ଅନ୍ୟ ଅଂଶଗୁଡ଼ିକ ଖୋଜିପାଇଥିଲା। ଅଧିକ ତଦନ୍ତ କରାଯିବା ପରେ ପୋଲିସ ହାତରେ ଧରାପଡ଼ିଥିଲା ନରେଶ। ଅଭିଯୁକ୍ତ ପଚରାଉଚରା ବେଳେ ହତ୍ୟା କରିଥିବା ସ୍ୱୀକାର କରିବା ସହ ପୂରା କାହାଣୀ ଜଣାଇଥିଲେ। ପୋଲିସର କହିବା ମୁତାବକ, ଅଭିଯୁକ୍ତ ତାମିଲନାଡୁରେ କଂସେଇ ଭାବେ କାମ କରେ। ସେ ମୃତକଙ୍କ ସହ କିଛିବର୍ଷ ହେବ ପ୍ରେମ ସମ୍ପର୍କରେ ଥିଲା। ହେଲେ କିଛି ମାସ ତଳେ ଝାଡ଼ଖଣ୍ଡରେ ଥିବା ନିଜ ଗାଁକୁ ଫେରି ସେ ଅନ୍ୟ ମହିଳାଙ୍କୁ ବିବାହ କରିଥିଲା। ଏହାପରେ ସେ ପତ୍ନୀଙ୍କୁ ନନେଇ ପୁଣି ତାମିଲନାଡୁ ଫେରିଯାଇଥିଲା। ସେଠାକୁ ଯିବା ପରେ ମୃତକ, ନରେଶ ସହ ତା' ଘରକୁ ଆସିବାକୁ ଜିଦ୍ ଧରିଥିଲେ। କ'ଣ କରିବ ବୋଲି କିଛି ଜାଣିନପାରି ଅଭିଯୁକ୍ତ ମୃତକଙ୍କୁ ଝାଡ଼ଖଣ୍ଡ ଆଣି ଘରକୁ ନେବା ପରିବର୍ତ୍ତେ ଘର ପାଖ ଜଙ୍ଗଲକୁ ନେଇଯାଇଥିଲା। ସେଠାରେ ଦୁଷ୍କର୍ମ କରିବା ପରେ ଅଭିଯୁକ୍ତ, ମୃତକଙ୍କୁ ହତ୍ୟା କରି ତାଙ୍କୁ ଖଣ୍ଡ ଖଣ୍ଡ କରି କାଟି ଦେଇଥିଲେ ଏବଂ ଜଙ୍ଗଲରେ ଫିଙ୍ଗି ଘରକୁ ଚାଲିଆସିଥିଲେ।

## ୨ଲକ୍ଷ ଶ୍ରମିକଙ୍କୁ ଆର୍ଥିକ ସହାୟତା ଯୋଗାଇବେ ହରିଆଣା ସରକାର



ଚଣ୍ଡୀଗଡ଼: ହରିଆଣାର ନାଏବ ସିଂ ସଇନି ସରକାର ଦୁଇଲକ୍ଷ ଶ୍ରମିକଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଘୋଷଣା କରିଛନ୍ତି। ଏହି ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ସହାୟତା ରାଶି ପଠାଯିବ ବୋଲି ମୁଖ୍ୟମନ୍ତ୍ରୀ ନାଏବ ସିଂ ସଇନି ସୂଚନା ଦେଇଛନ୍ତି। ସେ କହିଛନ୍ତି ଜାତୀୟ ରାଜଧାନୀ ଦିଲ୍ଲୀ ଏବଂ ଏନ୍‌ସିଆରରେ ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ଗ୍ରାପ୍ ୪ ଲାଗୁ କରାଯାଇଛି। ଫଳରେ ଶ୍ରମିକମାନେ ନିର୍ମାଣ କାର୍ଯ୍ୟ ସହିତ ଅନ୍ୟ କାର୍ଯ୍ୟରୁ ବଞ୍ଚିତ ହୋଇଛନ୍ତି। ନାଏବ ସିଂ ସରକାରର ଉର୍ଜା ଏବଂ ପରିବହନ ମନ୍ତ୍ରୀ ଅନିଲ ବେଜ୍ କହିଛନ୍ତି ଯେ, ଏନ୍‌ସିଆର କ୍ଷେତ୍ରରେ ନିର୍ମାଣ ପାଇଁ ଲଗାଯାଇଥିବା ପ୍ରତିବନ୍ଧକ କାରଣରୁ ହରିଆଣାର ବହୁଶ୍ରମିକ ପରିବାର ପ୍ରତିପୋଷଣରେ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି। ସେ ଆହୁରି କହିଛନ୍ତି ଯେ, ରେଜିଷ୍ଟ୍ରିଭୁକ୍ତ ଶ୍ରମିକଙ୍କ ସଂଖ୍ୟା ୨ଲକ୍ଷ ରହିଛି। ଯେଉଁମାନେ ହରିଆଣାରୁ ଯାଇ ଏନ୍‌ସିଆର କ୍ଷେତ୍ରରେ କାମ କରୁଛନ୍ତି। ଏହି ଅବସରରେ ଶ୍ରମ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ଏହି ଯୋଜନା ଶୀଘ୍ର ଲାଗୁ କରାଯାଇ ଶ୍ରମିକଙ୍କ ଖାତାକୁ ସହାୟତା ରାଶି ପଠାଇବା ନେଇ ସୁନିଶ୍ଚିତ କରିବାକୁ। ଏଥିପାଇଁ ୬୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ହରିଆଣା ସରକାର ଆହୁରି କହିଛନ୍ତି ଯେ, ସୁପ୍ରିମ୍‌କୋର୍ଟ ଲାଗୁ କରିଥିବା ନିର୍ଦ୍ଦେଶ ଅନୁଯାୟୀ ପ୍ରଭାବିତ ଶ୍ରମିକଙ୍କୁ ତତ୍କାଳ ଏହି ସହାୟତା ରାଶି ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି।

# ବାଣିଜ୍ୟ

DSP ASSET MANAGERS

ମୁମ୍ବାଇ: ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ ବ୍ୟବସାୟିକ ଚକ୍ର ଆଧାରିତ (ବିଜିନେସ୍ ସାଇକଲ୍-ବେସ୍‌ଡ) ନିବେଶ କ୍ଷେତ୍ରକୁ ଅନୁସରଣ କରି ଏକ ଓପନ-ଏଣ୍ଡେଡ ଇକ୍ୱିଟି ଡିଏସ୍‌ପି ବିଜିନେସ୍ ସାଇକଲ ଫଣ୍ଡ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏହି ଫଣ୍ଡ ନିବେଶକଙ୍କୁ ଲାର୍ଜ, ମିଡ୍ ଏବଂ ସ୍ମଲ୍‌କ୍ୟାପ କମ୍ପାନୀ ସମେତ ବିବିଧ ମାର୍କେଟ କ୍ୟାପିଟାଲାଇଜେସନ୍‌ରେ ନିବେଶ କରିବା ନିମନ୍ତେ ନିବେଶକଙ୍କୁ ସୁଯୋଗ ପ୍ରଦାନ କରୁଛି। ନିବେଶ ରଣକୌଶଳ ମଜଭୁତ ଅଭିବୃଦ୍ଧି ସାମର୍ଥ୍ୟ ରଖୁଥିବା, ମୂଳ ବିଷୟରେ ଉନ୍ନତି ଆଣୁଥିବା ଏବଂ ଆକର୍ଷଣୀୟ ମୂଲ୍ୟାୟନ ରହିଥିବା ଶିଳ୍ପସମୂହ ଓ କ୍ଷେତ୍ରଗୁଡିକରେ ବିଜ୍ଞତାର ସହିତ ଆସେଟ୍ ଆବଣ୍ଟନ ଉପରେ ଦୃଷ୍ଟିନିବଦ୍ଧ କରୁଛି। ଆମର ବିଶ୍ୱାସ ଯେ ଏହି ଫଣ୍ଡ ନିବେଶକଙ୍କୁ ପରିବର୍ତ୍ତିତ ମାର୍କେଟ ଗତିଶୀଳତାରୁ ଫାଇଦା ଉଠାଇବା ନିମନ୍ତେ ଏକ ଅନନ୍ୟ ସୁଯୋଗ ପ୍ରଦାନ କରିବ ବୋଲି ଚରଣଜିତ ସିଂ, ଫଣ୍ଡ ମ୍ୟାନେଜର, ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ କହିଛନ୍ତି।

## ଓଡ଼ିଶା ବଜାରରେ ପ୍ରବେଶ କଲା ଜିନ୍ଦଲ ପାନ୍ଥର ସିମେଣ୍ଟ




ଭୁବନେଶ୍ୱର/ପୁରୀ(ଭାସ୍କର ନ୍ୟୁଜ୍): ନୂତନତା ଓ ଉଚ୍ଚମାନର ଗୁଣବତ୍ତା ପାଇଁ ଜଣାଶୁଣା ଜିନ୍ଦଲ ପାନ୍ଥର୍ ସିମେଣ୍ଟ ଗତକାଲି ପୁରୀରେ ଆୟୋଜିତ ଏକ ଉନ୍ମୋଚନ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶା ସିମେଣ୍ଟ ବଜାରରେ ପଦାର୍ପଣ କରିଛି। ଏହି ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ସହିତ ପୂର୍ବ ଭାରତର ନିର୍ମାଣ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ଏହାର ଅତ୍ୟାଧୁନିକ ଅନୁଗୁଳ ସିମେଣ୍ଟ ପ୍ଲାଣ୍ଟର ଶୁଭାରମ୍ଭ ଉତ୍ସବ ମଧ୍ୟ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିନ୍ଦଲ ପାନ୍ଥର ସିମେଣ୍ଟର ୩ଟି ପ୍ରିମିୟମ ଭାରିଏଣ୍ଟକୁ ବଜାର ବିକ୍ରି ପାଇଁ ଉନ୍ମୋଚନ କରାଯାଇଛି। ଜିନ୍ଦଲ ପାନ୍ଥର କଂକ୍ରିଟ ଅଲ୍ଟିମା (ପିଏସସି ସିମେଣ୍ଟ), ଜିନ୍ଦଲ ପାନ୍ଥର ସିଲ୍ଡ (ପିଏସସି) ଓ ଜିନ୍ଦଲ ପାନ୍ଥର ସିଲ୍ଡ( ସିସି ସିମେଣ୍ଟ) ବଜାରରେ ଉପଲବ୍ଧ ହେବ। ଜିନ୍ଦଲ ପାନ୍ଥର କଂକ୍ରିଟ ଅଲ୍ଟିମା ମଜବୁତ, ଅବକ୍ଷୟପ୍ରତିରୋଧୀ ଓ ଏହାର ପ୍ୟାକେଜିଂ ଅତ୍ୟନ୍ତ ସୁରକ୍ଷିତ। ସେହିପରି ଜିନ୍ଦଲ ପାନ୍ଥର ସିଲ୍ଡ (ପିଏସସି) ସିମେଣ୍ଟ ଉନ୍ନତଫିନିସ ଦେବା ସହିତ କ୍ଲୋରାଇଡ ଓ ସଲଫେଟ ଆକ୍ରମଣ ପ୍ରତିରୋଧୀ ଏବଂ ଏହାର ସ୍ଥାୟିତ୍ୱ ଅଧିକ। ଜିନ୍ଦଲ ପାନ୍ଥର ସିଲ୍ଡ (ସିସି ସିମେଣ୍ଟ) ଉତ୍କୃଷ୍ଟ ଫିନିସିଂ, ପରିବେଶ ଅନୁକୂଳ ଓ ଏହାର ସ୍ଥାୟିତ୍ୱ ସୁଦୀର୍ଘ। ବାର୍ଷିକ ୧.୫ ନିୟୁତ ଟନ ଉତ୍ପାଦନ କ୍ଷମତା ସହ ଅନୁଗୁଳ ସିମେଣ୍ଟ ପ୍ଲାଣ୍ଟର କାର୍ଯ୍ୟକ୍ଷମ ହୋଇଛି, ଯାହା ୨୦୨୬ ସୁଦ୍ଧା ବାର୍ଷିକ ଉତ୍ପାଦନ କ୍ଷମତା ୩ ନିୟୁତ ଟନକୁ ବୃଦ୍ଧି କରାଯିବ। ଅନୁଗୁଳ ପ୍ଲାଣ୍ଟ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଓ ଅନ୍ୟ ପଡ଼ୋଶୀ ରାଜ୍ୟର ବର୍ଦ୍ଧିତ ସିମେଣ୍ଟ ଚାହିଦା ଓ ଭିତ୍ତିଭୂମି ନିର୍ମାଣର ଆବଶ୍ୟକତାକୁ ପୂରଣ କରିବ। ଜିନ୍ଦଲ ପାନ୍ଥର ସିମେଣ୍ଟର ସିଇଓ ରୋହିତ ଭୋରା କହିଛନ୍ତି ଯେ ଅନୁଗୁଳ ସିମେଣ୍ଟ ପ୍ଲାଣ୍ଟ କମ୍ପାନୀ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି। ଗୁଣବତ୍ତା ଏବଂ ସ୍ଥାୟୀତ୍ୱରେ ନୂତନ ଶିଳ୍ପ ମାନଦଣ୍ଡ ସ୍ଥାପନ କରିବା ସହିତ ଭାରତରେ ନିର୍ମାଣ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଉପରେ ଶ୍ରୀ ଭୋରା ଗୁରୁତ୍ୱାରୋପ କରିଥିଲେ।

## ଏଲ୍‌ଟିଆଇ ମାଇଣ୍ଡ ଟ୍ରି ଫାଉଣ୍ଡେସନ୍ ଓ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏମଓୟୁ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏଲ୍‌ଟିଆଇମାଇଣ୍ଡଟ୍ରିର କର୍ପୋରେଟ୍ ସୋସିଆଲ୍ ରେସପୋନ୍ସିବିଲିଟି (ସିଏସ୍ଆର୍) ଶାଖା, ଏଲ୍‌ଟିଆଇମାଇଣ୍ଡଟ୍ରି ଫାଉଣ୍ଡେଶନ୍, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ସହିତ ଏକ ସମ୍ମତିପତ୍ର କରିଛି। ଏହା ଅଧୀନରେ ୮୦ରୁ ଅଧିକ ମୌସମ ପ୍ରତିରୋଧୀ ଘର ଏବଂ ଆବଶ୍ୟକ ସମୁଦାୟିକ ଠିକଣା ବିକାଶ କରାଯିବ। 'ଶେଲ୍ଟର ଟୁ ହାବିଟେସନ୍' ନାମକ ଘରବାସ ପ୍ରକଳ୍ପ ଓଡ଼ିଶାର ବଞ୍ଚିତ ଆଦିବାସୀ ସମ୍ପ୍ରଦାୟଗୁଡ଼ିକୁ ଟିକାଉ ଏବଂ ସୁରକ୍ଷିତ ରହିବା ସ୍ଥାନ ପ୍ରଦାନ କରିବାକୁ ଲକ୍ଷ୍ୟରେ ଗଢ଼ାଯାଇଛି। ଏହି ପ୍ରକଳ୍ପ ଘୂର୍ଣ୍ଣିଝଡ଼ ପ୍ରବଣ ଗଜପତି ଜିଲ୍ଲାର ସମସ୍ୟାଗୁଡ଼ିକୁ ଆଧାର କରି, ଆଲଜୋଳା, ଗୟଳଜୁବା ଏବଂ ରଶିକା ରାଜପୁର ଗ୍ରାମର ୩,୦୦୦ ନିକଟ ଗ୍ରାମବାସୀଙ୍କୁ ଲାଭାନ୍ୱିତ କରିବ। ଏହି ଘରଗୁଡ଼ିକ ସବୁ ମଉସମ ପ୍ରତିରୋଧୀ ହେବା ସହିତ ଆଧୁନିକ ଟିକାଉ ଉପାଦାନର ସଂଯୋଜନ କରିବ ସୌର ଆଲୋକ, ବର୍ଷାଜଳ ସଂଗ୍ରହ ଏବଂ ଜଳବାୟୁ ସହନଶୀଳ ଡିଜାଇନ୍। ପ୍ରତ୍ୟେକ ଘରରେ ଏକ ଶ୍ରେଣୀସଂପନ୍ନ ଜୀବନ ପରିବେଶ ପ୍ରଦାନ କରାଯିବ, ଯେଉଁଥିରେ ଏକ ଶୋଇବା ଘର, ବସିବା ଘର, ରନ୍ଧନଶାଳ ଏବଂ ଶୌଚାଳୟ ରହିବ। ଏମ୍‌ଓୟୁ କାର୍ଯ୍ୟକ୍ରମରେ ଏଲ୍‌ଟିଆଇମାଇଣ୍ଡଟ୍ରିର ଚୀଫ ସସ୍‌ଟେନବିଲିଟି ଅଫିସର ପନୀକ୍ଷରାଓ ଏବଂ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ଼. ଅନିତା ପାତ୍ରା ସହି କରିଛନ୍ତି। ଏହି ସମାରୋହରେ ଏଲ୍‌ଟିଆଇମାଇଣ୍ଡଟ୍ରି ଫାଉଣ୍ଡେଶନ୍ ଏବଂ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ବୋର୍ଡ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଫୋନପେର ଶେୟାର.ମାର୍କେଟ ପକ୍ଷରୁ 'ଶୀଟ୍ସ'ର ଶୁଭାରମ୍ଭ

ମୁମ୍ବାଇ: ଫୋନପେର ଏକ ପ୍ରଡକ୍ଟ ସେୟାର.ମାର୍କେଟ ପକ୍ଷରୁ ଶୀଟ୍ସର ଶୁଭାରମ୍ଭ କରାଯାଇଛି। ଡିସକାଉଣ୍ଟ ବ୍ରୋକିଂ ଲ୍ୟାଣ୍ଡସ୍କେପରେ ଏହି ଶିଳ୍ପ-ପ୍ରଥମ ଫିଚର ବଜାର ଅଂଶଗ୍ରହଣକାରୀଙ୍କୁ ସଶକ୍ତ କରିବା ଏବଂ ବାଣିଜ୍ୟ ଅଭିଜ୍ଞତା ଉନ୍ନତ ପାଇଁ ଡିଜାଇନ୍ ହୋଇଛି। ୱେବ ପ୍ଲାଟଫର୍ମ ଟ୍ରେଡ.ସେୟାର.ମାର୍କେଟରେ ଉପଲବ୍ଧ, ଶୀଟ୍ସ ବଜାର ଡାଟାକୁ ସିଧାସଳଖ ସ୍ପ୍ରେଡସିଟ୍‌ରେ ଇମ୍ପୋର୍ଟ କରି ଏବଂ ଅତି ସହଜରେ ନିଜସ୍ୱ ବାଣିଜ୍ୟ ମଡେଲ ଏବଂ ରଣନୀତି ପ୍ରସ୍ତୁତ କରିବାରେ ବ୍ୟବସାୟୀଙ୍କୁ ସାହାଯ୍ୟ କରେ। ଶୀଟ୍ସର ଶୁଭାରମ୍ଭ ବିଷୟରେ ଶେୟାର.ମାର୍କେଟର ସିଇଓ, ଉଜ୍ଜ୍ୱଳ ଜୈନ କହିଛନ୍ତି, ନ୍ତବଜାରରେ ଅଂଶଗ୍ରହଣକାରୀଙ୍କ ପାଇଁ ବ୍ରୋକିଂ ଅଭିଜ୍ଞତାକୁ ଉନ୍ନତ ସହ ବୌଦ୍ଧିକ ଭିତିଭୂମି ପ୍ରଦାନ କରି ସୁଚିନ୍ତିତ ନିଷ୍ପତ୍ତି ନେବାକୁ ସଶକ୍ତ ପାଇଁ ଶେୟାର.ମାର୍କେଟ କ୍ରମାଗତ ଭାବେ ଉଦ୍ୟମ କରୁଛି। ଶୀଟ୍ସ ହେଉଛି ଡିସ୍କାଉଣ୍ଟ ବ୍ରୋକିଂ ଇକୋସିଷ୍ଟମରେ ଏପରି ଏକ ଟୁଲ ଯାହା କୌଣସି ମାନବିକ ହସ୍ତକ୍ଷେପର ଆବଶ୍ୟକତା ବିନା ଏକାଧିକ ଷ୍ଟକ ଉପରେ ନଜର ରଖିବା ପ୍ରକ୍ରିୟାକୁ ସ୍ୱୟଂଚାଳିତ ପ୍ରକ୍ରିୟାରେ ପରିଣତ କରିବ।

share.market
A PhonePe Product

## ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ହୀରାକୁଦରେ ଶୁଭାରମ୍ଭ କଲା 'ପ୍ରୋଜେକ୍ଟ ଅନଭିଶା'




ସମ୍ବଲପୁର(ଭାସ୍କର ନ୍ୟୁଜ): ଆଦିତ୍ୟ ବିର୍ଲା ଗ୍ରୁପ୍ କମ୍ପାନୀ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ ପକ୍ଷରୁ 'ପ୍ରୋଜେକ୍ଟ ଅନଭିଶା' ଅଧୀନରେ ଏକ ଡିଜିଟାଲ କ୍ଲାସରୁମ୍ ପ୍ରୟାସ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହା କମ୍ପାନୀର ସମ୍ବଲପୁର ଜିଲ୍ଲାରେ ହୀରାକୁଦ ପ୍ଲାଣ୍ଟ ନିକଟବର୍ତ୍ତୀ ଅଞ୍ଚଳର ୭ଟି ହାଇସ୍କୁଲରେ କାର୍ଯ୍ୟକାରୀ କରାଯାଇଛି। ଏହି ପ୍ରକଳ୍ପ ଶିକ୍ଷ ଆହରଣ ପରିବେଶକୁ ସମକାଳୀନ କରିବା ଲକ୍ଷ୍ୟ ରଖିଛି। ଛାତ୍ର ଛାତ୍ରୀଙ୍କୁ ସର୍ବାଧୁନିକ ପ୍ରଯୁକ୍ତିରେ ସଜ୍ଜିତ କରାଯାଉଛି, ଯାହା ଡିଜିଟାଲ ଯୁଗରେ ପରିବର୍ଦ୍ଧିତ ଶିକ୍ଷା ଆହରଣ ସୁଯୋଗଗୁଡିକ ନିମନ୍ତେ ଦ୍ୱାର ଉନ୍ମୁକ୍ତ କରୁଛି। ସନ୍ଦୀପ ରୟ, ହେଡ୍, ହୀରାକୁଦ ଏଫଆରପି ପ୍ଲାଣ୍ଟ ବିସ୍ତୃତ ଭାବରେ ଉଲ୍ଲେଖ କରି କହିଛନ୍ତି, ହୀରାକୁଦର ଛାତ୍ରଛାତ୍ରୀ ଆଧୁନିକ ଶିକ୍ଷା ପ୍ରଯୁକ୍ତିରୁ ଯେଭଳି ଫାଇଦା ଉଠାଇପାରିବେ ତାହା ସୁନିଶ୍ଚିତ କରିବାକୁ ଡିଜିଟାଲ କ୍ଲାସରୁମ୍ ପ୍ରୟାସକୁ ପରିବ୍ୟାପ୍ତ କରିବାକୁ ଉତ୍ସର୍ଗୀକୃତ ରହିଛୁ। ୟୁପିଏମ୍ଏଓ ଲାରପଙ୍କ ପ୍ରଧାନ ଶିକ୍ଷୟିତ୍ରୀ ହିମାଦ୍ରୀ ଦେହୁରୀ କହିଛନ୍ତି, ଛାତ୍ରଛାତ୍ରୀ ନୂତନ ଶିକ୍ଷା ଆହରଣ ବ୍ୟବସ୍ଥା ଆପଣେଇବାକୁ ଉଲ୍ଲସିତ ଅଛନ୍ତି। ସମ୍ପ୍ରତି ଡିଜିଟାଲ ସାଧନ ଉପଲବ୍ଧ ହେବାଦ୍ୱାରା ଆମେ ଅଧିକ ନିୟୋଜନକାରୀ ଏବଂ ଫଳପ୍ରସୂ ଶିକ୍ଷଣୀୟ ଅନୁଭୂତି ପ୍ରଦାନ କରିପାରିବୁ। ରାଜଶ୍ରୀ ବିର୍ଲାଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଆଦିତ୍ୟ ବିର୍ଲା ସେଣ୍ଟର ଫର କମ୍ୟୁନିଟି ଇନିସିଏଟିଭ୍ସ ଆଣ୍ଡ ରୁରାଲ ଡେଭଲପମେଣ୍ଟ ମାର୍ଗଦର୍ଶନରେ ଗ୍ରୁପ୍‌ର ସିଏସଆର କାର୍ଯ୍ୟକଳାପ ପରିଚାଳିତ ହେଉଛି।

## ଓଲା ଇଲେକ୍ଟ୍ରିକ୍ ପକ୍ଷରୁ ଗିଗ୍ ଓ ଏସ୍୧ ଜେଡ୍ ରେଞ୍ଜ୍‌ର ସ୍କୁଟର୍‌ର ଶୁଭାରମ୍ଭ



ନୂଆଦିଲ୍ଲୀ: ଭାରତର ସର୍ବବୃହତ ପ୍ୟୋର-ପ୍ଲେ ଇଭି କମ୍ପାନୀ ଓଲା ଇଲେକ୍ଟ୍ରିକ ପକ୍ଷରୁ ଏହାର ଗିଗ୍ ଓ ଏସ୍୧ ଜେଡ୍ ରେର ସ୍କୁଟର୍‌ର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ନୂଆ ରେଞ୍ଜ୍‌ର ସ୍କୁଟର୍‌ରେ ଓଲା ଗିଗ୍, ଓଲା ଗିଗ୍+, ଓଲା ଏସ୍୧ ଜେଡ୍ ଓ ଓଲା ଏସ୍୧ ଜେଡ୍+ ଅନ୍ତର୍ଭୁକ୍ତ ରହିଛି ଯାହାର ପ୍ରାରମ୍ଭିକ ମୂଲ୍ୟ ଯଥାକ୍ରମେ ୩୯,୯୯୯ ଟଙ୍କା (ଏକ୍ସ-ଶୋରୁମ୍), ୪୯,୯୯୯ ଟଙ୍କା (ଏକ୍ସ-ଶୋରୁମ୍), ୫୯,୯୯୯ ଟଙ୍କା (ଏକ୍ସ-ଶୋରୁମ୍) ଓ ୬୪,୯୯୯ ଟଙ୍କା (ଏକ୍ସ-ଶୋରୁମ୍) ରହିଛି। ଉଭୟ ଗିଗ୍ ଓ ଏସ୍୧ ଜେଡ୍ ସିରିଜ ପାଇଁ ରିଜର୍ଭେଶନ କେବଳ ୪୯୯ ଟଙ୍କାରେ ଆରମ୍ଭ ହୋଇଯାଇଛି। ଓଲା ଗିଗ୍ ଓ ଓଲା ଏସ୍୧ ଜେଡ୍ ସିରିଜ୍‌ର ଡେଲିଭରି ଯଥାକ୍ରମେ ଏପ୍ରିଲ ୨୦୨୫ ଓ ମେ' ୨୦୨୫ରୁ ଆରମ୍ଭ ହେବ। କମ୍ପାନୀ ପକ୍ଷରୁ ୯୯୯୯ ଟଙ୍କା ମୂଲ୍ୟରେ ପାୱାରପଡ୍‌ର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଓଲା ଇଲେକ୍ଟ୍ରିକର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଭାବିଶ ଅଗ୍ରୱାଲ କହିଛନ୍ତି, ନ୍ତଓଲା ଗିଗ୍ ଓ ଏସ୍୧ ଜେଡ୍ ରେର ସ୍କୁଟର୍‌ଗୁଡିକର ଶୁଭାରମ୍ଭ ସହିତ ଆମେ ଇଭି ଗ୍ରହଣୀୟତାକୁ ତ୍ୱରାନ୍ୱିତ କରିବୁ ଯାହା ମୂଳ ସ୍ତମ୍ଭ ଭାବେ ସୁଲଭତା, ନିର୍ଭରଯୋଗ୍ୟତା ଓ ସୁରକ୍ଷା ସହିତ ବିଭିନ୍ନ ପ୍ରକାରର ବ୍ୟକ୍ତିଗତ ଓ ବାଣିଜ୍ୟିକ ଉପଯୋଗର ଆବଶ୍ୟକତାକୁ ପୂରଣ କରୁଛି।

## ଟାଟା ଏଆଇଏ ଲାଇଫ୍ ଇନ୍‌ସ୍ୟୁରାନ୍ସର ଆପ୍ ଡାଉନ୍‌ଲୋଡ୍ ୧ ନିୟୁତ ଟପିଲା

ନୂଆଦିଲ୍ଲୀ: ଦେଶର ଅନ୍ୟତମ ଅଗ୍ରଣୀ ଜୀବନ ବୀମା କମ୍ପାନି ଟାଟା ଏଆଇଏ ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଘୋଷଣା କରାଯାଇଛି, ଯେ ଏହାର ଗ୍ରାହକଙ୍କ ଦ୍ୱାରା ଆପ୍ ଡାଉନ୍‌ଲୋଡ୍ ୧ ନିୟୁତରୁ ଅଧିକ ହୋଇଛି। ଟାଟା ଏଆଇଏ ଗ୍ରାହକଙ୍କ ଡିଜିଟାଲ୍ ସମାଧାନ ଉପରେ ବିଶ୍ୱାସ ଓ ନିର୍ଭରଶୀଳତାକୁ ପ୍ରଦର୍ଶିତ କରୁଛି ଯେଉଁଥିରେ ମୋବାଇଲ୍ ଆପ୍, ଗ୍ରାହକ ପୋର୍ଟାଲ୍ ଓ ହ୍ୱାଟସ୍‌ଆପ୍ ରହିଛି। କମ୍ପାନି ସହ ଜୀବନବୀମା ଯାତ୍ରାକୁ ସହଜ ଓ ନିରବଚ୍ଛିନ୍ନ ଭାବେ ପରିଚାଳନା କରିବାରେ ଗ୍ରାହକଙ୍କୁ ସଶକ୍ତ କରୁଛି। ଆଧୁନିକ ଆପ୍ ଜରିଆରେ ଗ୍ରାହକ ନିଜ ବୀମା ପଲିସିକୁ ଯେକୌଣସି ସମୟରେ ପରିଚାଳନା କରିପାରୁଛନ୍ତି। ଆପ୍‌ରେ ୟୁପିଆଇ ପେମେଣ୍ଟ ଓ କାର୍ଡ ଭେରିଫିକେସନ ଭାଲ୍ୟୁ ବିନା ପେମେଣ୍ଟ ସୁବିଧା ରହିଛି। ଚଳିତ ଆର୍ଥିକ ବର୍ଷରେ ଡିଜିଟାଲ୍ ପ୍ଲାଟଫର୍ମରେ କୌଣସି ବିଭ୍ରାଟ ଘଟିନାହିଁ: ଏବଂ ୧୦୦% ଅପଟାଇମ୍ ହାସଲ କରିଛି। ଗତ ୧୨ ମାସରେ ମାସିକ ସକ୍ରିୟ ଗ୍ରାହକରେ ଦୁଇଗୁଣା ବୃଦ୍ଧି ଘଟିଛି ଏବଂ ଦୈନିକ ଓ ମାସିକ ସକ୍ରିୟ ଗ୍ରାହକ ସଂପୃକ୍ତି ହାର ୧୧% ରହିଛି। ଏହାର ଡିଜିଟାଲ୍ କାରବାରରେ ପାଞ୍ଚ ଗୁଣା ବୃଦ୍ଧି ଘଟିଛି।

## ଆକ୍ଟିଭା ଇ ଓ କ୍ୟୁସି୧ ସହ ଇଲେକ୍ଟ୍ରିକ୍ ଯାନ କ୍ଷେତ୍ରରେ ପ୍ରବେଶ



ନୂଆଦିଲ୍ଲୀ: ହୋଣ୍ଡା ମୋଟରସାଇକଲ୍ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ଆକ୍ଟିଭା ଇ ଓ କ୍ୟୁସି୧ର ଉନ୍ମୋଚନ ସହ କମ୍ପାନି ଇଲେକ୍ଟ୍ରିକ୍ ଯାନ କ୍ଷେତ୍ରରେ ପ୍ରବେଶ କରିଛି। ଆକ୍ଟିଭା ବ୍ରାଣ୍ଡକୁ ସମ୍ପୂର୍ଣ୍ଣ ନୂଆ ଇଲେକ୍ଟ୍ରିକ୍ ଅବତାରରେ ଆଣିବା ଏବଂ କ୍ୟୁସିଆଇ୧ର ଉନ୍ମୋଚନ ଭାରତରେ ସ୍ଥାୟୀ ଗମନାଗମନ ପ୍ରତି ବ୍ରାଣ୍ଡ୍‌ର ରହିଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି। କର୍ଣ୍ଣାଟକର ବେଙ୍ଗାଲୁରୁରେ ଏହି ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଛି। ୨୦୨୫ ଜାନୁଆରି ୧ରୁ ଦୁଇ ଗାଡ଼ିର ବୁକିଂ ଆରମ୍ଭ ହେବ ଏବଂ ୨୦୨୫ ଫେବ୍ରୁଆରିରେ ଡେଲିଭରିର ଶୁଭାରମ୍ଭ କରାଯିବ। ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ସୁତ୍ସୁମୁ ଓଟାନି କହିଛନ୍ତି ଯେ, ଇଲେକ୍ଟ୍ରିକ୍ ଗମନାଗମନ କ୍ଷେତ୍ରରେ ଏଚ୍‌ଏମ୍‌ଏସ୍‌ଆଇପାଇଁ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ଆକ୍ଟିଭା ଇ ଏବଂ କ୍ୟୁସି୧ର ପ୍ରଚଳନ ଭାରତରେ ସ୍ଥାୟୀ ଗମନାଗମନପାଇଁ ଆମର ପ୍ରତିବଦ୍ଧତାର ଏକ ନିର୍ଣ୍ଣାୟକ ପଦକ୍ଷେପ। ୨୦୫୦ ସୁଦ୍ଧା କାର୍ବନ ନ୍ୟୁଟ୍ରାଲିଟିକୁ ସାକାର କରିବା ପାଇଁ ଏହା ହୋଣ୍ଡାର ବିଶ୍ୱସ୍ତରୀୟ ନ୍ତଟ୍ରିପଲ ଆକ୍ସନ ଟୁ ଜିରୋ' ପରିକଳ୍ପନା ଅନୁଯାୟୀ ତିନୋଟି କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଇଛି। ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ସେଲ୍ସ ଆଣ୍ଡ ମାର୍କେଟିଂ ନିର୍ଦ୍ଦେଶକ ଯୋଗେଶ ମାଥୁର କହିଛନ୍ତି ଯେ, ନ୍ତକେବଳ ଗୋଟିଏ ନୁହେଁ ବରଂ ଦୁଇଟି ନୂତନ ଇଲେକ୍ଟ୍ରିକ୍ ଯାନ ସହିତ ଭାରତୀୟ ଇଭି ବଜାରରେ ପ୍ରବେଶ କରି ଆମେ ଆନନ୍ଦିତ ଯାହା ସ୍ୱଚ୍ଛ ଗମନାଗମନ ସମାଧାନ ପ୍ରଦାନ କରି ସ୍ଥାୟିତ୍ୱ ହାସଲ କରିବା ଦିଗରେ ଆମର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ।

## ଭାରତରେ ବିମାନ ଯାତ୍ରାକୁ ନୂଆ ରୂପ ଦେଇଛି ଆକାସା ଏୟାର

ନୂଆଦିଲ୍ଲୀ: ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଏୟାରଲାଇନ୍ସ ଆକାସା ଏୟାର ଏହାର ଅନନ୍ୟ, ଶିଳ୍ପ-ପ୍ରଥମ ଅଫର ମାଧ୍ୟମରେ ବିମାନ ଚଳାଚଳ କ୍ଷେତ୍ରକୁ ନୂଆ ରୂପ ଦେଉଛି। ଆକାସା ଏୟାରର କର୍ମଚାରୀ ଅନୁକୂଳ ସଂସ୍କୃତି, ଗ୍ରାହକ ସେବା ଦର୍ଶନ ଏବଂ ବୈଷୟିକ ଜ୍ଞାନକୌଶଳ ଭିତିକ ଆଭିମୁଖ୍ୟ ଏହାକୁ ଲକ୍ଷ ଲକ୍ଷ ଗ୍ରାହକଙ୍କ ପସନ୍ଦର ଏୟାରଲାଇନରେ ପରିଣତ କରିଛି। ପ୍ରତ୍ୟେକ ବିମାନରେ ବୋଇଂ ସ୍କାଏ ଇଂଟେରିୟର ରହିଛି, ଯାହାକୁ ଆଧୁନିକ ସାଇଡୱାଲ୍, ୱିଣ୍ଡୋ ରିଭିଲ୍ ଏବଂ ଏଲଇଡି ଲାଇଟିଂ ଦ୍ୱାରା ଆଲୋକିତ କରାଯାଇଛି ଯାହା କ୍ୟାବିନ୍ ଅନୁଭୂତିକୁ ବଢ଼ାଇଥାଏ। ଥେକାବିନ୍ ଭିତରେ ଯାତ୍ରୀଙ୍କ ପାଇଁ ନରମ ସିଟ୍ କୁସନ୍ ଏବଂ ବିଶାଳ ଲେଗରୁମ ରହିଛି। ଏହାର ଅଧିକାଂଶ ବିମାନରେ ଉଡ଼ାଣ ଅବଧି ପାଇଁ ଡିଭାଇସ୍ ଚାର୍ଜ କରିବା ପାଇଁ ୟୁଏସବି ପୋର୍ଟ ମଧ୍ୟ ରହିଛି। ଏହା ସମ୍ପର୍କରେ ଆକାସା ଏୟାରର ସହ ପ୍ରତିଷ୍ଠାତା ତଥା ମୁଖ୍ୟ ମାର୍କେଟିଂ ଆଣ୍ଡ ଏକ୍ସପେରିଏନ୍ସ ଅଫିସର ବେଲସନ କୁଟିନୋ କହିଛନ୍ତି ଯେ, ଆକାସା ଏୟାରରେ ସର୍ଭିସ ଏକ୍ସଲେନ୍ସ ଏକ ପ୍ରମୁଖ ସଂସ୍କୃତି ସ୍ତମ୍ଭ ଏବଂ ଆମ ଡିଏନଏର ଏକ ଅଂଶ। ଦୁଇ ବର୍ଷ ପୂର୍ବେ, ଆମେ ଏକ ନିର୍ଭରଯୋଗ୍ୟ ଅଭିଜ୍ଞତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲୁ, ଏବଂ ଆମେ ଖୁସି ଯେ ଟିମ୍ ଆକାସା ଆମର ଉତ୍କୃଷ୍ଟ ଏବଂ ଦକ୍ଷ ଉଡ଼ାଣ ଅଭିଜ୍ଞତା ମାଧ୍ୟମରେ ପ୍ରତିଶ୍ରୁତି ପୂରଣ କରିଛି। ଅଗଷ୍ଟ ୨୦୨୨ରେ ଆରମ୍ଭ ହେବା ପରଠାରୁ ୧୩ ନିୟୁତରୁ ଅଧିକ ଯାତ୍ରୀଙ୍କୁ ସେବା ପ୍ରଦାନ କରି ଆକାସା ଏୟାରର ନିରନ୍ତର ଅନ-ଟାଇମ୍ ନେତୃତ୍ୱ ପରିଚାଳନା ଦକ୍ଷତା ଏବଂ ଅତ୍ୟନ୍ତ ସକାରାତ୍ମକ ଗ୍ରାହକ ମତାମତ ଏହାକୁ ଭାରତରେ ଏକ ପସନ୍ଦଯୋଗ୍ୟ ବିମାନ ସେବା ପ୍ରଦାନ କରିଛି।

# ଖେଳ ଖବର



ନୂଆଦିଲ୍ଲୀ: ବର୍ତ୍ତମାନ ପାକିସ୍ତାନରେ ଭୟଙ୍କର ରାଜନୀତିକ ହିଂସା ଦେଖିବାକୁ ମିଳିଛି। ଅନେକ ଲୋକ ପ୍ରାଣ ହରାଇଥିବା ବେଳେ ବିଭିନ୍ନ ସ୍ଥାନରେ ପୋଡ଼ା ଜଳା ହୋଇଛି। ଚାମ୍ପିୟନ୍ସ ଟ୍ରଫି ୨୦୨୫ ଆୟୋଜନରୁ ବଞ୍ଚିତ ହେବ ପାକିସ୍ତାନ। ଆଇସିସି ଚାମ୍ପିୟନ୍ସ ଟ୍ରଫିକୁ ପାକିସ୍ତାନ ବାହାରେ ଆୟୋଜନ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ଏଯାଏ ପାକିସ୍ତାନ ଚାମ୍ପିୟନ୍ସ ଟ୍ରଫିର ଆୟୋଜନ କରିବାକୁ ଗୋଡ଼ ଟେକି ବସିଥିଲା। ହେଲେ ପାକିସ୍ତାନକୁ ଝଟକା ଦେବା ମୁଡରେ ରହିଛି ଆଇସିସି। ବର୍ତ୍ତମାନ ପାକିସ୍ତାନରେ ଭୟଙ୍କର ରାଜନୀତିକ ହିଂସା ଦେଖିବାକୁ ମିଳିଛି। ଅନେକ ଲୋକ ପ୍ରାଣ ହରାଇଥିବା ବେଳେ ବିଭିନ୍ନ ସ୍ଥାନରେ ପୋଡ଼ା ଜଳା ହୋଇଛି। ସ୍ଥିତିକୁ ଦୃଷ୍ଟିରେ ପାକିସ୍ତାନରେ ଦିନିକିଆ ସିରିଜ ଖେଳୁଥିବା ଶ୍ରୀଲଙ୍କା ଏ ଟିମ ଅଧାରୁ ସ୍ୱଦେଶ ଫେରି ଆସିଛି। ୨୦୨୫ ଚାମ୍ପିୟନ୍ସ ଟ୍ରଫିର ମ୍ୟାଚ୍ ସୂଚୀ ପ୍ରସ୍ତୁତ କରିବା ପାଇଁ ଆଇସିସି ଖୁବଶୀଘ୍ର ବୈଠକ କରିବ। କିନ୍ତୁ ଏହାପୂର୍ବରୁ ପାକିସ୍ତାନରେ ଦେଖାଯାଇଥିବା ହିଂସା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି। ହିଂସାକୁ ଦୃଷ୍ଟିରେ ରଖି ଚାମ୍ପିୟନ୍ସ ଟ୍ରଫିରେ ଭାଗ ନେବାକୁ ଥିବା କିଛି ଦଳ ସୁରକ୍ଷା ବ୍ୟବସ୍ଥାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏଥିଯୋଗୁ ଆଇସିସି ଚାମ୍ପିୟନ୍ସ ଟ୍ରଫିକୁ ନେଇ ପିସିବି ଚାପରେ ରହିଛି। ଏବେ ପିସିବି ଚାମ୍ପିୟନ୍ସ ଟ୍ରଫି ପାଇଁ ହାଇବ୍ରିଡ ମଡେଲ ଆପଣାଇବାକୁ ବାଧ ହେବ। ନଚେତ ପୂରା ଟୁର୍ଣ୍ଣାମେଣ୍ଟ ପାକିସ୍ତାନ ବାହାରେ ହେବ ବୋଲି ଜଣାପଡ଼ିଛି। ୧୯୯୬ ପରଠାରୁ ପାକିସ୍ତାନ ଆଇସିସିର କୌଣସି ଇଭେଣ୍ଟ ଆୟୋଜନ କରିନାହିଁ। କିନ୍ତୁ ୨୦୨୫ରେ ଦେଶକୁ ଚାମ୍ପିୟନ୍ସ ଟ୍ରଫି ଆୟୋଜନର ହକ ମିଳିଥିଲା। ହେଲେ ଏବେ ଏହି ସୁଯୋଗ ମଧ୍ୟ ପାକିସ୍ତାନ ହାତରୁ ଖସି ଯିବାକୁ ବସିଛି। ପାକିସ୍ତାନର ରାଜଧାନୀ ଏବେ ହିଂସା ଯୋଗୁ ଲକଡାଉନ ହୋଇ ରହିଛି। ଜେଲରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ସମର୍ଥନ ଓ ପୋଲିସ୍ ମଧ୍ୟରେ ପ୍ରବଳ ସଂଘର୍ଷ ଘଟିଛି।



# ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉଦ୍‌ଯାପିତ

କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ଡିଏଭି ପବ୍ଲିକ ସ୍କୁଲର ଦୁଇଦିନ ଧରି ଚାଲିଥିବା ୩୪ତମ ବାର୍ଷିକ କ୍ରିଡା ମହୋତ୍ସବ ଗତକାଲି ଉଦଯାପିତ ହୋଇଯାଇଛି।ବିଦ୍ୟାଳୟର ଅଧକ୍ଷ ବ୍ରଜେନ୍ଦ୍ରନାଥ ସଭାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନାରେ ବୁଧବାର ଦିନ ଶେଷ ପର୍ଯ୍ୟାୟ କ୍ରୀଡା ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଇଡିବିଆଇ ବ୍ୟାଙ୍କର ଯୁଗ୍ମ ମହାପ୍ରବନ୍ଧକ ସ୍ମୃତିରଞ୍ଜନ ଜେନା,ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜଗନ୍ନାଥ ଦାସ ମଞ୍ଚ ଅଳଙ୍କୃତ କରିଥିଲେ।ସଭାର ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଏବଂ ମୁଖ୍ୟବକ୍ତା ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା।ଛାତ୍ରଛାତ୍ରୀ ଙ୍କ ଦ୍ୱାରା ପ୍ୟାରେଡ ପ୍ରଦର୍ଶନ ପୂର୍ବକ ସମ୍ମାନ ପ୍ରଦର୍ଶନ କରାଯାଇଥିଲା।ଏହାସହ ଛାତ୍ରଛାତ୍ରୀ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ।ମୁଖ୍ୟ ଅତିଥି ଏବଂ ବକ୍ତାଙ୍କ କରକମଳରେ କୃତିପ୍ରତିଯୋଗୀ ମାନଙ୍କୁ ପରୁସ୍କୃତ କରିବା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା।କ୍ରିଡା କେବଳ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ, ତାହାନୁହେଁ ବରଂ କ୍ରିଡା ଆମ ଶରୀର ଓ ମନ ଉପରେ ଗଭୀର ପ୍ରଭାବ ପକାଇଥାଏ ବୋଲି ଅତିଥି ମାନେ କହିଥିଲେ। ବିଦ୍ୟାଳୟର ଅଧକ୍ଷ କ୍ରିଡାର ଗୁରୁତ୍ୱ ସମ୍ବନ୍ଧରେ ଛାତ୍ରଛାତ୍ରୀ ମାନଙ୍କୁ ଉଦଯାପନୀ ଅଭିଭାଷଣରେ ଉଦବୋଧନ ଦେଇଥିଲେ କ୍ଷ କ୍ରୀଡା ଉତ୍ସବର ମୁଖ୍ୟ ଅତିଥି ତାଙ୍କର ବକ୍ତବ୍ୟରେ ଛାତ୍ରଛାତ୍ରୀ ଙ୍କ ମନୋବଳ ଦୃଢ କରିବା ପାଇଁ ପ୍ରେରଣା ଦେବା ସହିତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ପ୍ରତିଯୋଗିତା ମନୋଭାବକୁ ପ୍ରଶଂସା କରିଥିଲେ ।ଏହାସହ ମୁଖ୍ୟବକ୍ତା ସେମାନଙ୍କୁ ମାର୍ଗଦର୍ଶନ ଦେବା ସହିତ ଜୀବନରେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ।ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସମେତ ଅଧକ୍ଷ,ଶିକ୍ଷକ,ଶିକ୍ଷୟିତ୍ରୀ,କର୍ମଚାରୀଗଣ ଛାତ୍ରଛାତ୍ରୀ ଙ୍କୁ ଉତ୍ସାହିତ କରିଥିଲେ। ଉଦଯାପନୀ ଉତ୍ସବ ଶେଷରେ ଶିକ୍ଷୟିତ୍ରୀ ବୀଣାପାଣୀ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।




# ଟିମ ଇଣ୍ଡିଆକୁ ଫେରିବା ପାଇଁ ଶାମିଙ୍କ ଆଗରେ ବଡ଼ ସର୍ତ୍ତ ରଖିଲା ବିସିସିଆଇ



ନୂଆଦିଲ୍ଲୀ: ବର୍ଷେ ହେଲା ଆହତ ସମସ୍ୟା ଦେଇ ଗତି କରୁଥିବା ଶାମି ନିକଟରେ ପ୍ରତିଯୋଗିତା ମୂଳକ କ୍ରିକେଟକୁ ଫେରିଛନ୍ତି। ସେ ପ୍ରଥମେ ନେଟ୍ସରେ ଲମ୍ବା ଲମ୍ବା ସ୍ପେଲ କରିବା ପରେ ବେଙ୍ଗଲ ପାଇଁ ରଣଜୀ ମ୍ୟାଚ ଖେଳିଥିଲେ। ବର୍ଡର-ଗାଭାସ୍କର ଟ୍ରଫିରେ ସାମିଲ ହେବା ପାଇଁ ସ୍ପିଡଷ୍ଟାର ମହମ୍ମଦ ଶାମିଙ୍କ ଆଗରେ ବଡ଼ ସର୍ତ୍ତ ଓ ସମୟ ସୀମା ଧାର୍ଯ୍ୟ କରିଛି ବିସିସିଆଇ। ଚୟନକର୍ତ୍ତାଙ୍କୁ ମନେଇବା ଓ ପ୍ରଭାବିତ କରିବା ପାଇଁ ଶାମିଙ୍କ ପାଖରେ ଗୋଟିଏ ସପ୍ତାହରୁ କମ ସମୟ ରହିଛି। ବର୍ଷେ ହେଲା ଆହତ ସମସ୍ୟା ଦେଇ ଗତି କରୁଥିବା ଶାମି ନିକଟରେ ପ୍ରତିଯୋଗିତା ମୂଳକ କ୍ରିକେଟକୁ ଫେରିଛନ୍ତି। ସେ ପ୍ରଥମେ ନେଟ୍ସରେ ଲମ୍ବା ଲମ୍ବା ସ୍ପେଲ କରିବା ପରେ ବେଙ୍ଗଲ ପାଇଁ ରଣଜୀ ମ୍ୟାଚ୍ ଖେଳିଥିଲେ। ଏହି ସମୟରେ ତାଙ୍କ ଉପରେ ବିସିସିଆଇର ମେଡିକାଲ ଟିମ ନଜର ରଖିଥିଲା। ରଣଜୀ ଟ୍ରଫିର କମବ୍ୟାକ ମ୍ୟାଚ୍‌ରେ ଶାମି ସମସ୍ତଙ୍କୁ ପ୍ରଭାବିତ କରିଥିବା ବେଳେ ତାଙ୍କୁ ସୟିଦ ମୁସ୍ତାକ ଅଲୀ ଟ୍ରଫିରେ ମଧ୍ୟ ଦେଖିବାକୁ ମିଳିଛି। ସେ ଏଠାରେ ମଧ୍ୟ ଠିକଠାକ ପ୍ରଦର୍ଶନ କରିଛନ୍ତି। ତଥାପି ତାଙ୍କୁ ଆଉ କିଛି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବାକୁ କୁହାଯାଇଛି। ଭଲ ପ୍ରଦର୍ଶନ କରିବା ପରେ ମଧ୍ୟ ତାଙ୍କୁ ସିଧାସଳଖ ଟିମ ଇଣ୍ଡିଆ ପାଇଁ ଚୟନ କରାଯିବ ନାହିଁ। ଟିମ ଇଣ୍ଡିଆରେ ପ୍ରବେଶ କରିବାକୁ ହେଲେ ଶାମିଙ୍କୁ ତାଙ୍କ ଓଜନ ହ୍ରାସ କରିବାକୁ ପଡ଼ିବ। ଏଥିସହ ପୁଣିଥରେ ଫିଟନେସ ଟେଷ୍ଟ ଦେବାକୁ ପଡ଼ିବ। ସପ୍ତାହକୁ କମ ସମୟ ମଧ୍ୟରେ ଯଦି ଶାମି ଏହି ସର୍ତ୍ତକୁ ପୂରଣ କରିପାରିବେ, ତା'ହେଲେ ତାଙ୍କୁ ଟିମ ଇଣ୍ଡିଆରେ କମବ୍ୟାକ କରିବାକୁ ସୁଯୋଗ ମିଳିବ ବୋଲି ବିସିସିଆଇ ସର୍ତ୍ତ ରଖିଥିବା ଜଣାପଡ଼ିଛି। ବିସିସିଆଇର ଗୋଟିଏ ସୂତ୍ରରେ କୁହାଯାଇଛି ଯେ "ସବୁ କିଛି ବିସିସିଆଇର ମେଡିକାଲ ଟିମ ଉପରେ ନିର୍ଭର କରୁଛି। କାରଣ ଶାମିଙ୍କୁ ସେମାନେ ପ୍ରତିଟି ବୋଲିଂ ସ୍ପେଲ ପରେ ଚିକିତ୍ସା କରିଛନ୍ତି। ମେଡିକାଲ ଟିମ ଆଶା ରଖିଛି ଯେ ଶାମି ମ୍ୟାଚ୍ ଖେଳିବା ଦ୍ୱାରା ତାଙ୍କ ଓଜନ ହ୍ରାସ ପାଇବ। ଏହା ତାଙ୍କ ଧୈର୍ଯ୍ୟକୁ ମଧ୍ୟ ବୃଦ୍ଧି କରିବ। ଯେହେତୁ ରଣଜୀ ଟ୍ରଫିର ପ୍ରଥମ ପର୍ଯ୍ୟାୟ ଶେଷ ହୋଇସାରିଛି, ତେଣୁ ସବୁ କିଛି ସୟିଦ ମୁସ୍ତାକ ଅଲୀ ଟ୍ରଫିର ପ୍ରଥମ ରାଉଣ୍ଡ ମ୍ୟାଚଗୁଡ଼ିକ ଉପରେ ନିର୍ଭର କରୁଛି।" ରିପୋର୍ଟ ଅନୁସାରେ, ବିସିସିଆଇର ସ୍ପୋର୍ଟସ ସାଇନ୍ସ ମୁଖ୍ୟ ନୀତୀନ ପଟେଲ ଓ ଏନସିଏର ଟ୍ରେନର ନିଶାନ୍ତ ବୋରଡୋଲୋଇଙ୍କ ଶାମିଙ୍କ ଟ୍ରେନିଂ ଦାୟିତ୍ୱ ଦିଆଯାଇଛି। ସେ ବେଙ୍ଗଲ ଟିମରେ ରହିବା ବେଳେ ମଧ୍ୟ ଏହି ଦୁଇ ଜଣ ତାଙ୍କ ଟ୍ରେନିଂ ଦାୟିତ୍ୱ ନିର୍ବାହ କରିବେ। ତଥାପି ଟେଷ୍ଟ ମ୍ୟାଚ୍ ?ରେ ଶାମିଙ୍କ କମବ୍ୟାକ ସେତେଟା ସହଜ ହେବନି। ଭାରତୀୟ ଟିମ ଏବେ ଅଷ୍ଟ୍ରେଲିଆରେ ରହିଛି। ଆସନ୍ତା ୩୦ରୁ ଦଳ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଏକାଦଶ ବିପକ୍ଷରେ ପିଙ୍କ ବଲରେ ଦୁଇ ଦିନିଆ ଅଭ୍ୟାସ ମ୍ୟାଚ୍ ? ଖେଳିବ। ସେହିପରି ୬ ତାରିଖରୁ ଆଡିଲେଡରେ ଦିବାରାତ୍ର ଟେଷ୍ଟ ଆରମ୍ଭ ହେବ। ଏତେ କମ ସମୟରେ ଶାମି ଟେଷ୍ଟ କ୍ରିକେଟ ପାଇଁ ଆବଶ୍ୟକ ଫିଟନେସ ଦେବା ଭଳି ଲାଗୁ ନାହିଁ।


## झारखण्ड सरकार
## कार्यपालक अभियंता का कार्यालय
## ग्रामीण विकास विशेष प्रमण्डल, धनबाद

मोबाईल नं0 : 8789242462 Email : rdsd.dhanbad@rediffmail.com

पत्रांक:–963 धनबाद / दिनांक–28.11.2024

**अति अल्पकालीन निविदा आमंत्रण सूचना**

ई– निविदा सूचना संख्या – RWD/SD/DHANBAD-29/2024-25

1. कार्य की विस्तृत विवरणी :

| क्र0 सं0 | कार्य का नाम | प्राक्कलित राशि (लाख में) | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1. | धनबाद जिला के सिन्दरी प्रखण्ड अन्तर्गत गोशाला, टासरा घाट के पास दामोदर नदी पर पुल का निर्माण (पुल की लम्बाई :– 380.44 मी0) | 1318.45300 | परिमाण विपत्र की राशि 2% | 10000.00 | 24 महीना |

2. वेबसाइट में निविदा प्रकाशन की तिथि –09.12.2024
3. ई–निविदा प्राप्ति की तिथि एवं समय–दिनांक 09.12.2024 से दिनांक 17.12.2024 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमंडल, धनबाद।
5. ई–निविदा खोलने की तिथि एवं समय– 19.12.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– ई0 नरेन्द्र कुमार, कार्यपालक अभियंता, ग्रामीण विकास विशेष प्रमंडल, धनबाद।
7. ई–निविदा प्रकोष्ठ का दूरभाश सं० – 8789242462 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

(ई0 नरेन्द्र कुमार), कार्यपालक अभियंता
ग्रामीण विकास विशेष प्रमंडल, धनबाद

PR 340696 Rural Development(24-25)#D

## कार्यपालक अभियंता का कार्यालय
## पुनासी स्पीलवे प्रमंडल, पुनासी शिविर–देवघर

**ई0–निविदा आमंत्रण सूचना (2nd Call)**

ई–निविदा सूचना संख्या – WRD/PUNASI SPILLWAY DIVISION, PUNASI CAMP-DEOGHAR / SBD-IFB-01/ 2024-25 Dated:-28.11.2024

1.कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन / बीड सिक्यूरीटी की राशि (1%) | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | Construction of 200M Long High Level RCC Bridge with approach road across Punasi Spill Channel | Rs. 12,45,54,490.00 (Rupees Twelve crore forty five lakh fifty four thousand four hundred ninety only | रू0 12,45,600.00 | रू0 10,000.00 | 18 माह |

2. वेबसाइट में निविदा प्रकाशन की तिथि–02.12.2024
3. ई–निविदा प्राप्ति की तिथि एवं समय –दिनांक 02.12.2024 अपराहन् 2:00 बजे से दिनांक 24.12.2024 अपराहन् 5:00 बजे तक।
4. ई–निविदा खोलने का स्थान–ई0 प्रोक्योरमेंट सेल, मुख्य अभियंता कार्यालय, जल संसाधन विभाग, देवघर।
5. ई–निविदा खोलने की तिथि एवं समय – 26.12.2024 अपराह्न 3:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, पुनासी स्पीलवे प्रमंडल, पुनासी शिविर–देवघर।
7. ई–निविदा प्रकोष्ठ का दूरभाष सं०–7903571041 (संबंधित कार्यपालक अभियंता का दूरभाष नम्बर)
8. प्राक्कलन की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी।अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचनापट्ट पर देखा जा सकता है।

कार्यपालक अभियंता,
पुनासी स्पीलवे प्रमंडल पुनासी,शिविर–देवघर

PR 340638 Water Resource(24-25).D

## OFFICE OF THE EXECUTIVE ENGINEER, MINOR IRRIGATION DIVISION, SIMDEGA.

**Short e-Procurement Tender Notice**

Tender Reference No. WRD/MID/SIMDEGA/F2-07/2024-25

Date :- 25/12/2024

| | | | | |
|---|---|---|---|---|
| 1. | Name of the work:- Construction of Gariyajor Solar Powered L.I.Scheme Block- Kurdeg | Estimated Cost (Rs.) 1,05,31,000=00 | Earnest Money (Rs.) 2,10,700.00 | Cost of Tender Paper (Rs.) 10,000.00 |
| 2. | Time of Completion. | 335 days (11 Month) | | |
| 3. | Date of Publication of Tender on website | 04/12/2024 (2:00PM.) | | |
| 4. | Last date/Time for submission of Bids (online) | 19/12/2024 (up to 5:00 PM.) | | |
| 5. | Online submission of Tender Fee and EMD | e-Procurement Portal (http://jharkhandtenders.gov.in ) 19/12/2024 (up to 5:00 PM.) | | |
| 6. | Date of opening of e-tender | 21/12/2024 ( 02.00 PM) | | |
| 7. | Name & address of office Inviting tender | EXECUTIVE ENGINEER,MINOR IRRIGATION, DIVISION,SIMDEGA. | | |
| 8(a) (b) | Contact no. of Procurement officer E-mail of e-procurement Officer | 7004377291 midivsimdg@gmail.com | | |
| 9. | Helpline number of e-Procurement cell. | 0651-2491232 | | |

Note :-(1) Only e-Tenders will be accepted.
(2) Published Estimated Cost may be Increase or Decrease.

Further details can be seen on website http://jharkhandtenders.gov.in

Executive Engineer,
M.I.Division, Simdega.

PR 340545 Simdega(24-25)#D

## OFFICE OF THE EXECUTIVE ENGINEER PLANNING AND INVESTIGATION DIVISION ROAD CONSTRUCTION DEPARTMENT (RCD),RANCHI

NirupanBhawan, 3rdFloor,Room No. 401,56-Set,Doranda,Ranchi-834002

**e-Procurement ( Short Tender Notice )**

Letter of Invitation (LOI) No.-16/2024-25
2nd Call

e-Tender Ref No:–RCD/PID/RANCHI/16/2024-25 Date:-26.11.2024

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for widening & strengthening/ Reconstruction of Table line of Chakradharpur to Gopinathpur via Deogaon-Kendo-Itor-Bhaliyadih-Jenasai-Bodadoro road including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under West Singhbhum District in the State of Jharkhand.*Only Empanelled consultant with RCD under category-I vide letter No. 3063(S) WE Dated 22.08.2022are allowed to bid. |
| 2 | Tentative Length | 12 Km |
| 3 | Period of Completion of Work | 90 Days |
| 4 | Cost of Tender documents & Earnest Money Deposit | Cost of tender documents is Rs. 5000/(Non-Refundable) EMD:- The quotationers have to deposit a fixed amount of Rs 20000.00 (Twenty thousand only) as Earnest Money. **As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (http://jharkhandtenders.gov.in) by internet banking/NEFT/RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023.** |
| 5 | Mode of Bid Submission | e-tendering(https://jharkhandtenders.gov.in/) |
| 6 | Date/Time of Publication of Tender on Website | 29.11.2024,10:30 AM |
| 7 | Online Last Date/Time of Bid Submission | 12.12.2024, 17:00 PM |
| 8 | Date and Time of Bid opening | 13.12.2024, 17:30 PM |
| 9 | Bid validity | 120 days |
| 10 | Designation and Contact no. of Tender inviting Officer | Executive Engineer, Planning and Investigation Division, RCD, Ranchi, Mob No.-9471650883 |
| 11 | Advertisement no. | PR 337506 (Road)24-25#(D) |

Note:- Only e-Tender shall be accepted. Further details can be seen on e-procurement portal (https://jharkhandtenders.gov.in/).

Executive Engineer,
Planning & Investigation Division,
Road Construction Department, Ranchi.

PR 340607 (Road) 24-25 (D)

## JHARKHAND URBAN INFRASTRUCTURE DEVELOPMENT COMPANY LIMITED

(Govt. of Jharkhand Undertaking)
JUIDCO BHAWAN, KUTCHERY ROAD
RANCHI, JHARKHAND
Ph. No.: +91-651-2225878, e-mail Id-juidcolimited@gmail.com
CIN: U45200JH2013SGC001752

GOVERNMENT OF JHARKHAND
JHARKHAND MUNICIPAL DEVELOPMENT PROJECT
REQUEST FOR BID NO.: IN-JUIDCO LTD.-463409-CW-RFB
NATIONAL OPEN COMPETITIVE PROCUREMENT
(Two-Envelope Bidding Process with e-Procurement)

NIT No.: JUIDCO/NIT/Kapali/JMDP/2024/639 Date: 27/11/2024

| | | |
|---|---|---|
| Name of Work | : | Design, Build Drinking Water Supply System for Kapali Nagar Parishad with Operation and Maintenance of 60 months |
| Mode of Bid Submission | : | Online e-tendering (https://jharkhandtenders.gov.in) |
| Estimated value of Contract (CAPEX + OPEX excluding electricity charges) | : | Rs 61,41,40,760/- (Rs Sixty One Crore Forty One Lakh Forty Thousand Seven Hundred Sixty Only) |
| Tender Fees | : | Rs 25,000/- (Non- Refundanle) (Rs Twenty Five Thousand Only) |
| Bid Security | : | Rs 61,41,407/- (Rupees Sixty One Lakh Fourty One Thousand Four Hundred and Seven only) |
| Start of sale of Bid Document | : | 27/11/2024 from 17:00 Hrs |
| Time and date of pre-bid meeting | : | 03/12/2024 at 15:00 hrs |
| Last date and time for receipt of online bids | : | 26/12/2024 till 17:00 hrs |
| Time and Date of opening of bids – Technical Part | : | 26/12/2024 till 17:30 hrs |
| Address of the Employer | : | JUIDCO Ltd, JUIDCO Bhawan, Kutchery Chowk, Ranchi, Jharkhand 834 001 |
| Officer Inviting Bids | : | Project Director (Technical) Jharkhand Urban Infrastructure Development Company Limited, JUIDCO Bhawan, Kutchery Chowk, Ranchi, Jharkhand-834 001 Tel: 0651- 2243203/ 2225878 e-mail: juidcolimited@gmail.com, Website: www.jharkhandtenders.gov.in |

Note Only e-tenders will be accepted.
Further details are available on the Jharkhand Government e-procurement website http//:jharkhandtenders.gov.in

Sd/-
Project Director (Technical)
JUIDCO Ltd., Ranchi

PR 340563 Urban Development and Housing (24-25)_D

## झारखण्ड सरकार
## कार्यपालक अभियंता का कार्यालय
## ग्रामीण विकास विशेष प्रमण्डल, धनबाद

मोबाईल नं0 : 8789242462 Email : rdsd.dhanbad@rediffmail.com

पत्रांक:–965 धनबाद / दिनांक–28.11.2024

**अति अल्पकालीन निविदा आमंत्रण सूचना**

ई– निविदा सूचना संख्या – RWD/SD/DHANBAD-28/2024-25

1. कार्य की विस्तृत विवरणी :

| क्र0 सं० | कार्य का नाम | प्राक्कलित राशि (लाख में) | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1. | धनबाद जिला के झरिया प्रखण्ड अन्तर्गत भाटडीह–पासबाद जाने वाले सडक पर पुल निर्माण (पुल की लम्बाई :– 32.66 मी0) | 258.46500 | परिमाण विपत्र की राशि 2% | 10000.00 | 18 महीना |
| 2. | धनबाद जिला के झरिया प्रखण्ड अन्तर्गत कुजामा नदी से लोदना बाजार को जोडने वाली पथ स्थित जोडिया पर पुल निर्माण (पुल की लम्बाई :– 32.66 मी0) | 228.19300 | परिमाण विपत्र की राशि 2% | 10000.00 | 15 महीना |
| 3. | धनबाद जिला के झरिया प्रखण्ड अन्तर्गत सिमलाबहाल बस्ती से बी0एन0आर0 कुमार मंगलम स्टेडियम जाने वाली पथ स्थित मुर्रघाटी जोडिया पर पुल निर्माण (पुल की लम्बाई :– 39.37 मी0) | 242.01800 | परिमाण विपत्र की राशि 2% | 10000.00 | 15 महीना |

2. वेबसाइट में निविदा प्रकाशन की तिथि –09.12.2024
3. ई–निविदा प्राप्ति की तिथि एवं समय–दिनांक 09.12.2024 से दिनांक 17.12.2024 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमंडल, धनबाद।
5. ई–निविदा खोलने की तिथि एवं समय– 19.12.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– ई0 नरेन्द्र कुमार, कार्यपालक अभियंता, ग्रामीण विकास विशेष प्रमंडल, धनबाद।
7. ई–निविदा प्रकोष्ठ का दूरभाश सं० – 8789242462 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

(ई0 नरेन्द्र कुमार), कार्यपालक अभियंता
ग्रामीण विकास विशेष प्रमंडल, धनबाद

PR 340698 Rural Development(24-25)#D

## कार्यपालक अभियन्ता राष्ट्रीय ग्रामीण नियोजन कार्यक्रम गिरिडीह का कार्यालय

ई– अति अल्पकालीन निविदा आमंत्रण सूचना संख्या (तृतीय कॉल) :– NREP/GIRIDIH/19/2024-25

1. विज्ञापनदाता का नाम :– कार्यपालक अभियन्ता, राष्ट्रीय ग्रामीण नियोजन कार्यक्रम, गिरिडीह।
2. वेबसाईट पर ई–निविदा अपलोड करने की तिथि :– दिनांक 03.12.2024 (पूर्वाहन् 11:00 बजे से)
3. वेबसाईट पर ई–निविदा प्राप्त करने की अंतिम तिथि :– दिनांक 11.12.2024 (अपराहन् 5:00 बजे तक)
4. ई–निविदा खोलने का स्थान :– कार्यपालक अभियन्ता, एन0आर0ई0पी0, गिरिडीह का कार्यालय ।
5. ई–निविदा खोलने की तिथि:– दिनांक 13.12.2024 को 11.00 बजे पूर्वाहन से ।
6. ई–निविदा आंमत्रण करने वाले के पदनाम:– कार्यपालक अभियन्ता, राष्ट्रीय ग्रामीण नियोजन कार्यक्रम, गिरिडीह।
7. निविदा से संबंधित जानकारी हेतु मो0 नं0 :– 9570219504, 9431332643
8. निविदा शुल्क एवं अग्रधन की राशि केवल Online mode द्वारा स्वीकार्य होगी।
9. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही संबंधित संवेदक की होगी।

| क्र0 | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य समाप्ति की अवधि |
|---|---|---|---|---|---|---|
| 1. | 2. | 3. | 4. | 5. | 6. | 7. |
| 1 | बेंगाबाद | गिरिडीह जिलान्तर्गत बेंगाबाद प्रखण्ड स्थित खंडोली पर्यटक स्थल में आवश्यक जीर्णोद्धार एवं सौन्दर्यीकरण कार्य। | 1,86,00,000.00 | 3,72,000.00 | 10,000.00 | 12 माह |

पथ निर्माण विभाग, झारखण्ड, रॉंची के संकल्प सं0 2146(s) दिनांक 09.09.2020 के आलोक में सम्प्रति 10 प्रतिशत से नीचे के दर की निविदायें अनुमान्य होंगी। 10 (दस) प्रतिशत से न्यून निविदाओं के लिए Additional Preformance Security के क्रम में परिमाण विपत्र की राशि से –(i) 10 से 20 प्रतिशत Below तक की राशि का 20 प्रतिशत तथा (ii) 20 प्रतिशत से अधिक Below की राशि का 30 प्रतिशत अतिरिक्त जमानत राशि जमा करने का प्रावधान लागू होगा । निविदाओं का निष्पादन उपरोक्त वर्णित संकल्प के आधार पर होगा।

1. इस निविदा में अंकित योजना के लिए भवन निर्माण विभाग, झारखण्ड में पंजीकृत (नवीकृत) समुचित श्रेणी के संवेदकों के अतिरिक्त / केन्द्र सरकार / सैन्य अभियंत्रण सेवाएं के अंतर्गत निबंधित झारखण्ड सरकार के समकक्षीय निबंधन श्रेणी में निबंधित संवेदक निविदा में भाग ले सकते हैं ।

नोट:– केवल ई–निविदा स्वीकृत होगा। प्राक्कलित राशि घट / बढ़ सकती है। अन्य सूचनाऍ वेबसाईट http: www.jharkhandtenders.gov.in/ कार्यपालक अभियन्ता, राष्ट्रीय ग्रामीण नियोजन कार्यक्रम, गिरिडीह, कार्यालय के सूचना पट्ट पर देखा जा सकता है ।

कार्यपालक अभियन्ता,
राष्ट्रीय ग्रामीण नियोजन कार्यक्रम, गिरिडीह

PR 340600 NREP (24-25)_D

## कार्यपालक अभियंता का कार्यालय
## ग्रामीण कार्य विभाग, कार्य प्रमण्डल, रॉंची

**ई–निविदा आमंत्रण सूचना**

(PR 338371 REO(24-25)#D

पत्रांक:– दिनांक–

ई–निविदा संख्या:–20/2024-25/RWD /EE/RANCHI

| क्र0 सं0 | आईडेन्टी फिकेशन संख्या / पैकेज संख्या | प्रखण्ड | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की तिथि / अवधि | टेण्डर कॉल नं0 |
|---|---|---|---|---|---|---|---|
| 1 | RWD/RANCHI / 60/2024-25 | नगड़ी | ग्राम चिपरा झाबुटोली में बालचन्द महतो के घर से राकेश तिवारी के घर तक पथ एवं नाली निर्माण कार्य। (लं0–1.070 कि0मी0)। | 1,38,05,700.00 | एक करोड़ अड़तीस लाख पाँच हजार सात सौ रूपये मात्र। | 9 माह | प्रथम |
| 2 | RWD/RANCHI / 61/2024-25 | रातू | रिंग रोड से पंचायत फुटकलटोली ग्राम शिव नगर के विभिन्न गलियों का पथ निर्माण कार्य (लं0–1.010 कि0मी0)। | 1,21,76,800.00 | एक करोड़ एक्कीस लाख छिहत्तर हजार आठ सौ रूपये मात्र। | 9 माह | प्रथम |
| 3 | RWD/RANCHI / 62/2024-25 | रातू | पंचायत सुण्डील उत्तम नगर बाघमारा के विभिन्न गलियों का पथ निर्माण कार्य (लं0– 1.105 कि0मी0) | 1,39,44,100.00 | एक करोड़ उनचालीस लाख चौवालीस हजार एक सौ रूपये मात्र। | 9 माह | प्रथम |
| 4 | RWD/RANCHI / 63/2024-25 | नगड़ी | ग्राम जाजपुर निर्मल दीप के घर से जाजपुर आर0ई0ओ0 रोड तक विभिन्न गलियों का पथ निर्माण कार्य (लं0–1. 340 कि0मी0) | 1,42,75,500.00 | एक करोड़ बेयालीस लाख पचहत्तर हजार पाँच सौ रूपये मात्र। | 9 माह | प्रथम |
| 5 | RWD/RANCHI / 64/2024-25 | रातू | ग्राम पिर्रा शिव नगर में रोड नं0–09 एवं रोड नं0–12 में पथ निर्माण कार्य (लं0–2.500 कि0मी0) | 2,49,81,100.00 | दो करोड़ उनचास लाख एक्यासी हजार एक सौ रूपये मात्र | 12 माह | प्रथम |
| 6 | RWD/RANCHI / 65/2024-25 | नगड़ी | पुन्दाग टी0ओ0पी0 के पीछे पी0डब्लू0डी0 रोड से श्री राम नगर के विभिन्न गलियों का पथ निर्माण कार्य (लं0–1.530 कि0मी0) | 1,60,23,700.00 | एक करोड़ साठ लाख तेईस हजार सात सौ रूपये मात्र। | 9 माह | प्रथम |
| 7 | RWD/RANCHI / 66/2024-25 | रातू | पंचायत सुण्डील ग्राम धनईसोसो में बाघमारा टोंगरी से मिशन तोपा तक विभिन्न गलियों का पथ निर्माण कार्य (लं0–2.150 कि0मी0) | 2,20,42,600.00 | दो करोड़ बीस लाख बेयालीस हजार छः सौ रूपये मात्र। | 12 माह | प्रथम |
| 8 | RWD/RANCHI / 67/2024-25 | रातू | तिगरा टिकराटोली हनुमान मंदिर बी0टी0 रोड से कमावन फुटकल पुल भाया मुण्डा मसना तक पथ निर्माण कार्य (लं0–1.240 कि0मी0) | 1,43,62,200.00 | एक करोड़ तैंतालीस लाख बारसठ हजार दो सौ रूपये मात्र | 9 माह | प्रथम |
| 9 | RWD/RANCHI / 68/2024-25 | रातू | पंचायत पुरियो में मलमाण्डू चौक से गुटुवा चौक तक पथ निर्माण कार्य (लं0–1.220 कि0मी0) | 1,12,26,900.00 | एक करोड़ बारह लाख छब्बीस हजार नौ सौ रूपये मात्र। | 9 माह | प्रथम |

1. वेबसाईट में निविदा प्रकाशन की तिथि:–**28.11.2024**
2. ई–निविदा प्राप्ति की अंतिम तिथि एवं समय:–**18.12.2024** अपराह्न 5.00 बजे तक।
3. निविदा खोलने की तिथि एवं समय:–**20.12.2024** अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, राँची।
5. ई–निविदा प्रकोष्ठ का दूरभाष सं0– 0651–2360137

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग
कार्य प्रमण्डल, राँची

PR 340597 (Rural Work Department) 24-25 (D)

## कार्यपालक अभियंता का कार्यालय,
## ग्रामीण विकास विशेष प्रमंडल, जमशेदपुर

**अति अल्पकालीन ई0–निविदा आमंत्रण सूचना**

अति अल्पकालीन ई0–निविदा सूचना संख्या– **E-RDSD/JSR/13/2024-25**

1. कार्य की विस्तृत विवरणी :

| क्र0 सं0 | कार्य का नाम | प्राक्कलित राशि (रू0) | अग्रधन की राशि (रू0) | परिमाण विपत्र का मूल्य (रू0) | कार्य पूर्ण करने की अवधि |
|---|---|---|---|---|---|
| 1 | पूर्वी सिंहभूम जिला (जमशेदपुर) के बहरागोड़ा प्रखण्ड के अंतर्गत मुटुरखाम पंचायत के सिरबोई एवं मुटुरखाम के बीच नाला में पुलिया निर्माण। | 4,18,31,200.00 | 8,37,000.00 | 10,000.00 | 18 माह |
| 2 | पूर्वी सिंहभूम (जमशेदपुर) जिला के जमशेदपुर प्रखण्ड अंतर्गत दलदली में बारहडीह, कोड़िया एवं घुटिया बॉर्डर में सात घोरा नदी पर पुल निर्माण। | 1,88,05,200.00 | 3,77,000.00 | 10,000.00 | 15 माह |
| 3 | पूर्वी सिंहभूम (जमशेदपुर) जिला के बहरागोड़ा प्रखण्ड अंतर्गत जाझबनी से ज्योतिपहाड़ी के बीच पुलिया निर्माण। | 2,46,24,500.00 | 4,93,000.00 | 10,000.00 | 15 माह |
| 4 | पूर्वी सिंहभूम (जमशेदपुर) जिला के चाकुलिया प्रखण्ड के सिमदी पंचायत के कुशमाटी में कुपन नाला पर पुल निर्माण। | 2,16,48,400.00 | 4,33,000.00 | 10,000.00 | 15 माह |
| 5 | पूर्वी सिंहभूम जिला के धालभूमगढ़ प्रखण्ड अंतर्गत रावताड़ा पंचायत के मौजा हाथीबारी में हाथीबारी नाला पर उच्चस्तरीय पुल निर्माण। | 2,31,43,500.00 | 4,63,000.00 | 10,000.00 | 15 माह |
| 6 | पूर्वी सिंहभूम (जमशेदपुर) जिला के जमशेदपुर प्रखण्ड अंतर्गत पंचायत हूरलुंग के ग्राम नूतनडीह से गरूड़बासा के बीच पुल का निर्माण। | 1,58,57,500.00 | 3,18,000.00 | 10,000.00 | 15 माह |

2. वेबसाइट में निविदा प्रकाशन की तिथि – 05.12.2024
3. ई–निविदा प्राप्ति की तिथि एवं समय – दिनांक 05.12.2024 से दिनांक 12.12.2024 को अपराह्न 05:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेश प्रमंडल, जमशेदपुर।
5. ई–निविदा खोलने की तिथि एवं समय – 14.12.2024 अपराह्न 02:00 बजे।
6. ई–निविदा आमंत्रित करने वाले पदाधिकारी का नाम एवं पता:–कार्यपालक अभियंता, ग्रामीण विकास विशेश प्रमंडल, जमशेदपुर।
7. ई–निविदा प्रकोष्ठ का दूरभाष सं0 – 09431990319
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

विश्वासभाजन
कार्यपालक अभियंता
ग्रामीण विकास विशेष प्रमंडल, जमशेदपुर।

PR.NO.340689 Rural Development(24-25):D



ବର୍ତ୍ତମାନ ସମୟରେ ଅଧିକାଂଶ ଲୋକେ ଅନିଦ୍ରା ଜନିତ ସମସ୍ୟା କାରଣରୁ ଚିନ୍ତିତ। ଉତ୍ତମ ନିଦ ପାଇଁ କେଉଁ ଖାଦ୍ୟ ସେବନ କରିବା ଉଚିତ୍ ତାହା ମଧ୍ୟ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିଦ ଶରୀର ପାଇଁ ଖୁବ୍ ଜରୁରୀ। ନଚେତ୍ ଶରୀରରେ ଅନେକ ମାରାତ୍ମକ ରୋଗର କାରଣ ପାଲଟିଥାଏ ଅନିଦ୍ରା। ସଠିକ୍ ଭାବେ କାର୍ଯ୍ୟ କରିବା ପାଇଁ ସଠିକ୍ ମାତ୍ରାରେ ଶୋଇବା ନିତାନ୍ତ ଜରୁରୀ। ଜାଣନ୍ତୁ ଏଭଳି କିଛି ଖାଦ୍ୟ ବିଷୟରେ ଯାହାର ସେବନ କରିବା ଦ୍ୱାରା ଉତ୍ତମ ନିଦ ହୋଇଥାଏ। କ୍ଷୀରରେ ଥିବା ପୋଷକ ତତ୍ତ୍ୱ ଉତ୍ତମ ନିଦରେ ସହାୟକ ହୋଇଥାଏ। ଶୋଇବା ପୂର୍ବରୁ ଉଷୁମ କ୍ଷୀର ପିଇବା ଦ୍ୱାରା ଶାନ୍ତି ଓ ଆରାମଦାୟକ ନିଦ ପାଇଁ ଖୁବ ଜରୁରୀ। ଖଜୁରୀରେ ମେଲଟୋନିନ ରହିଥାଏ। ଏହା ଭଲ ନିଦ ହେବା ପାଇଁ ଆବଶ୍ୟକୀୟ ହରମୋନ ସୃଷ୍ଟି କରିଥାଏ। ଫଳରେ ଉତ୍ତମ ନିଦ ହୋଇଥାଏ। ବାଦମ - ବାଦାମରେ ମେଗ୍ନେସିୟମ ରହିଛି। ଯାହା ଶାନ୍ତି ନିଦ ପ୍ରଦାନ କରିବାରେ ସହାୟକ ହୋଇଥାଏ। ନିୟମିତ ବାଦାମ ବତୁରାଇ ଏହାର ସେବନ କରି ପାରିବେ। ଉତ୍ତମ ନିଦ ପାଇଁ ମଖାନାର ସେବନ କରି ପାରିବେ। କଦଳୀ - କଦଳୀରେ ମେଗ୍ନେସିୟମ ଓ ପୋଟାସିୟମ ରହିଛି। ଯାହା ଉତ୍ତମ ନିଦ ହେବାରେ ସହାୟକ ହୋଇଥାଏ। କଦଳୀ ଭୋକକୁ ମଧ୍ୟ ନିୟନ୍ତ୍ରଣ କରିଥାଏ। କଦଳୀ ଖାଇବା ଦ୍ୱାରା ଅଧିକ ସମୟ ଯାଏଁ ପେଟ ଭର୍ତ୍ତି ହେବା ଭଳି ରହିଥାଏ। କଦଳୀରେ ପ୍ରଚୁର ମାତ୍ରାରେ ମେଗ୍ନେସିୟମ ମିଳିଥାଏ। ଏହା ମସ୍ତିଷ୍କ ଓ ମନକୁ ଶାନ୍ତ ଓ ଖୁସି ରଖିବାରେ ସହାୟକ ହୋଇଥାଏ।



# ଶୀତଦିନେ ଗାଧୋଉନଥିଲେ ଜାଣିନିଅନ୍ତୁ...

*ଶୀତ ଦିନ ଆସିବା ମାତ୍ରେ କିଛି ଲୋକ ଗାଧୋଇବାକୁ ଅନିଚ୍ଛା ପ୍ରକାଶ କରନ୍ତି । ଏହା ଉପରେ ଲୋକମାନେ ବିଶ୍ୱାସ କରନ୍ତି ଯେ ବୋଧହୁଏ ପାଣି ଥଣ୍ଡା, ସେଥିପାଇଁ ଲୋକମାନେ ଗାଧୋଇବା ଠାରୁ ଦୂରେଇ ରୁହନ୍ତି । ଗାଧୋଇବା ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ବିବେଚନା କରାଯାଏ, କାରଣ ଏହା ଶରୀରର ପରିଷ୍କାରତା ସହ ମନକୁ ଶାନ୍ତ ରଖିଥାଏ ।*

ଶରୀରକୁ ସଫା ଏବଂ ସତେଜ ରଖିବା ପାଇଁ ଆମେ ସ୍ନାନ କରିଥାଉ । ତେଣୁ, ଯଦି ଆମେ ଶୀତଦିନେ ଗାଧୋଇବା ନାହିଁ, ତେବେ ଆମେ ଶୀଘ୍ର ରୋଗର ଶିକାର ହୋଇଯିବା । ଆପଣ ଜାଣନ୍ତି କି ଶୀତଦିନେ ଗାଧୋଇବା ଜଳ ସମ୍ବନ୍ଧୀୟ ରୋଗ ନୁହେଁ, କିନ୍ତୁ ଏକ ମାନସିକ ସ୍ଥିତି ଯେଉଁଥିରେ ଆମେ ଗାଧୋଇବା ଠାରୁ ଦୂରେଇ ଯାଆନ୍ତି । ଏହା ଏକ ପ୍ରକାର ଫୋବିୟା ଯାହାକୁ ଏବ୍ଲୁଟୋଫୋବିୟା କୁହାଯାଏ । ଏହି ଫୋବିୟା ବିଷୟରେ ଆସନ୍ତୁ ଜାଣିବା ।

## ଶୀତଦିନେ ଗାଧୋଇବାକୁ କାହିଁକି ଭୟ ଲାଗିଥାଏ ?

ଅବଶ୍ୟ, ବେଳେବେଳେ ଏହା ସ୍ୱାଭାବିକ ହୋଇପାରେ, କିନ୍ତୁ ଯେଉଁ ଲୋକମାନେ କେବଳ ଗାଧୋଇବା ଦ୍ୱାରା ଭୟ କିମ୍ବା ଚିନ୍ତା ଅନୁଭବ କରନ୍ତି ସେମାନେ ମାନସିକ ସ୍ତରରେ ଅସୁସ୍ଥ ଅଟନ୍ତି । ସେମାନେ ଏହି ମନୋଭାବ ଏବଂ ସଙ୍କେତକୁ ଅଣଦେଖା କରିବା ଉଚିତ୍ ନୁହେଁ, କାରଣ ଶୀତଦିନେ କିମ୍ବା ଅନ୍ୟ କୌଣସି ଋତୁରେ ନ ଗାଧୋଇବା ଆପଣଙ୍କ ଶରୀର ସଂକ୍ରମଣ ଏବଂ ଜୀବାଣୁ ସଂସ୍ପର୍ଶରେ ଆସିପାରେ, ଯାହା ଆପଣଙ୍କୁ ଅସୁସ୍ଥ କରିପାରେ ।

## ଏବ୍ଲୁଟୋଫୋବିୟା କ'ଣ ?

ଏବ୍ଲୁଟୋଫୋବିୟା ହେଉଛି ଏକ ମାନସିକ ରୋଗ ଯେଉଁଥିରେ ଜଣେ ବ୍ୟକ୍ତି ସ୍ୱଚ୍ଛତା, ଗାଧୋଇବା କିମ୍ବା ପାଣିରେ ଅତ୍ୟଧିକ ଭୟ କିମ୍ବା ଘୃଣା ଅନୁଭବ କରେ । ଏହା ଏକ ପ୍ରକାର ଫୋବିୟା, ଯାହାକି ଗୋଟିଏ ଜିନିଷ କିମ୍ବା ପରିସ୍ଥିତିର ଅସ୍ୱାଭାବିକ ଭୟ ଦେଖାଏ । ଏହି ଫୋବିୟା ହେତୁ ଲୋକମାନେ ନିଜ ଶରୀର ସଫା କରିବା କିମ୍ବା ଗାଧୋଇବା ସମୟରେ ମାନସିକ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ଏହିପରି ଲୋକମାନେ ଏହାକୁ ଏଡାଇବା କିମ୍ବା ଏଡାଇବା ପାଇଁ ବିଭିନ୍ନ ପ୍ରୟାସ କରନ୍ତି ।

## ଏବ୍ଲୁଟୋଫୋବିୟାର ଲକ୍ଷଣ-

ଅପରିଷ୍କାର ଭିତରେରେ ରହିବାକୁ ପସନ୍ଦ କରନ୍ତି
ଗାଧୋଇବା ଠାରୁ ଦୂରରେ ରୁହନ୍ତୁ
ଦୀର୍ଘ ସମୟ ଧରି ପରିଷ୍କାର ଓ ସ୍ୱଚ୍ଛତା ଠାରୁ ଦୂରରେ ରହିବାର ଅଭ୍ୟାସ
ପରିଷ୍କାର ପରିଚ୍ଛନ୍ନତା ଜାଣିବା ପରେ ମଧ୍ୟ ସ୍ନାନ କରନ୍ତି ନାହିଁ
ଜଳ ଦେଖିବା ପରେ ଦ୍ରୁତଗତିରେ ହୃଦସ୍ପନ୍ଦନ କିମ୍ବା ଝାଳ ବୋହିବା

## ଏବ୍ଲୁଟୋଫୋବିୟାର କାରଣ-

ପିଲାଦିନର କିଛି ଖରାପ ଅନୁଭୂତି: ପ୍ରାୟତଃ ଏକ ଖରାପ ସ୍ନାନ ଅଭିଜ୍ଞତା ପିଲାଦିନର କିଛି ଲୋକଙ୍କ ସହିତ ଜଡିତ ହୋଇଥାଏ, ଯାହା ବଡ ହେବା ପରେ ମଧ୍ୟ କଷ୍ଟ ଦେଇପାରେ ।
ଉଦାସୀନତା, ଚିନ୍ତା, ଚାପ କିମ୍ବା ଓସିଡିରେ ପୀଡିତ ବ୍ୟକ୍ତିମାନେ ମଧ୍ୟ ଗାଧୋଇବାର ଏହି ସମସ୍ୟା ପାଇପାରନ୍ତି ।
କିଛି ଲୋକ ପିଲାଦିନରୁ ଏପରି ପରିବେଶ ପାଆନ୍ତି, ଯେଉଁଥିରେ ସେମାନେ ସ୍ୱଚ୍ଛତା ଠାରୁ ଦୂରେଇ ରୁହନ୍ତି କିମ୍ବା ନିଜକୁ ପରିଷ୍କାର ନହେବା ଭଳି ଅଭ୍ୟାସ ଗ୍ରହଣ କରନ୍ତି

## ଏହି ରୋଗର ଚିକିତ୍ସା କ'ଣ ?


ଏହି ସ୍ନାନ ଫୋବିଆରୁ ମୁକ୍ତି ପାଇବା ପାଇଁ ଡାକ୍ତରୀ ପରାମର୍ଶ ନିଆଯାଏ । ଏଥିରେ ଥେରାପି, ପରାମର୍ଶ, ଜୀବନଶୈଳୀରେ ପରିବର୍ତ୍ତନ, ଧ୍ୟାନ ଏବଂ ଯୋଗ କରିବାକୁ ମଧ୍ୟ କୁହାଯାଏ ।

# ଐଶ୍ୱର୍ଯ୍ୟାଙ୍କ ନାମରୁ ହଟିଲା 'ବଚ୍ଚନ' ସାଙ୍ଗିଆ



ନିକଟରେ ଦୁନିଆର ବହୁ ପ୍ରସିଦ୍ଧ ମହିଳା ସେଲିବ୍ରିଟିଙ୍କ ସହ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଦୁବାଇରେ ଆୟୋଜିତ ଗ୍ଲୋବାଲ ମହିଳା ଫୋରମ ୨୦୨୪ରେ ସାମିଲ୍ ହୋଇଥିଲେ। ୨ଦିନ ଧରି ଚାଲିଥିବା ଦୁବାଇରେ ଏହି ଇଭେଣ୍ଟରୁ ଐଶ୍ୱର୍ଯ୍ୟାଙ୍କର ଅନେକ ଫଟୋ ଏବଂ ଭିଡିଓ ଭାଇରାଲ ହେଉଛି। କିନ୍ତୁ ଏହି ସମସ୍ତ ଭିଡିଓ ମଧ୍ୟରେ ଗୋଟିଏ ଭିଡିଓ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ସେହି ଭିଡିଓ ହେଉଛି ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ପରିଚୟ ବା ଇଣ୍ଟ୍ରୋଡକଶନ୍ ପ୍ରଦାନ କରୁଥିବା ଭିଡିଓ। ଏହି ଭିଡିଓରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ବଦଳରେ ଏହି କେବଳ ଅନ୍ତର୍ଜାତୀୟ ତାରକା ଐଶ୍ୱର୍ଯ୍ୟା ରାୟ ଲେଖାଯାଇଛି। ଏହି ଭିଡିଓ ଏହି ସମୟରେ ଭାଇରାଲ ହୋଇଛି ଯେତେବେଳେ ଐଶ୍ୱ-ଅଭିଙ୍କର ଛାଡପତ୍ର ଚର୍ଚ୍ଚା ଜୋର ଧରିଛି। ଐଶ୍ୱଙ୍କ ସରନେମ୍ ହଟାଇବା ଘଟଣାକୁ ନେଇ ସମସ୍ତେ ତାଜୁବ ହୋଇଯାଇଛନ୍ତି। କହିରଖୁଛୁ କି, ୧୭ ବର୍ଷ ପୂର୍ବେ ଅଭିଷେକ ବଚ୍ଚନଙ୍କୁ ବିବାହ କରିବା ପରେ ଐଶ୍ୱର୍ଯ୍ୟା ରାୟ ଅଭିଷେକଙ୍କ ସରନେମ୍, ତାଙ୍କ ନାମରେ ଯୋଡିଥିଲେ। ଏବଂ ସେବେଠାରୁ ସେ ସାରା ବିଶ୍ୱରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଭାବେ ପରିଚିତ ହୋଇଥିଲେ। ଏପରିକି ସୋସିଆଲ ମିଡିଆ ଆକାଉଣ୍ଟରେ ଐଶ୍ୱର୍ଯ୍ୟା ତାଙ୍କ ନାମ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଲେଖିଛନ୍ତି। ଏହି କାରଣରୁ ଦୁବାଇରୁ ଏହି ଭିଡିଓରେ 'ବଚ୍ଚନ' ନାମ ହଟାଇବା ସମସ୍ତଙ୍କୁ ଚକିତ କରିଛି। ଏବେ ଏହା କେବଳ ଏକ ଭୁଲ ଥିଲା କି ଏକ ସୁଚିନ୍ତିତ ନିଷ୍ପତ୍ତି ଏପର୍ଯ୍ୟନ୍ତ ଜଣାପଡିନାହିଁ। ଗତ କିଛି ମାସ ଧରି ଐଶ୍ୱ ଏବଂ ଅଭିଷେକ ବଚ୍ଚନଙ୍କ ସମ୍ପର୍କକୁ ନେଇ ଅନେକ ଖବର ଭାଇରାଲ ହେବାରେ ଲାଗିଛି। ଅନେକ ଗଣମାଧ୍ୟମ ରିପୋର୍ଟରେ କୁହାଯାଉଛି ଯେ ସେମାନଙ୍କ ମଧ୍ୟରେ କିଛି ବି ଠିକ୍ ନାହିଁ। ଆଉ ଏହି ସମ୍ପର୍କ ଛାଡପତ୍ରରେ ପହଞ୍ଚିଛି। ଯଦିଓ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଖବରକୁ ବଚ୍ଚନ ପରିବାର ଅଣଦେଖା କରିଛନ୍ତି।

# ସିଦ୍ଧାର୍ଥଙ୍କ ସହ ଦ୍ୱିତୀୟ ଥର ବିବାହ କଲେ ଅଦିତ



ବର୍ତ୍ତମାନ ବିବାହ ସିଜିନ ଚାଲିଛି। ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ତାରକାମାନେ ହାତକୁ ଦି ହାତ ହେଉଛନ୍ତି । ଏହାରି ଭିତରେ ହୀରାମଣ୍ଡିର ବିବୋଜାନ୍ ଅଦିତି ରାଓ ହାଇଦରୀ ପୁଣି ଥରେ ସିଦ୍ଧାର୍ଥଙ୍କୁ ବିବାହ କରିଛନ୍ତି । ତାହା ପୁଣି ରାଜସ୍ଥାନୀର ରାଜକୀୟ ଲୁକ୍‌ରେ। କହିବାକୁ ଗଲେ ଯେ ଅଦିତି ଏବଂ ସିଦ୍ଧାର୍ଥ ଚଳିତ ବର୍ଷ ସେପଟ୍ମେର ୧୬ରେ ୱାନାପାର୍ଥିର ଏକ ମନ୍ଦିରରେ ବିବାହ କରିଥିଲେ। ସେମାନଙ୍କର ବିବାହ ଫଟୋ ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଥିଲା। ଏଥର ଏହି ଦମ୍ପତି ରାଜସ୍ଥାନର ଅଲିଲା ଦୁର୍ଗରେ ବିବାହ କରିଥିଲେ। ଦ୍ୱିତୀୟ ଥର ପାଇଁ ଅଦିତି ଏବଂ ସିଦ୍ଧାର୍ଥ ନିଜ ସୋସିଆଲ ମିଡିଆରେ ବିବାହ ଫଟୋ ସେୟାର କରିଥିଲେ। ଦୁହେଁ ବହୁତ ଖୁସି ଏବଂ ସୁନ୍ଦର ଦେଖାଯାଉଥିଲେ । ଫଟୋରେ ଅଦିତି ପାରାମ୍ପାରିକ ତେଲେଙ୍ଗାନା ବିବାହରେ ଚନ୍ଦ୍ରର ମେହେନ୍ଦୀ ଦେଖିବାକୁ ମିଳିଥିଲା। ଯାହା ସେ ତାଙ୍କର ପ୍ରଥମ ବିବାହରେ ମଧ୍ୟ କରିଥିଲେ । ତାଙ୍କର ଦ୍ୱିତୀୟ ବିବାହ ଲୁକ୍ ବିଷୟରେ କହିବାକୁ ଗଲେ ଅଦିତି ଟ୍ରାଡିସନାଲ ଲାଲ୍ ଲେହେଙ୍ଗାରେ ବହୁତ ସୁନ୍ଦର ଦେଖାଯାଉଛନ୍ତି । ଏହା ସହିତ ସେ ପାରମ୍ପାରିକ ଅଳଙ୍କାର ମଧ୍ୟ ପିନ୍ଧିଥିଲେ। ସିଦ୍ଧାର୍ଥ ଧଳା ରଙ୍ଗର ଶେରୱାନି ଏବଂ ମୋତି ହାର ପିନ୍ଧିଥିଲେ । ଯେଉଁଥିରେ ସେ ବହୁତ ସୁନ୍ଦର ଦେଖାଯାଉଥିଲେ । ଫଟୋ ସେୟାର କରିବାବେଳେ ଅଭିନେତ୍ରୀ କ୍ୟାପସନ୍ ଲେଖିଛନ୍ତି, 'ଯଦି ଜୀବନରେ ଗୋଟିଏ ସୁନ୍ଦର ଜିନିଷ ଥାଏ, ତେବେ ଏହା ପରସ୍ପରର ସହିତ। ଅଦିତି ପୋଷ୍ଟ କରିବାର କିଛି ସମୟ ପରେ, ତାଙ୍କ ପ୍ରଶଂସକମାନେ ଶୁଭେଚ୍ଛା ସହିତ ଖୁବ୍ କମେଣ୍ଟ କରିଥିଲେ । ଜଣେ ପ୍ରଶଂସକ ଲେଖିଛନ୍ତି, 'ଆଜି ମୁଁ ଇଣ୍ଟରନେଟରେ ସବୁଠାରୁ ସୁନ୍ଦର ଜିନିଷ ଦେଖିଲି', ଆଉ ଜଣେ ଲେଖିଥିଲେ- 'ମୁଁ ତାଙ୍କର ସୁନ୍ଦର ଫଟୋ ଅପେକ୍ଷା କରିଥିଲି।' ଏହି ଦମ୍ପତି ପ୍ରଥମେ ଦକ୍ଷିଣ ଭାରତୀୟ ପାରମ୍ପାରିକ ରୀତିନୀତିରେ ବିବାହ କରିଥିଲେ। ଫଟୋ ସେୟାର କରିବା ବେଳେ ସେ ଲେଖିଥିଲେ, 'ତୁମେ ମୋର ସୂର୍ଯ୍ୟ, ମୋର ଚନ୍ଦ୍ର ଏବଂ ମୋର ସମସ୍ତ ତାରକା ... ଶ୍ରୀମତୀ ଏବଂ ଶ୍ରୀ ଅଦୁ-ସିଦ୍ଧୁ' । କହିବାକୁ ଗଲେ ଅଦିତି ରାଓ ହାଇଦରୀ ପ୍ରଥମ ବିବାହ ୨୦୦୯ରେ ଅଭିନେତା ସତ୍ୟଦୀପ ମିଶ୍ରାଙ୍କ ସହ ହୋଇଥିଲା। ବିବାହର ଚାରି ବର୍ଷ ପରେ ସେମାନେ ଛାଡପତ୍ର ନେଇଥିଲେ। ସତ୍ୟଦୀପ ୨୦୨୩ମସିହାରେ ବଲିଉଡର ଭେଟେରାନ ଅଭିନେତ୍ରୀ ନୀନା ଗୁପ୍ତାଙ୍କ ଝିଅ ମାସାବା ଗୁପ୍ତାଙ୍କୁ ବିବାହ କରିଥିଲେ। ଏଥି ସହିତ, ସିଦ୍ଧାର୍ଥ ୨୦୦୩ରେ ପ୍ରଥମ ବିବାହ କରିଥିଲେ ଏବଂ ବିବାହର ଚାରି ବର୍ଷ ପରେ ସିଦ୍ଧାର୍ଥ ମଧ୍ୟ ଛାଡପତ୍ର ନେଇଥିଲେ।

ରାଜ୍ୟର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ
ସୌରଶକ୍ତି ବ୍ୟବହାର କରନ୍ତୁ



*ସର୍ତ୍ତାବଳୀ ଲାଗୁ

ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜିଲି ଯୋଜନାରେ ଛାତ ଉପରେ ୩ କିଲୋୱାଟ ପର୍ଯ୍ୟନ୍ତ ସୌର ପ୍ୟାନେଲ୍ ସ୍ଥାପନ କରି ୭୮ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ପାଇବା ସହ ପ୍ରତି ମାସରେ ବିଜୁଳି ଦେୟ ଉପରେ ସଞ୍ଚୟ କରନ୍ତୁ।*

pmsuryaghar.gov.in ରେ ଅନଲାଇନ୍ ରେଜିଷ୍ଟ୍ରେସନ୍ କରନ୍ତୁ।

ଅଧିକ ବିବରଣୀ ପାଇଁ 1912 ରେ ଯୋଗାଯୋଗ କରନ୍ତୁ।

ଆପଣ ମଧ୍ୟ ନିମ୍ନ ଲିଖିତ ନମ୍ବର ରେ ଯୋଗାଯୋଗ କରିପାରିବେ।
TPCODL - 1800-345-7122
TPNODL - 1800-345-6718
TPSODL - 1800-345-6797
TPWODL - 1800-345-6798

TPCODL | TPNODL | TPSODL | TPWODL
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ଆପଣଙ୍କ ପାଇଁ, ଆପଣଙ୍କ ସହିତ, ସର୍ବଦା

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାର ଦୁଇ ଜଣ ଆଦିବାସୀ ଯୁବକ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ୨୦୨୪ ପାଇଁ ମନୋନୀତ ହୋଇଛନ୍ତି। କୋଣାର୍କର ଚନ୍ଦ୍ରଭାଗାଠାରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ ବାଲୁକା କଳା ଏବଂ କୋଣାର୍କ ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ସେହିପରି ବାଲୁକା କଳା ପ୍ରତିଯୋଗିତାରେ ଦେଶର ୨୮ ରାଜ୍ୟର ପ୍ରତିଯୋଗୀ ଭାଗ ନେଉଥିବା ବେଳେ ଓଡ଼ିଶାର ପ୍ରତି ଜିଲ୍ଲାର ପ୍ରତିଯୋଗୀ ମଧ ଭାଗ ନେବେ ବୋଲି ଜଣାପଡିଛି। ଏହା ସହିତ ବିଦେଶର ସାତରୁ ଆଠ ପ୍ରତିଯୋଗୀ ମଧ ଏହି ବାଲୁକା କଳା ମହୋତ୍ସବରେ ଭାଗ ନେବାର ବ୍ୟବସ୍ଥା ରହିଛି। ଆସନ୍ତା ଡ଼ିସେମ୍ବର ମାସ ୧ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଦୀର୍ଘ ପାଞ୍ଚ ଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ମାଲକାନଗିରି ଜିଲ୍ଲାର ଦୁଇ ଆଦିବାସୀ ଯୁବକ ମୁକା କବାସୀ ଏବଂ କେନି କବାସୀ ଉକ୍ତ ମହୋତ୍ସବରେ ବାଲୁକା କଳା ପ୍ରଦର୍ଶନ ପାଇଁ ମନୋନୀତ ହୋଇଛନ୍ତି। ମାଲକାନଗିରି ଜିଲ୍ଲା ସର୍ବଦା ଦୁର୍ଗମ ଏବଂ ଉପାନ୍ତ ଅଞ୍ଚଳ ଭାବେ ପରିଚିତ ହେଉଥିବା ବେଳେ ଜିଲ୍ଲାରେ ଅନେକ ସମ୍ଭାବନା ରହିଛି ହେଲେ ପ୍ରୋତ୍ସାହନର ଅଭାବ ହେତୁ ଲୋକଲୋଚନକୁ ଆସି ପାରୁନାହିଁ ବୋଲି ବୁଦ୍ଧିଜୀବୀମାନେ ମତ ରଖୁଛନ୍ତି। ତେବେ ଏହି ଖବର ପ୍ରଚାରିତ ହେବା ପରେ ମାଲକାନଗିରି ଜିଲ୍ଲାରୁ ଦୁଇ ଯୁବ ପ୍ରତିଭାଙ୍କ ସଫଳତା କାମନା କରୁଛନ୍ତି ଜିଲ୍ଲାବାସୀ ।

## ନୂତନ ବେତନ ଲାଗୁ ଓ ପଙ୍କୁଆ ପାଣି ଯୋଗାଣ ନେଇ ବନ୍ଦର ଅଧ୍ୟକ୍ଷଙ୍କୁ ଭେଟିଲେ ବିଭିନ୍ନ ୟୁନିୟନ୍‌ର ନେତୃବୃନ୍ଦ



ପାରାଦୀପ(ଭାସ୍କର ନ୍ୟୁଜ): ୬ ଗୋଟି ବନ୍ଦର ଓ ପୋତାଶ୍ରୟ ମହାସଂଘର ନିଷ୍ପତ୍ତି ଏବଂ ନିର୍ଦ୍ଦେଶ କ୍ରମେ ପାରାଦ୍ୱୀପ ବନ୍ଦରରେ କାର୍ଯ୍ୟରତ ସହବନ୍ଧିତ ୟୁନିଅନଙ୍କ ପ୍ରତିନିଧିମାନେ ଗୁରୁବାର ଦବନ୍ଦର ଓ ଡ଼କ କର୍ମଚାରୀଙ୍କ ନୂତନ ଦରମା ଚୁକ୍ତିନାମା ୨ ମାସ ପୂର୍ବରୁ ହୋଇସାରିଥିଲେ ମଧ ନୂତନ ବେତନ ଲାଗୁ କରାଇ ତାହାକୁ ପ୍ରଦାନ କରିବାରେ ଭାରତ ସରକାରଙ୍କ ଜାହାଜ ଚଳାଚଳ ମନ୍ତ୍ରଣାଳୟ ଜାଣିଶୁଣି ବିଳମ୍ବ କରୁଥିବାରୁ ତାହା ଉପରେ ପ୍ରତ୍ୟେକ ୟୁନିଅନ ତରଫରୁ ଦାବିପତ୍ରମାନ ପାରାଦ୍ୱୀପ ବନ୍ଦର ଅଧ୍ୟକ୍ଷଙ୍କୁ ଦିଆଯାଇ ତୁରନ୍ତ ନୂତନ ଦରମା ଦେବା ସହ ଏରିଅର ଦେବା ପାଇଁ ଆଲୋଚନା କରାଯାଇଛି । ଏତଦ୍ ବ୍ୟତୀତ ଯେଉଁଭଳି ଭାବରେ ତାଳଦଣ୍ଡା କେନାଲରେ ଆସୁଥିବା ଜଳ ପ୍ରଦୂଷିତ ହେଉଛି ତାହା ଉପରେ ଏକ ଭିଡ଼ିଓ ଚିତ୍ର ପେନ୍‌ଡ୍ରାଇଭ୍ ମାଧ୍ୟମରେ ବନ୍ଦର ଅଧ୍ୟକ୍ଷଙ୍କୁ ଦିଆଗଲା । କେନାଲର ଉଭୟ ପାର୍ଶ୍ୱରେ ରହୁଥିବା ବସ୍ତିବାସିନ୍ଦା ନିଜ ନିଜର ସୌଚାଳୟ ମାନ କରି କେନାଲରେ ପ୍ରବାହିତ ପାନୀୟ ଜଳକୁ ଦୂଷିତ କରୁଛନ୍ତି । ଏହାପରେ ସେମାନେ ବାସନକୁସନ ମାଜିବାଠାରୁ ଘରର ବର୍ଜ୍ୟବସ୍ତୁ ପକାଉଛନ୍ତି । ମୁଖ୍ୟ ରାସ୍ତାରେ ରହୁଥିବା ଟ୍ରକ୍‌ର ଡ୍ରାଇଭର ଓ ହେଲ୍ପର ମାନେ ମଧ ଜଳ ପ୍ରଦୂଷିତ କରିବାରେ ପଛଉନାହାନ୍ତି । ଏ ସମସ୍ତ ବିଷୟ ବନ୍ଦର ଅଧ୍ୟକ୍ଷଙ୍କୁ ଅବଗତ କରାଇଲୁ, ତତ୍ ସହିତ ବାଲିଝରା ୱାଟର ରିଜର୍ଭରୁ କଲୋନୀ ଏରିଆକୁ ଯୋଗା ଯାଉଥିବା ପିଇବା ପାଣି ଦଲୁଆ ବାସିବା ଓ ପିଇବା ଅନୁପଯୋଗୀ ଅଟେ, ତାହା ଜଣାଇ ପ୍ରତିକାର କରିବାକୁ ଅନୁରୋଧ କରାଯାଇଥିଲା । ତୈଳ ବିଶୋଧନାଗାର କମ୍ପାନୀ ଯେଉଁ ଭଳି ପାଇପ ମାଧ୍ୟମରେ ଜଳ ଆଣୁଛି ସେହିଭଳି ପାରାଦ୍ୱୀପ ବନ୍ଦର ତରଫରୁ ପଦକ୍ଷେପ ନେଇ ଓଡିଶା ସରକାରଙ୍କ ସହ ଆଲୋଚନା କରି ପାଇପ ମାଧ୍ୟମରେ ଜଳ ଆଣିବାର ବ୍ୟବସ୍ଥା କରିବାକୁ ସମସ୍ତ ୟୁନିଅନର ପ୍ରତିନିଧିମାନେ ଅଧ୍ୟକ୍ଷଙ୍କ ନଜରକୁ ଆଣିଥିଲେ ।

## ଖଣି ବିଭାଗର ଅପାରଗତା: ଲଘୁ ଖଣିଜ ଦ୍ରବ୍ୟର ଚୋରାଚାଲାଣ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବାରମ୍ବାର ଖଣି ବିଭାଗକୁ ଅବଗତ କଲା ପରେ ମଧ ଖଣି ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବା ବେଳେ କୁଶଭଦ୍ରା ନଦୀରୁ ପ୍ରତ୍ୟେକ ଦିନ ଶହ ଶହ ଟ୍ରାକ୍ଟର ଓ ଜେସିବି ମେସିନ୍ ସାହାଯ୍ୟରେ ଲଘୁ ଖଣିଜ ଦ୍ରବ୍ୟ ଲୁଣ୍ଠନ ହେଉଛି । ସରକାରଙ୍କ ବ୍ୟାପକ ପରିମାଣରେ ରାଜସ୍ୱ କ୍ଷତି ଘଟୁଥିଲେ ମଧ ଏ ଦିଗରେ ଖଣି ବିଭାଗ ବେଫିକର ରହିବା ଘଟଣାକୁ ନେଇ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ସନ୍ଦେହ ପ୍ରକଟ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା କୁଶଭଦ୍ରା ନଦୀରୁ ପ୍ରତ୍ୟେକ ଦିନ ବାଲି, ମାଟି ଚୋରା ଚାଲାଣ ହେଉଥିବା ବେଳେ ପୁରୀ ଜିଲ୍ଲା ଖଣି ବିଭାଗ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହିଁ । ବାରମ୍ବାର ଖଣି ବିଭାଗ ନିକଟରେ ଅଭିଯୋଗ ହେଲେ ମଧ କୌଣସି ପ୍ରତିକାର ନ ହେବାରୁ ନିମାପଡ଼ାର ଜନସାଧାରଣ ତାତିବାରେ ଲାଗିଛନ୍ତି । କୌଣସି ମୁହୂର୍ତ୍ତରେ ଖଣି ବିଭାଗ ବିରୁଦ୍ଧରେ ଆନ୍ଦୋଳନ ହେବ ବୋଲି ସଚେତନ ନାଗରିକମାନେ ଚେତାବନୀ ଦେଇଛନ୍ତି । ଖଣି ବିଭାଗ ପରିଦର୍ଶନକୁ ଆସିବା ଦିନ ଆଗୁଆ ଖବର ପାଇ ବାଲି ମାଫିଆମାନେ ସତର୍କ ହୋଇ ଯାଉଛନ୍ତି । ଖଣି ଅଧିକାରୀ ପଳେଇବା ପରେ ବାଲି, ମାଟି ଜେସିବି ମେସିନ୍ ସାହାଯ୍ୟରେ ଖୋଳାଯାଇ ଚାଲାଣ ହେଉଛି । ପ୍ରତ୍ୟେକ ଦିନ ଶତାଧିକ ଟ୍ରାକ୍ଟର ସାହାଯ୍ୟରେ ଲଘୁ ଖଣିଜ ଦ୍ରବ୍ୟ ଚାଲାଣ କରାଯାଉଛି । ଏପରି ହେବା ଦ୍ୱାରା ସରକାରଙ୍କ ବ୍ୟାପକ ପରିମାଣରେ ରାଜସ୍ୱ କ୍ଷତି ଘଟୁଛି । ଏ ସଂପର୍କରେ ତହସିଲଦାରଙ୍କୁ ଅଭିଯୋଗ କଲେ ମଧ ଉତ୍ତର ମିଳୁଛି ସେ କଥା ଖଣି ବିଭାଗ ବୁଝିବ । ମାତ୍ର ପୁରୀ ଜିଲ୍ଲା ଖଣି ବିଭାଗ ନିଘୋଡ଼ ନିଦରେ ଶୋଇଥିବା ବେଳେ ଏପଟେ ଲଘୁ ଖଣିଜ ଦ୍ରବ୍ୟ ଚାଲାଣ ଘଟୁଛି । ଏହି ଘଟଣାକୁ ନେଇ ଅସନ୍ତୋଷ ବଢ଼ି ଚାଲିଛି ।

## ଜୁଆଖେଳରେ ଚଢ଼ାଉ ବେଳେ ପୋଲିସକୁ ଆକ୍ରମଣ: ୩ ଗିରଫ



କରଞ୍ଜିଆ(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ବ୍ଲକ ଅନ୍ତର୍ଗତ ବଡସରେଇ ସାପ୍ତାହିକ ହାଟରେ ଧୂଣିପାଲି ଜୁଆଖେଳ ଖେଳ ଚାଲିଥିବା ବେଳେ ପୋଲିସ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ ସମୟରେ ପୋଲିସ ଉପରେ ଜୁଆଡ଼ି ଆକ୍ରମଣ କରିବାରୁ ୨ଜଣ କର୍ମଚାରୀ ଆହତ ହୋଇଛନ୍ତି । ଘଟଣାର ପ୍ରକାଶ କରଞ୍ଜିଆ ପୋଲିସର ପାଟ୍ରୋଲିଂ ଟିମ ଏଏସଆଇ ଗୁରୁଚରଣ ମୁଣ୍ଡା ଓ ଅନ୍ୟ କର୍ମଚାରୀମାନେ ବୁଧବାର କେରକେରା, ଚାନ୍ଦୁଆଡି ଅଞ୍ଚଳରେ ପେଟ୍ରୋଲିଂ କରୁଥିବା ସମୟରେ ବଡ଼ସରେଇ ସାପ୍ତାହିକ ହାଟରେ ଧୂଣିପାଲି ଜୁଆଖେଳ ଚାଲିଥିବା ଖବର ପାଇ ଘଟଣା ସ୍ଥଳ ୫ ଘଣ୍ଟିକା ସମୟରେ ଚଢ଼ାଉ କରିଥିଲେ । ଚଢ଼ାଉରେ ଜୁଆଖେଳ କରାଉଥିବା ଓ ଖେଳୁଥିବା ବ୍ୟକ୍ତିଙ୍କୁ ଧରିବାକୁ ଉଦ୍ୟମ ସମୟରେ ଅନ୍ଧାରର ସୁଯୋଗ ନେଇ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ । ଆକ୍ରମଣରେ ଏ.କେ.ବେହେରା ଓ ବି.କେ.ବେହେରା ଆହତ ଓ ଛାତିରେ ଯନ୍ତ୍ରଣା ହେଉଥିବା ସୂଚନା ମିଳିଛି । କରଞ୍ଜିଆ ଥାନାରେ କେଶ ନଂ ୩୮୦ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛନ୍ତି । ଅଭିଯୁକ୍ତମାନେ କଙ୍କଡା ଗ୍ରାମର ବିଜୟ ନାଏକ, କିଆ ପାଣପୋଷି ଗ୍ରାମର ସରୋଜ କୁମାର ନାଏକ, ଚାମ୍ପା ଗ୍ରାମର ଈଶ୍ୱରଚନ୍ଦ୍ର ନାଏକ ସମସ୍ତ ଅଭିଯୁକ୍ତ ରଞ୍ଜିଆ ବ୍ଲକ ଅଞ୍ଚଳର । ଅଭିଯୁକ୍ତଙ୍କ ନିକଟରୁ ନଗଦ ୧୧୬୬୦ ଟଙ୍କା, ୧ ପାଲି, ୯ ପାନପତ୍ର ଚିହ୍ନିତ ତାଉସ, ବାଇଁଶ ଡାଲା ଜବତ କରାଯାଇଛି ।

## ପାଣି ପାଇଁ ଡହଳବିକଳ: ପୂର୍ତ୍ତ ବିଭାଗ ରାସ୍ତା ଅବରୋଧ



ପରଜଙ୍ଗ(ଭାସ୍କର ନ୍ୟୁଜ): ଢେଙ୍କାନାଳଉର୍ଦ୍ଧ୍ୱ ଜିଲ୍ଲା ପରଜଙ୍ଗ ପଞ୍ଚାୟତ ଅଧିନସ୍ଥ ଡିହଡୋଳ ଗ୍ରାମରେ ରହିଛି ୨୦ ହଜାର ଲିଟର ପାଣି ଟାଙ୍କି । ଟାଙ୍କିରୁ ଗ୍ରାମର ୨ ଶହରୁ ଉର୍ଦ୍ଧ୍ୱ ପରିବାର ସଠିକ୍ ଭାବେ ପାନୀୟଜଳ ପାଉଥିବା ବେଳେ ୧୦ ଦିନ ହେବ ପରିବାର ବର୍ଗ ପାଣି ଟୋପାଏ ପାଇଁ ନାହିଁ ନଥିବା ଡହଳବିକଳ ହେଉଛନ୍ତି । ଟାଙ୍କିକୁ ଟ୍ରାନ୍ସଫର୍ମର ସହ ସଂଯୋଗ ହୋଇଥିବା ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିବା ବେଳେ ବିଭାଗୀୟ ମରାମତି କରିନଥିବାରୁ ସମସ୍ୟା ଦେଖାଦେଇଛି । ଯାହାକୁ ନେଇ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ପୂର୍ତ୍ତ ବିଭାଗ ରାସ୍ତା ଉପରେ ଗରା ବାଲଟି ରଖି ରାସ୍ତା ଅବରୋଧ କରିବା ସହ ଉଭୟ ପାର୍ଶ୍ୱ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ କରିଥିଲେ । ଖବର ପାଇ ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ ଆନ୍ଦୋଳନକାରୀଙ୍କୁ ସହଯୋଗ କରିଥିଲା ବେଳେ ଥାନା ଆଇଆଇସି ପ୍ରିୟବ୍ରତ ଦାସ, ତହସିଲଦାର ଦିଲ୍ଲୀପ କୁମାର ନାୟକ, ବିଡ଼ିଓ ସଞ୍ଜୟ କୁମାର ପଣ୍ଡା ଓ ପାନୀୟ ଜଳ ପ୍ରକଳ୍ପର ଯନ୍ତ୍ରୀ ବିରଜା ପ୍ରସାଦ ଦାସ ପ୍ରମୁଖ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ । ଆନ୍ଦୋଳନକାରୀ ୨ଟି ମୁଖ୍ୟ ପ୍ରସଙ୍ଗ ଉପରେ ଦାବି ରଖିଥିଲେ, ତୁରନ୍ତ ପାନୀୟ ଜଳ ବନ୍ଦୋବସ୍ତ କରିବା, ଅନ୍ୟଟି ହେଉଛି ଗ୍ରାମର ରଘୁନାଥପୁର ସାହି ମଧ୍ୟରେ ମାତ୍ରାଧିକ କୋଇଲା ଗାଡ଼ି ରେଳଷ୍ଟେସନ ପର୍ଯ୍ୟନ୍ତ ଯିବାଆସିବା କରୁଥିବାରୁ ଏହା ପ୍ରଭାବରେ ସାହି ବସ୍ତିଙ୍କଠାରୁ ଆରମ୍ଭକରି ପାଖ ପଡୋଶୀ ବସ୍ତିରେ କ୍ଷୟକ୍ଷତି ପ୍ରଭାବ ପଡୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ଗ୍ରାମବାସୀଙ୍କପ୍ରସଙ୍ଗ ଉପରେ ତହସିଲଦାର ଶ୍ରୀ ନାୟକ ପାନୀୟଜଳ ଯୋଗାଇ ଦେବା ଓ କୋଇଲା ଗାଡ଼ି ଯାତାୟାତ ଉପରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ସ୍ୱାଭାବିକ ହୋଇଥିଲା ।

## କଲେଜ ଛାତ୍ରୀଙ୍କୁ ଠକେଇ ଓ ଜାତିଆଣ ଆକ୍ଷେପ, ଅଧ୍ୟାପିକାଙ୍କ ନାଁରେ ଅଭିଯୋଗ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଏକ ମହିଳା କଲେଜର ଅଧାପିକା ଛାତ୍ରୀଙ୍କୁ ଶୋଷଣ ଓ ଷ୍ଟାଇପେଣ୍ଡ୍ ପଇସା ଚଲୁ କରୁଥିବା ନେଇ ଛାତ୍ରୀ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଜାରି ରଖିଥିଲେ ମଧ ମାମଲା ରୁଜୁ ହୋଇନାହିଁ । ଛାତ୍ରୀଙ୍କୁ ଅଧ୍ୟାପିକା ଜାତିଆଣ ଆକ୍ଷେପ କରିବା ଦ୍ୱାରା ଛାତ୍ରୀଙ୍କ ମାନବାଧିକାର କ୍ଷୁର୍ଣ୍ଣ ହୋଇଥିବା ଛାତ୍ରୀ ଓ ତାଙ୍କ ପରିବାର ଅଭିଯୋଗ କରିଛନ୍ତି । ସୂଚନା ଅନୁଯାୟୀ, ନିମାପଡ଼ା ଦେବୀମଣ୍ଡପ ସାହିର ପ୍ରସନ୍ନ ସେନାପତିଙ୍କ ଝିଅ କାଜଲ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୨୩ ମସିହାରେ ଯୁକ୍ତ ଦୁଇ ବିଜ୍ଞାନ ପାସ୍ କଲା ପରେ ସେହିବର୍ଷ ନିମାପଡ଼ାର ଏକ ମହିଳା କଲେଜରେ ଯୁକ୍ତ ତିନି ବଟାନି ଅନର୍ସ ରଖି ଆଡ଼ମିଶନ କରିଥିଲେ। ଆଡ଼ମିଶନ ପରେ ବଟାନି ଚାର୍ଜରେ ଥିବା ଜଣେ ଅଧ୍ୟାପିକା ଛାତ୍ରୀଙ୍କ ମନରେ ବିଶ୍ୱାସ ଜନ୍ମାଇ ଦଶମ ପାସ୍ ସାର୍ଟିଫିକେଟ୍, ଯୁକ୍ତ ଦୁଇ ପାସ୍ ସାର୍ଟିଫିକେଟ୍, ସିଏଲ୍‌ସି ଆଡ଼ମିଶନ ସମ୍ବନ୍ଧୀୟ କାଗଜପତ୍ର ନେଇଥିଲେ। ଛାତ୍ରୀଙ୍କୁ ସେବା ଦଳରେ କାମ କରିବାକୁ କହି ବ୍ୟାଙ୍କ ପାସ୍‌ବୁକ୍ କାଗଜପତ୍ରର ଜେରକ୍ସ କପି ମଧ ନେଇଥିଲେ। ଛାତ୍ରୀଙ୍କ ଆକାଉଣ୍ଟକୁ ଟଙ୍କା ଆସିବା ପରେ ପ୍ରଥମ କିସ୍ତି ୧୬ ହଜାର ୨ଶହ ଟଙ୍କା, ଦ୍ୱିତୀୟ କିସ୍ତି ୨୪ ହଜାର ୩ଶହ ଟଙ୍କା ଅଧ୍ୟାପିକା ନେଇ ଯାଇଥିଲେ। ଛାତ୍ରୀଙ୍କ ସ୍କଲାରସିପ୍ ଆବେଦନ ବାରମ୍ବାର ରିଜେକ୍ଟ ହେବାରୁ ଛାତ୍ରୀ ଆଧାରକାର୍ଡ଼ ନେଇ ଅନ୍‌ଲାଇନ୍‌ରେ ଦେଖିବା ପରେ ଜାଣିବାକୁ ପାଇଲେ ଛାତ୍ରୀଙ୍କ ନାମରେ ଏକ ନର୍ସିଂ ସ୍କୁଲ ସ୍କଲାରସିପ୍ ଟଙ୍କା ଆସୁଛି । ଏହାକୁ ଅଧ୍ୟାପିକା ମ୍ୟାଡ଼ାମ୍ ଚତୁରତାର ସହ ଛାତ୍ରୀଙ୍କଠାରୁ ନେଇ ଯାଇଛନ୍ତି। ଏ ସଂପର୍କରେ ନର୍ସିଂହୋମ୍‌ର ମାଲିକଙ୍କୁ ଛାତ୍ରୀ ଅବଗତ କଲେ ମଧ ଅଧ୍ୟାପିକାଙ୍କ ସହ ନର୍ସିଂହୋମ୍ ପରିଚାଳକଙ୍କ ଭିତିରି ସଂପର୍କ ଥିବାରୁ କୌଣସି ପଦକ୍ଷେପ ନେଲେ ନାହିଁ। ଏ ସଂପର୍କରେ ଅଧ୍ୟାପିକାଙ୍କୁ ପଚାରିବାରେ ଅଧ୍ୟାପିକା ବିଭିନ୍ନ ଧମକ ଦେବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏ ସଂପର୍କରେ ଛାତ୍ରୀ ନିମାପଡ଼ା ଥାନାରେ ଗତ ୨୫ ତାରିଖରେ ଅଭିଯୋଗ କରିଥିବା ବେଳେ ପୁରୀ ଆରକ୍ଷୀ ଅଧୀକ୍ଷକ, ଜିଲ୍ଲାପାଳ ପୁରୀ, ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ, ଉଚ୍ଚ ନ୍ୟାୟାଳୟ ସମେତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି।

## ଅଧିକାରିଣୀ ଓ କର୍ମଚାରୀ ଘରୁ ଚଳାଉଛନ୍ତି ବ୍ଲକ୍ କୃଷି କାର୍ଯ୍ୟାଳୟ

କୋରେଇ(ଭାସ୍କର ନ୍ୟୁଜ): ସରକାର ବଦଳିଲା ପରେ ସରକାରୀ କର୍ମଚାରୀମାନେ ସେମାନଙ୍କ କାର୍ଯ୍ୟରେ ତତ୍ପରତା ପ୍ରକାଶ କରିଛନ୍ତି। ସାରା ରାଜ୍ୟରେ ବର୍ତ୍ତମାନ ସବୁ ସରକାରୀ କାର୍ଯ୍ୟାଳୟ ଠିକ ଢଙ୍ଗରେ ଓ ନିୟମିତ ସମୟ ନିର୍ଘଣ୍ଟରେ ଚାଲୁଥିବା ଦେଖିବାକୁ ମିଳୁଛି। କିନ୍ତୁ ଏହାର ବ୍ୟତିକ୍ରମ କୋରେଇରେ ଦେଖିବାକୁ ମିଳିଛି। କୋରେଇରେ ବର୍ତ୍ତମାନ କୌଣସି ସରକାରୀ କାର୍ଯ୍ୟାଳୟ ଠିକ ଢଙ୍ଗରେ କାର୍ଯ୍ୟ କରୁନଥିବା ଦେଖିବାକୁ ମିଳୁଛି। ଭାତ ହାଣ୍ଡିରୁ ଗୋଟେ ଭାତ ଚିପିଲା ପରି ଖୋଦ ବ୍ଲକ ପରିସରରେ ଥିବା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଏହା ଦେଖିବାକୁ ମିଳିଛି। ଏହି କାର୍ଯ୍ୟାଳୟ ନାମରେ ପୂର୍ବ ସରକାର ଅମଳରେ କର୍ମଚାରୀ ନଆସିବା, ଲୋକମାନେ ବିଭିନ୍ନ କାର୍ଯ୍ୟରେ ଆସି ହଇରାଣ ହରକତ ହୋଇ ଫେରିଯିବା ପରି ସଂଗୀନ ଅଭିଯୋଗ ହୋଇଆସୁଥିବା ବେଳେ ଏବେ ମଧ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ଏହି କାର୍ଯ୍ୟାଳୟରେ ପ୍ରାୟ ୧୦-୧୨ ଜଣ କାର୍ଯ୍ୟ କରୁଛନ୍ତି। ଗୁରୁବାର ପ୍ରାୟ ଦିନ ୩ଟା ବେଳେ କେବଳ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଛାଡିଦେଲେ କେହି ଜଣେ ହିଁ ଉପସ୍ଥିତ ନଥିବା ଦେଖିବାକୁ ମିଳିଥିଲା। ଏନେଇ ବ୍ଲକ କୃଷି ଅଧିକାରିଣୀ କବିତା ବେହେରାଙ୍କୁ ପଚାରିବାରୁ ସେ ପ୍ରଥମେ ଆମକୁ କର୍ମଚାରୀମାନେ ସେଇଟି ଥିବେ କହିଥିଲେ ଏବଂ ପୁଣି ପଚାରିବାରୁ ବିରକ୍ତି ପ୍ରକାଶ କରି ଫୋନ କାଟି ଦେଇଥିଲେ। ପରେ ଆମେ କୋରେଇ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଫୋନ ଯୋଗେ ଜଣାଇଥିଲୁ। ସେ ସଙ୍ଗେ ସଙ୍ଗେ ଜଣେ କର୍ମଚାରୀଙ୍କୁ ପଠାଇ ଦେଖିଥିଲେ ଏବଂ ଆସନ୍ତାକାଲି ତାଙ୍କୁ କାରଣ ଦର୍ଶାଅ ନୋଟିସ ଦେବେ ବୋଲି କହିଥିଲେ। ପରେ ଆମେ ଜିଲ୍ଲା କୃଷି ଅଧିକାରୀଙ୍କୁ ଜଣାଇଥିଲୁ। ସେ କହିଥିଲେ ଆମ ପାଖକୁ ଲିଖିତ ଅଭିଯୋଗ ଆସିଲେ ଆମେ କାର୍ଯ୍ୟାନୁଷ୍ଠାନ ନେବୁ। ଏଠାରେ ପ୍ରଶ୍ନ ଉଠେ କାର୍ଯ୍ୟାଳୟରେ କାମ କରୁଥିବା ଲୋକ ଜଣେ ସାଧାରଣ ଚାଷୀ, ସେ କ'ଣ ଯାଜପୁର ଟାଉନ ଯାଇ ଲିଖିତ ଅଭିଯୋଗ କରିପାରିବ ? ଜିଲ୍ଲାପାଳ ଏହାକୁ ଗୁରୁତ୍ୱର ସହ ନେଇ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀ ଦାବି କରିଛନ୍ତି ।

## ରୋଗୀଙ୍କୁ ଷ୍ଟ୍ରେଚରରେ ବୋହି ଟ୍ରେନ୍ ତଳେ ଗଳି ପାରିହେଲେ



କେନ୍ଦୁଝର(ଭାସ୍କର ନ୍ୟୁଜ): ଦୀପତଳ ଅନ୍ଧାର ଭଳି ଖଣି ପ୍ରାଚୁର୍ଯ୍ୟ ଜିଲାକାରେ ଏବେ ବି ଆଦିବାସୀଙ୍କ ନିକଟରେ ବିକାଶ ପହଞ୍ଚି ପାରିନାହିଁ, ଯାହାଏକ ବିଡମ୍ବନାର ବିଷୟ ପାଲଟିଛି । ନଥିରେ ବିକାଶ ହେଉଥିବା ଡିଣ୍ଡିମ ପିଟା ଯାଉଥିଲେ ମଧ୍ୟ ତାହା ବାସ୍ତବତାଠାରୁ ବହୁଦୂରରେ । ମୁଣ୍ଡାସାହିକୁ ନାହିଁ ରାସ୍ତା, ଯାଇ ପାରିଲାନାହିଁ ଆମ୍ବୁଲାନ୍ସ । ବିପଦପୂର୍ଣ୍ଣ ଅବସ୍ଥାରେ ରୋଗୀଙ୍କୁ ଷ୍ଟ୍ରେଚରରେ ବୋହି ମାଲବାହୀ ଟ୍ରେନ ତଳେ ଗଳି ଧାରଣା ପାରିହେଲେ ଲୋକେ। ଏହି ଭାଇରଲ ଭିଡିଓ ଏବେ ଚର୍ଚ୍ଚାରେ। କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ଲହଣ୍ଡା ମୁଣ୍ଡାସାହିକୁ ଯିବା ପାଇଁ ସବୁଦିନିଆ ରାସ୍ତା ଖଣ୍ଡେ ନାହିଁ । ରେଳ ଧାରଣା ପାର ହେଲେଯାଇ ସାହିକୁ ଯାଇହେବ । ଏମିତିରେ ସାହି ଭିତରକୁ ଆମ୍ବୁଲାନ୍ସ ଯିବା ସମ୍ଭବ ହୋଇପାରିଲା ନାହିଁ । ଫଳରେ ରୋଗୀଙ୍କୁ ଷ୍ଟ୍ରେଚରରେ ବୋହି ରେଳଧାରଣା ପାରି ହେବା ପାଇଁ ଅପେକ୍ଷା କରିଥିଲେ । କିନ୍ତୁ ଅନେକ ସମୟ ଧରି ରେଳଧାରଣା ଉପରେ ଏକ ମାଲବାହୀ ଟ୍ରେନ ଅଟକି ରହିଥିବା ଯୋଗୁଁ ଅନ୍ୟ ଉପାୟ ନପାଇ ଜୀବନକୁ ବାଜି ଲଗାଇ ଟ୍ରେନ ତଳେ ଗଳି ପାରି ହୋଇଥିଲେ ପରିବାର ଲୋକେ । ଏହି ଘଟଣାର ଭିଡିଓ ଭାଇରାଲ ହେବାପରେ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ସୂଚନା ଅନୁଯାୟୀ, ଯୋଡ଼ା ବ୍ଲକ୍ ଲହଣ୍ଡା ମୁଣ୍ଡାସାହିର ଗୋବିନ୍ଦ ମୁଣ୍ଡା, ଅସୁସ୍ଥ ଥିବାରୁ ବୁଧବାର ତାଙ୍କୁ ଚମ୍ପୁଆ ମେଡିକାଲ ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଡକା ଯାଇଥିଲା । ସୂଚନା ପାଇ ୧୦୮ ଆମ୍ବୁଲାନ୍ସ ଲହଣ୍ଡାରେ ପହଞ୍ଚି ଥିଲା । କିନ୍ତୁ ମୁଣ୍ଡା ସାହିକୁ ରାସ୍ତା ନଥିବା ଯୋଗୁଁ ଆମ୍ବୁଲାନ୍ସ ରୋଗୀଙ୍କ ଘରଠାରୁ ପ୍ରାୟ ଏକ କିଲୋମିଟର ଦୂର ୫୨୦ ନଂ ଜାତୀୟ ରାଜପଥରେ ଅଟକି ରହିଥିଲା । ଫଳରେ ଅନ୍ୟ ଉପାୟ ନ ପାଇ ପରିବାର ଲୋକେ ଷ୍ଟ୍ରେଚର ସହାୟତାରେ ରୋଗୀଙ୍କୁ ବୋହି ଆମ୍ବୁଲାନ୍ସ ପାଖକୁ ନେବାକୁ ଚେଷ୍ଟା କରିଥିଲେ। ଏତିକିରେ କିନ୍ତୁ କଥା ସରିନଥିଲା । ସେହି ସମୟରେ ଏକ ମାଲବାହୀ ଟ୍ରେନ୍ ସେଠାରେ ଅଟକି ରହିବା କାରଣରୁ ରୋଗୀଙ୍କୁ ନେବା ସମ୍ଭବ ହୋଇନଥିଲା । ଏଣେ ରୋଗୀର ଅବସ୍ଥା ବିଗିଡିବାକୁ ଲାଗିଲା । ଶେଷରେ ସେମାନେ ବାଧ୍ୟ ହୋଇ ନିଜ ଜୀବନକୁ ବାଜି ଲଗାଇ ଷ୍ଟ୍ରେଚର ସହ ରୋଗୀଙ୍କୁ ମାଲବାହୀ ଟ୍ରେନ ତଳେ ଗଳି ପାରକରିଥିଲେ, ଯାହାଏକ ଲଜ୍ଜାକର ବିଷୟ ।

## ମା' କିଚକେଶ୍ୱରୀ ଶାଳ ଜମି ଜବରଦଖଲ ଘଟଣା: ସ୍ଥିତି ଯାଞ୍ଚ କଲେ ତହସିଲ୍‌ଦାର୍

କରଞ୍ଜିଆ(ଭାସ୍କର ନ୍ୟୁଜ): କରଞ୍ଜିଆଠାରେ ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅବସରରେ କରଞ୍ଜିଆ ଏନଏସି ଅଞ୍ଚଳରେ ଥିବା ମାଆ କିଚକେଶ୍ୱରୀଙ୍କ ଜମିକୁ ଜବରଦଖଲ ମୁକ୍ତ କରିବାକୁ କରଞ୍ଜିଆର ସାମ୍ବାଦିକ ତଥା ସମାଜସେବୀ ଭାଗବତ ଚନ୍ଦ୍ର ଦାସ ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ପତ୍ରରେ କରଞ୍ଜିଆ ସହରର ବିଭିନ୍ନ ସ୍ଥାନରେ ଥିବା ମାଆ କିଚକେଶ୍ୱରୀଙ୍କ ଜମି ସହିତ ପଳାସିଆ ମୌଜାର ୱାର୍ଡନଂ ୯ର ହଂଶୀସାହି ନିକଟରେ ଥିବା ଜମିଖାତା ନମ୍ବର ୧୮୪ ପ୍ଲଟ ନମ୍ବର ୧୭ ୪ ଡ଼ିସିମିଲ ଜାଗା ଯାହାକି କିଚକେଶ୍ୱରୀ ଠାକୁରାଣୀ ଆସ୍ଥାନ ଜମି ମଧ ଅନ୍ତର୍ଭୁକ୍ତ । ଉକ୍ତ ଠାକୁରାଣୀଙ୍କ ଅସ୍ଥାନ ଜମିରୁ ପ୍ରାୟ ୩ ଡ଼ିସିମିଲ ଜାଗା ଜବରଦଖଲ ହୋଇ ସେଠାରେ ଗୃହ ନିର୍ମାଣ ହୋଇଥିବା ନେଇ ଏକ ଅଭିଯୋଗ ପ୍ରଦାନ କରିଥିଲେ । ଅଭିଯୋଗ ଶୁଣିବା ଓ ଅଭିଯୋଗ ସହିତ ସଂଲଗ୍ନ କାଗଜପତ୍ର ଦେଖିବା ପରେ ଜିଲ୍ଲାପାଳ କରଞ୍ଜିଆ ତହସିଲଦାର ଓ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ ଉକ୍ତଜମି ମାପ କରାଇବା ସହିତ ଜବରଦଖଲ ଅଭିଯୋଗର ତଦନ୍ତ କରି ଜବରଦଖଲକାରୀଙ୍କୁ ୧୫ ଦିନିଆ ନୋଟିସ୍ ଦେଇ ଜବରଦଖଲ ଉଚ୍ଛେଦ ସହିତ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏହି ଅଭିଯୋଗ ସମ୍ପର୍କରେ ତଦନ୍ତ ନିମନ୍ତେ କରଞ୍ଜିଆ ତହସିଲଦାର ବିଦ୍ୟାଧର ପତି, କରଞ୍ଜିଆ ରାଜସ୍ୱ ନିରୀକ୍ଷିକା ମଗନ୍ନମ ହାଁସଦା ଉକ୍ତ ସ୍ଥାନକୁ ଯାଇ ଯାଞ୍ଚ କରିଥିଲେ । ତହସିଲଦାରଙ୍କ କାର୍ଯ୍ୟାଳୟ ଓ ରାଜସ୍ୱ ନିରୀକ୍ଷକଙ୍କ ସୂତ୍ରରୁ ପ୍ରକଶ ଯେ ଉକ୍ତ ଅଭିଯୋଗରେ ସତ୍ୟତା ରହିଛି ଉକ୍ତ ସ୍ଥାନରେ ବିଜେ ମାଆ କୀଚକେଶ୍ୱରୀଙ୍କ ନାମରେ ପଟ୍ଟାଭୁକ୍ତ ଥିବା ଯାଗାଟି ୩ ଡ଼ିସିମିଲ୍ ଅଛି ଏବଂ ଏହାର ସମ୍ମୁଖରେ ଥିବା ୨ ଡ଼ିସିମିଲ ସର୍ବସାଧାରଣ କିସମର ଯାଗା ରହିଛି ଏବଂ ବର୍ତ୍ତମାନ ସେହି ସ୍ଥାନରେ କେବଳ ମାଆଙ୍କ ଅସ୍ଥାନର ସ୍ଥାନ ପ୍ରାୟ ଅଧ ଡ଼ିସିମିଲ ଜାଗାକୁ ଛାଡିଦେଲେ ଅନ୍ୟ ଜାଗା ଜବରଦଖଲକାରୀଙ୍କ କବ୍ଜାରେ ରହିଛି । ରାଜସ୍ୱ ନିରୀକ୍ଷିକା ରିପୋର୍ଟ ପ୍ରଦାନ ପରେ ଉକ୍ତ ଯାଗାଟି ଅଧିକାରିକ ବାସରକାରୀ ଭାବେ ଚିହ୍ନଟ ହୋଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି । ଏବେ ଦେଖିବାକୁ ବାକିରହିଲା କେବେ ତହସିଲଦାର ବିଧିପୂର୍ବକ ସରକାରୀ ଭାବେ ଠାକୁରାଣୀଙ୍କ ଜବରଦଖଲ ଜମିର ଚିହ୍ନଟ ଓ ଜବରଦଖଲକାରୀଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜବରଦଖଲ ଉଚ୍ଛେଦ କରୁଛନ୍ତି ।

### ବାତ୍ୟା କ୍ଷୟକ୍ଷତି ପୁନଃ ମରାମତି ପାଇଁ ଅନୁଦାନ ମଞ୍ଜୁର
## କ୍ଷତି ହୋଇନି, ମରାମତି ହେବ କ'ଣ ? ବିଡିଓଙ୍କ ପାଖରେ ନାହିଁ ତଥ୍ୟ



ଧାମନଗର(ଭାସ୍କର ନ୍ୟୁଜ): ଚଳିତ ବର୍ଷ ଅକ୍ଟୋବର ମାସ ବାତ୍ୟା ଦାନା ପ୍ରଭାବରେ ଧାମନଗର ବ୍ଲକର ବିଭିନ୍ନ ବିଦ୍ୟାଳୟ, ରାସ୍ତାଘାଟ, ପଞ୍ଚାୟତ କାର୍ଯ୍ୟାଳୟ ଅଙ୍ଗନବାଡ଼ି କେନ୍ଦ୍ର, କମ୍ୟୁନିଟି ସେଣ୍ଟର ବ୍ୟାପକ କ୍ଷୟକ୍ଷତି ହୋଇଥିବା ଏବଂ ସେହି କ୍ଷୟକ୍ଷତିର ପୁନଃ ମରାମତି ନିମନ୍ତେ ମୋଟ ୧୯ କୋଟି ୩୮ ଲକ୍ଷ ୫୦ ହଜାର ଟଙ୍କା ଅର୍ଥ ବ୍ୟୟ ବରାଦ ହୋଇଥିବା ଜଣାପଡିଛି। କ୍ଷୟକ୍ଷତି ମଧ୍ୟରେ ଧାମନଗର ବ୍ଲକ ଥିବା ୪୬୮ଟି ରାସ୍ତା ମରାମତି ନିମନ୍ତେ ୯ କୋଟି ୩୬ ଲକ୍ଷ ଟଙ୍କା, ୧୮୬ଟି କମ୍ୟୁନିଟି ସେଣ୍ଟରର ମରାମତି ନିମନ୍ତେ ୨ କୋଟି ୭୯ ଲକ୍ଷ ଟଙ୍କା, ପଞ୍ଚାୟତ କାର୍ଯ୍ୟାଳୟ ଏବଂ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଇତ୍ୟାଦି ୫୬ଟି ଘରର ମରାମତି ନିମନ୍ତେ ୧ କୋଟି ୧୨ ଲକ୍ଷ ଟଙ୍କା, ୧୦୫ଟି ଅଙ୍ଗନବାଡ଼ି କେନ୍ଦ୍ରର ମରାମତି ପାଇଁ ୧ କୋଟି ୫୭ ଲକ୍ଷ ୫୦ ହଜାର ଟଙ୍କା ଏବଂ ୨୨ଟି ପ୍ରାଥମିକ ବିଦ୍ୟାଳୟ ଇତ୍ୟାଦିର ମରାମତି କାର୍ଯ୍ୟ କରିବା ପାଇଁ ୪ କୋଟି ୫୪ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। କିନ୍ତୁ ପ୍ରକୃତରେ ଧାମନଗର ଅଞ୍ଚଳରେ ବାତ୍ୟା ଦାନାର ପ୍ରଭାବ ପଡ଼ିନାହିଁ ଏବଂ ଯେଉଁ ପବନ ହୋଇଥିଲା ସେଥିରେ ମରାମତି ନିମନ୍ତେ ତାଲିକା ହୋଇଥିବା ବିଦ୍ୟାଳୟ, କମ୍ୟୁନିଟି ସେଣ୍ଟର, ଅଙ୍ଗନବାଡି କେନ୍ଦ୍ର କିମ୍ବା ପଞ୍ଚାୟତ କାର୍ଯ୍ୟାଳୟ ଇତ୍ୟାଦିର କୌଣସି କ୍ଷୟକ୍ଷତି ତଥା ଚୂନ ଟିକିଏ ବି ଝଡି ନାହିଁ। ସେହିପରି କେତକ ପଞ୍ଚାୟତରେ ସରପଞ୍ଚ, ସମିତି ସଭ୍ୟ ଏବଂ ଅଙ୍ଗନବାଡି କର୍ମୀଙ୍କୁ ପଚାରିବାରୁ ଏଥର ବାତ୍ୟାରେ ନିଜ ପଞ୍ଚାୟତରେ କୌଣସି କ୍ଷୟକ୍ଷତି ହୋଇନଥିବା କହିଛନ୍ତି ଏବଂ କ୍ଷୟକ୍ଷତି ସମ୍ପର୍କରେ ସେମାନେ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ନାହାନ୍ତି । ବାତ୍ୟା ପ୍ରଭାବରେ ଯେଉଁ ପ୍ରବଳ ବର୍ଷା ହୋଇଥିଲା ସେଥିରେ ରେବ, କପାଳି, ଏବଂ ନାଳିଆ ନଦୀରେ ବନ୍ୟା ଆସି ବନ୍ୟାରେ ଅସୁରାଳିରେ କେତେକ ପଞ୍ଚାୟତ ଚାଷଜମି ପ୍ରଭାବିତ ହୋଇଥିଲା। ବ୍ଲକର ଅବଶିଷ୍ଟ ଧୁଷୁରୀ, ଧାମନଗର ଏବଂ ଦୋବଲ ଯୋନ ସମେତ ଧାମନଗର ସହରାଞ୍ଚଳରେ ବନ୍ୟା କିମ୍ବା ବାତ୍ୟାର କୌଣସି ପ୍ରଭାବ ନଥିଲା। ଏବେ ସମଗ୍ର ବ୍ଲକ ଏବଂ ସହରାଞ୍ଚଳରେ ବାତ୍ୟା ଓ ବନ୍ୟାରେ କ୍ଷୟକ୍ଷତି ହୋଇଥିବା ଦର୍ଶାଇ ତାହା ମରାମତି କରିବା ଆଳରେ ମିଛ ପ୍ରକଳ୍ପ ପ୍ରସ୍ତୁତ କରି ସେ ବାବଦରେ କୋଟି କୋଟି ଟଙ୍କା ସରକାରୀ ଅର୍ଥ ତୋଷରପାତ କରିନେବାକୁ ଉଦ୍ୟମ ହେଉଥିବା ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ବ୍ଲକର ଥିବା ଯନ୍ତ୍ରୀ ମାନେ ବାତ୍ୟା କ୍ଷୟକ୍ଷତିର ବିବରଣୀ ଦେଇଥିବା ସହକାରୀ ଯନ୍ତ୍ରୀ କହିଛନ୍ତି। ବାତ୍ୟା କ୍ଷୟକ୍ଷତି ତାଲିକା ପ୍ରଦାନ ସମ୍ପର୍କରେ ଯନ୍ତ୍ରୀଙ୍କୁ ପଚାରିବାରୁ ସେମାନେ ନିଜର ନାମ ଗୋପନ ରଖି କହିଛନ୍ତି ଯେ କ୍ଷୟକ୍ଷତିର ତାଲିକା ଆମେ ଦେଇନାହୁଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ୨୦୨୩ ମସିହା ଅଗଷ୍ଟ ମାସରେ ଧାମନଗରରେ ହୋଇଥିବା ବନ୍ୟା କ୍ଷୟକ୍ଷତିର ପୁନଃ ନିର୍ମାଣ ପାଇଁ ଆସିଥିବା ଅନୁଦାନର କାର୍ଯ୍ୟ ଏଯାଏଁ ଶେଷ ହୋଇନାହିଁ । ପୁଣି ବାତ୍ୟା ଦାନା କ୍ଷୟକ୍ଷତିର ପୁନଃ ମରାମତି ପାଇଁ ଅର୍ଥ ମଞ୍ଜୁର କରାଯାଇଛି। ଏଭଳି ସ୍ଥିତିରେ କୋଟି ଟଙ୍କା ସରକାରୀ ଅର୍ଥ ବାଟମାରଣା ହେବା ଆଗରୁ କ୍ଷୟକ୍ଷତିର ନିରପେକ୍ଷ ଭାବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ମତପ୍ରକାଶ ପାଇଛି।

## ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ପାଇଁ ଜିଲ୍ଲା ଖାଉଟି କମିଶନଙ୍କ ଦଣ୍ଡାଦେଶ



ପାରାଦୀପ(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଗ୍ରାମ ଅଧିନସ୍ଥ ମୁଳିଶିଂ ଗ୍ରାମର ବୁଦ୍ଧେଶ୍ୱର ସାହୁ ଓ ତାଙ୍କ ପତ୍ନୀ ସୁମନ ସାହୁ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଜନକ ଓ ଜନନୀ ସେବା ପରେ ରାଜ୍ୟ ସରକାରଙ୍କ ପରିବାର ନିୟୋଜନ ବ୍ୟବସ୍ଥା ମାଧ୍ୟମରେ ଅସ୍ତ୍ରୋପଚାର କରାଇଥିଲେ । ପ୍ରକାଶଥାଉ କି ମଞ୍ଜିଳୀ ମେଡ଼ିକାଲ ଦ୍ୱାରା ଆୟୋଜିତ ଏକ ଅସ୍ତ୍ରୋପଚାର ଶିବିରରେ ସ୍ଥାନୀୟ ଆଶା ଦିଦିଙ୍କ ମାଧ୍ୟମରେ ପ୍ରଲୋଭିତ ହୋଇ ସୁମନ ସାହୁ ଅସ୍ତ୍ରୋପଚାର ପାଇଁ ରାଜି ହୋଇଥିଲେ । ମାତ୍ର ଅବର୍ଯ୍ୟକ କଥା ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁଁ ପୁଣି ଏକ କନ୍ୟା ସନ୍ତାନକୁ ସେ ଜନ୍ମ ଦେଇଥିଲେ । ଅସ୍ତ୍ରୋପଚାର ପରେ ସୁମନ ମଧ୍ୟ ଶାରୀରିକ ସ୍ତରରେ ବାରମ୍ବାର ଅସୁସ୍ଥ ଅନୁଭବ କରୁଥିଲେ । ଡକ୍ଟରମାନେ ତାଙ୍କୁ ଗର୍ଭପାତ କରାଇବା ପାଇଁ ପରାମର୍ଶ ଦେଇଥିଲେ । ବୁଦ୍ଧେଶ୍ୱର ଜାତିରେ ଜଣେ ଡ୍ରାଇଭର । ତାଙ୍କର ସ୍ୱଳ୍ପ ରୋଜଗାର ଉପରେ ଏପରି ଏକ ଅସ୍ୱାଭାବିକ ଘଟଣା ତାଙ୍କ ପାଇଁ ବୋଝ ଉପରେ ନଳିତା ବିଡା ସଦୃଶ । ଏପରି ଖବର ସର୍ବଜନରେ ଏବେବର୍ଷ ପରେ କେତେକ ଗଣମାଧ୍ୟମ ଓ ଖବରକାଗଜରେ ପ୍ରଷ୍ଠା ମଣ୍ଡନ ହୋଇଥିଲା । ଡାକ୍ତରଙ୍କ ଏପରି ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ବିଷୟରେ ନ୍ୟାୟ ପାଇବା ପାଇଁ ବୁଦ୍ଧେଶ୍ୱର ବ୍ୟାସ ଫାଉଣ୍ଡେସନ ଅଧ୍ୟକ୍ଷା ତଥା ଉପଭୋକ୍ତା ସଙ୍ଗଠନର ରାଜ୍ୟ ସଭାପତି ସ୍ନେହମୟୀ ଆଚାର୍ଯ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଶ୍ରୀମତୀ ଆଚାର୍ଯ୍ୟ ମଧ୍ୟ ଜିଲ୍ଲା ଖାଉଟି ଅଦାଲତରେ ଏପରି ସ୍ୱର୍ଶକାତର ଘଟଣା ସମ୍ପର୍କରେ କେଶ୍ ଦାୟର କରିଥିଲେ। ଗୁରୁବାର ଜିଲ୍ଲା ଖାଉଟି ଅଦାଲତରେ ବରିଷ୍ଠ ଆଇନଜୀବୀ ଓମ୍ ପ୍ରକାଶ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖାଉଟି ଅଦାଲତର ଡିସି ଡିଆର୍‌ସି ପ୍ରଭାତ କୁମାର ପାତ୍ରୀ ବିଭାଗୀୟ ସଭ୍ୟା ମଧୁସ୍ମିତା ସ୍ୱାଇଁ ପ୍ରତିପକ୍ଷଙ୍କୁ ୬୦ ହଜାର ଟଙ୍କାର ଦଣ୍ଡାଦେଶ ଧାର୍ଯ୍ୟ କରିଛନ୍ତି। ଶୁଣାଣୀ ସମୟରେ ଉଭୟ ଦମ୍ପତି ଉପଭୋକ୍ତା କର୍ମୀ ଜାମିନୀକାନ୍ତ ନନ୍ଦ ଓ ରଶ୍ମିତା ନାୟକ ଉପସ୍ଥିତ ଥିବାବେଳେ ଖାଉଟି ଅଦାଲତର ଏପରି ଦଣ୍ଡାଦେଶ ଉପରେ ଖୁସି ଓ ସନ୍ତୋଷ ବ୍ୟକ୍ତ କରିଛନ୍ତି।

## ବିଦ୍ୟୁତ୍ ତାର ବିଛାଇ ବନ୍ୟଜନ୍ତୁ ଶିକାର ଏକ ସାମାଜିକ ତଥା ନୈତିକ ଅପରାଧ

ବୁର୍ଲା(ଭାସ୍କର ନ୍ୟୁଜ): ବନ୍ୟଜନ୍ତୁ ଶିକାର କରିବା ଏକଦଣ୍ଡନୀୟ ଅପରାଧ। ଆମ ଦେଶର ତଥା ରାଜ୍ୟର ବିଭିନ୍ନ ଆଇନରେ ଶିକାରୀଙ୍କୁ ଦଣ୍ଡିତ କରିବାର ପ୍ରାବଧାନ ରହିଅଛି। ଜନସାଧାରଣଙ୍କୁ ଆଇନ ପରିସୀମାରୁ ଉର୍ଦ୍ଧକୁ ଉଠି ବନ୍ୟଜନ୍ତୁଙ୍କ ଶିକାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଏବଂ ଏହାକୁ ଏକ ଆନ୍ଦୋଳନରେ ପରିବର୍ତ୍ତନ କରିବା ସମୟ ଆସିଯାଇଛି। ସରକାରଙ୍କ କଠୋର ନୀତି ଦ୍ୱାରା ବେଆଇନ ବନ୍ଧୁକର ବ୍ୟବହାରିତା ଉପରେ ଅଂକୁଶ ଲାଗିବା ପରେ ଏବେ ଶିକାରୀମାନେ ନୂତନ ଉପାୟ ଅବଲମ୍ବନ କରିବା ସାମସ୍ତଙ୍କ ଦୃଷ୍ଟିକୁ ଆସିଛି। ବିଦ୍ୟୁତ୍ତ୍ୱ ବହାର କରି ବନ୍ୟଜନ୍ତୁ ଶିକାର କରିବାର ଦୃଷ୍ଟାନ୍ତ ଦିନକୁଦିନ ବଢିବାରେ ଲାଗିଛି। ବିଦ୍ୟୁତ୍ ବିତରକ କମ୍ପାନୀ ହିସାବରେ ଜନସାଧାରଣଙ୍କୁ ବିଦ୍ୟୁତ୍ ସେବା ଯୋଗାଇଦେବା ପାଇ ପଶ୍ଚିମ ଓଡ଼ିଶାର ୪୭,୦୦୦ବର୍ଗ କିଲୋମିଟର ଭୌଗଳିକ ପ୍ରାନ୍ତରେ ବିଦ୍ୟୁତ ବିତରଣ ପାଇଁ ଭିତ୍ତିଭୂମି ଲଗାଯାଇଛି ଏବଂ ଏହି ବିଦ୍ୟୁତ ବିତରଣ ନିମନ୍ତେ ବ୍ୟବହାର ହେଉଥିବା ବିଦ୍ୟୁତ୍ ଯୋଗାଣ ମଧ ଦେଇ ଗୋଟିଏ ପ୍ରାନ୍ତରୁ ଅନ୍ୟଏକ ପ୍ରାନ୍ତକୁ ଟଣାଯାଇଛି। ଏହାର ସୁଯୋଗ ନେଇ କିଛି ଅସାଧୁବ୍ୟକ୍ତି ଅନୈତିକ ଉପାୟରେ ସେହି ବିଦ୍ୟୁତ ଲାଇନରୁ ହୁକ ପକାଇ ଘଞ୍ଜଙ୍ଗଲ ମଧ୍ୟରେ ତାର ବିଛାଇ ବନ୍ୟଜନ୍ତୁ ଶିକାର କରିବା ପରିଲକ୍ଷିତ ହେଉଛି। ଏହା ପ୍ରତ୍ୟେକ ବର୍ଷ ବିଶେଷକରି ଶୀତ ଓ ବସନ୍ତ ଋତୁରେ ବେଶୀ ପରିମାଣରେ କାର୍ଯ୍ୟକାରୀ ହେବା ଗଣମାଧ୍ୟମ ଦ୍ୱାରା ପ୍ରଚାର ପ୍ରସାର ମଧ କରାଯାଉଛି । ଏହି ପରିପେକ୍ଷୀରେ ଆମେ ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀଙ୍କ ଦୃଷ୍ଟିଗୋଚରକୁ ଆଣିବାକୁ ଚାହୁଁଛୁ ଯେ, ବିଦ୍ୟୁତ ସେବା ଏକ ଅପରିହାର୍ଯ୍ୟ ସେବା ଅଟେ। ଏହାର ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହର ସୁଯୋଗ ନେଇ ଯଦି କିଛି ଅସାମାଜିକ ବ୍ୟକ୍ତି ଏହିପରି ଅନୈତିକ କାର୍ଯ୍ୟରେ ଲିପ୍ତ ରହନ୍ତି ସେମାନଙ୍କୁ ଧରି ଆଇନ ଅନୁଯାୟୀ କାର୍ଯ୍ୟନୁଷ୍ଠାନ କରିବା ପ୍ରତ୍ୟେକ ବ୍ୟକ୍ତିଙ୍କ ଏକ ସାମାଜିକ ଦାୟିତ୍ୱ। ଜୀବନ୍ତ ବିଦ୍ୟୁତ ତାରରେ ହୁକ ପକାଇବା କେବଳ ଯେ ଆଇନ ଅନୁଯାୟୀ ଦଣ୍ଡନୀୟ କାର୍ଯ୍ୟ ନୁହେଁ, ବରଂ ଏହା ଏକ ବିପଦପୂର୍ଣ୍ଣ କାର୍ଯ୍ୟ। ଏହାଦ୍ୱାରା ମନୁଷ୍ୟ ଜୀବନ ମଧ ବିପଦ ମୁଖରେ ପଡ଼ିପାରେ । ବିଗତ ଦିନରେ କିଛିଲୋକ ଏହି ଅନୈତିକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ନିଜର ଜୀବନ ହରାଇଛନ୍ତି ଏବଂ ବହୁତ ଲୋକ ଦୁର୍ଘଟଣାର ମଧ ଶିକାର ହୋଇଛନ୍ତି।

## ଜରିପଡା-ଗଡ଼ଖଲ ସଂଯୋଗ ରାସ୍ତା ମରଣଯନ୍ତା

ବୋଲଗଡ଼(ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକ ଅନ୍ତର୍ଗତ ସାଗରଗାଁ ପଞ୍ଚାୟତର ଜରିପଡା ଗ୍ରାମରୁ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ଗଡ଼ଖଲ ଗ୍ରାମ ପର୍ଯ୍ୟନ୍ତ ପୁରାତନ ରାସ୍ତା ଯାହାକି ମାତ୍ର ୩ କିଲୋମିଟର ରାସ୍ତା ମରଣଯନ୍ତା ପାଲଟିଛି। ଉକ୍ତ ରାସ୍ତାଟି ବୋଲଗଡ଼ ବ୍ଲକ୍ ଓ ଭାପୁର ବ୍ଲକର ସଙ୍ଗମସ୍ଥଳୀ ହୋଇଥିବାରୁ କାହାର ଦୃଷ୍ଟି ପଡୁନାହିଁ। ଏପରିକି ଖରାଦିନେ ଖାଲଖମା ସକାଶେ ଲୋକମାନେ ଯାତାୟାତ କରିବାରେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ବର୍ଷାଦିନ କଥା ନକହିବା ସବୁଠାରୁ ଭଲ। ବର୍ଷା ଦିନରେ ଏହି ୩ କିଲୋମିଟର ରାସ୍ତାରେ ଆଣ୍ଠୁଏ ପାଣି ସହିତ କାଦୁଅ ଭର୍ତ୍ତି ହୋଇ ରହିଥାଏ, ଯାହାକି ସେହି ଅଞ୍ଚଳ ଲୋକମାନେ ସିଧାସଳଖ ରାସ୍ତାକୁ ଛାଡ଼ି ୧୫କିଲୋମିଟର ରାସ୍ତା ବୁଲି ଯିବାକୁ ପଡେ। ଭାପୁର ଡାକ୍ତରଖାନା କିମ୍ବା ବାଙ୍କୋଇ ଡାକ୍ତରଖାନା ଯିବାକୁ ହେଲେ ରୋଗୀକୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ। ତେଣୁ ରାସ୍ତାର ସ୍ଥାୟୀ ନିର୍ମାଣ ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଅଛନ୍ତି ।

## ଦେଶୀମଦ ସହ ସ୍କୁଟି ଜବତ, ଅଭିଯୁକ୍ତ କୋର୍ଟଚାଲାଣ

ଭୁବନ(ଭାସ୍କର ନ୍ୟୁଜ): ଭୁବନ ଓ କାମାକ୍ଷାନଗର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ମୋଟ ୭୦ ଲିଟର ଦେଶୀ ମଦ, ୭.୮ ଲିଟର ବିଅର ସମେତ ଗୋଟିଏ ସ୍କୁଟି ଜବତ କରାଯାଇଥିବା ଜଣାପଡ଼ିଛି । ପ୍ରାପ୍ତ ଖବରରୁ ପ୍ରକାଶ ଯେ ଅବକାରୀ ଏସଆଇ ଦୀପଦ୍ୟୋତନ ବିଶ୍ୱାଳ, ଏଏସଆଇ ମିନତୀ ପାଇକ, କାମାକ୍ଷାନଗର ଏଏସଆଇ ସନାତନ ବେହେରା, କନଷ୍ଟେବଳ ଗୋଲାପ ସାହୁ, ପ୍ରେମାନନ୍ଦ ବେହେରା, ସତ୍ୟବ୍ରତ ମହାଳିକ ପ୍ରମୁଖ ଭୁବନ ଥାନା ଅନ୍ତର୍ଗତ କୁନିଦା ଗ୍ରାମର ଜିତେନ୍ଦ୍ର ସାହୁଙ୍କଠାରୁ ୨୦ ଲିଟର, ଚନ୍ଦାର ଗ୍ରାମର ଚିତ୍ରସେନ ସାହୁଙ୍କଠାରୁ ୫୦ ଲିଟର ଦେଶୀ ମଦ ଓ ସ୍କୁଟି ଗାଡ଼ି ଜବତ କରାଯାଇଥିବା ବେଳେ କୁନିଦା ଗ୍ରାମର ସୌଭାଗ୍ୟ ସାହୁଙ୍କ ନିକଟରୁ ୭.୮ ଲିଟର ବିଅର୍ ଜବତ କରିଥିଲେ । ଏ ସମ୍ପର୍କରେ ୩ଟି କେଶ ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

## ଦୀର୍ଘ ୧୪ ବର୍ଷ ହେଲା ୨୫ ଅସ୍ଥାୟୀ କର୍ମଚାରୀଙ୍କ ଇପିଏଫ୍ ଟଙ୍କା ଗାଏବ୍




ପଟ୍ଟାମୁଣ୍ଡାଇ(ଭାସ୍କର ନ୍ୟୁଜ): ପଟ୍ଟାମୁଣ୍ଡାଇ ପୌରପାଳିକାରେ ଥିବା ଏକମାତ୍ର ମହିଳା ମହାବିଦ୍ୟାଳୟ ଥିବା ପ୍ଲସ ଟୁ ବିଭାଗରେ ଥିବା କଲେଜ ଅସ୍ଥାୟୀ ଅଧ୍ୟାପକ ଓ କର୍ମଚାରୀଙ୍କ ଇପିଏଫ୍ ଟଙ୍କା ହରଲୁଟ ହେବାର ଖବର ମିଳିଛି। ଏହି ମହିଳା କଲେଜରେ ୨୫ରୁ ଉର୍ଦ୍ଧ୍ୱ ଅସ୍ଥାୟୀ କର୍ମଚାରୀ କାର୍ଯ୍ୟ କରନ୍ତି। ସେମାନେ ୧୪ ବର୍ଷ ହେଲା ମହିଳା କଲେଜରେ ଚାକିରି କରି କଲେଜରୁ ଦରମା ନେଇଥାନ୍ତି। କିନ୍ତୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର୍‌ଙ୍କ ଗାଇଡଲାଇନରେ ଅଛି ଯୋଉଠି ଅସ୍ଥାୟୀ କି ସ୍ଥାୟୀ କର୍ମଚାରି ନିଯୁକ୍ତି ପାଇଥିବେ ସେମାନଙ୍କ ଭବିଷ୍ୟତ ପାଣ୍ଠି ପାଇ ଉପରିସ୍ଥ ଅଧିକାରୀ ସେମାନଙ୍କ ଇପିଏଫ୍ କାଟିବାକୁ ବାଧ୍ୟ। କିନ୍ତୁ ଦୁଃଖର କଥା ପଟ୍ଟାମୁଣ୍ଡାଇ ମହିଳା କଲେଜର ପ୍ଲସ ଟୁ ବିଭାଗରେ ୨୫ଜଣ କର୍ମଚାରୀଙ୍କ ଇପିଏଫ୍ ଚଉଦ ବର୍ଷ ହେଲା ଆକାଉଣ୍ଟରେ ନ ଜମାକରି ସେଇ ଟଙ୍କାକୁ କଲେଜର ଅଧ୍ୟକ୍ଷା ଟଙ୍କାକୁ କୋଉଠି ରଖିଛନ୍ତି ତାହା ବର୍ତ୍ତମାନ ସନ୍ଦେହ ଘେରରେ। ୨୫ରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ ୧୪ ବର୍ଷରେ ହାରାହାରି ତିରିଶି ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜମା ହୋଇନାହିଁ। ସେଇ ୩୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା କୁଆଡେ ଗଲା ତାହା ଅସ୍ଥାୟୀ ଅଧ୍ୟାପକ ଓ କର୍ମଚାରୀଙ୍କ ମନରେ ସନ୍ଦେହ ଉପୁଜିବାରୁ ସେମାନେ ମହିଳା ମହାବିଦ୍ୟାଳୟ ଅଧକ୍ଷାଙ୍କୁ ଭେଟି ଅଭିଯୋଗ କଲେ ବି ତାଙ୍କ ତରଫରୁ କିଛି ସନ୍ତୋଷ ଜନକ ଉତ୍ତର ନ ପାଇବାରୁ ସେମାନେ ସମସ୍ତେ ଅସନ୍ତୋଷ ପ୍ରକାଶ ସହିତ କୋର୍ଟର ଦ୍ୱାରସ୍ଥ ହେବେ ବୋଲି ଅଧକ୍ଷାଙ୍କୁ ଚେତାବନୀ ଦେଇଛନ୍ତି। ଏହି ଖବର ପ୍ରଚାରିତ ପରେ ସାମ୍ବାଦିକ ଟିମ୍ ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟର ଅଧକ୍ଷା ରାଜଲକ୍ଷ୍ମୀ ମହାନ୍ତିଙ୍କୁ ପଚାରିବାରୁ ସିଏ ଡରିଯାଇ ପ୍ରଥମେ କହିଲେ ଆମ କଲେଜରେ କେହି ଅସ୍ଥାୟୀ କର୍ମଚାରୀ ନାହାନ୍ତି । ପୁଣି ଶେଷରେ ସତ ମାନି କହିଲେ ଆମ ବିଦ୍ୟାଳୟରେ ପଚିଶିରୁ ଉର୍ଦ୍ଧ୍ୱ ଅସ୍ଥାୟୀ କର୍ମଚାରୀ ଚଉଦ ବର୍ଷ ହେଲା ଚାକିରି କରୁଛନ୍ତି ଓ ପ୍ରତି ମାସରେ ସେମାନଙ୍କ ଦରମା କଲେଜରୁ ନେଉଛନ୍ତି। ସରକାରଙ୍କ ଗାଇଡ ଲାଇନ ଅନୁସାରେ ୧୪ବର୍ଷ ହେଲା ସେମାନଙ୍କର ଇପିଏଫ୍ ପାଉଥିବା ଦରମାରୁ କଟୁଛି, କିନ୍ତୁ ସେମାନଙ୍କର ଇପିଏଫ୍ ଆକାଉଣ୍ଟରେ ଜମା ହେଉନାହିଁ କି ପଚିଶି ଜଣ କର୍ମଚାରୀଙ୍କ ଇପିଏଫ୍ ଆକାଉଣ୍ଟ ଖୋଲା ଯାଇନାହିଁ। ଏ କଥା ପଟ୍ଟାମୁଣ୍ଡାଇ ମହିଳା କଲେଜର ଅଧକ୍ଷା ମହାନ୍ତି କହିବାରୁ ସାମ୍ବାଦିକମାନଙ୍କ ମନରେ ସନ୍ଦେହ ହେବାରୁ ପୁଣି ଗୋଟେ ପ୍ରଶ୍ନ ପଚାରିବାରୁ ଅଧକ୍ଷା ନିଜେ ମାନିଲେ ୨୫ଜଣ କର୍ମଚାରୀଙ୍କର ଚଉଦ ବର୍ଷ ହେଲା ଇପିଏଫ୍ କଟୁଛି କିନ୍ତୁ କର୍ମଚାରୀଙ୍କ ଆକାଉଣ୍ଟରେ ଜମା ନହୋଇ କଲେଜ ଆକାଉଣ୍ଟ ରେ ଜମା ହେଉଛି। ଅଧକ୍ଷା କହିଲେ ୧୪ ବର୍ଷ ହେଲା ହାରାହାରି ୩୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା କର୍ମଚାରୀଙ୍କ ଆକାଉଣ୍ଟରେ ଜମା ନ ହୋଇ ପଡ଼ିରହିଛି। ଆଗରୁ ଏହି କଲେଜରେ ନିଯୁକ୍ତି ଓ କଲେଜ କାମରେ କୋଟି କୋଟି ଟଙ୍କା ଦୁର୍ନୀତି ହେବାର ଖବର ଗଣମାଧ୍ୟମରେ ଖବର ପ୍ରସାରଣ ହୋଇ ଥିଲା। ପୁଣି ୩୦ଲକ୍ଷରୁ ଉର୍ଦ୍ଧ୍ୱ ଇପିଏଫ୍ ଟଙ୍କା ହରିଲୁଟ ହେବାର ଖବର ମିଳିବା ପରେ ପଚିଶି ଜଣ ଅସ୍ଥାୟୀ କର୍ମଚାରୀଙ୍କ ଭବିଷ୍ୟତ ପାଣ୍ଠିର ଟଙ୍କା ପାଇବା ଅନ୍ଧକାର ଆଡ଼କୁ ଗତି କରିଛି। ଏହି ଖବର ପ୍ରଚାରିତ ହେବା ପରେ ଅସ୍ଥାୟୀ କର୍ମଚାରୀଙ୍କ ମନରେ ଅସନ୍ତୋଷ ଦେଖା ଦେବା ସହିତ ସେମାନଙ୍କର ଚଉଦ ବର୍ଷର ଇପିଏଫ୍ ଟଙ୍କା ଜମା ନହୋଇ କୁଆଡେ ଗଲା ଯଦି ଟଙ୍କା ଜମା ନ ହୁଏ ସେମାନେ ସମୂହ ଜିଲ୍ଲାପାଳଙ୍କ ନିକଟରେ ଅନଶନରେ ବସିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

## ସାମ୍ବାଦିକଙ୍କ ମାତୃ ବିୟୋଗ

ଧର୍ମଗଡ଼, (ଭାସ୍କର ନ୍ୟୁଜ): ଗୁରୁବାର ବିଳମ୍ବିତ ରାତିରେ ସ୍ୱର୍ଗୀୟ କବି ଅଖିଳ ନାୟକ ଓ ବରିଷ୍ଠ ସାମ୍ବାଦିକ ଡମ୍ବରୁ ନାୟକଙ୍କ ମା'ଙ୍କ ପରଲୋକ ହୋଇଯାଇଛି । ବୁଧବାର ରାତି ପ୍ରାୟ ୧ଟାରେ ସାମ୍ବାଦିକଙ୍କ ରାଉରକେଲା ବାସଭବନରେ ହଠାତ୍ ମୃତା ବସୁମତୀ ନାୟକ(୭୧)ଙ୍କୁ ଛାତି ଯନ୍ତ୍ରଣା ହୋଇଥିଲା । ତୁରନ୍ତ ସାମ୍ବାଦିକ ଡମ୍ବରୁ ଓ ତାଙ୍କ ଧର୍ମ ପତ୍ନୀ ନିଳେନ୍ଦ୍ରୀ ନାୟକ ଡାକ୍ତରଖାନା ନେଇଥିଲେ । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ପାର୍ଥିବ ଶରୀର ନିଜ ଗାଁ ରଇନଗୁଡାରେ ଗୁରୁବାର ପହଞ୍ଚିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ଖବର ପ୍ରଚାର ହେବା ପରେ ବନ୍ଧୁବାନ୍ଧବ, ପରିଜନ ଓ ବିଭିନ୍ନ ସଂଗଠନ ସଦସ୍ୟମାନେ ଶେଷ ଦର୍ଶନ କରିଥିଲେ । ଶୋକାକୁଳ ପରିବେଶ



ମଧ୍ୟରେ ଗାଁ ମଶାଣି ରେ ତାଙ୍କୁ ସମାଧି ଦିଆଯାଇଛି । ସେ ଜଣେ ଧର୍ମପରାୟଣ ମିଠାଭାଷି ଓ ପରୋପକାରୀ ଥିଲେ । ସେ ସ୍ୱର୍ଗୀୟ କବି ଶିକ୍ଷାବିତ ନାଟ୍ୟକାର ଦୈତାରୀ ନାୟକଙ୍କ ଧର୍ମ ପତ୍ନୀ । ତାଙ୍କ ବିୟୋଗରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂ ଦେଓ, ପୂର୍ବତନ ବିଧାୟକ ମୌସୁଧି ବାଗ, ସଦର ବିଧାୟକ ସାଗର ଚରଣ ଦାସ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସମେତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସେଭଳି ସିଡ୍ୟୁଲ କାଷ୍ଟ ଫେଡେରେସନ୍ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଦଣ୍ଡପାଟ ଆଞ୍ଚଳିକ ଡମ୍ବ ସମାଜ ଓ ଦଣ୍ଡପାଟ ସାମ୍ବାଦିକ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ସମାଧି ଦେବା ବେଳେ ମଝିଆ ପୁଅ ସାମ୍ବାଦିକ ଡମ୍ବରୁ ନାୟକ, ସାନ ପୁଅ ଚୁଳେନ୍ଦୁ ଭୂଷଣ ନାୟକ, ବଡ଼ ଜ୍ୱାଇଁ ଦିବାକର ବାଗ, ମଝିଆ ଜ୍ୱାଇଁ, ଧନୁର୍ଜ୍ୟ ଦୁର୍ଗା, ସାନ ଜ୍ୱାଇଁ ସୁଶିଳ ନାଏକ , ଏଝିଅ, ଏବୋହୁ, ନାତି ନାତୁଣୀ, ବନ୍ଧୁବାନ୍ଧବ ପରିଜନ ଓ ବିଭିନ୍ନ ପ୍ରାନ୍ତର ସାମ୍ବାଦିକମାନେ ଉପସ୍ଥିତ ରହିଥିଲେ ।

## ଜିଲ୍ଲା ଶିଶୁ ମଙ୍ଗଳ ସମିତି କାର୍ଯ୍ୟାଳୟରେ ଆଦର୍ଶ ବିବାହ




ଭବାନୀପାଟଣା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଶିଶୁ ମଙ୍ଗଳ ସମିତି କାର୍ଯ୍ୟାଳୟଠାରେ ବୁଧବାର ଦିନ ଏକ ଆଦର୍ଶ ବିବାହ ଅନୁଷ୍ଠିତ ହୋଇଯାଇଛି । କଳାହାଣ୍ଡି ଜିଲ୍ଲା ଶିଶୁ ମଙ୍ଗଳ ସମିତିର କର୍ମକର୍ତ୍ତା, ସହାୟକ ଏବଂ ଉଭୟ ପକ୍ଷ ପରିବାରଙ୍କ ସହଯୋଗ କ୍ରମେ ଏଭଳି ଏକ ମହତ କାର୍ଯ୍ୟ ହୋଇପାରିଥିବାରୁ ଜନସାଧାରଣ ଜିଲ୍ଲା ସିଡବ୍ଲ୍ୟୁସିର ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି । ଏ ସମ୍ପର୍କରେ ମିଳିଥିବା ସୂଚନା ଅନୁସାରେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଅନ୍ତର୍ଗତ କର୍ମେଲ ଗ୍ରାମର ପ୍ରତାପ ମାଝୀ ଏବଂ ସେହି ଗ୍ରାମର ନାବାଳିକା ଝିଅ ପିତାମ୍ବରୀ ମାଝୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ସମୟ କ୍ରମେ ଉଭୟଙ୍କ ସମ୍ପର୍କରୁ ତାଙ୍କର ଏକ ପୁଅ ମଧ୍ୟ ହୋଇଥିଲା । ତେବେ ଝିଅ ପିତାମ୍ବରୀର ବୟସ ୧୮ ବର୍ଷରୁ କମ୍ ହୋଇଥିବା କାରଣରୁ ଏବଂ ଝିଅର ବାପା ଜଗତ ରାମ ମାଝୀଙ୍କ ଏତଲାକୁ ଆଧାର କରି ପୁଅ ନାମରେ ପୋକ୍ସୋ ଆଇନ ଅନୁସାରେ ଏକ ମାମଲା ରୁଜୁ ହୋଇଥିଲା ଏବଂ ସେ ପ୍ରେମିକ ପ୍ରତାପ ମାଝୀ ପ୍ରାୟ ଏକ ବର୍ଷ ହେଲା ଜେଲ୍‌ରେ ଥିଲେ । ନାବାଳିକା ମା' ପିତାମ୍ବରୀ ଓ ତା'ପୁଅକୁ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଜିଲ୍ଲା ସ୍ୱଧାର ଗୃହରେ ଥଇଥାନର ବ୍ୟବସ୍ଥା କରିଥିଲେ । ଇତିମଧ୍ୟରେ ମାନ୍ୟବର ବିଚାରପତି, ପୋକ୍ସୋ କେଶର ବିଚାର କରି ଅଭିଯୁକ୍ତ ପ୍ରତାପକୁ ନିର୍ଦ୍ଦୋଷରେ ଖଲାସ କରି ଦେଇଥିଲେ । ସେତେ ବେଳକୁ ଝିଅର ବୟସ ମଧ୍ୟ ଅଠର ବର୍ଷରୁ ଅଧିକ ହୋଇ ସାରିଥିଲା । ତେଣୁ ତାଙ୍କ ଦୁହିଁଙ୍କ ସହ ତାଙ୍କ ପୁଅର ଭବିଷ୍ୟତକୁ ଦୃଷ୍ଟି ରଖି ଶିଶୁ ସୁରକ୍ଷା ସମିତି ତରଫରୁ ଉଭୟ ପରିବାରଙ୍କୁ ବୁଝାସୁଝା କରି ରାଜି କରାଇବା ପରେ ଦୁହିଁଙ୍କ ବିବାହ କାର୍ଯ୍ୟ ୨୭ତାରିଖ ଦିନ ସମ୍ପନ୍ନ କରାଯାଇଥିଲା । ଏହି ଅବସରରେ ଶିଶୁ ମଙ୍ଗଳ ସମତି, କଳାହାଣ୍ଡିର ଅଧ୍ୟକ୍ଷ ରୂପେଶ କୁମାର ହୋତା, ସଦସ୍ୟ ସଞ୍ଜୟ କୁମାର, ବରିଷ୍ଠ ଆଇନଜୀବୀ ଭାରତ ଭୂଷଣ ପଣ୍ଡା, ଅଶୋକ ରଞ୍ଜନ ଚୌଧୁରୀ, ମହିଳା ସଦସ୍ୟା ବସନ୍ତ କୁମାରୀ ପଟ୍ଟନାୟକ, ସହାୟକ ନିଗମାନନ୍ଦ ସାହୁ, ସ୍ୱଧାର ଗୃହର କର୍ମକର୍ତ୍ତା ଏବଂ କନ୍ୟା ଓ ବର ପକ୍ଷମାନଙ୍କ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ ।

## 'କଳା ଓ ସଂସ୍କୃତି ମଣିଷ ଜୀବନ ସହିତ ଜଡ଼ିତ'



ଜୁନାଗଡ଼, (ଭାସ୍କର ନ୍ୟୁଜ): କଳା ଓ ସଂସ୍କୃତି ମଣିଷର ଜୀବନ ସହିତ ଜଡ଼ିତ ରହିଛି । ଏହା ବିନା ମଣିଷ ଜୀବନ ଦୁର୍ବିସହ ହୋଇପଡ଼େ ବୋଲି ଜୁନାଗଡ଼ ବରଗଛପଡ଼ାରେ ଆୟୋଜିତ ଡ୍ୟାନ୍ସ ଧମାକା ସାଂସ୍କୃତିକ କାର୍ଯ୍ୟକ୍ରମରେ ବହୁଜନ ସଂଗ୍ରାମ ସମିତିର ସଭାପତି ରଞ୍ଜନ କୁମାର ଜାଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ । ବରଗଛପଡ଼ା ଯୁବ ସଂଗଠନ ଦ୍ୱାରା କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଡ୍ୟାନ୍ସ ଧମାକା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବହୁଜନ ସଂଗ୍ରାମ ସମିତିର ସଭାପତି ରଞ୍ଜନ କୁମାର ଜାଲ, ସମ୍ମାନୀୟ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷକ୍ଷ ହିମାଦ୍ରୀ ନାଏକ, ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର କ୍ଷିତି, ଉଗ୍ରେସନ କନ୍ଦପାନ,ସପ୍ତେଶ୍ୱର ପାଢି, ଯୁବ ଯାଦବ ନଗର ସଭାପତି କାଶୀନାଥ ଘି, ବିଜେନ୍ଦ୍ର ଗହୀର, ଲକ୍ଷ୍ମୀ ଗହୀର ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ପ୍ରତିଯୋଗିତାରେ ଜୁନାଗଡ଼, ଭବାନୀପାଟଣା, ଧର୍ମଗଡ଼, ଜୟପାଟଣା, କଳମପୁର, କେସିଙ୍ଗା ସମେତ ଛତିଶଗଡ ଅଞ୍ଚଳରୁ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । କୃତି ପ୍ରତିଯୋଗୀମାନଙ୍କୁ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ବିଚାରପତି ଭାବେ ମାନସ ରଞ୍ଜନ ସେଠି, ପ୍ରକାଶ ନିଆଲ, ଯୋଗୀନ୍ଦ୍ର ପଟ୍ଟନାୟକ, ଗୋବର୍ଦ୍ଧନ ନାଗ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ । ସେହିପରି ଆୟୋଜନ କମିଟିରେ ଭବାନୀ ପ୍ରଧାନୀ, ତିଳ ନାଏକ, ଟୁନା ନାଏକ, ଗୋପାଳ ପ୍ରମୁଖ ଉପସ୍ଥିତ ହୋଇ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରି ସୁଚାରୁ ରୂପେ ସମ୍ପାଦନ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ବିନୟ ସାହୁ ପରିଚାଳନା କରିଥିଲେ । ଏହି ଡ୍ୟାନ୍ସ ଧମାକା କାର୍ଯ୍ୟକ୍ରମକୁ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ।

## ରୁପ୍ରାରୋଡ ପଞ୍ଚାୟତରେ ଦୁର୍ନୀତି ଅଭିଯୋଗ

ନର୍ଲା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲାର ଏକ ବୃହତ ଗ୍ରାମ ପଞ୍ଚାୟତ ରୁପ୍ରାରୋଡ ଦୁର୍ନୀତିରେ ବୁଡ଼ି ରହିଥିବା ଚର୍ଚ୍ଚା ଆଲୋଚନା ଜୋର ଧରିଛି । ସାଧାରଣ ଜନତାଙ୍କ ଅଭିଯୋଗ ଅନୁସାରେ ଏଠାରେ କାମ କମ୍, ଦୁର୍ନୀତି ଅଧିକ ହେଉଛି। ସୋକ୍ ପିଟ୍ ଠାରୁ ଆରମ୍ଭ ହୋଇ ମନରେଗା ପର୍ଯ୍ୟନ୍ତ ଦୁର୍ନୀତିର ଚେର ଲମ୍ବିବାରେ ଲାଗିଛି । ବିକାଶ ଏଠାରେ ମୁହଁମାଡ଼ି ପଡିଥିବାବେଳେ ସାଧାରଣ ଜୀବନଯାତ୍ରା ବ୍ୟାହତ ହେଉଛି। ରୁପ୍ରାରୋଡ ବସ୍ତିର ମୁଖ୍ୟ ରାସ୍ତା ଅବରୋଧ ହୋଇ ରହିଥିବାରୁ ପଥ ସଂକୀର୍ଣ୍ଣ ହୋଇଯାଇଛି । ମରାମତି ଅଭାବରୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି । ରାସ୍ତା ଉପରେ ବୁଧବାର ସାପ୍ତାହିକ ହାଟ ବସୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି । ଠିକ୍ ଭାବରେ ଡ୍ରେନ୍ ସଫା ହେଉନାହିଁ କିନ୍ତୁ ସଫେଇ ନାଁରେ ଲକ୍ଷ ଲକ୍ଷ ଟଙ୍କାର ଘୋଟାଲା ହେଉଛି । ପଞ୍ଚାୟତର ବିଭିନ୍ନ ଗାଁର ରାସ୍ତା ନିର୍ମାଣ ଏବଂ ମରାମତି ନାମରେ ଲକ୍ଷ ଲକ୍ଷ ଟଙ୍କା ତୋଷରପାତ କରାଯାଇଛି । ଏଠାରେ ପରିମଳ ବ୍ୟବସ୍ଥା ସଂପୂର୍ଣ୍ଣ ଭୁଷୁଡି ପଡ଼ିଛି । ଜଳଯୋଗାଣ ମଧ୍ୟ ଅନେକ ସମୟରେ ବନ୍ଦ ରହୁଛି । ପୂର୍ବରୁ ଲାଗିଥିବା ଅନେକ ଷ୍ଟ୍ରିଟ୍ ଲାଇଟ ଅକାମୀ ହୋଇପଡିଛି, ଷ୍ଟ୍ରିଟ୍ ଲାଇଟ୍ କିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା କଥା ହାଟରେ ପଡ଼ି ବାଟରେ ଗଡୁଛି । ଜମି ମରାମତି ଓ ପୋଖରୀଖୋଳାରେ ମଧ୍ୟ ଦୁର୍ନୀତି ଓ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି । ଯୋଗ୍ୟ ହିତାଧିକାରୀ ଏଠାରେ ବାଦ୍ ପଡୁଥିବାବେଳେ ପଇସା ଚଳୁ କରିବା ପାଇଁ ଅଯୋଗ୍ୟଙ୍କୁ ପଞ୍ଚାୟତର ବିଭିନ୍ନ ଯୋଜନାରେ ସାମିଲ କରାଯାଉଥିବା ପରି ସାଂଘାତିକ କଥା ସାମ୍ନାକୁ ଆସିବାରେ ଲାଗିଛି । ବିନା ଟେଣ୍ଡରରେ ବଜାର ଚାଲିଛି । ଏଠାରୁ ସଂଗୃହୀତ ହେଉଥିବା ଟଙ୍କା ଭୂତ ଖାଇଯାଉଛି । ତେବେ ସବୁଠାରୁ ଅଧିକ ଦୁର୍ନୀତି ଓ ଅନିୟମିତତା ମନରେଗାରେ ହେଉଥିବା କୁହାଯାଉଛି । ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ଏନେଇ ନର୍ଲା ବିଡ଼ିଓ ରିପୁନାଥ ସୁନାଙ୍କ ପ୍ରତିକ୍ରିୟା ନେବାରୁ ସେ କହିଥିଲେ, ଏନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### ଜଳସେଚନ ଦାବିରେ ପ୍ରସ୍ତୁତି ବୈଠକ

## ଆଜି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଧାରଣା

ଧର୍ମଗଡ଼, (ଭାସ୍କର ନ୍ୟୁଜ): ଇନ୍ଦ୍ରାବତୀ ପ୍ରକଳ୍ପରୁ ଜଳସେଚନ ଦାବିରେ ଗୁରୁବାର ସକାଳେ ଚାଷୀଙ୍କ ଏକ ପ୍ରସ୍ତୁତି ବୈଠକ ଧର୍ମଗଡ଼ରେ ଅନୁଷ୍ଠିତ ହୋଇଥିଲା । ଧର୍ମଗଡ଼ ଆଞ୍ଚଳିକ କୃଷକ ସଙ୍ଗଠନ ପକ୍ଷରୁ ରବି ଚାଷ ପାଇଁ ଇନ୍ଦ୍ରାବତୀ ଜଳଭଣ୍ଡାରରୁ ଚିଲିଚିଲା ଡିଷ୍ଟ୍ରିବ୍ୟୁଟାରି ପର୍ଯ୍ୟନ୍ତ କେନାଲ ପାଣି ଯୋଗେଇଦେବା ଦାବି ନେଇ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷ ଏବଂ ଉପଖଣ୍ଡ ପ୍ରଶାସନ ନିକଟରେ ଦାବି କରିବା ଓ ଆଲୋଚନା ସତ୍ତ୍ୱେ ଜଳସେଚନ ନେଇ କୌଣସି ପଦକ୍ଷେପ ନନେବାରୁ ପୁଣି ଆନ୍ଦୋଳନ କରିବା ପାଇଁ ଗୁରୁବାର ଧର୍ମଗଡ ଠାରେ ଚାଷୀଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା । ଇନ୍ଦ୍ରାବତୀ ଜଳଭଣ୍ଡାରରେ ଚଳିତ ବର୍ଷ ଜଳସ୍ତର କମ୍ ରହିଥିବା ଦର୍ଶାଇ ରବି ଚାଷ ପାଇଁ ଜଳସେଚନ ବନ୍ଦ ରହିବା ନେଇ ଇନ୍ଦ୍ରାବତୀ ବିଭାଗୀୟ ଅଧିକାରୀ ବିଜ୍ଞପ୍ତି ଜାରି କରିଥିବା ବେଳେ ଏହାକୁ ପ୍ରତିବାଦ କରି ଚାଷୀ ସଙ୍ଗଠନ ପକ୍ଷରୁ ଗତ କିଛି ଦିନ ତଳେ ଧର୍ମଗଡ ଚାରିଛକ ନିକଟରେ ଆନ୍ଦୋଳନକାରୀ ଚାଷୀ ନେତା ଓ ବିଭିନ୍ନ ଦଳୀୟ କର୍ମକର୍ତ୍ତା ଓ ଶତାଧିକ ଚାଷୀଙ୍କ ସହ ଆନ୍ଦୋଳନ କରିଥିବା ବେଳେ ଘଟଣାସ୍ଥଳରେ ଧର୍ମଗଡ ଉପଜିଲ୍ଲାପାଳ ପହଞ୍ଚି ଚାଷୀ ନେତା ଓ ଜନପ୍ରତିନିଧିଙ୍କ ସହ ଆଲୋଚନା କରିବା ସହ ଜଳସେଚନ ନେଇ ବିଚାର ବିମର୍ଷ ଚାଲିଛି ଓ କିଛିଦିନ ସମୟ ମାଗିଥିଲେ । ପରେ ରାସ୍ତା ଅବରୋଧ ହଟିଥିଲା । କିନ୍ତୁ ୭ ଦିନରୁ ଅଧିକ ଦିନ ବିତି ଯାଇଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ କିମ୍ବା ଉପଜିଲ୍ଲାପାଳଙ୍କ ଠାରୁ ଜଳସେଚନକୁ ନେଇ କୌଣସି ପ୍ରତିଶ୍ରୁତି ମିଳିନଥିବାରୁ ଧର୍ମଗଡ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଆସନ୍ତାକାଲି ଶୁକ୍ରବାର ଧାରଣାରେ ବସିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି । ବୈଠକରେ ଆଞ୍ଚଳିକ କୃଷକ ସଂଗଠନ ସଭାପତି ଡମ୍ବରୁଧର ଲହଜାଲ, ତୁଷାର ରଞ୍ଜନ ପଟ୍ଟଯୋଷି, ଡାକେ ଲହଜଲ୍, ପ୍ରମୋଦ ପଣ୍ଡା, ରଜନୀ କାନ୍ତ ମୁଣ୍ଡ, ପପୁ ସାଗର, ଏମ ପ୍ରବୀଣ, ସୁନିଲ ସାହୁ, ଅରୂପା ମାଝୀ, ଦୁଷ୍ମନ୍ତ ମାଝୀ, ଜହରଲାଲ ବାଗ, ପ୍ରେମ ଲାଲ ସାଗର, ରାଧେଶ୍ୟାମ ପ୍ରଧାନି, କବିରାଜ ଦୁର୍ଗା ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ।

## ପଦ ବଜାୟ ରଖିଲେ ପଥର୍ଲା ସରପଞ୍ଚ



କେସିଙ୍ଗା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ପଥର୍ଲା ସରପଞ୍ଚଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ବୁଧବାର ଭୋଟିଂ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ତାରିଖ ଧାର୍ଯ୍ୟ ହୋଇଥିଲେ ମଧ୍ୟ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବରେ ଭୋଟିଂ କରିବାକୁ କୌଣସି ୱାର୍ଡସଭ୍ୟ ଓ ସଭ୍ୟା ପଞ୍ଚାୟତ କାର୍ଯ୍ୟାଳୟକୁ ଆସିନଥିଲେ । ଫଳରେ ସରପଞ୍ଚ ଗୀତାଞ୍ଜଳି ଖର୍ସେଲ ତାଙ୍କ ପଦ ବଜାୟ ରଖିବାରେ ସଫଳ ହୋଇଛନ୍ତି । ପଞ୍ଚାୟତର କିଛି ୱାର୍ଡସଭ୍ୟ ଓ ସଭ୍ୟା ମିଶି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ । ପ୍ରଶାସନ ପକ୍ଷରୁ ବୁଧବାର ଏହି ପ୍ରସ୍ତାବ ଉପରେ ଭୋଟିଂ ପାଇଁ ସବୁ ବ୍ୟବସ୍ଥା କରାଯାଇଥିଲା । ନିର୍ବାଚନ ଅଧିକାରୀ ଭାବରେ ଦାୟିତ୍ୱରେ ଥିବା କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ଉପସ୍ଥିତ ରହି ୱାର୍ଡ ସଭ୍ୟସଭ୍ୟାଙ୍କୁ ଅପେକ୍ଷା କରିଥିଲେ । କିନ୍ତୁ କୌଣସି ୱାର୍ଡସଭ୍ୟ ଓ ସଭ୍ୟା ନଆସିବାରୁ ଅନାସ୍ଥା ଭୋଟିଂ ହୋଇ ପାରିନଥିଲା ।

## ସଚେତନତା ଓ ତାଲିମ କାର୍ଯ୍ୟକ୍ରମ



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ): ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ରାମଚନ୍ଦ୍ରପୁରସ୍ଥିତ ବଜାର ପଡ଼ିଆଠାରେ କଳିଙ୍ଗ କୁସୁମ ଓ ଏସ୍‌ବିଆଇ ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ଏକ ସଚେତନତା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଞ୍ଚାୟତ ଅଞ୍ଚଳର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ଅନେକ ମହିଳା ସଦସ୍ୟା ସାମିଲ ହୋଇଥିଲେ । ଏଥିରେ ମହିଳାଙ୍କ ମଧ୍ୟରେ ଡିଜିଟାଲ କାରବାର ସଚେତନତା, ଆର୍ଥିକ କାରବାର ସଚେତନତା ସହିତ ଆଇନଗତ ସାକ୍ଷରତା ଉପରେ ଅଭିଜ୍ଞ ତାଲିମଦାତାମାନେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ । ଅତିଥି ଭାବେ କଳିଙ୍ଗ କୁସୁମର ପ୍ରକଳ୍ପ ପରିଚାଳକ ମିତ୍ରଜିତ ସିଂହ, ୱାର୍ଡ ସଭ୍ୟା ସୁଷମା ବେହେରା, ପଞ୍ଚାୟତସ୍ତରୀୟ ମହାସଂଘ ସଭାନେତ୍ରୀ ନୀଳେନ୍ଦ୍ରି ସାଗର, ଏମବିକେ ପ୍ରମିତା ମାଝୀ ଯୋଗ ଦେଇଥିଲେ। ତାଲିମଦାତା ଭାବେ ମନୀଷ କୁମାର ସାହୁ, ମନୋଜ ନାଏକ, ସତ୍ୟଜିତ ବାଗ ପ୍ରମୁଖ ଯୋଗଦେଇ ସଚେତନ କରିବା ସହିତ ତାଲିମ ପ୍ରଦାନ କରିଥିଲେ । ଯୁବ ସାମ୍ବାଦିକ ସୁଶୀଲ କୁମାର ବାଗ ସଭା ପରିଚାଳନା କରିଥିବାବେଳେ ସିଆର୍‌ପି ଗୁଣବତୀ ଗଉଡ଼ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସିଆର୍‌ପି ପଙ୍କଜିନୀ କରୁଆଁ, ସରୋଜିନୀ ସାହୁ, ଉଲପି ମାଝୀ, ସୌଭାଗ୍ୟ ଛତରଙ୍କ ସହିତ ଇସି ସଭ୍ୟା ମୂଳ ସାହୁ, ଗାୟତ୍ରୀ ଗଉଡ଼, ମଞ୍ଜୁରୀ ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସିଙ୍ଗାରୀ ଘାଟି ରାସ୍ତା ନିର୍ମାଣ କେବେ ?




କଳମପୁର, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲାର କଳମପୁର ଏବଂ ଆଦିବାସୀ ବହୁଳ ଥୁଆମୁଳ ରାମପୁର ବ୍ଲକ ମଧ୍ୟରେ ଯାତାୟାତ ପାଇଁ ଏକମାତ୍ର ରାସ୍ତା ହେଉଛି ସିଙ୍ଗାରୀ ଘାଟି ରାସ୍ତା। ପୂର୍ତ୍ତ ବିଭାଗ ମାଧ୍ୟମରେ ୮୦ ଦଶକରେ ସିଙ୍ଗାରୀ ଘାଟି ମଧ୍ୟରେ କିଛି ରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲା । ଦୀର୍ଘ ୪୫ ବର୍ଷ ଧରି ଏହି ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରୁନାହିଁ । ପୂର୍ତ୍ତ ବିଭାଗର ଭବାନୀପାଟଣା ଉପବିଭାଜନ ଏବଂ ଜୁନାଗଡ ଉପବିଭାଜନ ଅଧୀନରେ ରହିଛି ସିଙ୍ଗାରୀ ଘାଟିର ୮ କିଲୋମିଟର ରାସ୍ତା । କିନ୍ତୁ ଏହି ୮ କିଲୋମିଟର ରାସ୍ତା ନିର୍ମାଣ ହେବାରେ ଏବେ ବାଧକ ସାଜିଛି ଜଙ୍ଗଲ ଆଇନ । ସିଙ୍ଗାରୀ ଜଙ୍ଗଲ ସଂରକ୍ଷିତ ଜଙ୍ଗଲ ଅଧୀନରେ ଥିବାରୁ ଏହି ଜଙ୍ଗଲ ଆଇନ ବାଧକ ସାଜିଛି । ଖଣି ଖାଦାନ ପାଇଁ ରାତା ରାତି ଜଙ୍ଗଲ ଜମିର କିସମ ପରିବର୍ତ୍ତନ ହେଉଥିବା ବେଳେ ଲୋକଙ୍କ ବିକାଶ ପାଇଁ କିନ୍ତୁ ଏ ଦିଗରେ କାହାରି ଆନ୍ତରିକତା ଥିବା ଜଣାପଡୁନାହିଁ । ସେପଟେ ରାସ୍ତା ମରାମତି ନାଁରେ ଠିକାଦାରଙ୍କୁ ପୋଷିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ୨୦୧୬/୧୭ରୁ ୨୦୨୨/୨୩ ମଧ୍ୟରେ ପ୍ରାୟ ୨୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହେଇଥିଲେ ମଧ୍ୟ ରାସ୍ତାର ଅବସ୍ଥା ସୁଧୁରି ପାରିନାହିଁ । ଗତ ୬ମାସ ମଧ୍ୟରେ ଏହି ରାସ୍ତା ଦେଇ ବାଲି, ଇଟା, ଚିପ୍‌ସ ସମେତ ଅନ୍ୟ ସମସ୍ତ ନିର୍ମାଣ ସାମଗ୍ରୀ ଭାରିଯାନ ଦ୍ୱାରା ଥୁଆମୁଳ ରାମପୁର ଏବଂ ରାୟଗଡ଼ା ଜିଲ୍ଲାର କାଶୀପୁର ଅଞ୍ଚଳକୁ ନିଆଯାଉଛି । ଯେଉଁଥିପାଇଁ ରାସ୍ତା ଏବେ ସମ୍ପୂର୍ଣ୍ଣ ନଷ୍ଟ ହୋଇସାରିଛି । ରାସ୍ତା ଏବେ ବାଇକ୍ ଏବଂ ଲଘୁଯାନ ଆରୋହୀଙ୍କ ପାଇଁ ମରଣଯନ୍ତା ପାଲଟିଛି । ଥୁଆମୁଳ ରାମପୁରଠାରୁ ଭବାନୀପାଟଣା ଭାୟା ଗୁଣପୁର ରାସ୍ତାର ଦୈର୍ଘ୍ୟ ୭୫ କିଲୋମିଟର । ରାସ୍ତା ମଧ୍ୟରେ କର୍ଲାପାଟ ଅଭୟାରଣ୍ୟ । ଅନେକ ସମୟରେ ବାଘ, ଭାଲୁ ଏବଂ ହାତୀ ଭଳି ଜଙ୍ଗଲି ଜନ୍ତୁଙ୍କ ଭୟ ରହିଥାଏ । ଏହାସହ ରାସ୍ତାର ୬୦ କିଲୋମିଟର ଉଚ୍ଚ ପାହାଡ଼ ଏବଂ ଅନେକ ବିପଦପୂର୍ଣ୍ଣ ବୁଲାଣି ରହିଛି । ତେଣୁ ଲୋକେ କେବଳ ସିଙ୍ଗାରୀ ଘାଟିର ୮ କିଲୋମିଟର ରାସ୍ତା ପାର୍ ହୋଇ କଳମପୁର ଦେଇ ସୁରକ୍ଷିତ ଭାବେ ଯାତାୟାତ କରିଥାନ୍ତି । ଏପରିକି ଏହି ରାସ୍ତା ଦେଇ ସଙ୍କଟାପନ୍ନ ରୋଗୀ, ଗର୍ଭବତୀ ମହିଳାଙ୍କୁ ଆମ୍ବୁଲାନ୍ସ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥାଏ। ତେଣୁ ସିଙ୍ଗାରୀ ଘାଟି ରାସ୍ତା ଥୁଆମୁଳ ରାମପୁର ଅଞ୍ଚଳବାସୀଙ୍କ ପାଇଁ ଜୀବନରେଖା ପାଲଟିଥିବା ବେଳେ ବର୍ତ୍ତମାନ ରାସ୍ତାର କ୍ଷମତାଠାରୁ ଅଧିକ ଓଜନ ବିଶିଷ୍ଟ ସାମଗ୍ରୀ ପରିବହନ କରି ଭାରିଯାନ ଚଳାଚଳ କରୁଥିବାରୁ ରାସ୍ତାର ଅବସ୍ଥା ଦୟନୀୟ ହୋଇପଡ଼ିଛି। ଏହି ରାସ୍ତା ଦେଇ ଜିଲ୍ଲାପାଳ, କମିଶନରଙ୍କ ଭଳି ଉଚ୍ଚ ପଦବୀଧାରୀ ସରକାରୀ ଅଧିକାରୀ, ବିଧାୟକ, ସାଂସଦ ଏବଂ ମନ୍ତ୍ରୀ ଯାତାୟାତ କରୁଥିଲେ ମଧ୍ୟ ରାସ୍ତା ପ୍ରତି କାହାରି ନିଘା ନାହିଁ । ତୁରନ୍ତ ରାସ୍ତା ନିର୍ମାଣ କରା ନ ଗଲେ ଆଗାମୀ ଦିନରେ ଉଭୟ କଳମପୁର ଏବଂ ଥୁଆମୁଳ ରାମପୁର ଅଞ୍ଚଳବାସୀଙ୍କ ପକ୍ଷରୁ ଜନ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏ ନେଇ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ ପ୍ରକାଶ ଚନ୍ଦ୍ର ବେହେରାଙ୍କ ସହ ଯୋଗାଯୋଗ କରାଯାଇଥିଲା । ତୁରନ୍ତ ଘାଟି ରାସ୍ତାର ମରାମତି କରାଯିବା ନେଇ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ରାଶିଫଳ

ଶୁକ୍ରବାର, ୨୯ ନଭେମ୍ବର ୨୦୨୪



**ମେଷ:** ଆପଣଙ୍କର ଚାକିରିରେ ପରିବର୍ତ୍ତନ ଆଶା କରିବେ ଏବଂ ବିଦେଶ ଯାତ୍ରା ମଧ୍ୟ କରିପାରିବେ । ବିଦେଶ ଯାତ୍ରା କରିବା ସମୟରେ ଆପଣ ବାଧାବିଘ୍ନର ସମ୍ମୁଖୀନ ହୋଇପାରନ୍ତି, ତେଣୁ ଆପଣଙ୍କର ଭ୍ରମଣ ପୂର୍ବରୁ ଦୁଇଥର ଯାଞ୍ଚ କରନ୍ତୁ।




**ବୃଷ:** ଆଜି ପାଇଁ ଏକ ଭଲ ଦିନ । ଆଜି ଦେଇଥିବା ରାଶି ଫେରସ୍ତ ପାଇପାରିବେ। ବିଭିନ୍ନ ମାମଲାଗୁଡ଼ିକରେ ଆପୋଷ ବୁଝାମଣା କରିବା ଭଲ ହେବ। କୋର୍ଟରେ ମକଦ୍ଦମା ଦାୟର ହେବ । ଚାକିରି କର୍ମକ୍ଷେତ୍ରରେ ସଫଳତା।



**ମିଥୁନ:** ଆଜି ଆପଣ ଟିକିଏ ସତର୍କ ହେବା ଆବଶ୍ୟକ। ଚାକିରି ପାଇଁ ଏହା ଏକ ଅନୁକୂଳ ସମୟ ନୁହେଁ । ଆଜି ଯଦି ଆପଣ ନିଜକୁ ବିଶ୍ରାମ ଦେବା ପାଇଁ କିଛି ସମୟ ନିଅନ୍ତି ତେବେ ଭଲ ହେବ। ଅଂଶୀଦାରମାନେ ସାହାଯ୍ୟ କରିବେ ।




**କର୍କଟ:** ଆଜି ଯଦି ଆପଣ ସକରାତ୍ମକ ଚିନ୍ତାଧାରା ସହିତ ଆଚରଣ କରନ୍ତି, ତେବେ ଏହା ଉପଯୁକ୍ତ ହେବ, କାରଣ ଆଜି ଅଂଶୀଦାରମାନେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ଅର୍ଥନୈତିକ ଦିଗ ଅସ୍ଥିର ହୋଇପାରେ।



**ସିଂହ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହୋଇପାରେ । ସବୁ କ୍ଷେତ୍ରରୁ ସଫଳତା ପାଇବାର ସମ୍ଭାବନା ଅଛି । ପିତୃପୁରୁଷ ମାମଲାରେ କିଛି ବିବାଦ ହୋଇପାରେ, ତେଣୁ ଯଦି ଆପଣ ଭାଷଣ ଉପରେ ପ୍ରତିବନ୍ଧକ ରଖନ୍ତି ତେବେ ଏହା ଭଲ ହେବ ।



**କନ୍ୟା:** ଆଜି ପାଇଁ ଏକ ଭଲ ଦିନ ହୋଇପାରେ । ଆପଣଙ୍କର ନିକଟତମ ଏବଂ ପ୍ରିୟ ଲୋକଙ୍କ ସହିତ ମାନସିକତା ବାଣ୍ଟିବାକୁ ସମୟ ରହିବ । ଆର୍ଥିକ ଦୃଷ୍ଟିରୁ ଏହା ହେଉଛି ସର୍ବୋତ୍ତମ ସମୟ। ପରିବାରରେ ସୁଖର ଏକ ଅନୁଭବ ମଧ୍ୟ ରହିବ।



**ତୁଳା:** ମନରେ ଖୁସିର ଅନୁଭବ ହେବ । କାର୍ଯ୍ୟ କ୍ଷେତ୍ରରେ ଅଧିକ ପରିଶ୍ରମ ହେବ । ଆଜି ଆପଣଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ, ତେଣୁ ଖାଦ୍ୟପେୟରେ ଯତ୍ନବାନ ହୁଅନ୍ତୁ । କର୍ମକ୍ଷେତ୍ରରେ ପରିବର୍ତ୍ତନ ସମ୍ଭବ । ପୂର୍ବ ଯୋଜନା ଫଳପ୍ରଦ ହେବ।




**ବିଛା:** ଆଜି ଆପଣ କାର୍ଯ୍ୟକ୍ଷେତ୍ରରେ ଆସୁଥିବା ଚ୍ୟାଲେଞ୍ଜଗୁଡ଼ିକରୁ କିଛି ମାତ୍ରାରେ ଆରାମ ପାଇପାରିବେ। ସହକର୍ମୀମାନେ ଆପଣଙ୍କର କାର୍ଯ୍ୟଶୈଳୀରେ ଉନ୍ନତି ଆଣିବାରେ ସାହାଯ୍ୟ କରିପାରିବେ । ଆପଣଙ୍କର ଦକ୍ଷତା ପ୍ରଦର୍ଶନ କରିବାକୁ ଯଥେଷ୍ଟ ସୁଯୋଗ ପାଇବେ।




**ଧନୁ :** ଆଜି ଆପଣଙ୍କର ଶୁଭ ବୋଲି ବିବେଚନା କରାଯାଇପାରେ । ନୂତନ ଯୋଗାଯୋଗ କରିବା ଆପଣଙ୍କ ପାଇଁ ଏହା ଏକ ଅନୁକୂଳ ସମୟ । ଦୀର୍ଘ ଦିନର ପ୍ରେମ ସମ୍ପର୍କ ଅଧିକ ପରିପକ୍ୱ ହୋଇପାରେ । ପ୍ରେମ କିଛି ବ୍ୟକ୍ତିଙ୍କ ଜୀବନରେ ଆସିପାରେ । ପାରିବାରିକ ସମ୍ପର୍କରେ ବିରକ୍ତ ହୋଇପାରନ୍ତି । ଅନାବଶ୍ୟକ ଖର୍ଚ୍ଚରୁ ଦୂରେଇ ରୁହନ୍ତୁ।




**ମକର:** ଆଜି ଆପଣଙ୍କ ପାଇଁ ଏକ କଷ୍ଟକର ସମୟ ହେବ। କାର୍ଯ୍ୟ କ୍ଷେତ୍ରରେ ବାରମ୍ବାର ପରିବର୍ତ୍ତନ ଆପଣଙ୍କୁ ଦ୍ୱନ୍ଦ୍ୱରେ ପକାଇପାରେ। ପ୍ରତିବଦ୍ଧତା ହ୍ରାସ ଅର୍ଥନୈତିକ ଦିଗରେ ନକାରାତ୍ମକ ପରିବର୍ତ୍ତନ ହୋଇପାରେ। ପିଲାମାନେ ଆପଣଙ୍କୁ ସୁସ୍ଥ ଏବଂ ଖୁସି ରଖିବେ। ଖାଦ୍ୟ ଏବଂ ପାନୀୟର ବିଶେଷ ଯତ୍ନ ନିଅନ୍ତୁ।



**କୁମ୍ଭ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ । ଆପଣ ଆଜି ଖୁସି ଅନୁଭବ କରିବ । ଯଦିଓ ସବୁକିଛି ଠିକ ଅଛି, ହେଲେ ଆପଣ କଥାବାର୍ତ୍ତାକୁ ନିୟନ୍ତ୍ରଣ କରନ୍ତି ତେବେ ଏହା ଆପଣଙ୍କ ପାଇଁ ଭଲ ହେବ । ପରୀକ୍ଷା ଦୃଷ୍ଟିକୋଣରୁ ବାଧା ଆସିପାରେ । ଆପଣଙ୍କ ମନ ଅସ୍ଥିର ରହିବ ।



**ମୀନ:** ଆର୍ଥିକ ଦୃଷ୍ଟିରୁ, ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବାକୁ ଯାଉଛି । ଏହା ହେଉଛି ଲାଭର ସମଷ୍ଟି। ଆପଣଙ୍କ ଅସମାପ୍ତ କାର୍ଯ୍ୟ ସମାପ୍ତ ହେବ, କିନ୍ତୁ କିଛି ବିଳମ୍ବ ହୋଇପାରେ । ଆପଣ ଆଜି ପରିବାର ବିଷୟରେ ଖୁସି ହୋଇପାରିବେ । ନୂତନ ଚାକିରି ଖୋଜୁଥିବା ବ୍ୟକ୍ତିମାନେ ଭଲ ପଦବୀ ପାଇବାକୁ ସକ୍ଷମ ହେବେ।




ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯